# ସ୍ମରଣିକା
## ୨୦୦୮



### ମାତୃଭବନ



ଦିବ୍ୟଜନନୀଙ୍କ ଚରଣ କମଳରେ
ଅଷ୍ଟତ୍ରିଂଶତମ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ
ପରମ କୃତଜ୍ଞତାର ସହିତ ସମର୍ପିତ

# Prayer

## For
## 38th All Orissa Sri Aurobindo Study Circle Conference

*Sweet Mother,*

*Pranams at Thy Lotus Feet.*

*Offering to Thee "The 38th All Orissa Sri Aurobindo Study Circle Conference" to be held at Matrubhaban from 4th to 7th April 2008. May it be used by Thee for Thy Work according to Thy sole Will and Directive.*

*This year we greatfully remember our Babaji Moharaj Ramakrishna Das in his birth centenary. By his aspiration and relentless prayer Orissa could open to Sri Aurobindo and be showered by Thy Wonderful Grace and Love.*

*Praying for Thy Guidance, Blessings, Grace and Presence during the proceedings.*

*With all our love and gratitude,*

*Thy Children*

*Members of All Orissa*
*Sri Aurobindo Study Circle Committee*
*Matrubhaban, Cuttack*



*Pranab Kumar Bhattacharya*

**Department of Physical Education**

SRI AUROBINDO ASHRAM

PONDICHERRY - 605 002, INDIA

Telegram:
SRI AUROBINDO - PONDICHERRY

Dated 1-3-2008

*I am glad to hear that you are going to celebrate the 38th All Orissa Sri Aurobindo Study Circle Conference at Matrubhaban, Cuttack from 4th to 7th April 2008.*

*Sending Mother's Ashirvadi, along with my very best wishes.*

*By Mother's Grace and Ashirvadi may the Celebrations be a harmonious success.*

*Yours' affly*

'Dada'

*"Dada"*

**Sri Amal Kiran**
SRI AUROBINDO ASHRAM
PONDICHERRY

Date : 15.03.08

*Be bold.*
*Be bold.*
*Be bold.*

*Amal Kiran*
15.03.08
7:50 pm

**SRI AUROBINDO ASHRAM**
COPYRIGHT DEPARTMENT

**Sri Manoj Das Gupta**
Managing Trustee
Telegrams
AUROBINDO-PONDICHERRY

PONDICHERRY - 605 002
India

February 14, 2008

On the occasion of the 38th "All Orissa Sri Aurobindo Study Circle Conference" to be held at Matrubhaban, Cuttack, we invoke Sri Aurobindo's and the Mother's Blessings.

Regarding the Souvenir that is to be published for the occasion, you may include in it some extracts from Sri Aurobindo's and the Mother's writings. Proper reference notes should be given and due acknowledgement made to the Sri Aurobindo Ashram Trust for the above permission. A copy of the Souvenir may kindly be sent to us for our records.

We note, this being the birth centenary year of Babaji Maharaj, the first volume of his collection of writings will be released at the conference.

With kind regards,

Manoj Das Gupta

**ଶ୍ରୀ ମଧୁସୂଦନ ମିଶ୍ର**
ନବଜ୍ୟୋତି କାର୍ଯ୍ୟାଳୟ
ଶ୍ରୀଅରବିନ୍ଦ ଆଶ୍ରମ
ପଣ୍ଡିଚେରୀ- ୬୦୫୦୦୨

ମା'ଙ୍କ କୃପାରୁ ମାତୃଭବନ, କଟକରେ ହେବାକୁ ଯାଉଥିବା ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ରର ୩୮ତମ ସମ୍ମିଳନୀ ୨୦୦୮ ମସିହା ଅପ୍ରେଲ ଚାରି ତାରିଖରୁ ସାତ ତାରିଖ ଯାଏ ସବୁ ବର୍ଷ ପରି ହେବା ସଙ୍ଗେ ସଙ୍ଗେ, ବାବାଜି ମହାରାଜ ଶ୍ରୀ ରାମକୃଷ୍ଣ ଦାସଙ୍କର ପବିତ୍ର ଜନ୍ମଶତବାର୍ଷିକୀ ପାଳନ ଏହାର ମହତ୍ତ୍ୱକୁ ବହୁଗୁଣିତ କରି ଦେବାକୁ ଯାଉଛି, ଯାହାକି ଓଡ଼ିଶା ପାଇଁ ବହୁତ, ବହୁତ, ବହୁତ ଆନନ୍ଦ ଦାୟକ ବିଷୟ ଅଟେ।
ମୁଁ ସତରେ କହୁଛି : ଏହା କାହା ପାଇଁ କିପରି ହେଉ ନା କାହିଁକି, ମୋର ଅନ୍ତରର ଉପଲବ୍ଧି ପ୍ରକାରେ : ବାବାଜି ମହାରାଜ ହେଉଛନ୍ତି ଓଡ଼ିଶା ପାଇଁ **ଶ୍ରୀଅରବିନ୍ଦଙ୍କର** ଦିବ୍ୟ ଜାଗରଣର ଅଗ୍ନି, ଦିବ୍ୟ ଆଧାତ୍ମିକ ବିପ୍ଳବର ସୂତ୍ରଧର, ଦିବ୍ୟ ଦର୍ଶନର ବାର୍ତ୍ତାବହ, ଦିବ୍ୟ ପ୍ରେମର ବନ୍ୟା, ଦିବ୍ୟ ଆଦର୍ଶର ମୂର୍ତ୍ତିମନ୍ତ ସ୍ୱରୂପ, ଦିବ୍ୟ ଜ୍ଞାନର ମନ୍ଦାକିନୀ, ଦିବ୍ୟ ଚେତନାର ପ୍ରବର୍ତ୍ତକ, ଦିବ୍ୟ କର୍ମର ପ୍ରେରଣାଦାତା ଏବଂ **ମା'**ଙ୍କର କେତେଜଣ ମୁଷ୍ଟିମେୟ ଅଗ୍ରଣୀ ଯନ୍ତ୍ରମାନଙ୍କ ମଧ୍ୟରୁ ସେ ହେଉଛନ୍ତି ଜଣେ ବିଶିଷ୍ଟ ଅନ୍ୟତମ- ଯାହାଙ୍କର ଅଖଣ୍ଡ ନିର୍ଭରତା, ଅଖଣ୍ଡ ପବିତ୍ରତା, ଅପୂର୍ବ ନିଷ୍ଠାପରତା, ଅକପଟ ସମର୍ପଣ, ଅତୁଟ ବିଶ୍ୱାସ, ଅଦ୍ୱିତୀୟ ଆସ୍ଥା, ଅନାବିଳ ଉଦାହରଣ ଆମ୍ଭମାନଙ୍କୁ ପ୍ରତି ମୁହୂର୍ତ୍ତରେ ଅନୁପ୍ରାଣିତ କରୁଛି 'ଶ୍ରୀମା ଶ୍ରୀଅରବିନ୍ଦ'ଙ୍କର ଗୋଟା ପଣେ ପୂରାପୂରି ଗୋଟା ପଣେ ହୋଇ ଉଠିବା ପାଇଁ। ତାଙ୍କର ଜନ୍ମଶତବାର୍ଷିକୀକୁ ଆମ୍ଭମାନଙ୍କର ଆନ୍ତର ଜୀବନ ପାଳନ କରି ଆମ ଜୀବନକୁ ସାର୍ଥକ କରୁ। ମା' ଆମ ଜୀବନର, ଆମ୍ଭମାନଙ୍କର ସମସ୍ତଙ୍କର ସର୍ବସ୍ୱ ହୋଇଉଠନ୍ତୁ, ଏହାହିଁ ଆମ୍ଭମାନଙ୍କର ଆଦ୍ୟା ଅଦ୍ୱିତୀୟା ପରମା ଦିବ୍ୟଜନନୀ ଶ୍ରୀମା'ଙ୍କର ଚରଣ ତଳେ ପ୍ରାର୍ଥନା।

ବିନୀତ

**ମଧୁସୂଦନ ମିଶ୍ର**

# ବିଶ୍ୱାସ ଓ ଧୈର୍ଯ୍ୟର ଆବଶ୍ୟକତା

**ଶ୍ରୀଅରବିନ୍ଦ**

ମାତ୍ର ଯଥାର୍ଥ ଭାବରେ ଦେଖି ପାରୁଥିବା ଆଖିରେ ତାଙ୍କୁ ଅବଲୋକନ କରିପାରିବା ପୂର୍ବରୁ ଆମକୁ ଦୀର୍ଘପଥ ଅତିକ୍ରମ କରିବାକୁ ହେବ ଏବଂ କଠୋର ପ୍ରୟାସ ମଧ୍ୟ ଦେଇ ଗତି କରିବାକୁ ହେବ । ଏବଂ ତାଙ୍କରି ଏକ ଯଥାର୍ଥ ପ୍ରତିକୃତି ମଧ୍ୟରେ ଆମେ ନିଜକୁ ନୂଆକରି ଗଢ଼ିବାକୁ ଚାହିଁଲେ ସେଥିଲାଗି ଆମକୁ ଆହୁରି ଦୀର୍ଘ ଓ କଠୋର ସାଧନା କରିବାକୁ ପଡ଼ିବ । କର୍ମର ଅଧୀଶ୍ୱର ତାଙ୍କୁ ଖୋଜୁଥିବା ସାଧକ ଆଗରେ ଆପଣାକୁ ସଙ୍ଗେ ସଙ୍ଗେ ପ୍ରକାଶ କରି ଦିଅନ୍ତି ନାହିଁ । ତାଙ୍କର ଦିବ୍ୟଶକ୍ତିହିଁ ପରଦାର ଆଢୁଆଳରେ ସର୍ବଦା କାର୍ଯ୍ୟ କରୁଥାଏ ସତ କିନ୍ତୁ ଆମ ଆଗରେ ତାହା ସେତିକିବେଳେ ବ୍ୟକ୍ତ ଓ ପ୍ରକାଶିତ ହେବ ଯେତେବେଳେ ଆମେ କର୍ମ କରିବାର ଅହଂ ଭାବଟିକୁ ପୂରା ପରିତ୍ୟାଗ କରିଦେଇ ପାରିବୁ ସେହି ଅନୁପାତରେହିଁ ସେହି ଦିବ୍ୟଶକ୍ତିର ପ୍ରତ୍ୟକ୍ଷ କ୍ରିୟା ଓ ଗତିବୃତ୍ତି ବୃଦ୍ଧି ପାଇବ । ତାଙ୍କ ଦିବ୍ୟ ଶକ୍ତି ପାଖରେ ଆମର ସମର୍ପଣ ଯେତେବେଳେ ପୂର୍ଣ୍ଣ ଓ ଅଖଣ୍ଡ ହୋଇଉଠେ, ସେତେବେଳେ କେବଳ ତାଙ୍କର ପରିପୂର୍ଣ୍ଣ ପରମ ସାନ୍ନିଧ୍ୟରେ ଆମେ ବାସ କରିବାର ଅଧିକାର ଲାଭ କରିଥାଉ । ଏବଂ କେବଳ ସେତେବେଳେ ଯାଇ ଆମେ ଦେଖିପାରିବୁ ଆମର ସମସ୍ତ କର୍ମ ସ୍ୱାଭାବିକ ଭାବରେ, ପୂର୍ଣ୍ଣ ଭାବରେ ଓ ସହଜ ଭାବରେ ସେହି ଭଗବତ୍ ଦିବ୍ୟ ଛାଞ୍ଚରେ ନିଜକୁ ନିକ୍ଷିପ୍ତ କରିଦେଇ ପାରୁଛି ।

ତେଣୁ ଏହି ପୂର୍ଣ୍ଣତା ଅଭିମୁଖରେ ଆଗେଇଯିବା ପାଇଁ ଆମର ଏହି ମାର୍ଗରେ ବିଭିନ୍ନ ପର୍ଯ୍ୟାୟ ଓ ସୋପାନକ୍ରମ ଅବଶ୍ୟ ରହିବ, ଯେପରି ପ୍ରକୃତିର ଯେକୌଣସି ଭୂମିରେ ଅନ୍ୟ ସମସ୍ତ ପୂର୍ଣ୍ଣତା ଦିଗରେ ଅଗ୍ରସର ହେବା ପାଇଁ ବିଭିନ୍ନ ପର୍ଯ୍ୟାୟ ଓ ସୋପାନକ୍ରମ ରହିଥାଏ । ସେଠାରେ ଯାଇ ପୂରା ପହଞ୍ଚିବା ପୂର୍ବରୁ ସେହି ପରିପୂର୍ଣ୍ଣ ମହିମାଟିର ସୂକ୍ଷ୍ମ ଅନୁଭୂତି ଆମ ଭିତରେ ଆସିପାରେ, ତାହା ହଠାତ୍ ଆସିପାରେ ବା କ୍ରମଶଃ ଧୀରେ ଧୀରେ ଆସିପାରେ, ଥରକ ପାଇଁ ଆସିପାରେ ବା ଅନେକ ଥର ଆସିପାରେ, କିନ୍ତୁ ଯେପର୍ଯ୍ୟନ୍ତ ମୂଳଦୁଆଟି ସମ୍ପୂର୍ଣ୍ଣ ରୂପେ ପଡ଼ିସାରି ନାହିଁ ସେପର୍ଯ୍ୟନ୍ତ ଏହା କେବଳ ଅଳ୍ପକାଳ ପାଇଁ ସଂକ୍ଷିପ୍ତ ଓ କେନ୍ଦ୍ରୀଭୂତ ଭାବରେ ଆସିବ, କେବେହେଲେ ଦୀର୍ଘସ୍ଥାୟୀ ବା ସର୍ବତୋବ୍ୟାପୀ ହୋଇଆସି ପାରିବ ନାହିଁ । ଦିବ୍ୟ ଉନ୍ମୋଚନ ଓ ପ୍ରକାଶର ବିପୁଳତା ତଥା ତାହାର ଅନ୍ତହୀନ ଉପାଦାନ ଓ ବିଭାବର ଉପଲବ୍ଧି ହୋଇଥାଏ ଅନେକ ପରେ, ଯେତେବେଳେ କ୍ରମଶଃ ତାହା ନିଜର ଶକ୍ତି ଓ ତାତ୍ପର୍ଯ୍ୟକି ଆମ ଆଗରେ ଅନାବୃତ କରି ଫିଟାଇ ଦିଏ । କିମ୍ବା ଏପରି ବି ହୋଇପାରେ ଯେ ସ୍ଥାୟୀ ଦୃଷ୍ଟି-ସାମର୍ଥ୍ୟଟି ଆମ ପ୍ରକୃତିର କେବଳ ଶୀର୍ଷଦେଶରେ ହିଁ ରହିଥାଏ । କିନ୍ତୁ ନିମ୍ନତର ଅଂଶଗୁଡ଼ିକ ସେଥିପ୍ରତି ପୂର୍ଣ୍ଣ ଉତ୍ତର ଦେବାର ସାମର୍ଥ୍ୟ କେବଳ କମମାତ୍ରାରେହିଁ ଲାଭ କରିଥାଆନ୍ତି ।

ସମସ୍ତ ଯୋଗରେ ବିଶ୍ୱାସ ଓ ଧୈର୍ଯ୍ୟ ହେଉଛି ପ୍ରଥମ ଆବଶ୍ୟକତା । ହୃଦୟର ଅତ୍ୟୁତ୍ସାହ ବା ବ୍ୟଗ୍ର ଇଚ୍ଛାଶକ୍ତିର ତୀବ୍ରତା ଯାହା ଝଡ଼ ଝଞ୍ଜାର ପ୍ରବଳତା ନେଇ ସ୍ୱର୍ଗର ରାଜ୍ୟ ଦଖଲ କରିବାକୁ ଚାହେଁ, ଯଦି ତାହା ନିଜର ସେହି ଉଗ୍ର ପ୍ରବେଗକୁ ଏହିସବୁ ଅଧିକତର ବିନୀତ ଓ ଶାନ୍ତ ସହାୟକଗୁଡ଼ିକ ଉପରେ ଭରା ଦେଇ ଛିଡ଼ା କରାଇବାକୁ ବିମୁଖତା ପ୍ରକାଶ କରେ ତେବେ ତା' ଫଳରେ ନାନା ଶୋଚନୀୟ ପ୍ରତିକ୍ରିୟା ଦେଖାଦେଇପାରେ । ଏବଂ ପୂର୍ଣ୍ଣଯୋଗର ଦୀର୍ଘ ଓ ଦୁଃସାଧ ପଥରେ ଏକ ପୂର୍ଣ୍ଣାଙ୍ଗ ବିଶ୍ୱାସ ଓ ଅବିଚଳ ଧୈର୍ଯ୍ୟ ଏକାନ୍ତ ଅପରିହାର୍ଯ୍ୟ ।

ଯୋଗର ବନ୍ଧୁର ଓ ସଙ୍କୀର୍ଣ୍ଣ ପଥରେ ଏହି ବିଶ୍ୱାସ ଓ ଅଟଳ ଦୃଢ଼ତା ଅର୍ଜନ କରିବା ବା ଅନୁଶୀଳନ କରିବା ଖୁବ୍ କଷ୍ଟସାଧ୍ୟ । କାରଣ ଉଭୟ ମନ ଓ ହୃଦୟରେ ଅଧୈର୍ଯ୍ୟ ହୋଇ ପଡ଼ିବାର ଏକ ଭାବ ରହିଥାଏ ଏବଂ ଆମର ରାଜସିକ ପ୍ରକୃତିରେ ସଙ୍କଳ୍ପଟି ବରାବର ବ୍ୟଗ୍ର ଅଥଚ ଦ୍ୱିଧାଗ୍ରସ୍ତ ହୋଇ ରହିଥାଏ । ମଣିଷର ପ୍ରାଣ ପ୍ରକୃତି ସବୁବେଳେ ନିଜର ଶ୍ରମର ଫଳ ଭୋଗ ପାଇଁ କ୍ଷୁଧାର୍ତ୍ତ ହୋଇ ରହିଥାଏ ଏବଂ ଯଦି ତା'ର ମନେହୁଏ ଯେ ସେହି ଫଳଟି ଆଦୌ ମିଳିବ ନାହିଁ ବା ମିଳିବାରେ ଦୀର୍ଘ ବିଳମ୍ବ ହେବ ତା'ହେଲେ ସେ ଆଦର୍ଶଟି ଉପରୁ ଓ ମାର୍ଗ ଦର୍ଶନ ଉପରୁ ନିଜର ଆସ୍ଥା ଓ ବିଶ୍ୱାସ ହରାଇ ବସେ । କାରଣ ତା'ର ମନ ସର୍ବଦା ବସ୍ତୁ ସବୁର ବାହ୍ୟ ରୂପ ଦେଖିହିଁ ବିଚାର କରୁଥାଏ; ଯେହେତୁ ସେ ଯେଉଁ ଯୁକ୍ତି ବୁଦ୍ଧିର ବିବେଚନା ଉପରେ ଏତେବେଶୀ ଅସ୍ଥା ରଖିଥାଏ, ଏହାହିଁ ହେଉଛି ତା'ର ପ୍ରଥମ ବଦ୍ଧମୂଳ ଅଭ୍ୟାସ । ଯେତେବେଳେ ଆମେ ଦୀର୍ଘକାଳ ଧରି ଦୁଃଖ ଯାତନା ଭୋଗ କରୁ ବା ଅନ୍ଧକାର ପଥରେ ବାରମ୍ବାର ଝୁଣ୍ଟି ପଡୁଥାଉ, ସେତେବେଳେ ଆମ ହୃଦୟରେ ସେଥିପାଇଁ ଭଗବାନଙ୍କୁ ଦୋଷଦେବା ବା ଆମ ଆଗରେ ରଖିଥିବା ଆଦର୍ଶଟିକୁ ଛାଡ଼ିଦେବାଠାରୁ ଆମ ପାଇଁ ଅଧିକ ସହଜ ଆଉ କିଛି ନଥାଏ । କାରଣ ଆମେ ସେତେବେଳେ କହୁ "ମୁଁ ସର୍ବୋଚ୍ଚ ପରମଙ୍କ ଉପରେ ଏତେ ଭରସା ରଖିଲି ଅଥଚ ଶେଷକୁ ସେ ମୋ ସାଙ୍ଗରେ ଶଠତା କରି ମୋତେ ଏତେ ଦୁଃଖଯନ୍ତ୍ରଣା ଭିତରକୁ ଠେଲିଦେଲେ ।" କିମ୍ବା ନହେଲେ କହୁ "ମୋର ସମଗ୍ର ଜୀବନକୁ ଗୋଟିଏ ଧାରଣା ପଛରେ ବାଜି ଲଗାଇ ଦେଲେ କିନ୍ତୁ ବାସ୍ତବ ଅନୁଭୂତିର କଠୋର ସତ୍ୟଗୁଡ଼ିକ ତ ତାହାର ବିରୋଧାଚରଣ କରୁଛି ଓ ମୋତେ ନିରୁତ୍ସାହିତ କରୁଛି । ଏହା ଅପେକ୍ଷା ଅଧିକ ଭଲ ହୋଇଥାଆନ୍ତା ଯଦି ମୁଁ ସେହି ଅନ୍ୟମାନଙ୍କ ପରି ହୋଇଥାଆନ୍ତି ଯେଉଁମାନେ ନିଜର ସୀମାଗୁଡ଼ିକୁ ସ୍ୱୀକାର କରି ନିଅନ୍ତି ଏବଂ ସହଜ ସାଧାରଣ ଅନୁଭୂତିର ଦୃଢ଼ଭୂମି ଉପରେ ପାଦରଖି ବାଟ ଚାଲନ୍ତି ।" ଏହିଭଳି ମୁହୂର୍ତ୍ତଗୁଡ଼ିକରେ – ଏବଂ ଏହିସବୁ ମୁହୂର୍ତ୍ତ ଅନେକ ସମୟରେ ବାରବାର ଆସି ପହଞ୍ଚନ୍ତି ଓ ଦୀର୍ଘକାଳ ଧରି ରୁହନ୍ତି- ଉଚ୍ଚତର ଅନୁଭୂତିଗୁଡ଼ିକ ପାଶୋର ହୋଇଯାଏ ଏବଂ ହୃଦୟ ନିଜକୁ ବୁଡ଼ାଇ ଦିଏ ନିଜ ତିକ୍ତତାର ଏକ ଅଭିନିବେଶ ଭିତରେ । ଏହିସବୁ ଅନ୍ଧକାରମୟ ପଥଦେଇ ଗତି କରୁଥିବା ବେଳେ ଚିରଦିନ ପାଇଁ ପତନ ହେବା କିମ୍ବା ଦିବ୍ୟ ପ୍ରୟାସଟିରୁ ପୂରା ବିମୁଖ ହୋଇ ବାହୁଡ଼ି ଆସିବା ବେଶ୍ ସମ୍ଭବପର ।

ଯଦି ଜଣେ ଏହି ପଥରେ ଦୀର୍ଘକାଳଧରି ଦୃଢ଼ ଓ ଅବିଚଳ ଭାବରେ ଚାଲିଥାଏ, ତେବେ ସବୁଠୁଁ ଭୟଙ୍କର ବିରୋଧୀଚାପ ସତ୍ତ୍ୱେ ବି ତା'ର ହୃଦୟର ବିଶ୍ୱାସ ଅଟଳ ରହିବ, ଏପରିକି ଯଦି ବି ଏହା ପ୍ରଚ୍ଛନ୍ନ ବା ଆପାତତଃ କବଳିତ ହୋଇ ରହିଥାଏ ତଥାପି ମଧ୍ୟ ପ୍ରଥମ ସୁଯୋଗରେହିଁ ଏହା ପୁଣି ଆବିର୍ଭୁତ ହେବ । କାରଣ ଘୋରତମ ସ୍ଖଳନ ସତ୍ତ୍ୱେ, ସବୁଠୁଁ ଦୀର୍ଘକାଳ ବ୍ୟାପୀ ବିଫଳତା ମଧ୍ୟରେ ବି ସେହି ବିଶ୍ୱାସକୁ ଧାରଣ କରି ରହିଥାଏ ହୃଦୟ ତଥା ବୁଦ୍ଧି ଉଭୟଠାରୁ ଉଚ୍ଚତର ଏକ ଶକ୍ତି । କିନ୍ତୁ ତଥାପି, ଏପରିକି ଜଣେ ଅଭିଜ୍ଞ ସାଧକ ପାଇଁ ମଧ୍ୟ ଏହି ଧରଣର ସ୍ଖଳନ ଓ ମେଘାଚ୍ଛନ୍ନତା ତା'ର ଅଗ୍ରଗତି ପଥରେ ବିରାଟ ବାଧା ସୃଷ୍ଟିକରେ ଏବଂ ନୂତନ ସାଧକ ଲାଗି ଏଗୁଡ଼ିକ ଅତ୍ୟନ୍ତ ବିପଜ୍ଜନକ । ତେଣୁ ପ୍ରଥମରୁହିଁ ଭଲଭାବେ ବୁଝିରଖିବା ଓ ସ୍ୱୀକାର କରିନେବା ଆବଶ୍ୟକ ଯେ ଏହି ପଥରେ କେତେ ଭୟଙ୍କର ବାଧାବିଘ୍ନ ସବୁର ସମ୍ମୁଖୀନ ହେବାକୁ ହୁଏ ଏବଂ ସେଥିପାଇଁ ନିଜର ବିଶ୍ୱାସକୁ କିପରି ଅଟଳ ରଖିବା ପ୍ରୟୋଜନ । ବୁଦ୍ଧି ପାଇଁ ଏହି ବିଶ୍ୱାସ ହୁଏତ ଅନ୍ଧ ବୋଲି ମନେ ହୋଇପାରେ, କିନ୍ତୁ ଆମର ତର୍କ ପ୍ରବଣ ବୁଦ୍ଧିମତ୍ତାଠାରୁ ଏହା ଅଧିକତର ବିଜ୍ଞ । କାରଣ ଏହି ଅବସ୍ଥା ଓ ବିଶ୍ୱାସ ଆସିଥାଏ ଉର୍ଦ୍ଧ୍ୱରୁ ଏକ ଭରସା ରୂପେ; ବୁଦ୍ଧି ଓ ତା'ର ସମସ୍ତ ତଥ୍ୟକୁ ଅତିକ୍ରମ କରୁଥିବା ଏକ ଗୋପନ ଆଲୋକର ଉଜ୍ଜ୍ୱଳ ଛାୟା ରୂପରେହିଁ ଏହା ଆମ ଉପରେ ପଡ଼ିଥାଏ; ଏହି ବିଶ୍ୱାସ ହେଉଛି ସେହି ଜ୍ଞାନର ମୂଳକର୍ମ ଯାହା ତତ୍କାଳିକ କୌଣସି ବାହ୍ୟରୂପର ବଶବର୍ତ୍ତୀ ହୋଇ ରହି ନଥାଏ । ଆମର ସେହି ବିଶ୍ୱାସକୁ ଅଟଳ ରଖି ପାରିଲେ ତାହା ତା'ର ନିଜର କ୍ରିୟା ଭିତରେହିଁ ନିଜର ଯଥାର୍ଥ୍ୟ ପ୍ରତିପାଦନ କରିବ ଏବଂ ପରିଶେଷରେ ତାହା ଏକ ଦିବ୍ୟ ଜ୍ଞାନର ଆତ୍ମ ପ୍ରକାଶ ଭିତରକୁ ଉତ୍ତୋଳିତ ଓ ରୂପାନ୍ତରିତ ହୋଇଯିବ । ଆମକୁ ସର୍ବଦା ଗୀତାର ସେହି ନିର୍ଦ୍ଦେଶକୁ ଅନୁସରଣ କରିବାକୁ ହେବ ଯେ "ନିରାଶା ଓ ଅବସାଦରୁ ସମ୍ପୂର୍ଣ୍ଣ ମୁକ୍ତ ଏକ ହୃଦୟନେଇ ଯୋଗସାଧନାରେ ନିରନ୍ତର ଲାଗି ରହିବା ଉଚିତ ।" "ମୁଁ ତୋତେ ସମସ୍ତ ପାପ ଓ ଅନର୍ଥରୁ ନିଶ୍ଚୟ ମୁକ୍ତ କରିଦେବି, ଶୋଚନା କର ନାହିଁ ।" "ଅହଂ ତ୍ୱାଂ ସର୍ବ ପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ", ଭଗବାନଙ୍କର ଏହି ଅଭୟ ପ୍ରତିଶ୍ରୁତିଟିକୁ ଆମର ସଂଶୟୀ ବୁଦ୍ଧି ଆଗରେ ସର୍ବଦା ପୁନରାବୃତ୍ତି କରିବାକୁ ହେବ । ଶେଷରେ ବିଶ୍ୱାସର ସମସ୍ତ ଅସ୍ଥିରତା ଓ କମ୍ପନ ଦୂରୀଭୂତ ହୋଇଯିବ, କାରଣ ଆମେ ସେତେବେଳେ ତାଙ୍କ ଶ୍ରୀମୁଖ ଦର୍ଶନ କରିବା ଏବଂ ଦିବ୍ୟ ସାନ୍ନିଧ୍ୟଟିକୁ ସର୍ବଦା ଅନୁଭବ କରିବାକୁ ଲାଗିବା ।

❖ ❖ ❖

ହୃଦୟର ଶୁଦ୍ଧିକରଣ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅଖଣ୍ଡ ଆନ୍ତରିକତା । ନିଜ ସଙ୍ଗରେ କୌଣସି ଛଳନା ନୁହେଁ, ଭଗବାନଙ୍କଠାରୁ, ନିଜଠାରୁ ବା ଗୁରୁଙ୍କଠାରୁ କୌଣସି କିଛିକୁ ଗୋପନ ରଖିବା ନୁହେଁ, ନିଜ ଗତିବୃତ୍ତିଗୁଡ଼ିକ ଉପରେ ଏକ ସିଧା ଦୃଷ୍ଟି, ସେଗୁଡ଼ିକୁ ସିଧା କରିଦେବା ପାଇଁ ଏକ ସିଧା ସଙ୍କଳ୍ପ ହିଁ ଆବଶ୍ୟକ । ଯଦି ଏଥିପାଇଁ ସମୟ ଲାଗେ ତେବେ ସେଥିରେ ବିଶେଷ କିଛି ଯାଏ ଆସେ ନାହିଁ; ଭଗବାନଙ୍କର ଅନ୍ୱେଷଣକୁ ସମଗ୍ର ଜୀବନ ବ୍ୟାପି ଏକ କର୍ମରୂପେ ଗ୍ରହଣ କରିବା ପାଇଁ ଆମେ ପ୍ରସ୍ତୁତ ହେବା ଉଚିତ । ହୃଦୟକୁ ଶୁଦ୍ଧକରିବାର ଅର୍ଥ ପରିଶେଷରେ ବେଶ୍ ଏକ ଉଲ୍ଲେଖଯୋଗ୍ୟ କୃତିତ୍ୱ, ଏବଂ ଯେତେବେଳେ ଜଣେ ନିଜ ଭିତରେ ଏପରି ସବୁ ଜିନିଷ ଦେଖେ ଯାହାର ପରିବର୍ତ୍ତନ ଆବଶ୍ୟକ ସେତେବେଳେ ତହିଁରେ ହତୋତ୍ସାହିତ ଓ ନିରାଶ ହେବାରେ କିଛି ଲାଭ ନାହିଁ । ଯଦି ଜଣେ ଯଥାର୍ଥ ମନୋଭାବ ଓ ଯଥାର୍ଥ ସଙ୍କଳ୍ପ ରଖେ ତେବେ ନିଜଭିତରୁ ସ୍ୱତଃସ୍ଫୁର୍ତ୍ତ ଅନ୍ତର୍ପ୍ରେରଣା ଓ ଯଥାର୍ଥ ଇଙ୍ଗିତମାନ ବୃଦ୍ଧି ପାଇବାକୁ ଆରମ୍ଭ କରେ, ସେଗୁଡ଼ିକ ଅଧିକ ସ୍ପଷ୍ଟ, ସୁନିର୍ଦ୍ଦିଷ୍ଟ ଓ ନିର୍ଭୁଲ ହୋଇଉଠେ ଓ ସେଗୁଡ଼ିକୁ ଅନୁସରଣ କରିବାର ସାମର୍ଥ୍ୟ ମଧ୍ୟ ବୃଦ୍ଧିପାଏ । ଏବଂ ତାପରେ, ଏପରିକି ତମେ ନିଜ ଉପରେ ସନ୍ତୁଷ୍ଟ ହେବା ପୂର୍ବରୁ ଭଗବାନ ତମ ଉପରେ ସନ୍ତୁଷ୍ଟ ହେବେ ଓ ଯେଉଁ ଆବରଣଟି ଦ୍ୱାରା, ମାନବସମାଜ ଅଭୀପ୍ସା କରିପାରୁଥିବା ସବୁଠାରୁ ମହାନ୍ ବସ୍ତୁଟିକୁ ଅକାଳରେ ଓ ବିପଜ୍ଜନକ ଭାବରେ କବଳିତ ହେବାକୁ ଛାଡ଼ି ନଦେଇ ସେ ନିଜକୁ ଓ ତାଙ୍କ ଅନ୍ୱେଷଣକାରୀମାନଙ୍କୁ ସୁରକ୍ଷିତ କରି ରଖିଥାଆନ୍ତି, ସେହି ଆବରଣଟିକୁ ସେ ପ୍ରତ୍ୟାହାର କରିନେବାକୁ ଆରମ୍ଭ କରିଦେବେ ।

**- ଶ୍ରୀଅରବିନ୍ଦ**

# ପ୍ରାଣ କ'ଣ ରୂପାନ୍ତରିତ ହୋଇପାରିବ ?

**ଶ୍ରୀମା**

ପ୍ରାଣକୁ ରୂପାନ୍ତରିତ କରିବା ବିଷୟ ? ଜଣେ ନିଶ୍ଚୟ ଏହା କରିପାରେ । ଏହା ଏକ କଷ୍ଟକର କାର୍ଯ୍ୟ । ତଥାପି ଏହା କରାଯାଇପାରେ । ଏହା କରାଯାଇ ନପାରିଲେ କିଛି ବି ସମ୍ଭବ ନୁହେଁ । ସାଧାରଣତଃ ମନ ଯଥେଷ୍ଟ ନୁହେଁ । କାରଣ ଏପରି ବହୁ ଲୋକଙ୍କୁ ମୁଁ ଜାଣିଛି ଯେଉଁମାନେ ସ୍ପଷ୍ଟଭାବରେ ସବୁ ଦେଖିପାରନ୍ତି । ଖୁବ୍ ଭଲ ବୁଝନ୍ତି । ମନଦ୍ୱାରା ସମ୍ପୂର୍ଣ୍ଣଭାବେ ସମ୍ମତ । ବିଷୟଟି ତୁମ ଆଗରେ ବର୍ଣ୍ଣନା କରିପାରିବେ ଏବଂ ଆଶ୍ଚର୍ଯ୍ୟଜନକ କଥାସବୁ କହିପାରିବେ । ସହଜରେ ଅନ୍ୟମାନଙ୍କୁ ସୁନ୍ଦର ଶିକ୍ଷା ଦେଇପାରିବେ । କିନ୍ତୁ ସେଇମାନଙ୍କର ପ୍ରାଣସତ୍ତା ନିଜ ଖାମଖିଆଲରେ ଚଳେ ଏବଂ ଏସବୁକୁ ଆଦୌ ଶୁଣେ ନାହିଁ । ସେ କହେ, "ତୁମେ ଯେଉଁ ପ୍ରକାର କାହାଣୀ କୁହନା କାହିଁକି, ମୋ ନିମନ୍ତେ ଏସବୁ ସମାନ, ମୋ ନିମନ୍ତେ ମୁଁ ମୋ ନିଜ ଧାରାରେ ଚାଲିବି ।"

କେବଳ ଯଦି ଚୈତ୍ୟସତ୍ତା ସହ ସମ୍ପର୍କ ସ୍ଥାପିତ ହୁଏ ତେବେହିଁ ସବୁକିଛି ପରିବର୍ତ୍ତିତ ହୋଇପାରିବ, ଯାହା ହେଉନା କାହିଁକି, ଏପରିକି ମହା ପାପିଷ୍ଠ ମଧ୍ୟ ଏକ ମୁହୂର୍ତ୍ତରେ ପରିବର୍ତ୍ତିତ ହୋଇଯିବ । ଏସବୁ ହେଲା 'ଉଦ୍‌ଭାସନ'ର ଦୃଷ୍ଟାନ୍ତ ଯାହା ତୁମକୁ ଅଧିକାର କରେ ଏବଂ ତୁମର ସମ୍ପୂର୍ଣ୍ଣ ଓ ଆମୂଳ ପରିବର୍ତ୍ତନ ଆଣିଦିଏ । ଏହାପରେ ସବୁକିଛି ଠିକ୍ ଭାବରେ ଚାଲେ, ତଥାପି ମଧ୍ୟ ଅଳ୍ପ କିଛି ସୁଧାରିବାକୁ ବାକି ରହିଥାଏ ।

ଅନ୍ୟ କ୍ଷେତ୍ରରେ ମନ ଏକ ବଡ଼ ପ୍ରଚାରକ । ତାର ପ୍ରକୃତିହିଁ ସେହିପରି, ଏହା ବକ୍ତୃତା ଦିଏ । ଉପଦେଶ ଶୁଣାଏ, ଯେପରି ଚର୍ଚ୍ଚରେ ହୋଇଥାଏ । ତେଣୁ ସାଧାରଣତଃ ପ୍ରାଣ ଅଧୀର ହୋଇଉଠେ । ଏବଂ ଅବିନୀତ ଭାବରେ ମନକୁ ଜବାବ ଦିଏ, "ତୁ ଗୋଟାଏ ଅପଦାର୍ଥ । ତୁ ଯାହା କହୁଛୁ ଏହା ତୋ ପାଇଁ ଭଲ ହୋଇପାରେ କିନ୍ତୁ ମୋ ପାଇଁ ମୂଲ୍ୟହୀନ" , କିମ୍ବା ଖୁବ୍ ବେଶୀହେଲେ, ମନ ଯଦି ବିଶେଷ କିଛି ଚମତ୍କାର ସାମର୍ଥ୍ୟରେ ପରିପୂର୍ଣ୍ଣ ହୋଇଥାଏ ଏବଂ ପ୍ରାଣ ଯଦି ସାମାନ୍ୟ ଉଚ୍ଚତର-ଗୁଣ ସମ୍ପନ୍ନ ହୋଇଥାଏ, ତାହାହେଲେ ସେ କହିପାରେ, "ତୁମେ ଯାହା କହୁଛ ତାହା କେତେ ସୁନ୍ଦର ! (କେତେକ କ୍ଷେତ୍ରରେ ଏପରି ଘଟିଥାଏ) କିନ୍ତୁ ତୁମେ ଦେଖୁଛ ଏହା କରିବାକୁ ମୁଁ ଅକ୍ଷମ; ଏହା ଖୁବ୍ ସୁନ୍ଦର, କିନ୍ତୁ ଏହା ମୋର ସାମର୍ଥ୍ୟ ବାହାରେ ।

କିନ୍ତୁ ଏହି ପ୍ରାଣସତ୍ତା ଏକ ଅଦ୍ଭୁତ ଜୀବ । ଏହା ଉତ୍ତେଜନାମୟ, ଉତ୍ସାହପୂର୍ଣ୍ଣ ଏବଂ ଏହା ସାଧାରଣତଃ କାମନାପୂର୍ଣ୍ଣ; କିନ୍ତୁ ଉଦାହରଣତଃ ଯାହାକିଛି ସୁନ୍ଦର ଓ ବରେଣ୍ୟ, ନିଜ ଅପେକ୍ଷା ଯାହାକିଛି ବୃହତ୍ତର ଏବଂ ମହତ୍ତର ତାହା ପ୍ରତି ଏହା ଉତ୍ସାହଶୀଳ ହୋଇଉଠେ । ଯଦି ସତ୍ତା ଅପରୂପ ଧରଣର କିଛି ଗତିବୃତ୍ତି ଦେଖାଦିଏ, ତାହାହେଲେ ଏହା ଉତ୍ସାହରେ ପୂର୍ଣ୍ଣ ହୋଇଉଠେ ଏବଂ ସମ୍ପୂର୍ଣ୍ଣ ଶ୍ରଦ୍ଧାର ସହିତ ନିଜକୁ ଅର୍ପଣ କରିଦିଏ– ଏପରି ଏକ ଉଦାରତାର ସହ ଦେଇଦିଏ ଯାହା ଉଦାହରଣ ସ୍ୱରୂପ ମନୋଭୂମିରେ ତଥା ଭୌତିକ ଭୂମିରେ ବିରଳ । ପୂର୍ଣ୍ଣ ଉତ୍ସାହର ସହ ସେ କର୍ମରତ ହୁଏ, ସେ ଯେଉଁ କାର୍ଯ୍ୟ କରେ ସେଥିରେ ଉତ୍ସାହିତ ହୋଇଯିବାର ସାମର୍ଥ୍ୟ ଯୋଗୁହିଁ ସେ ସମ୍ପୂର୍ଣ୍ଣରୂପେ ନିଜକୁ ଅବାଧରେ ଉତ୍ସର୍ଗ କରିଦିଏ । ବୀରମାନଙ୍କର ସର୍ବଦାହିଁ ଏକ ଦୃଢ଼ ପ୍ରାଣସତ୍ତା ଥାଏ ଏବଂ ପ୍ରାଣସତ୍ତା ଯେତେବେଳେ କୌଣସି କାର୍ଯ୍ୟରେ ଉତ୍ସାହିତ ହୋଇଉଠିଛି, ସେତେବେଳେ ତାହା ଆଉ ବିଚାରଶୀଳ ସତ୍ତାହୋଇ ରହେ ନାହିଁ କିନ୍ତୁ ହୋଇଉଠେ ଏକ ଯୋଦ୍ଧା; ଯେତେବେଳେ ଏହା ସମ୍ପୂର୍ଣ୍ଣ ରୂପେ କର୍ମରେ ଲାଗିଥାଏ, ଏହା ଆଶ୍ଚର୍ଯ୍ୟଜନକ କୃତିତ୍ୱ ଦେଖାଇପାରେ କାରଣ ଏହା ହିସାବ କରେ ନାହିଁ, ଯୁକ୍ତି କରେ ନାହିଁ, କହେ ନାହିଁ ଯେ "ସତର୍କ ହେବା ଉଚିତ, ଏହା କରିବା ଉଚିତ ନୁହେଁ ବା ତାହା କରିବା ଉଚିତ ନୁହେଁ" ଇତ୍ୟାଦି; ଏହା ବିବେଚନା କରେ ନାହିଁ, ଝାମ୍ପ ଦିଏ । ଲୋକମାନେ କହିଲାପରି ଏହା ନିଜକୁ ସମଗ୍ର ଭାବରେ ଦେଇଦିଏ । ତେଣୁ ଏହା ଯଦି ଯଥାର୍ଥ ଭାବେ ପରିଚାଳିତ ହୁଏ, ତେବେ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିପାରେ ।

ରୂପାନ୍ତରିତ ପ୍ରାଣସତ୍ତା ଏକ ସର୍ବଶକ୍ତିମାନ ଯନ୍ତ୍ର । ନୈତିକ ହେଉ ଅବା ଭୌତିକ ହେଉ, କୌଣସି ଅସାମାନ୍ୟ ସୌନ୍ଦର୍ଯ୍ୟ ଦ୍ୱାରା ପ୍ରାଣ କେତେକ ସମୟରେ ପରିବର୍ତ୍ତିତ ହୋଇଯାଏ । ଯଦି ଏହା ଏକ ସମ୍ପୂର୍ଣ୍ଣ ଆତ୍ମାହୁତି ବା ଅକୁଣ୍ଠ ଆତ୍ମଦାନର ଦୃଶ୍ୟକୁ ଲକ୍ଷ୍ୟକରେ, ଯାହା ଅତି ବିରଳ କିନ୍ତୁ ଅସାମାନ୍ୟ ସୁନ୍ଦର, ତାହାହେଲେ ସେଥିରେ ଏହା ଭାସିଯାଏ ଏବଂ ନିଜ ମଧ୍ୟରେ ସେହି କାର୍ଯ୍ୟ କରିବା ନିମନ୍ତେ ଏକ ଇଚ୍ଛା ପୋଷଣ କରେ । ଏହା ଉଚ୍ଚ ଆକାଙ୍କ୍ଷାରେ ଆରମ୍ଭ ହୁଏ । ଆତ୍ମୋତ୍ସର୍ଗରେ ଶେଷ ହୁଏ । ଗୋଟିଏ ବସ୍ତୁ ଅଛି ଯାହାକୁ ପ୍ରାଣ ପସନ୍ଦ କରେ ନାହିଁ, ଏହା ହେଉଛି ନୀରସ, ଏକମୁଖୀ, ମଳିନ, ସ୍ୱାଦହୀନ, ମୂଲ୍ୟହୀନ ଜୀବନ । ଏ ପ୍ରକାର ଜୀବନ ଆଗରେ ତାହା ନିଦ୍ରାଭିଭୂତ ହୁଏ, ଜଡ଼ତାରେ ପତିତ ହୁଏ । ଏହା ସତ୍ୟ ଯେ, ଏହା ଅତି ଉଗ୍ରଭାବକୁ ପସନ୍ଦ କରେ; ଏହା ସାଧାରଣତଃ ଅତିଶୟ ଦୁର୍ଦ୍ଦାନ୍ତ, ଅତି ନିର୍ଦ୍ଦୟ ଓ ଅତି ଉଦାର ଓ ଉତ୍ତମ ଏବଂ ଅତି ନିର୍ଭୀକ ହେବାର ସମ୍ଭାବନା ରହିଛି । ଏହା ସବୁବେଳେ ଚରମ ସୀମାରେ ଥାଏ ଏବଂ ଏ ପାଖରେ ରହିପାରେ ବା ସେ ପାଖକୁ ଚାଲିଯାଇପାରେ– ହଁ, ସ୍ରୋତ ଯେଉଁଆଡ଼କୁ ଟାଣିନେବ । ଏବଂ ଏହି ପ୍ରାଣ, ଯଦି ଏହାକୁ ଏକ ମନ୍ଦ ପରିବେଶ ମଧ୍ୟରେ ରଖାଯାଏ, ଏହା ସେହି ମନ୍ଦ ପରିବେଶକୁ ଅନୁକରଣ କରିବ ଏବଂ ହିଂସାଦ୍ୱାରା କାର୍ଯ୍ୟ କରିବ, ଚରମ ଭାବେ କରିବ । ଯଦି ତୁମେ ଏହାକୁ ଏପରି ଏକ ପରିବେଶ ମଧ୍ୟରେ ରଖ ଯାହା ସୌନ୍ଦର୍ଯ୍ୟମୟ, ଚମତ୍କାର, ଉଦାର, ଉଚ୍ଚତର, ମହତ୍ତର, ଦିବ୍ୟ, ଏହା ତାକୁ ମଧ୍ୟ ଗ୍ରହଣ କରିପାରେ ଓ ସତ୍ତାର ଅନ୍ୟ ସମସ୍ତ ଅଂଶକୁ ଅପେକ୍ଷା ନକରି ଏହା ନିଜକୁ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିପାରେ କାରଣ ଏହା କିଛି

ହିସାବ କରି କରେନା । ଏହା ନିଜର ଅନୁରାଗ ଓ ଉଦ୍ଦୀପନାକୁ ଅନୁକରଣ କରେ, ଯଦି ତାର କାମନା ଥାଏ ତେବେ ସେଇ କାମନାଗୁଡ଼ିକ ଉଗ୍ର ଓ ଏକାଗ୍ର ଏବଂ ଏହା ଅନ୍ୟମାନଙ୍କ ପାଇଁ ଭଲ କି ମନ୍ଦ ସେ ଆଡ଼କୁ ନଜର ଦିଏ ନାହିଁ, କାରଣ ସେସବୁକୁ ସେ ମହତ୍ତ୍ୱ ଦିଏ ନାହିଁ । କିନ୍ତୁ ଯେତେବେଳେ ଏହା ଏକ ସୌନ୍ଦର୍ଯ୍ୟମୟ ବସ୍ତୁ ନିକଟରେ ନିଜକୁ ସମର୍ପଣ କରିଦିଏ, ସେତେବେଳେ ମଧ୍ୟ ସେ ଭାବନା କରେନା ଓ ତାହା ଭଲ କରିବ କି ବିପଦ ଆଣିବ ସେ ଆଡ଼କୁ ଦୃଷ୍ଟି ନଦେଇ ସେ ନିଜକୁ ସମଗ୍ର ଭାବେ ସମର୍ପଣ କରିଦିଏ । ଏହା ଗୋଟିଏ ମୂଲ୍ୟବାନ ଯନ୍ତ୍ର । ଏହା ଗୋଟିଏ ଭଲ ଜାତିର ଘୋଡ଼ା ପରି, ଯଦି ଏହା ନିଜକୁ ନିୟନ୍ତ୍ରଣାଧୀନ କରିବାକୁ ସମ୍ମତ ହୁଏ ତେବେ ଏହା ସମସ୍ତ ପ୍ରତିଯୋଗିତାରେ ସଫଳ ହେବ ଓ ସବୁସ୍ଥାନରେ ପ୍ରଥମ ସ୍ଥାନ ଅଧିକାର କରିବ । ଯଦି ଏହା ଆୟତ୍ତାଧୀନ ନ ହୁଏ, ତେବେ ଏହା ଲୋକମାନଙ୍କୁ ପଦଦଳିତ କରିବ ଓ ସତ୍ୟାନାଶର କାରଣ ହେବ, ନିଜର ଗୋଡ଼ କିମ୍ବା ଅଣ୍ଟା ଭାଙ୍ଗିବ । ପ୍ରାଣସତ୍ତା ଏହିପରି, ଗୋଟିଏ କଥା ଆମକୁ ଜାଣିବାକୁ ପଡ଼ିବ– ଏହା କେଉଁ ଦିଗକୁ ଢଳୁଛି– ଏହା ଅସାଧାରଣ ବସ୍ତୁକୁ ଭଲପାଏ– ଅସାଧାରଣ ମନ୍ଦ କିମ୍ବା ଅସାଧାରଣ ଉତ୍ତମ । ଏହା କେବେ ସାଧାରଣ ଜୀବନଧାରାକୁ ଭଲପାଏ ନାହିଁ । ଏହା ନୀରସ ହୋଇଯାଏ, ଅର୍ଦ୍ଧ ମୃତରେ ପରିଣତ ହୁଏ । ଯଦି ତାହାକୁ ଗୋଟିଏ କୋଣକୁ ଠେଲି ଦିଆଯାଏ ଏବଂ କୁହାଯାଏ "ସେଠାରେ ଶାନ୍ତ ରହ", ତାହା ସେଇଠି ବସି ରହିବ ଓ ଅଧିକରୁ ଅଧିକ ନଷ୍ଟପ୍ରାୟ ହୋଇଯିବ ଏବଂ ଶେଷରେ ଏକ ଶବରେ ପରିଣତ ହେବ ଯେଉଁଥିରେ ଆଉ ଜୀବନ ନଥିବ, ଜୀବନ ଶୁଷ୍କହୋଇ ଯାଇଥିବ । ବ୍ୟକ୍ତି ଯାହା କରିବାକୁ ଇଚ୍ଛାକରେ ତାହା ସମ୍ପାଦନ କରିବା ପାଇଁ ସେତେବେଳେ ଆଉ ପ୍ରୟୋଜନୀୟ ଶକ୍ତି ନଥାଏ । ବ୍ୟକ୍ତିର ସୂଚାରୁ କଳ୍ପନା ଶକ୍ତି ଥାଇପାରେ, ସୁନ୍ଦର ମନୋବୃତ୍ତି ଥାଇପାରେ, କିନ୍ତୁ ତାକୁ କାର୍ଯ୍ୟକାରୀ କରିବା ପାଇଁ ତା'ର ଆଉ ଶକ୍ତି ନ ଥାଏ ।

ତେଣୁ ତୁମର ଯଦି ପ୍ରବଳ ପ୍ରାଣଶକ୍ତି ଅଛି ତାକୁ ବିଭ୍ରାନ୍ତ କର ନାହିଁ, କିନ୍ତୁ ଦୃଢ଼ଭାବରେ ଧରି ରଖିବାକୁ ଶକ୍ତ ଲଗାମ ରଖିବା ଦରକାର, ତେବେ ସେ ଠିକ୍ ଭାବରେ ଚାଲିବ ।

❖ ❖ ❖

*Lord, deliver us from all care for contingencies, deliver us from the ordinary outlook on things. Grant that we may henceforth see only with Thy eyes and act only by Thy will. Transform us into living torches of Thy divine love.*

*(14th Feb'1914)* **– The Mother**

ହେ ଭଗବାନ, ଦୈନନ୍ଦିନ କ୍ଷୁଦ୍ର ଘଟଣାବଳୀର ଦୁଶ୍ଚିନ୍ତାରୁ ଆମ୍ଭମାନଙ୍କୁ ମୁକ୍ତ କର, ମୁକ୍ତ କର ସାଧାରଣ ସ୍ଥୂଳ ବାହ୍ୟ ଦୃଷ୍ଟିରୁ । କୃପାକର ଯେପରି ଆଜିଠାରୁ ଆମ୍ଭେମାନେ ସବୁକିଛି ତୋରି ଚକ୍ଷୁରେ ହିଁ ଦେଖୁ ଓ ତୋରି ଇଚ୍ଛାରେ ଯେପରି କାର୍ଯ୍ୟ କରୁ । ତୋରି ଦିବ୍ୟପ୍ରେମର ଜୀବନ୍ତ ଶିଖାରୂପେ ଆମ୍ଭମାନଙ୍କୁ ରୂପାନ୍ତରିତ କର ।

**– ଶ୍ରୀମା**

# Basic Philosophy of Life

(As given by The Mother and Sri Aurobindo)

**Sri Pranab Kumar Bhattacharya**

- Man's aim is to move towards an integral perfection. Life is the field of action given to us for developing that integral perfection. And the path is the total surrender of our life and action.
- Sri Aurobindo's sadhana does not exclude the world. It is the integral transformation of the world by bringing down from the heights the Divine Consciousness.
- This is not possible solely by human endeavour. The human aspiration from below and the response from above: it is only in the union of these two that this work can be done.
- Man with his mind can determine his conduct in the practical, material life but then the very imperfection of man's earthly life can completely unsettle everything. No political ideology, no religious discipline, no philosophical system, no intellectual understanding, no ethical solution or scientific discovery can bring about the perfection until man transforms his own nature. And once man's nature is transformed then every activity can be utilised for the work of integral perfection.

But then the question arises: Should man just twiddle his thumbs until the transformation of his nature takes place? Not at all. He has first to be convinced of this truth in his mind and life. And then keeping this truth in full view he should develop himself in all the parts of his being, keep the flame of aspiration constantly burning within him and rely entirely on the Divine Grace.

Man should determine his work according to his nature, capacity and inclination since it is work that helps us in manifesting our inner truth outside. Then it is important to try and turn oneself through one's work and one's work through oneself into something as beautiful as possible.

There is no high and low in work. It is not work that makes man great or small. It is man who makes his work great or small. One can advance towards perfection through any work as long as that work is done with inner sincerity.

At the very outset there is not much that needs to be changed in life from the outside. First one has to change one's attitude in life and then that takes care of the rest.

One has to discover one's inner Truth and then allow it as fully as possible to direct one's whole life.

It is not an easy path. At every step there is risk and danger. At every step one's inner sincerity is put to the test. But there is no other way.

**18.10.1999**

# ଶ୍ରୀମା' ଅଛନ୍ତି

**ଶ୍ରୀ ନଳିନୀକାନ୍ତ ଗୁପ୍ତ**

ଯଦି 'ପ୍ରଳୟ' ଏପରିକି 'ମହାପ୍ରଳୟ' ଘଟେ, ତେବେ ବି ସବୁକିଛିକୁ ହରାଇବାକୁ ହୁଏ ନାହିଁ, ସବୁକିଛି ସମୁଳେ ଧୋଇ ହୋଇଯାଏ ନାହିଁ। କିଛି ରହିଯାଏ ଅସ୍ପୃଷ୍ଟ ହୋଇ, ଅମର ହୋଇ, ଯାହାହେଲା ତୁମ ମଧ୍ୟସ୍ଥ ଦିବ୍ୟ ଅଂଶ, ତୁମ ମଧ୍ୟସ୍ଥ ଦିବ୍ୟଜନନୀଙ୍କର ଅଂଶ, ଯେଉଁ ଚେତନା ଅବତାର ଗ୍ରହଣ କରେ ଓ ସବୁକିଛିକୁ ସଂଯୋଜିତ କରେ।

ଯଥାର୍ଥରେ ଏହା ତୁମର ଅନ୍ତରାତ୍ମା ଯାହାକୁ ଶ୍ରୀମା ଅଚେତନାର ଗହ୍ୱରରୁ ଉଦ୍ଧାର କଲେ ଏବଂ ତୁମ ମଧ୍ୟରେ ଏକ ଜୀବନ୍ତ ସଦ୍‌ବସ୍ତୁରୂପେ ପ୍ରତିଷ୍ଠିତ କଲେ। ତାହାହିଁ ଥିଲା ତାଙ୍କର ପ୍ରଥମ ଓ ପ୍ରାଥମିକ କାର୍ଯ୍ୟ ଏବଂ ତାହାକୁ ସେ ସମ୍ପୂର୍ଣ୍ଣ କରିଛନ୍ତି। ଏହା ସତ୍ୟ ଯେ ଅନ୍ତରାତ୍ମା ସର୍ବଦାହିଁ ଥିଲା କିନ୍ତୁ ତାହା ଥିଲା ଆମଠାରୁ ଅନେକ ଦୂରରେ, ଅତିଦୂରସ୍ଥ ବସ୍ତୁରୂପେ ଏବଂ ପ୍ରାୟ ଏକ ନିଷ୍କ୍ରିୟ ଆଲୋକକଣା ରୂପେ, ଏକ ଅଜଣା, ଅଶୁଣା ନକ୍ଷତ୍ର ତୁଲ୍ୟ ଯାହା ଏପର୍ଯ୍ୟନ୍ତ ମାନୁଷୀ ଜ୍ଞାନ ଓ ସମ୍ଭାବନାର ସୀମା ମଧ୍ୟରେ ଧରା ଦେଇ ନଥିଲା। ତାହାକୁ ସେ ଆତ୍ମମାନଙ୍କର ଅତି ନିକଟକୁ ନେଇ ଆସିଛନ୍ତି, ଆମର ଜାଗ୍ରତ ସକ୍ରିୟ ଚେତନାରେ ପ୍ରତିଷ୍ଠିତ କରିଛନ୍ତି। ସେ ଯେପରି ତାକୁ ଅଚେତନାର ଅତଳ ଗହ୍ୱର ମଧ୍ୟରୁ ଉଠାଇ ଆଣିଛନ୍ତି କିମ୍ବା ଉତାରି ଆଣିଛନ୍ତି ଆକାଶର ଅଦୃଶ୍ୟପ୍ରାୟ ନିହାରିକାପୁଞ୍ଜର ସ୍ତରରୁ, ତା'ପରେ ତାକୁ କ୍ରମେ ବିକଶିତ କରିଛନ୍ତି, ପୁଷ୍ଟ କରିଛନ୍ତି, ଆତ୍ମମାନଙ୍କ ଆନ୍ତର ଲୋକରେ ତାକୁ ଦେଇଛନ୍ତି ଏକ ଦୃଢ଼ ଆବାସ। ସେ ତାକୁ ରୂପାୟିତ କରିଛନ୍ତି ନାମରୂପମୟ ବ୍ୟକ୍ତିରୂପେ। ଅଧିକାଂଶ ସମୟରେ ବା ସବୁ ସମୟରେ ଆମେ ଯଦି ତାକୁ ଚିହ୍ନି ନପାରୁ ତେବେ ଏହାର କାରଣ ଏହି ଯେ ଇନ୍ଦ୍ରିୟବୋଧର ବାହ୍ୟ ଆବରଣଟି ବର୍ତ୍ତମାନ ମଧ୍ୟ ତାହା ଦିଗରେ ନିଜକୁ ସମ୍ପୂର୍ଣ୍ଣ ଖୋଲି ଧରି ନାହିଁ। କିନ୍ତୁ ତଥାପି ସେ ଏଠାରେ ସମସ୍ତ ଅନ୍ଧକାର ଓ ଅସ୍ୱୀକୃତି ସତ୍ତ୍ୱେ ଆମର ଅନ୍ତର ଅଧୀଶ୍ୱର ରୂପେ ଦିଶାରୀରୂପେ ବିଦ୍ୟମାନ ଅଛି।

ଠିକ୍ ଏହାର ପରବର୍ତ୍ତୀ ପଦକ୍ଷେପ, ତାଙ୍କ କର୍ମର ଦ୍ୱିତୀୟାଂଶ ଥିଲା ଏହି ଆତ୍ମା, ଏହି ଆନ୍ତର ସତ୍ତାକୁ ଆବେଷ୍ଟନ କରି ଏକ ଶରୀର, ଏକ ଜଡ଼ ଆଧାର ଗଢ଼ି ତୋଳିବା ଯାହା ତାକୁ ପ୍ରକଟିତ କରିବ। ଏହି ପର୍ଯ୍ୟାୟରେ ତାଙ୍କର ସାଧନା ଥିଲା ଏକମାତ୍ର ସଦ୍‌ବସ୍ତୁକୁ ଏକ ସ୍ଥୂଳ ଦିବ୍ୟ ରୂପ ଦେବା। ଅନ୍ତରାତ୍ମା ଅବଶ୍ୟ ସେଠାରେ ଥିଲା, କିନ୍ତୁ ଏକ ଦେବସତ୍ତାଙ୍କୁ ତାହା ମଧ୍ୟରେ ଉତରି ଆସିବାକୁ ହେବ, ସେଠାରେ ବାସ କରିବାକୁ ହେବ। ଏହି ଦେବସତ୍ତା ଅର୍ଥାତ୍ ଶ୍ରୀମା'ଙ୍କର ନିଜର ସ୍ୱରୂପର ଏକ ଶକ୍ତି, ଏକ ରୂପକୁହିଁ ଉତାରି ଆଣିବାକୁ ହେବ ଏବଂ ତାହା ମଧ୍ୟରେ ଅନ୍ତରାତ୍ମାକୁ ଏକ ହୋଇଯିବାକୁ ହେବ। ଦୃଶ୍ୟତଃ ଠିକ୍ ଏହି ସ୍ତରରେ କାର୍ଯ୍ୟଟି ବନ୍ଦ ହୋଇଯାଇଛି ଏବଂ ଅସମ୍ପୂର୍ଣ୍ଣ ରହିଯାଇଛି।

ଯେହେତୁ ବ୍ୟକ୍ତିଗତ ସିଦ୍ଧି, ଏପରିକି କେତେକ ବ୍ୟକ୍ତି ବିଶେଷଙ୍କର ସିଦ୍ଧି ଲାଭ କରିବା ମଧ୍ୟ ଲକ୍ଷ୍ୟ ବା ଉଦ୍ଦେଶ୍ୟ ନଥିଲା; ଲକ୍ଷ୍ୟ ଥିଲା ସମଗ୍ର ମାନବଜାତିର ଏକ ପରିପୂର୍ଣ୍ଣତା ଅର୍ଥାତ୍ ଅନ୍ତତଃ ତାହାର ଏକ ବୃହତ୍ତର ଅଂଶ, ଏକ ବିଶିଷ୍ଟ ଅଂଶ ତାହାର ଅଧିକାରୀ ହେବେ; ତେଣୁ ସେହି ଲକ୍ଷ୍ୟ ଦିଗରେ ସମସ୍ତ ପ୍ରଚେଷ୍ଟା ପ୍ରୟୋଗ କରା ହୋଇଥିଲା। ମାନୁଷୀ ଚେତନାକୁ ଏପରି ଏକ ଉର୍ଦ୍ଧ୍ୱତର ସ୍ତରକୁ ଉଠାଇ ନେବାକୁ ହେବ ଯଦ୍ୱାରା ଯେଉଁ ଚିନ୍ମୟ ପ୍ରବେଗ ରୂପାନ୍ତର ନିମିତ୍ତ ଉତରି ଆସୁଛି ସେ ତାହାକୁ ଧାରଣ ଓ ମୂର୍ତ୍ତ କରିପାରିବ। ଅନ୍ୟଥା ମାନୁଷୀ ଚେତନାସ୍ତରର ପ୍ରତିନିଧି ହୋଇ ଏବଂ ଜଡ଼ଚେତନାର ଏକ ଅଂଶ ହୋଇ କୌଣସି ବ୍ୟକ୍ତିବିଶେଷ ପକ୍ଷରେ ତାହାକୁ ଧାରଣ କରିବା ସମ୍ଭବ ନୁହେଁ। କେବଳ ପାର୍ଥିବ ଚେତନା ନୁହେଁ, ପୃଥିବୀର ଜଡ-ଗଠନଟି ମଧ୍ୟ ରୂପାନ୍ତରିତ କରିବାକୁ ହେବ। କାରଣ ଯେଉଁ ଜଡ଼ ଦେହ ଅର୍ଥାତ୍ ବ୍ୟକ୍ତିବିଶେଷର ଜଡ଼ଦେହ ରୂପାନ୍ତରର ସମସ୍ତ ସ୍ତରକୁ ଅତିକ୍ରମ କରିବ, ସେସବୁକୁ ସଫଳତା ସହିତ ସମ୍ପୂର୍ଣ୍ଣ କରିପାରିବ, ତାହାର ଅନୁରୂପ ପରିବର୍ତ୍ତନ ଅନ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଅବଶ୍ୟ ଆବଶ୍ୟକ- ସ୍ୱଭାବତଃ ତାର ଅର୍ଥ ନୁହେଁ ଯେ ସମଗ୍ର ମାନବଜାତିର ପରିବର୍ତ୍ତନ ହେବ; ତେବେ ପୂର୍ବେ ଯେପରି କହିଛି ତାହାର ଅର୍ଥ ନଗଣ୍ୟ ନୁହେଁ, ତାହା ଏକ ସମର୍ଥନୀୟ ବୃହତ୍ତର ଅଂଶର ପରିବର୍ତ୍ତନ। ତା' ନହେଲେ ଏହି ପରିବର୍ତ୍ତନର ଉଦ୍ଦେଶ୍ୟ, ଯାହା ହେଲା ଏକ ସାମଗ୍ରିକ ସମଷ୍ଟିଗତ ପରିବର୍ତ୍ତନ, ତାହା ସିଦ୍ଧ ହେବ ନାହିଁ। ପୃଥିବୀ ପୃଷ୍ଠରେ ଗୋଟିଏ ମାତ୍ର ଏକକ ଅତିମାନସ ଦେହ ପ୍ରକୃତିର ଏକ କିମ୍ଭୁତକିମାକାର ଖିଆଲ ବୋଲି ବୋଧ ହେବ, ଯେପରି ଗୋଟାଏ ଅସ୍ୱାଭାବିକ ଅଲୌକିକ ଘଟଣା, ପ୍ରକୃତି ମଧ୍ୟରେ ରହି ଯେପରି ପ୍ରକୃତିର ନିୟମବହିର୍ଭୁତ ଏକ ବସ୍ତୁ। ଏପରିକି ଯେଉଁମାନେ ମାନବଜାତିର ଅଗ୍ରଗାମୀ, ଯେଉଁମାନେ ସର୍ବୋଚ୍ଚ ସ୍ତରରେ ଉତ୍ତୀର୍ଣ୍ଣ ସେମାନେ ମଧ୍ୟ ତାହା ସଙ୍ଗେ କୌଣସି ସଂଯୋଗ ବା ସମ୍ବନ୍ଧ ଖୋଜି ପାଇବେ ନାହିଁ।

ତେଣୁ ସେହି ଲକ୍ଷ୍ୟକୁ ପୂର୍ଣ୍ଣ କରିବା ନିମିତ୍ତ ପାର୍ଥିବ ପ୍ରକୃତିକୁ ପ୍ରସ୍ତୁତ କରିବାକୁ ହେବ: ପ୍ରଥମେ ପ୍ରସ୍ତୁତ କରିବାକୁ ହେବ ଜଡ଼ ଉପାଦାନ ମଧ୍ୟସ୍ଥ ପାର୍ଥିବ ଚେତନାକୁ, ତା'ପରେ ସେହି ସ୍ଥୂଳ ଉପାଦାନଟିକୁ। ଆଉ ଏହାକୁ ଆମ ଜୀବନର ଏକାନ୍ତ ଜରୁରୀ କର୍ତ୍ତବ୍ୟ ଭାବେ ବର୍ତ୍ତମାନହିଁ କରିବାକୁ ହେବ।

x x x x

ମୁଁ କହିଛି ଯେ ଶ୍ରୀମା'ଙ୍କ ଶରୀରର, ଅର୍ଥାତ୍ ଶରୀରର ଜଡ଼ ଉପାଦାନର ପୂର୍ଣ୍ଣ ରୂପାନ୍ତର ନିମିତ୍ତ ପାର୍ଥିବ ଚେତନା ସମ୍ପୂର୍ଣ୍ଣ ପ୍ରସ୍ତୁତ ନଥିଲା। ତେଣୁ ଏହା ନିଜକୁ ସେହି ଅନ୍ତର୍ଗାମୀ ରୂପାନ୍ତରକାରୀ ଶକ୍ତିର ଉପଯୋଗୀ ଉପାଦାନରେ ପରିଣତ କରିପାରିଲା ନାହିଁ - ପରିଣାମତଃ ଏହା ଭାଙ୍ଗିଗଲା: ବରଂ କୁହାଯାଇପାରେ ଯେ ସେହି ଶକ୍ତି ଏହାକୁ ଭାଙ୍ଗିଦେଇ ଚାଲିଗଲା, ଜଡ଼ର କଠିନ ଘନ ବାହ୍ୟତମ ଆବରଣକୁ ଏହା ଭେଦ କରିଗଲା- ଏହାର ପରିଣାମ ଭବିଷ୍ୟତ୍‌ରେହିଁ ଜଣାଯିବ।

ବର୍ତ୍ତମାନ ଆମ୍ଭେମାନେ ଯେଉଁମାନେ ବଞ୍ଚିରହିଲୁ, ସମସ୍ତଙ୍କୁ ଏକବାରେ ପ୍ରଥମରୁହିଁ ଆରମ୍ଭ କରିବାକୁ ହେବ। ଚାଲ, ପୂର୍ବେ ଯେପରି

କରାହୋଇଥିଲା - ସେହି ଖଡ଼ିଛୁଆଁରୁ ହିଁ ଆରମ୍ଭ କରିବା। ଶ୍ରୀମା'ଙ୍କ ନିଜ ଜୀବନର କଥା ଆମର ସ୍ମରଣରେ ଆସେ - ସେ ଯେତେବେଳେ ଶ୍ରୀଅରବିନ୍ଦଙ୍କ ନିକଟକୁ ଆସିଲେ, ସେତେବେଳେ ଯେପରି କରିଥିଲେ। ତାଙ୍କର ପୁରାତନ ବ୍ୟକ୍ତିତ୍ୱ, ସମସ୍ତ କୃତିତ୍ୱ, ଅର୍ଜିତ ଗୁଣରାଜି- ସବୁକିଛିକୁ ସେ ପୂରାପୂରି ପୋଛି ପକାଇଥିଲେ, ତାଙ୍କର ଚେତନାକୁ ନୂତନଭାବେ ସଜାଡ଼ି ରଖିଲେ ଠିକ୍ ଖଡ଼ିରେ ଲେଖିବାର ଏକ ପରିଷ୍କାର ପଥର-ପଟା ଭଳି, ଆଉ ଏକ ସଦ୍ୟଜାତ ଶିଶୁ ସଦୃଶ ଅତୀତର ସବୁ କଥା ଭୁଲିଯାଇ ସେ ନିଜକୁ ଅର୍ପଣ କଲେ ଶ୍ରୀଅରବିନ୍ଦଙ୍କ ଚରଣପ୍ରାନ୍ତରେ। ଆସ, ଆମେ ମଧ୍ୟ ଠିକ୍ ସେହି ଏକହିଁ ପ୍ରକାରେ ଆମର ଶିଶୁ-ଆତ୍ମାକୁ ସମ୍ମୁଖରେ ରଖି ଆଗାମୀ ଦିବସର ସମ୍ମୁଖୀନ ହେବା, କାରଣ ସେହି କ୍ଷୁଦ୍ର ସତ୍ତାଟିହିଁ ଶ୍ରୀମା'ଙ୍କର ଦିବ୍ୟ ଉପସ୍ଥିତି, ତାଙ୍କରି ଚେତନାରେ ବର୍ତ୍ତମାନ ସୁଦ୍ଧା ଜ୍ୱଳନ୍ତ ହୋଇରହିଛି।

x x x x

ତୁମ୍ଭମାନଙ୍କୁ ମୁଁ ସୁପ୍ରଭାତ ଜଣାଉଛି, ଶୁଭ ନବବର୍ଷ ଜଣାଉଛି, ତୁମ୍ଭମାନଙ୍କ ନିମିତ୍ତ କାମନା କରୁଛି ନବବର୍ଷ: ନବବର୍ଷର ଅର୍ଥ "ଏକ ନବଜନ୍ମ" ଆଉ ନବଜନ୍ମ କହିଲେ ବୁଝାଏ "ନିଜ ଆତ୍ମାର ଉପଲବ୍ଧି।"

ଆଉ ତୁମ୍ଭେମାନେ କେବେ ବି ଭୁଲିବ ନାହିଁ ଯେ ଆତ୍ମା ହେଲା ଆମର ସର୍ବୋତ୍ତମ ଅଂଶ... ସ୍ୱୟଂ ଭଗବତୀ ମା'ଙ୍କର ଅଂଶ, ତାଙ୍କ ନିଜର ସତ୍ତା ଯାହା ଦ୍ୱାରା ଗଠିତ... ତହିଁରେ ରହିଛି ତାଙ୍କର ଚେତନା, ତାଙ୍କର ଶକ୍ତି, ତାଙ୍କର ପ୍ରେମ

ମା' ସଶରୀରେ ଉପସ୍ଥିତ ନଥିଲେ ବି ଆମ୍ଭମାନଙ୍କ ମଧ୍ୟରେ ରଖିଯାଇଛନ୍ତି ତାଙ୍କର ଭାଗବତ ଅଂଶ, ଆମ୍ଭମାନଙ୍କ ମଧ୍ୟରେ ତାହାକୁ ପ୍ରତିଷ୍ଠିତ କରିଛନ୍ତି, ଆମ୍ଭମାନଙ୍କ ନିକଟରେ ଓ ଆମ୍ଭମାନଙ୍କ ମଧ୍ୟରେ ଦେଇଛନ୍ତି ତାଙ୍କର ଅତି ଦୁର୍ଲଭ ଉପହାର- ତାଙ୍କର ପ୍ରସାଦ। ଏହାହିଁ ହେଲା ତାଙ୍କର ବାସ୍ତବ ଜୀବନ୍ତ ଉପସ୍ଥିତି।

ମା' ଏଠାରେ ଜୀବନ୍ତ ଓ ସକ୍ରିୟ ରହିଛନ୍ତି। ତାଙ୍କର ପ୍ରଦର୍ଶିତ ପଥକୁ ଆମ୍ଭେମାନେ ଅନୁସରଣ କରି ଚାଲିବା। ସେହି ପରମ ଉତ୍ତରଣର ପଥ ପ୍ରସାରିତ ହୋଇ ରହିଛି; ସେହି ପଥରେ ଚାଲି ଆମେ ଆମର ଦିବ୍ୟ ଲକ୍ଷ୍ୟରେ ପହଞ୍ଚିଯିବା।

ଏହା କରିବାକୁ ହେଲେ ଆମ୍ଭମାନଙ୍କ ଆତ୍ମାକୁ ଆବିଷ୍କାର କରିବାକୁ ହେବ ଏବଂ ସର୍ବଦା ଓ ସର୍ବାବସ୍ଥାରେ ଆମ୍ଭମାନଙ୍କୁ ଆତ୍ମା ଦ୍ୱାରା ପରିଚାଳିତ ହେବାକୁ ହେବ।

ଏହି କାର୍ଯ୍ୟ କଠିନ ନୁହେଁ। ଆତ୍ମା କୌଣସି ଦୂରର ଜିନିଷ ନୁହେଁ, ତାହା ରହିଛି ଅତି ନିକଟରେ। ଆମ୍ଭମାନଙ୍କ ତରଫରୁ ସାମାନ୍ୟ ଟିକିଏ ଚେଷ୍ଟା ଓ ଆନ୍ତରିକତା ହିଁ ଯଥେଷ୍ଟ।

❖ ❖ ❖

ମୁଁ କୌଣସି ଦେଶର, କୌଣସି ସଭ୍ୟତାର, କୌଣସି ସମାଜର, କୌଣସି ଜାତିର ନୁହେଁ, କିନ୍ତୁ ଏକମାତ୍ର ଭଗବାନଙ୍କର।

ମୁଁ କୌଣସି ପ୍ରଭୁଙ୍କର, କୌଣସି ଶାସକଙ୍କର, କୌଣସି ନିୟମକାନୁନର, କୌଣସି ସାମାଜିକ ପ୍ରଥାର ବଶତାସ୍ୱୀକାର କରେ ନାହିଁ , କିନ୍ତୁ କେବଳ ଭଗବାନଙ୍କର ହିଁ ବଶତାସ୍ୱୀକାର କରେ।

ତାଙ୍କ ନିକଟରେ ହିଁ ମୁଁ ମୋର ସବୁକିଛି, ମୋର ସଙ୍କଳ୍ପ, ମୋର ଜୀବନ, ମୋର ଆତ୍ମାକୁ ସମର୍ପଣ କରିଛି; ଯଦି ତାଙ୍କରି ସଙ୍କଳ୍ପ ଏପରି ହୁଏ ଯେ ବିନ୍ଦୁ ବିନ୍ଦୁ ହୋଇ ମୋର ସମସ୍ତ ରକ୍ତ ଅର୍ପଣ କରିବାକୁ ହେବ, ତେବେ ତାଙ୍କରି ନିମିତ୍ତ ତାହା କରିବାକୁ ମୁଁ ପ୍ରସ୍ତୁତ, ଏବଂ ତହିଁରେ ହିଁ ମୋର ସମ୍ପୂର୍ଣ୍ଣ ଆନନ୍ଦ। ତାଙ୍କ ସେବାରେ କିଛି ବି ଉତ୍ସର୍ଗ ହୋଇ ନ ପାରେ, କାରଣ ସବୁକିଛି ହିଁ ପରମ ଆନନ୍ଦ।

(ଫେବୃୟାରୀ, ୧୯୨୦) **- ଶ୍ରୀମା**

# ଶ୍ରୀମା କିଏ? ତାଙ୍କ କାର୍ଯ୍ୟ କ'ଣ?

ଶ୍ରୀ ରାମକୃଷ୍ଣ ଦାସ

ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ? ସେ ତାଙ୍କ କାର୍ଯ୍ୟ ଶେଷ କରିଛନ୍ତି କି ନାହିଁ? – ଏହି ପ୍ରଶ୍ନଗୁଡ଼ିକ ଅତ୍ୟନ୍ତ ଜଟିଳ, ଗହନ ଏବଂ ଅଥଳ ସମୁଦ୍ର। ସେଠାରେ ମନ-ବୁଦ୍ଧି ପହଞ୍ଚିବା ସମ୍ଭବ ନୁହେଁ। କିନ୍ତୁ ଜାଣିବା କିମ୍ବା ବୁଝିବାର ଏହାହିଁ ଆମ୍ଭମାନଙ୍କର ଯନ୍ତ୍ର। ଏହାଛଡ଼ା ଆମ୍ଭମାନଙ୍କ ପାଖରେ ଅନ୍ୟ ଉପାୟ ବି ନାହିଁ। ଆମ୍ଭମାନଙ୍କର ଏହି ସୀମିତ ମନବୁଦ୍ଧିରୂପକ ଯନ୍ତ୍ରରେ ଅସୀମକୁ ଜାଣିବା କିମ୍ବା ବୁଝିବା ସମୁଦ୍ର-କୂଳରେ ଛିଡ଼ାହୋଇ ଆମ୍ଭର ଏହି ସ୍ଥୂଳ ନେତ୍ରରେ ତା'ର ବିସ୍ତୃତତା ଦେଖିବା ଏବଂ ତା'ର ଗଭୀରତାର ଥଳ ନେବା ସଦୃଶ ଅସମ୍ଭବ। ଅସମ୍ଭବ ବୋଲି ଯେ ଛାଡ଼ିଦେବା ତାହା ବି ଠିକ୍ ନୁହେଁ।

ତେବେ ଏହି ମନ-ବୁଦ୍ଧିରେ ବୁଝିବାକୁ ହେଲେ ଗୋଟିଏ ମାତ୍ର ଉପାୟ ବିଶ୍ୱାସ। ଶ୍ରୀମାଶ୍ରୀଅରବିନ୍ଦଙ୍କ ବାକ୍ୟରେ ବିଶ୍ୱାସ କଲେ କିମ୍ବା ପୂର୍ଣ୍ଣରୂପେ ନିଜକୁ ତାଙ୍କ ଚରଣରେ ସମର୍ପଣ କଲେ ତାଙ୍କରି କୃପାରୁ କିଛି ଅଂଶରେ ବୁଝିପାରିବା। ଏହାଛଡ଼ା ଅନ୍ୟ ପନ୍ଥା ନାହିଁ।

ଶ୍ରୀଅରବିନ୍ଦ ଯେଉଁ ଅତିମାନସ ଚେତନାରେ ବାସ କରୁଥିଲେ ଶ୍ରୀମା ମଧ୍ୟ ସେହି ଅତିମାନସ ଚେତନାଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଥିଲେ। ଉଭୟେ ଅତିମାନସ ଚେତନା ପ୍ରାପ୍ତ ହୋଇଥିବାରୁ ଉଭୟେ ଉଭୟଙ୍କୁ ବୁଝିବାରେ ସହଜ ହୋଇଥିଲା। ଯଦି ଶ୍ରୀମା'ଙ୍କୁ ବୁଝିବାକୁ ହୁଏ ତେବେ ଶ୍ରୀମା'ଙ୍କ ସମ୍ବନ୍ଧେ ଶ୍ରୀଅରବିନ୍ଦ ଯାହା କହିଛନ୍ତି ସେହି ବାକ୍ୟରେ ଆମେ ବିଶ୍ୱାସ କରିବା। ଯଦି ଶ୍ରୀଅରବିନ୍ଦଙ୍କୁ ଜାଣିବାକୁ ହୁଏ ତେବେ ତାଙ୍କ ବିଷୟରେ ଶ୍ରୀମା ଯାହା କହିଛନ୍ତି ସେଥିରେ ଆମେ ବିଶ୍ୱାସ କରିବା। ଅଥବା ସେମାନେ ନିଜ ନିଜ ସମ୍ବନ୍ଧେ କିମ୍ବା ସେମାନଙ୍କ ନିଜ ନିଜ କର୍ମ ସମ୍ବନ୍ଧେ ଯାହାସବୁ କହିଛନ୍ତି ସେସବୁଥିରେ ବିଶ୍ୱାସ ସ୍ଥାପନ କରିବା। ସେମାନଙ୍କ ବାକ୍ୟରେ ବିଶ୍ୱାସ ରଖି ସେମାନଙ୍କ ପ୍ରଦର୍ଶିତ ଯୋଗମାର୍ଗରେ ପ୍ରବେଶ କରି ଅଗ୍ରସର ହେଲେ ଆମର ବିଶ୍ୱାସ ଅଧିକରୁ ଅଧିକ ଦୃଢ଼ ହେବ। କିନ୍ତୁ ସାଧନାଦ୍ୱାରା ମାନସ-ଚେତନାକୁ ଅତିକ୍ରମ କରିଗଲେ ଶ୍ରୀମାଶ୍ରୀଅରବିନ୍ଦଙ୍କ କହିଥିବା ସତ୍ୟ କ୍ରମଶଃ ଉପଲବ୍ଧ ହୋଇପାରିବ।

ଅଧ୍ୟାତ୍ମସତ୍ୟ ପ୍ରାପ୍ତିହିଁ ବିଶ୍ୱାସ ଉପରେ ପ୍ରତିଷ୍ଠିତ। ବିଶ୍ୱାସ ବିନା ଅଧ୍ୟାତ୍ମସିଦ୍ଧି ଅସମ୍ଭବ। କିନ୍ତୁ ବିଶ୍ୱାସ ସ୍ୱୟଂ ସତ୍ୟ ଏବଂ ତାହା ଅନ୍ତରାତ୍ମାର ଗୁଣ। ଆତ୍ମାର କିମ୍ବା ଅନ୍ତରର ବିଶ୍ୱାସରେ ଭ୍ରାନ୍ତି ହୁଏ ନାହିଁ କିମ୍ବା ବ୍ୟକ୍ତି କଦାପି ବିପଦରେ ପଡ଼େ ନାହିଁ। ସେହି ବିଶ୍ୱାସହିଁ ବ୍ୟକ୍ତିକୁ ସତ୍ୟମାର୍ଗରେ ପରିଚାଳିତ କରେ। ସ୍ୱାର୍ଥ ସାଧନ କିମ୍ବା ମନ-ପ୍ରାଣରେ ସାଂସାରିକ ବସ୍ତୁ ପ୍ରାପ୍ତ ହେବା ସକାଶେ ବିଶ୍ୱାସ ଦ୍ୱାରା ବ୍ୟକ୍ତି ଭୁଲ ମାର୍ଗରେ ପଡ଼ିପାରେ। ଆତ୍ମା ବା ହୃଦୟର ବିଶ୍ୱାସରେ ବ୍ୟକ୍ତି କେବେ ବି ବିପଥଗାମୀ ହୁଏ ନାହିଁ। ଆତ୍ମାର ବିଶ୍ୱାସ ସ୍ୱୟଂପ୍ରକାଶ। ତା' ପାଖକୁ ଭ୍ରମ ଆସିପାରେ ନାହିଁ। ଆତ୍ମାର ନିବାସ ହୃଦୟର ଗଭୀରରେ। ସେ ଭଗବାନଙ୍କ ସ୍ୱରୂପ, ଭଗବାନଙ୍କ ପ୍ରତିଭୂ ଅଥବା ଭଗବାନଙ୍କ ଅଂଶ; ସେ ଭଗବାନଙ୍କ ସହିତ ଅଭେଦ, ଏକ ଏବଂ ସ୍ୱୟଂ ଭଗବତ୍ ତତ୍ତ୍ୱ। ତା' ମଧ୍ୟରେ ଭଗବତ୍ ଜ୍ଞାନ ଏବଂ ଭଗବତ୍ ଗୁଣଧର୍ମ ବିଦ୍ୟମାନ ଥାଏ। ସେ ସର୍ବଥା ଏହି ମନ-ପ୍ରାଣ-ଶରୀରରେହିଁ ଭଗବତ୍ ଉପଲବ୍ଧି ଚାହେଁ। କିନ୍ତୁ ତା'ର ଅଧିକ ବିକାଶ ନହେବା ପର୍ଯ୍ୟନ୍ତ ସେ ମନ ଓ ପ୍ରାଣର ପଶ୍ଚାତ୍‌ରେ ଥାଏ। ତା'ର ଚାହିଦା ପ୍ରକାଶ ପାଏ ମନ ଓ ପ୍ରାଣ ମଧ୍ୟଦେଇ। ମନ ଓ ପ୍ରାଣରେ ଅଧିକ କାମନା ବାସନା, ଅହଂ ଓ ସ୍ୱାର୍ଥ ଥିବା ଯୋଗୁଁ ଆତ୍ମାର ଚାହିଦା ସେମାନଙ୍କ ମଧ୍ୟରେ ବିକୃତ ହୋଇଯାଏ। ଏହି ବିକୃତି ଯୋଗୁଁ ସେମାନେ ସର୍ବଥା ସାଂସାରିକ ଭୋଗବିଳାସ, ନାମଯଶ, ଅଧିକାର ଇତ୍ୟାଦି ଚାହାନ୍ତି। ଏପରିକି ଯେଉଁମାନଙ୍କର ସାଂସାରିକ ବିଷୟରେ ଅତ୍ୟଧିକ ବୁଦ୍ଧିର ବିକାଶ ହୋଇଥାଏ ସେମାନଙ୍କ ବୁଦ୍ଧି ସାଂସାରିକ କର୍ମଦକ୍ଷତାରେ ଲୋକଙ୍କୁ ଚକିତ କରିପାରେ, କିନ୍ତୁ ସେମାନେ ମଧ୍ୟ ଜୀବନର ଏକମାତ୍ର ଉଦ୍ଦେଶ୍ୟ ଯେ ଭଗବତ୍ ପ୍ରାପ୍ତି ତାହା ବୁଝିପାରନ୍ତି ନାହିଁ କିମ୍ବା ଆତ୍ମା ତଥା ଭଗବାନଙ୍କୁ ବିଶ୍ୱାସ କରିପାରନ୍ତି ନାହିଁ। ଏହି କାରଣରୁ ଆତ୍ମାର ଚାହିଁବା କାର୍ଯ୍ୟ ସମ୍ପାଦନ କରିହୁଏ ନାହିଁ। ଭଗବାନଙ୍କ କୃପା କିମ୍ବା କ୍ରମବିକାଶ ପ୍ରଣାଳୀରେ ଆତ୍ମାର ବିକାଶ ହେଲେ ସେ ସମ୍ମୁଖକୁ ଆସେ। ତେବେ ଯାଇ ତା'ର ଗୁଣଧର୍ମର ଚାପ ମନ-ବୁଦ୍ଧି ଉପରେ ପଡ଼େ ଏବଂ ମନ-ବୁଦ୍ଧି ଅଧ୍ୟାତ୍ମସତ୍ୟ ପ୍ରତି ଆକୃଷ୍ଟ ହୁଅନ୍ତି ତଥା ବିଶ୍ୱାସ କରନ୍ତି।

ଆତ୍ମାର ପ୍ରଭାବରେ ମନ, ପ୍ରାଣ ଭଗବାନଙ୍କୁ ସ୍ୱୀକାର କରିବା ଏବଂ ପ୍ରାପ୍ତ ହେବା ସକାଶେ ଦୃଢ଼ ସଙ୍କଳ୍ପକୁହିଁ କୁହାଯାଏ କେନ୍ଦ୍ରୀୟ ସଙ୍କଳ୍ପ। ଥରେ ଏହି କେନ୍ଦ୍ରୀୟ ସଙ୍କଳ୍ପ ହେଲେ ବ୍ୟକ୍ତିର ପ୍ରଯତ୍ନ ବୈରାଗ୍ୟରେ ତଥା ଭଗବାନଙ୍କ ଉପରେ ଭରସା ଅନୁପାତରେ ବିଳମ୍ବ ବା ଶୀଘ୍ର ହୋଇପାରେ କିନ୍ତୁ ଭଗବତ୍ ପ୍ରାପ୍ତିର ଲକ୍ଷ୍ୟସିଦ୍ଧି ନିର୍ଦ୍ଧାରିତ ହୋଇଯାଏ। ଏହି କେନ୍ଦ୍ରୀୟ ସଙ୍କଳ୍ପ ହେବା ପରେ ବି ଆତ୍ମା ସର୍ବଦା ସମ୍ମୁଖରେ ରହେ ନାହିଁ। ଆତ୍ମା ବାରମ୍ବାର ସମ୍ମୁଖକୁ ଆସେ ଏବଂ ମନ-ପ୍ରାଣ ପଶ୍ଚାତ୍‌କୁ ଯାଏ। ମନ-ପ୍ରାଣ ସମ୍ମୁଖରେ ରହିବା ସମୟରେ ବିରୋଧୀଶକ୍ତିସବୁ ଏସବୁକୁ ଯନ୍ତ୍ର କରି ବାରମ୍ବାର ଅବିଶ୍ୱାସ, ହତାଶା, ବିଷାଦ, ଲୋଭ, ମୋହର ପ୍ରେରଣା ଦିଅନ୍ତି। କିନ୍ତୁ ଅଧ୍ୟାତ୍ମ ମାର୍ଗରୁ ସର୍ବଦା ବ୍ୟକ୍ତିକୁ ଟାଣିନେଇ ପାରନ୍ତି ନାହିଁ। ନାନାପ୍ରକାର ବାଧା ସୃଷ୍ଟି କରନ୍ତି, ଏପରିକି ଯେବେ ଅନ୍ଧକାର, ଅଜ୍ଞାନର ମେଘ ଘୋଟିଆସେ ସେତେବେଳେ ଭଗବାନ କୃପା କରନ୍ତି। ଆତ୍ମା-ସୂର୍ଯ୍ୟକୁ ସମ୍ମୁଖକୁ ଆଣି ଅଜ୍ଞାନ ମୋହର ତିମିର ବିନାଶ କରିଦିଅନ୍ତି। ଆତ୍ମା ସ୍ଥାୟୀରୂପେ ସମ୍ମୁଖରେ ରହିବା ପର୍ଯ୍ୟନ୍ତ ବ୍ୟକ୍ତି ମଧ୍ୟରେ ଏହିପରି ସଂଘର୍ଷ ଚାଲିଥାଏ।

ଆତ୍ମା ଜାଗ୍ରତ ହେବା ପୂର୍ବରୁ ଯଦି ପ୍ରବଳ ଯୁକ୍ତିଦ୍ୱାରା ବୁଦ୍ଧି ଭଗବତ୍ ତତ୍ତ୍ୱକୁ ସ୍ୱୀକାର କରିନିଏ, ତଥାପି ଅଧ୍ୟାତ୍ମସତ୍ୟକୁ ଗ୍ରହଣ କରେ ନାହିଁ ବା ଗ୍ରହଣ କରିବାକୁ ପ୍ରୟାସ କରେ ନାହିଁ। କଦାଚିତ୍ ପାରିପାର୍ଶ୍ୱିକ ବାତାବରଣ ଓ ସାଙ୍ଗସାଥୀଙ୍କ ଚାପରେ ଯଦି ବ୍ୟକ୍ତି ଅଧ୍ୟାତ୍ମମାର୍ଗରେ ପ୍ରବେଶ କରେ ତେବେ

କିଛି ଦିନ ପରେ ତାକୁ ଫେରିଆସିବାକୁ ପଡ଼େ। ଯଦି ବୁଦ୍ଧିରେ ବିବେକ ଉତ୍ପନ୍ନ ହୋଇଥାଏ ସେ ବିରୋଧୀଶକ୍ତିଙ୍କ ପ୍ରେରଣାରେ ଅଧ୍ୟାତ୍ମ ମାର୍ଗ, ଅଧ୍ୟାତ୍ମ ମାର୍ଗର ସାଙ୍ଗସାଥୀଙ୍କ ସମ୍ପର୍କ ତ୍ୟାଗ ନକରେ ତେବେ ତା'ର ଅନ୍ତରାତ୍ମା ଜାଗ୍ରତ ହୁଏ ତଥା ସେ ନିଷ୍ଠାର ସହିତ ଅଗ୍ରସର ହୋଇ ଲକ୍ଷ୍ୟସିଦ୍ଧି କରିପାରେ। ଯେଉଁମାନଙ୍କର ଅହଂ, ସ୍ୱାର୍ଥ, ନାମଯଶର ଦୃଢ଼ପାଶରେ ମନ-ବୁଦ୍ଧି ଆବଦ୍ଧ ଥା'ନ୍ତି ସେମାନଙ୍କ ସକାଶେ ଏହା ସମ୍ଭବ ହୁଏ ନାହିଁ।

ମନ-ବୁଦ୍ଧି ସୀମିତ। ସେ କେବଳ ସାଂସାରିକ ସ୍ଥୂଳ ଦୃଶ୍ୟମାନ ବସ୍ତୁକୁହିଁ ବିଶ୍ୱାସ କରେ। ସୂକ୍ଷ୍ମ ବା ମନର ଊର୍ଦ୍ଧ୍ୱ ଚେତନା କିମ୍ବା ଅଧ୍ୟାତ୍ମସତ୍ୟ ତା' ପକ୍ଷେ ଦୁରୂହ ପ୍ରତୀତ ହୁଏ। ତା'ର ଅର୍ଦ୍ଧଜ୍ଞାନ ଅଭ୍ରାନ୍ତ ନଥାଏ। ତା'ର ବିବେକର ଅଭାବ ଯୋଗୁଁ ଯଥାର୍ଥ-ଅଯଥାର୍ଥ ବୁଝିପାରେ ନାହିଁ। ଏହି କାରଣରୁ ମନ-ପ୍ରାଣର ବିଶ୍ୱାସ ବହୁତ ସମୟରେ ବିଫଳ ହୁଏ। ବୁଦ୍ଧିର ଯୁକ୍ତିରେ ସେ ଯେଉଁ ବସ୍ତୁକୁ ବିଶ୍ୱାସ କରିଥାଏ, ତା'ଠାରୁ ପ୍ରବଳ ଯୁକ୍ତି ହେଲେ ସେ ତା'କୁ ଅବିଶ୍ୱାସ କରିପାରେ। ଆଜି ଯେଉଁ ବସ୍ତୁକୁ ସତ୍ୟ ବୋଲି ଘୋଷଣା କରିଥାଏ, କିଛି ଦିନ ପରେ ତା'କୁ ଅସତ୍ୟ ବୋଲି ପ୍ରମାଣିତ କରେ। ମନ-ପ୍ରାଣର ବିଶ୍ୱାସ ପଶ୍ଚାତ୍‌ରେ ସ୍ୱାର୍ଥ ଏବଂ ଅହଂ ଥାଏ। ସାଧାରଣତଃ ସେସବୁ ସାଂସାରିକ ବସ୍ତୁ ଚାହାନ୍ତି। ମନ-ପ୍ରାଣ କେବେ ବି ଅଧ୍ୟାତ୍ମ ସତ୍ୟ ବା ଭଗବାନଙ୍କୁ ଚାହାନ୍ତି ନାହିଁ। ଯଦି କଦାଚିତ୍ ଚାହାନ୍ତି ତେବେ ସେଥିରେ ସେସବୁର ସ୍ୱାର୍ଥ, ନାମଯଶ, ସାଂସାରିକ ବସ୍ତୁ ସିଦ୍ଧ କରିବା ଚାହାନ୍ତି। କିଛି ଦିନ ପରେ ଅଧ୍ୟାତ୍ମ ମାର୍ଗରୁ ଫେରିଯା'ନ୍ତି। ଆତ୍ମବିଶ୍ୱାସରେ ବ୍ୟକ୍ତି ଅଧ୍ୟାତ୍ମ ମାର୍ଗରୁ ଫେରିଯିବା ପ୍ରଶ୍ନ ନଥାଏ। ତା'ର ଲକ୍ଷ୍ୟପ୍ରାପ୍ତିରେ ଯେତେ ବିଳମ୍ବ ହେଉ, ଯେତେ ବାଧାବିପତ୍ତି ଆସୁ, ବାରମ୍ବାର ବିଫଳତା ସହିତ ସଂଘର୍ଷ କରିବାକୁ ହେଉ, କିନ୍ତୁ ସେ ପଶ୍ଚାଦ୍‌ପଦ ହୁଏ ନାହିଁ। ତା'ର ସେହି ବାଧାବିପତ୍ତି, ପ୍ରତିକୂଳ ଘଟଣାଦ୍ୱାରା ବିକାଶ ଅଧିକରୁ ଅଧିକ ବଳବତୀ ହେଉଥାଏ। ଶେଷରେ ବିଶ୍ୱାସ ଏବଂ ଲକ୍ଷ୍ୟ ଏକ ହୋଇ ଉପଲବ୍ଧ ହୁଏ।

ବ୍ୟକ୍ତି ଆନ୍ତରିକ ଆତ୍ମବିଶ୍ୱାସ ତଥା ମନ-ପ୍ରାଣର ବିଶ୍ୱାସରେ ପ୍ରଭେଦ ବୁଝେ ନାହିଁ; ବହୁ ସମୟରେ ମନ-ପ୍ରାଣର ବିଶ୍ୱାସରେ ତ୍ରୁଟି ଦେଖି ଆତ୍ମବିଶ୍ୱାସକୁହିଁ ଅନ୍ଧବିଶ୍ୱାସର ସଂଜ୍ଞା ଦେଇଥାଏ। ଯଥାର୍ଥରେ ଆତ୍ମବିଶ୍ୱାସ କେବେ ବି ଅନ୍ଧ ନୁହେଁ। ତାହା ସ୍ୱୟଂପ୍ରକାଶ। ସୂର୍ଯ୍ୟ ପାଖକୁ ଅନ୍ଧକାର ଆସି ନଷ୍ଟ ହୋଇଯିବା ସଦୃଶ ତା' ପାଖରେ ଭ୍ରମ ନଷ୍ଟ ହୋଇଯାଏ। ଅତୀତରେ ବିଶ୍ୱାସ ଦ୍ୱାରା ଅଧ୍ୟାତ୍ମସତ୍ୟ ଉପଲବ୍ଧି କରିଥିବା ଘଟଣା ଆମ୍ଭେମାନେ ପ୍ରତ୍ୟକ୍ଷରୂପେ ଦେଖିବାକୁ ପାଉ। ସୃଷ୍ଟି ଆରମ୍ଭରୁ ଆଜି ପର୍ଯ୍ୟନ୍ତ ଯେତେ ଅଧ୍ୟାତ୍ମସତ୍ୟର ଉପଲବ୍ଧି, ଯେତେ ମହାପୁରୁଷ ଏବଂ ଋଷିମୁନିଙ୍କ ସତ୍ୟମାର୍ଗ ପ୍ରଦର୍ଶନ, ସେସବୁ କେବଳ ବିଶ୍ୱାସ ଦ୍ୱାରା ଗ୍ରହଣ କରାହୋଇ ଆସୁଛି। ପରେ ତାହାର ସତ୍ୟ ଉପଲବ୍ଧ ହୋଇଛି।

ଅଧ୍ୟାତ୍ମ ସତ୍ୟର ଉପଲବ୍ଧି କରିବାରେ ବିଶ୍ୱାସ କରିବା ଛଡ଼ା ଅନ୍ୟପନ୍ଥା ନାହିଁ। ଭୌତିକ ବସ୍ତୁର ପ୍ରାପ୍ତିହିଁ ଅଧିକ ପରିମାଣରେ ବିଶ୍ୱାସ ଉପରେ ନିର୍ଭର କରେ। ଏପରିକି ଜଡ଼ବିଜ୍ଞାନ ନୂତନ ବସ୍ତୁର ଆବିଷ୍କାର କରିବା ପୂର୍ବରୁ ନାନା ପ୍ରଣାଳୀର ପରୀକ୍ଷା କରିବାରେ ପ୍ରଥମରେ ଥାଏ ବୁଦ୍ଧିର ବିଶ୍ୱାସ। ପ୍ରଥମରେ ବ୍ୟକ୍ତି ବିଶ୍ୱାସ କରେ, ତେବେ କାର୍ଯ୍ୟରେ ପ୍ରବେଶ କରେ ଏବଂ ପରୀକ୍ଷା କରେ। ବିଶ୍ୱାସ ତା'ର ମୂଳ ସ୍ୱରୂପରେ ଶୁଦ୍ଧ ଏବଂ ଆତ୍ମାର ଗୁଣଧର୍ମ। ଅନ୍ୟାନ୍ୟ ବସ୍ତୁ ଯଥା: ଶୁଦ୍ଧ ପ୍ରେମ, ଶୁଦ୍ଧ ବ୍ୟକ୍ତିତ୍ୱ ଇତ୍ୟାଦି ଯେପରି ମନ-ପ୍ରାଣର ସଂସ୍ପର୍ଶରେ ବିକୃତ ହୋଇଛନ୍ତି ସେହିପରି ଆତ୍ମାର ବିଶ୍ୱାସ ମୂଳସ୍ୱରୂପରେ କେବେ ବି ଭ୍ରମ ନଥାଏ, ଭ୍ରମ ଉତ୍ପନ୍ନ ହୁଏ ମନ-ପ୍ରାଣ ଦ୍ୱାରା ବ୍ୟବହୃତ ହେଲେ। ଅତଏବ ଆତ୍ମବିଶ୍ୱାସରେ ଅଧ୍ୟାତ୍ମସତ୍ୟ କିମ୍ବା ଭଗବତ୍ ଉପଲବ୍ଧି କରିବାରେ କେବେ ବି ଭ୍ରମ ଆସିପାରେ ନାହିଁ। ଯେଉଁମାନେ ସତ୍ୟ ଚାହାନ୍ତି, ଯେଉଁମାନଙ୍କର ଲକ୍ଷ୍ୟ ମନ-ପ୍ରାଣ-ଶରୀରରେ ଭଗବତ୍ ଉପଲବ୍ଧି, ସେହିମାନେ ମା'ଙ୍କୁ ଜାଣିବା ସକାଶେ ଶ୍ରୀଅରବିନ୍ଦଙ୍କ ବାକ୍ୟ ଓ ତାଙ୍କ ଲେଖାରେ ବିଶ୍ୱାସ କରିବେ ଏବଂ ସତ୍ୟର ଉପଲବ୍ଧି ମଧ୍ୟ କରିବେ। ଯେଉଁମାନେ ଆନ୍ତର ବିଶ୍ୱାସ ଛଡ଼ା ଅନ୍ୟ ଉପାୟରେ ବିଶ୍ୱାସ କରିବାକୁ ଚାହିଁବେ ସେମାନଙ୍କୁ ବିଶ୍ୱାସ କରିଥିବା ବ୍ୟକ୍ତିଙ୍କ ଉପଲବ୍ଧି ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ।

... ଶ୍ରୀମା ତାଙ୍କର ଅବତାର ନେବାର କାର୍ଯ୍ୟ ପୂରା କରିଛନ୍ତି। ଶ୍ରୀଅରବିନ୍ଦ ୧୯୫୦ ମସିହାରେ ଯେଉଁ ଅତିମାନସ ଚେତନାକୁ ଉତ୍ତାରି ଆଣିଥିଲେ ସେହି ଅତିମାନସ ଚେତନାକୁ ଶ୍ରୀମା ୧୯୫୬ ମସିହା ଫେବୃୟାରୀ ୨୯ ତାରିଖରେ ପୃଥିବୀ ଚେତନାରେ ପ୍ରତିଷ୍ଠିତ କରିଛନ୍ତି। ସେହି ଅତିମାନସ ଶକ୍ତିଦ୍ୱାରା ଶ୍ରୀମା ମନ-ପ୍ରାଣ-ଶରୀର-ଚେତନା ତଥା ବହୁ ଅଂଶରେ ଶରୀରର କୋଷାଣୁକୁ ବି ରୂପାନ୍ତରିତ କରିଛନ୍ତି। ଶ୍ରୀଅରବିନ୍ଦଙ୍କ ଭାଷା ଅନୁସାରେ ମନ-ପ୍ରାଣ-ଶରୀର ଚେତନାର ରୂପାନ୍ତରହିଁ ହେଲା ପ୍ରଥମ ଓ ପ୍ରାରମ୍ଭିକ ରୂପାନ୍ତର। ସେହି ରୂପାନ୍ତର ପୃଥିବୀ-ଚେତନାରେ ପ୍ରତିଷ୍ଠିତ ହୋଇଛି। ଶ୍ରୀଅରବିନ୍ଦଙ୍କ କହିବା ଅନୁସାରେ ଯେଉଁ କାର୍ଯ୍ୟ କରିବା ସକାଶେ ମା' ଆସିଥିଲେ ସେ କାର୍ଯ୍ୟ ସେ ସମାପ୍ତ କରିଛନ୍ତି। ଏତଦ୍‌ବ୍ୟତୀତ ଅଧିକ କାର୍ଯ୍ୟ ବି କରିଛନ୍ତି- ବହୁ ପରିମାଣରେ ଶରୀରର କୋଷାଣୁର ରୂପାନ୍ତର।

... ଶ୍ରୀଅରବିନ୍ଦଙ୍କ ବାକ୍ୟ ଅନୁସାରେ ଶ୍ରୀମା ଯେଉଁ କାର୍ଯ୍ୟ କରିବାକୁ ଆସିଥିଲେ ତାହା ସେ ଶେଷ କରି ତା'ଠାରୁ ଅଧିକ ଶରୀରର ପୂର୍ଣ୍ଣ ରୂପାନ୍ତର କରିବାକୁ ଚାହିଁଥିଲେ ଏବଂ କେତେକ ଅଂଶରେ କରିଥିଲେ ମଧ୍ୟ। ତାଙ୍କର ଲେଖା "ସାଧନା ପଥର ଟିପ୍ପଣୀ" ("Notes on the Way")ରେ ସେ ଶରୀରର କୋଷଗୁଡ଼ିକର ରୂପାନ୍ତର ବିଷୟ ଉଲ୍ଲେଖ କରିଛନ୍ତି। କିନ୍ତୁ ଏହି ଶରୀର ପୂର୍ଣ୍ଣରୂପେ ରୂପାନ୍ତରିତ ହେବା ସମ୍ଭବ ନଥିଲା। ତା'ଛଡ଼ା ମନୁଷ୍ୟ ମା'ଙ୍କ ରୂପାନ୍ତର କାର୍ଯ୍ୟରେ ଆବଶ୍ୟକ ଅନୁସାରେ ସହଯୋଗ ବି କରିପାରିଲା ନାହିଁ; ଏହା ମଧ୍ୟ ମନୁଷ୍ୟର ଶକ୍ତିର ବାହାରେ ଥିଲା।

ଶ୍ରୀମା ଯେଉଁ କାର୍ଯ୍ୟ ସକାଶେ ଅବତାର ନେଇଥିଲେ ସେ ତାଙ୍କ କାର୍ଯ୍ୟ ବାକି ରଖିଯାଇନାହାନ୍ତି। ବରଂ ଶରୀର-ରୂପାନ୍ତର ତାଙ୍କର ଯେଉଁ ଅଧିକ କାର୍ଯ୍ୟ ଥିଲା ସେଥିରେ ବି ସେ ବହୁତ ଅଗ୍ରସର ହୋଇଛନ୍ତି। ବାକି ରୂପାନ୍ତର ଅତିମାନସ ଶକ୍ତିଦ୍ୱାରା ହେବ।

❖ ❖ ❖

# ଆତ୍ମମାନଙ୍କର ଦୃଷ୍ଟି ଓ ବିଚାର

**ଶ୍ରୀ ପ୍ରପତ୍ତି**

ବର୍ତ୍ତମାନ ପରି ଏକ ଘୋର ସନ୍ଧିକ୍ଷଣରେ ଆତ୍ମମାନଙ୍କର ଦୃଷ୍ଟି ଓ ବିଚାର କ'ଣ ହେବା ଉଚିତ ? ନାନା ଦିଗରୁ ସଙ୍କଟ ଉପସ୍ଥିତ ହୋଇଛି, ସବୁ ଦିଗରୁ ବିଶୃଙ୍ଖଳା ଓ ଅବ୍ୟବସ୍ଥା ଉପସ୍ଥିତ ହୋଇଛି । ଯେଉଁ ରାସ୍ତାରେ ଗଲେ ବି ସମ୍ମୁଖରେ ଅତଳ ଜଳଧି । ଭୟରେ ଗୋଟିଏ ରାସ୍ତା ଛାଡ଼ି ଅନ୍ୟ ରାସ୍ତା ଧରିଲେ ବି ସମ୍ମୁଖରେ ସେହି ସମୁଦ୍ର । ତାକୁ ପାର ହେବା କିପରି ? ବୁଡିଯିବାର ଖୁବ୍ ସମ୍ଭାବନା । ବୋଧହୁଏ ଆଉ ବାଟ ମିଳିବ ନାହିଁ, ବୋଧହୁଏ ରାସ୍ତା ନାହିଁ । ଏ ସମୁଦ୍ରକୁ କ'ଣ ପାରିହେବାକୁ ଆମର ବଳ ଅଛି ? ଆମ୍ଭେମାନେ ବିଷାଦଗ୍ରସ୍ତ, ଭୟଗ୍ରସ୍ତ, ତ୍ରସ୍ତ, ବ୍ୟସ୍ତ ଓ ବ୍ୟଥିତ । କେଉଁଆଡ଼େ ଆଗେଇବା, କିଏ ବା ରକ୍ଷା କରିବ ? ଚତୁର୍ଦ୍ଦିଗରୁ ଏପରି ଗୋଟାଏ କରୁଣ ଓ ଦୁଃଖର ସ୍ୱର ଉଠୁଛି । ଜୀବନଯାପନ ଯେପରି ଅସହ୍ୟ ଓ ଅସମ୍ଭବ ।

ଏପରି ସ୍ଥଳେ ଆତ୍ମମାନଙ୍କର ଦୃଷ୍ଟି କ'ଣ ହେବ, କେଉଁ ବିଚାରକୁ ଆମ୍ଭେମାନେ ଠିକ୍ ବୋଲି ଜାଣିବୁ ? ଏକଥା ବି ସତ୍ୟ ଯେ ମନର ଯେତେ ବିଚାର, ତର୍କ, ଯୁକ୍ତି, ବୁଦ୍ଧି ସବୁ ଯେପରି ଅଚଳ, ବ୍ୟାହତ, ନିରର୍ଥକ ଓ ନିଷ୍ଫଳ । ବୁଦ୍ଧି-ଆଶ୍ରିତ ଯେତେ ଗଣନା, ଯେତେ ସାଧନା, ସବୁ ଯେପରି ନିଷ୍କ୍ରିୟ ବା ଅକାମୀ ହୋଇଯାଇଛି । ମନଜାତ ସକଳ ଚିନ୍ତା କ୍ଷଣିକ ଆଲୋକ ପରି କୁଆଡ଼େ ଉଭେଇ ଯାଉଛି, ଜୀବନ ବା କର୍ମକୁ ତାହା ନିୟନ୍ତ୍ରିତ ବା ପ୍ରଭାବିତ କରିପାରୁ ନାହିଁ । ଆଉ ମନର ନୀତିବାଦ ଓ ନୈତିକତା– ତା'ର ମଧ୍ୟ ଅବସାନ ଘଟିଛି । ନୈତିକତା ଯେ ସବୁ ଦେଶରେ ଅକାମୀ ମୁଦ୍ରା, ଏଥିରେ କୌଣସି ସନ୍ଦେହ ନାହିଁ । ଏପରି ଏକ ସମୟରେ ପୁରୁଣା ଓ ତଥାକଥିତ ନୂତନ ମଧ୍ୟରେ ଗୋଟାଏ ବିରାଟ ପାର୍ଥକ୍ୟ ଦେଖାଦେଇଛି । ନୂତନ ବୋଲି ଯାହା ଧରିବାକୁ ବସିଛୁ, ତାହା ଆପାତତଃ ପୁରୁଣାର ଏକ ସଂସ୍କରଣ । ଯଥାର୍ଥ ନୂତନ ବସ୍ତୁର ଅନୁସନ୍ଧାନ ଏକ କଠୋର ସାଧନା, କିନ୍ତୁ ଏହି ଦିଗରେହିଁ ମନୁଷ୍ୟର ପିପାସା ବା ଅଭୀପ୍ସା ରହିଛି ।

ଏହି ଦୁଃସମୟକୁ ଆମ୍ଭେମାନେ ଗୀତାର ଭାଷାରେ "ଗ୍ଲାନି"ର ସମୟ ବୋଲି କହୁ । ଧର୍ମଚେତନାରେ ସଙ୍କଟ, ନୀତିର ଅଧଃପତନ, ବିଷାଦ ଓ ବିବାଦର କାଳ । ଏହି ସମୟରେ ଅର୍ଜୁନଙ୍କର ସମସ୍ତ ବିଚାର, ବୁଦ୍ଧି, ଶିକ୍ଷା, ଦୀକ୍ଷା ଓ ଦୃଷ୍ଟି ଘୋର ସଙ୍କଟରେ ଉପସ୍ଥିତ ହେଲା । ତା'ର ପରବର୍ତ୍ତୀ ଘଟଣା ସୁସ୍ପଷ୍ଟ । ଅର୍ଜୁନ ଯାହା ଭାବୁଥିଲେ ବା ଯେପରି ବିଷାଦଗ୍ରସ୍ତ ଓ ବ୍ୟଥିତ ହୋଇପଡ଼ିଥିଲେ ତାହା ଠିକ୍ ନଥିଲା । ପରମ କରୁଣାମୟ ଜଗଦୀଶ୍ୱର ସ୍ୱୀୟ ଦିବ୍ୟ ବିଧାନ ଓ ଦିବ୍ୟ ସାମର୍ଥ୍ୟ ଦ୍ୱାରା ପୁନର୍ବାର ନୂତନ ସୃଷ୍ଟିର ସମ୍ଭାବନାକୁ କାର୍ଯ୍ୟକାରୀ କରାଇଲେ । ନୂତନ ସୃଷ୍ଟିର ବୀଜ ବପନ କରି ମାନବସମାଜକୁ ସମୂଳେ ଧ୍ୱଂସ ପଥରୁ ଉଦ୍ଧାର କଲେ । କିନ୍ତୁ ବହୁ ଧ୍ୱଂସ ଓ ନଷ୍ଟ, ଭ୍ରଷ୍ଟ, ବିବାଦ ଓ ଆକୁଳତା ମଧ୍ୟରେ ଏହି କାର୍ଯ୍ୟ ସାଧିତ ହେଲା । ସେଥିପାଇଁ ଏହା ଯେ ଏକ ବ୍ୟାପକ ଓ ସାର୍ବଜନୀନ ବିଲୟର ସମୟ – period of universal decomposition – ଏଥିରେ ସନ୍ଦେହ ନାହିଁ । ଆମ୍ଭେମାନେ ଯଦି ସକଳ ଦୁଃଖ, ଅବସାଦ ଓ ଗ୍ଲାନିର ମଧ୍ୟରେ ଭଗବତ୍ ଶରଣ ନେଇପାରୁ ତେବେ ଏହି ଅବସ୍ଥାରୁ ଉଦ୍ଧାର ପାଇବୁ ।

ଶ୍ରୀଅରବିନ୍ଦ ଏଥିନିମିତ୍ତ ସାଧନା କରିଯାଇଛନ୍ତି । ତାଙ୍କ ତପସ୍ୟା ଫଳରେ ମାନବଜାତି ମଧ୍ୟରେ ତଥା ସମଗ୍ର ବିଶ୍ୱରେ ଯେଉଁ ନୂତନ ଅତିମାନସ ସତ୍ୟ, ଆଲୋକ ଓ ଶକ୍ତି ଅବତରଣ କରିଛି, ତାହାହିଁ ବର୍ତ୍ତମାନ ସମସ୍ୟାର ସମାଧାନ କରିବ । ଏହି ଅତିମାନସ ସତ୍ୟକୁ ଜୀବନ ଓ କର୍ମରେ ଗ୍ରହଣ କରିବା ଏବଂ ତତ୍ ପ୍ରତି ସଚ୍ଚୋଟଭାବେ ନିଜକୁ ଖୋଲିଧରିବାହିଁ ଅତ୍ୟନ୍ତ ଆବଶ୍ୟକ । ଗୋଟାଏ ଆଧାତ୍ମିକ ରୂପାନ୍ତର ଫଳରେ ବର୍ତ୍ତମାନର ବ୍ୟସ୍ତତା ଓ ଅଶାନ୍ତିର ଅବସାନ ଘଟିବ । ଏହି କାର୍ଯ୍ୟ ଖୁବ୍ କଠିନ ହେଲେ ମଧ୍ୟ ଏହାହିଁ ଏକମାତ୍ର ସମାଧାନର ଦିଗ ।

❖ ❖ ❖

# ଗ୍ରହଣଶୀଳତାର ବ୍ୟାପକ ପ୍ରସାରରେ ନେତୃତ୍ୱ

**ବିଶ୍ୱମ୍ଭର ସାମନ୍ତ**

ପୃଥିବୀପୃଷ୍ଠରେ ଅତିମାନସ ଚେତନାର ଅବତରଣ ପରେ ଆମ ତରଫରୁ ପ୍ରଥମ ଓ ପ୍ରଧାନ ବରଂ ଏକମାତ୍ର ଯେଉଁ କାମଟି କରିବା କଥା, ତା' ହେଉଛି ସେହି ଚେତନା ପ୍ରତି ନିଜକୁ ଅଧିକରୁ ଅଧିକ ଗ୍ରହଣଶୀଳ କରାଇବା। ସେହି ଅତିମାନସ ଚେତନାହିଁ ତା'ର ଦିବ୍ୟ ସଙ୍କଳ୍ପରେ ପୃଥିବୀ ପାଇଁ ଓ ମାନବ-ଚେତନାର ବିକାଶ ପାଇଁ କେଉଁସବୁ ପଦକ୍ଷେପ ନେବା କଥା, ତାହା ସ୍ଥିର କରିସାରିଛି। ଚେତନାର ଯେକୌଣସି ସ୍ତରର ଯେକୌଣସି ଅଭିବ୍ୟକ୍ତି ପାଇଁ ଉପଯୁକ୍ତ ମାଧ୍ୟମ ଆବଶ୍ୟକ ଏବଂ ସେହି ଚେତନା ପ୍ରତି ସର୍ବତୋଭାବେ ଗ୍ରହଣଶୀଳ ହେବାହିଁ ତା'ର ଅଭିବ୍ୟକ୍ତିର ଯନ୍ତ୍ର ବା ମାଧ୍ୟମ ହେବାର ଏକମାତ୍ର ବାଟ। କିନ୍ତୁ ସମସ୍ତେ ଯେ ଆରମ୍ଭରୁ ଅର୍ଜୁନଙ୍କ ପରି ଉପଯୁକ୍ତ ଓ ଯୋଗ୍ୟ ମାଧ୍ୟମ ହୋଇଉଠିବେ ତାହା ସମ୍ଭବ ନୁହେଁ, ଏପରିକି ଅର୍ଜୁନଙ୍କୁ ମଧ୍ୟ ଏସମ୍ପର୍କରେ ଶ୍ରୀକୃଷ୍ଣଙ୍କୁ ଅନେକ କଥା ବୁଝାଇବାକୁ ପଡ଼ିଥିଲା। ଆଉ ମଧ୍ୟ ବିବର୍ତ୍ତନରେ ଅତିମାନସ ସତ୍ୟର ଅଭିବ୍ୟକ୍ତିରେ ମାଧ୍ୟମ ଓ ଯନ୍ତ୍ର ହେବା ଜଣେ- ଅଧେ ଉନ୍ନତ ଓ ସମର୍ଥ ଲୋକଙ୍କ କାମ ନୁହେଁ। ସମଗ୍ର ମାନବସମାଜର ଏକ ବ୍ୟାପକ ଅଂଶ ଏଥିପ୍ରତି ଗ୍ରହଣଶୀଳ ନ ହେଲେ ଏହା ବିବର୍ତ୍ତନ ଭିତରେ ନିଜକୁ ପ୍ରତିଷ୍ଠିତ କରିପାରିବ ନାହିଁ। ମା' ମଧ୍ୟ ଥରେ କହିଥିଲେ ଯେ ଅଳ୍ପସଂଖ୍ୟକ କେତେକ ସାଧକ ବା ଏପରିକି ଏକ ବା ଏକାଧିକ ଗୋଷ୍ଠୀର ଲୋକମାନେ ଏଥିପ୍ରତି ଗ୍ରହଣଶୀଳ ହେବା ଯଥେଷ୍ଟ ନୁହେଁ। ବହୁ ବିପୁଳ ଓ ବ୍ୟାପକ ସଂଖ୍ୟାର ଲୋକମାନଙ୍କୁ ଏଥିପ୍ରତି ଗ୍ରହଣଶୀଳ କରାଇବାକୁ ପଡ଼ିବ। ସ୍ୱୟଂ ଅତିମାନସ ଚେତନାରେ ମଧ୍ୟ ବ୍ୟାପକ ସଂଖ୍ୟାର ଲୋକମାନଙ୍କ ଭିତରେ ଗ୍ରହଣଶୀଳତା ସୃଷ୍ଟି କରାଇବାର ଶକ୍ତି ଓ ପ୍ରବେଗ ରହିଛି। କିନ୍ତୁ ସେହି ଶକ୍ତି ଓ ପ୍ରବେଗକୁ କାର୍ଯ୍ୟକାରୀ କରାଇବା ଦିଗରେ ମଧ୍ୟ ଯନ୍ତ୍ର ଓ ମାଧ୍ୟମମାନେ ଆଗେଇ ଆସିବା ବାଞ୍ଛନୀୟ ।

ଆମର ମନେହୁଏ ବାବାଜି ମହାରାଜ ଗ୍ରହଣଶୀଳତା ସୃଷ୍ଟିର ଏହି ବିଷୟଟିକୁ ଯଥାର୍ଥ ଭାବରେ ବୁଝିଥିଲେ ଓ ତାହାକୁ ବାସ୍ତବଭାବରେ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ଆନ୍ତରିକତା ଓ ଉତ୍ସାହ ସହ ଲାଗି ପଡ଼ିଥିଲେ। ଏହି ବିଷୟରେ ତାଙ୍କର ଆନ୍ତରିକତା ଏପରି ଦୃଢ଼ ଥିଲା ଯେ ଏହା ବିରୋଧରେ କୌଣସି ଯୁକ୍ତିକୁ ଖଣ୍ଡନ କରିବା ପାଇଁ ତାଙ୍କର ଉତ୍ସାହରେ କୌଣସି ଇତସ୍ତତଃ ଭାବ ନ ଥିଲା। ମୋର ମନେ ଅଛି ଥରେ ଓଡ଼ିଶାରେ ପାଠଚକ୍ର, ସମାଧି ମନ୍ଦିର, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସ୍ଥାପନ ଆଦି କାମ ସମ୍ପର୍କରେ ଆମେ ତାଙ୍କୁ କହିଥିଲୁ, ଏହି କାମଗୁଡ଼ିକର ପ୍ରସାର ଭବିଷ୍ୟତରେ ଏକ ଧର୍ମର ରୂପ ନେବାର ବିପଦ ନାହିଁ ତ ! ମୁଁ ତାଙ୍କ ଆଗରେ ଶ୍ରୀଅରବିନ୍ଦଙ୍କ ଏକ ଉଦ୍ଧୃତି ପଢ଼ି ଶୁଣାଇଲି, ଯେଉଁଥିରେ ଶ୍ରୀଅରବିନ୍ଦ କହିଥିଲେ ଯେ ହଜାର ହଜାର ଲୋକ ଆସି ତାଙ୍କ ପୂର୍ଣ୍ଣଯୋଗରେ ବିଭ୍ରାଟ ଘଟାଇବା ସେ ଚାହାନ୍ତି ନାହିଁ। ବାବାଜି ମହାରାଜ କୌଣସି ଇତସ୍ତତଃ ଭାବ ନ ରଖି ତତ୍‌କ୍ଷଣାତ୍ କହିଥିଲେ ଶ୍ରୀଅରବିନ୍ଦ ଏହା ଲେଖିଥିଲେ ଅତିମାନସ ଚେତନା ଅବତରଣ କରିବାର ବହୁ ପୂର୍ବରୁ। ପୃଥିବୀପୃଷ୍ଠରେ ଅତିମାନସର ଅବତରଣ ପରେ ସମଗ୍ର ଅବସ୍ଥାଟି ବଦଳି ଯାଇଛି। କାରଣ ଅତିମାନସ ଚେତନା ଭିତରେହିଁ ସେହି ଶକ୍ତି ନିହିତ ରହିଛି ଯାହା ପ୍ରସାର କାର୍ଯ୍ୟରେ ଦେଖାଦେଉଥିବା ଭୁଲତ୍ରୁଟିଗୁଡ଼ିକୁ ସମୟକ୍ରମେ ପୂରା ସଂଶୋଧନ କରିଦେବ।

ଏହି ପ୍ରକାର ଦୃଢ଼ ଓ ଆନ୍ତରିକ ମନୋଭାବ ସହିତହିଁ ବାବାଜି ମହାରାଜ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଲକ୍ଷ୍ୟ ଓ ଆଦର୍ଶର ପ୍ରସାର କାମରେ ନିଜକୁ ପୂରା ଉତ୍ସର୍ଗ କରି ଦେଇଥିଲେ। ଓଡ଼ିଶାହିଁ ଥିଲା ତାଙ୍କର ପ୍ରଧାନ କର୍ମକ୍ଷେତ୍ର। ସେ ପ୍ରପତ୍ତିଙ୍କୁ ଓ ମାତୃଭବନ ପରି ଅନୁଷ୍ଠାନସବୁର କର୍ମୀମାନଙ୍କୁ ଏ ଦିଗରେ କାମ କରିବା ପାଇଁ ଉତ୍ସାହ ଓ ଅନୁପ୍ରେରଣା ଦେଉଥିଲେ। ଏହା ନିଃସନ୍ଦେହ ଯେ ଓଡ଼ିଶାରେ ଆଜି ମା'ଙ୍କ କାମର ପ୍ରସାର ଯେଉଁ ବ୍ୟାପକ ରୂପ ନେଇଛି ତହିଁରେ ବାବାଜି ମହାରାଜଙ୍କ ଅଗ୍ରଣୀ ଭୂମିକା ଓ ନେତୃତ୍ୱ ଅନସ୍ୱୀକାର୍ଯ୍ୟ। ତାଙ୍କ ନେତୃତ୍ୱର ସବୁଠୁ ପ୍ରଶଂସନୀୟ ଦିଗଟି ହେଉଛି କୌଣସି କିଛି କର୍ମର ଦାୟିତ୍ୱ ସେ କାହା ଉପରେ ଲଦି ଦେଉ ନ ଥିଲେ। ନିଜ ଆନ୍ତରିକତାର ପ୍ରେରଣା ଯୋଗାଇ, ସେ ଅନ୍ୟମାନଙ୍କୁ ଉଦ୍‌ବୁଦ୍ଧ ଓ ଉତ୍ସାହିତ କରୁଥିଲେ ଯେପରି ସେମାନେ ସ୍ୱେଚ୍ଛାକୃତ ଭାବରେ ଏହି ପ୍ରସାର କାମରେ ଭାଗନେବା ପାଇଁ ଆଗେଇ ଆସନ୍ତି। କୌଣସି କାମ ପାଇଁ କାହାକୁ ତିରସ୍କୃତ କରିବା ବା ଦୋଷୀ ସାବ୍ୟସ୍ତ କରିବା ଥିଲା ତାଙ୍କ ସ୍ୱଭାବ ବିରୁଦ୍ଧ। ତାଙ୍କଠାରୁ କେହି କିଛି ପରାମର୍ଶ ଚାହିଁଲେ ସେ ତାହା ଦେଉଥିଲେ କିନ୍ତୁ କୌଣସି ଚାପ ପ୍ରୟୋଗ ନ କରି; ନିଜ ନିଜର କର୍ମକ୍ଷେତ୍ରରେ ସ୍ୱାଧୀନ ଭାବରେ କାମ କରିବା ପାଇଁ ସେ ସମସ୍ତଙ୍କୁ ଉତ୍ସାହିତ କରୁଥିଲେ। ସମସ୍ତେ ଅକୁଣ୍ଠିତ ଚିତ୍ତରେ ମାନି ନେଉଥିଲେ ତାଙ୍କର ନେତୃତ୍ୱ। କୌଣସି ଜଟିଳ ସାଧନ ପ୍ରକ୍ରିୟା ନୁହେଁ, ନାମଜପକୁହିଁ ସେ ପ୍ରଧାନ ଗୁରୁତ୍ୱ ଦେଉଥିଲେ। ଏହାହିଁ ବହୁ ବ୍ୟାପକ ସଂଖ୍ୟାର ଲୋକଙ୍କୁ ସାଧନାରେ ଆଗେଇ ନେଇପାରିବ ବୋଲି ସେ ବିଶ୍ୱାସ କରୁଥିଲେ। ମୋର ମନେଅଛି, ନାମଜପର ଗୁରୁତ୍ୱ ଉପରେ 'ଏଜେଣ୍ଡା' ପୁସ୍ତକରୁ ମା'ଙ୍କର ଏକ ଉଦ୍ଧୃତି ପଢ଼ି ଶୁଣାଇଥିଲି, ସେ ତହିଁରେ ଅତ୍ୟନ୍ତ ଆନନ୍ଦିତ ହୋଇ ମୋତେ ଅଜସ୍ର ଧନ୍ୟବାଦ ଦେଇଥିଲେ ଓ ପରେ ଅନେକବାର ତାହା କହୁଥିଲେ।

ତେଣୁ ଯେକୌଣସି ଭାବରେ ହେଉ ବି, ଶ୍ରୀଅରବିନ୍ଦ ଓ ମା'ଙ୍କ ପ୍ରତି, ଅତିମାନସ ଚେତନା ପ୍ରତି ଗ୍ରହଣଶୀଳତା ସୃଷ୍ଟି କରିବାହିଁ ପୂର୍ଣ୍ଣଯୋଗ-ସାଧନାର ପ୍ରଧାନ ଅବଲମ୍ବନ – ତାଙ୍କର ଏହି ଆନ୍ତରିକ ବିଶ୍ୱାସ ଓ କର୍ମୋତ୍ସାହହିଁ ଓଡ଼ିଶାରେ ଶ୍ରୀଅରବିନ୍ଦ ଓ ଶ୍ରୀମାଙ୍କ ଲକ୍ଷ୍ୟ ଓ ଆଦର୍ଶର ପ୍ରସାର କାମରେ ତାଙ୍କୁ ନେତୃତ୍ୱର ଆସନରେ ପ୍ରତିଷ୍ଠିତ କରିଛି।

❖ ❖ ❖

# Sri Ramakrishna Das

**Prof. Chhotenarayan Sharma**

Sri Ramakrishna Das, popularly known as Babaji or Babaji Maharaj was born in a rural part of Orissa in a village called Rairpur in the year 1908. It was almost a century ago and symptoms of the modern age, though begun, had not cast its influence on the simple atmosphere of the village life where the life of birds and beasts and men mingled with each other and was flowing in a single harmony. The villagers were simple and ignorant by modern standards but they had an abiding wisdom drawn from the rich store house of ancient India. The village had a temple (of Shiva) where the elderly, often followed by some children, went to worship. The presence of the Deity in the temple was like a guardian over the village atmosphere which saved them from harm and helped them against natural calamities as they believed about it.

As a child Babaji used to follow his guardian to the temple. He was very much attached to his mother. And it was through his parents that he was initiated into love for solitude and the sense of an invisible 'Presence' of which the temple meant a veritable enshrinement. Babaji was especially sensitive as a child, he was curious to know so many things, eager to experiment things himself and try them out in others. He once told me that he knew the Mantra that could cure snake bite cases. Cases came to him for treatment which it is not enjoined upon one to refuse. He renounced this practice when he felt spiritually inclined to take sadhana seriously.

In his childhood Ramakrishna was quick, agile and intelligent. He had sweet and loving ways and he was therefore loved and fondled by his neighbours also. In those days organized schooling with trained teachers could not be commonly provided in the village settings, thus the child Ramakrishna had the unalloyed but limited training which confined his interest to cultivate his own inner and outer life. As we have observed his family was not affluent and he wanted to augment his family's income, he sought for a job and got it in the land survey department as a munsarim. He was posted at Ranchi which then was a part of the province which combined both Bihar and Orissa.

Now as Ramakrishna was an earning member of his family and his elders had great hopes from him, they thought of his wedding for which he had shown his unwillingness and they found that the proper time was slipping out of their hand. Ramakrishna's unwillingness increased their suspicion and they started the effort with added vigour. The other reason was that he was now crossing the 20th year and it was considered too ripe an age for marriage. But Ramakrishna was seeking a door of escape. As he grew in years his restlessness increased on two counts. He was losing days when he could apply his best energy in the pursuit of the most consuming ideal of his life. Also his family obligation was tightening its grip on him. He thought of the escape by vanishing, leaving no trace of his whereabouts.

ଏହି ଗୋଷ୍ଠୀ ସାଧାରଣ ମାନସିକ ସଙ୍ଗଠନ ନୁହେଁ, କୌଣସି ଧର୍ମ ସମ୍ପ୍ରଦାୟର ଗୋଷ୍ଠୀ ବନ୍ଧନ ନୁହେଁ। ଏହା ହୋଇଉଠିବ ଏକ ଦେବସଂଘ - ଶ୍ରୀଅରବିନ୍ଦ ଯାହାକୁ କହିଛନ୍ତି : a gnostic or supramental community (ବ୍ରହ୍ମ ସଙ୍ଘ ବା ଅତିମାନସ ସଙ୍ଘ)। ପୃଥିବୀ ପୃଷ୍ଠରେ ଅତିମାନବ ଜାତିର ସଙ୍ଘ। ଏହି ସଙ୍ଘ କେବଳ ସ୍ଥାପିତ ହୋଇପାରେ, ମା'ଙ୍କ କଥାରେ "ସଙ୍ଘସ୍ଥିତ ପ୍ରତ୍ୟେକ ବ୍ୟକ୍ତିର ଆତ୍ମିକ ଉପଲବ୍ଧି ଉପରେ, ଯେତେବେଳେ ପ୍ରତ୍ୟେକ ସଙ୍ଘର ଅନ୍ୟ ପ୍ରତିଟି ବ୍ୟକ୍ତି ସହିତ ଅନୁଭବ କରିବ ଜୀବନ୍ତ ବାସ୍ତବ ତାଦାତ୍ମ୍ୟ, ଅର୍ଥାତ୍ ପ୍ରତ୍ୟେକକୁ ଉପଲବ୍ଧି କରିବାକୁ ହେବ ଯେ ସେ ଅନ୍ୟ ସମସ୍ତଙ୍କ ସହିତ ଏକେବାରେ ନିଜ ଅନ୍ତରରେ ଯୁକ୍ତ। ପ୍ରତ୍ୟେକକୁ ହୃଦୟଙ୍ଗମ କରିବାକୁ ହେବ ଅନ୍ୟ ସମସ୍ତେ ତା'ର ଆତ୍ମସ୍ୱରୂପ, ନିଜ ଶରୀର ତୁଲ୍ୟ ନିଜର; ଏହି ଅନୁଭବ କେବଳ ମାନସିକ ବା କୃତ୍ରିମ ହେଲେ ଚଳିବ ନାହିଁ, ଏହା ହେବ ଚେତନାର ଉପଲବ୍ଧି, ଅନ୍ତରର ଉପଲବ୍ଧି।" ଧୀରେ ଧୀରେ ଏହି ପ୍ରକାର ଗୋଷ୍ଠୀ, ଏହି ପ୍ରକାର ଦେବସଙ୍ଘର ସୃଷ୍ଟି ହେବ।

ମା'ଙ୍କ କଥାରେ ପ୍ରତ୍ୟେକଙ୍କୁ ରୂପାନ୍ତରିତ ହେବାକୁ ହେବ, - ଅନ୍ତତଃ ରୂପାନ୍ତରିତ ହେବାକୁ ଆରମ୍ଭ କରିବାକୁ ହେବ, ଅତିମାନସ ସତ୍ତାରେ ପରିଣତ ହେବାକୁ ପ୍ରଚେଷ୍ଟା କରିବାକୁ ହେବ ଏବଂ ଏହା ଏକେବାରେ ସୁସ୍ପଷ୍ଟ ଯେ ବ୍ୟକ୍ତିଗତ ସାଧନା ଆଗେଇ ଆଗେଇ ଚାଲିବ ଏବଂ ସମଷ୍ଟିଗତ ସାଧନା ତାକୁ ଅନୁସରଣ କରିଚାଲିଥିବ; କିନ୍ତୁ ସଚରାଚର ଦେଖାଯାଏ ସମଷ୍ଟିର ଅବସ୍ଥା ଯେମିତି ବ୍ୟକ୍ତିର ପ୍ରଗତିକୁ ବ୍ୟାହତ କରୁଛି କିମ୍ବା ବନ୍ଦ କରିଦେଉଛି। କିନ୍ତୁ ବ୍ୟକ୍ତି ଓ ସମଷ୍ଟି ପରସ୍ପର ନିର୍ଭରଶୀଳ, ଶତ ଚେଷ୍ଟା କଲେ ମଧ୍ୟ ବ୍ୟକ୍ତି ସମଷ୍ଟିଠାରୁ ପୂରାପୂରି ନିଜକୁ ବିଚ୍ଛିନ୍ନ କରିପାରିବ ନାହିଁ। ଏମିତିକି ଯେଉଁମାନେ ଯୋଗ ପଥରେ ପାର୍ଥିବ ମାନବିକ ଚେତନାର ଅବସ୍ଥାହରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହେବାର ସାଧନା କରନ୍ତି, ସେମାନେ ବି ଅବଚେତନା ସ୍ତରରେ ସାଧାରଣ ଗୋଷ୍ଠୀଗତ ଅବସ୍ଥା ସହିତ ଜଡ଼ିତ ହୋଇଯାଇଥାନ୍ତି। ସେହି ଗୋଷ୍ଠୀଗତ ଅବସ୍ଥା ତା'ର ଅଗ୍ରଗତିରେ ବାଧା ସୃଷ୍ଟିକରେ, ତାକୁ ପଛକୁ ଟାଣି ଧରେ। ତୁମେ ଚେଷ୍ଟା କରି ପାର ଆହୁରି ଦ୍ରୁତଗତିରେ ଆଗେଇ ଯିବାକୁ, ଚେଷ୍ଟା କରିପାର ସାଂସାରିକ ବନ୍ଧନର ଭାର ଫୋପାଡ଼ି ଦେବାକୁ, ତା' ସତ୍ତ୍ୱେ ବିବର୍ତ୍ତନ ପଥରେ ଯେଉଁମାନେ ସମସ୍ତଙ୍କର ଅଗ୍ରଣୀ ହୋଇ ଚାଲିଛନ୍ତି, ଯେଉଁମାନେ ସର୍ବୋଚ୍ଚ ସ୍ତରରେ, ସେମାନଙ୍କର ସିଦ୍ଧି ମଧ୍ୟ ସାର୍ବଭୌମିକ ସିଦ୍ଧି ଉପରେ ନିର୍ଭର କରେ, ପାର୍ଥିବ ସମଷ୍ଟି-ଚେତନାର ସ୍ତର ଉପରେ ନିର୍ଭର କରେ। ଏହି ଅବସ୍ଥା ପଶ୍ଚାତରୁ ଟାଣି ଧରେ, ଏମିତି ଭାବରେ ଟାଣେ ଯେ କେବେ କେବେ ପୃଥିବୀର ପ୍ରସ୍ତୁତି ପାଇଁ ପ୍ରାପ୍ୟ ସିଦ୍ଧିକୁ ଲାଭ କରିବା ପାଇଁ ଯୁଗ ଯୁଗ ଧରି ଅପେକ୍ଷା କରିବାକୁ ହୁଏ।

"ସେଇଥିପାଇଁ ଶ୍ରୀଅରବିନ୍ଦ ଅନ୍ୟତ୍ର କହିଛନ୍ତି, a double movement is necessary (ଦୁଇଟି ବିପରୀତ ଗତିବିଧିର ପ୍ରୟୋଜନ) ଗୋଟିଏ ଦିଗରେ ରହିବ ବ୍ୟକ୍ତିର ପ୍ରଗତି ଓ ସିଦ୍ଧି ଏବଂ ଏହା ସହିତ ଯୋଗ କରିବାକୁ ହେବ ସମଗ୍ରକୁ, ଅର୍ଥାତ୍ ସମଷ୍ଟିକୁ ଊର୍ଦ୍ଧ୍ୱକୁ ଉଠାଇନେବାର ସାଧନା। ଦୃଷ୍ଟି ରଖିବାକୁ ହେବ ସମଷ୍ଟି ଯେମିତି ଅଗ୍ରଗତି କରିବାକୁ ସାଧନା କରେ, ତା'ହେଲେ ବ୍ୟକ୍ତିର ମହତ୍ତର ଅଗ୍ରଗତି ସମ୍ଭବ ହେବ- ଏମିତି କୁହାଯାଇଥାଏ ଯେ ଗୋଷ୍ଠୀର ଉନ୍ନୟନ ଫଳରେ ବ୍ୟକ୍ତି ପକ୍ଷରେ ସାମନାକୁ ଆଉ ଗୋଟିଏ ପାଦ ଆଗେଇଯିବାକୁ ସମ୍ଭବ ହୋଇଥାଏ।..." (ମାତୃରଚନା ବଳି, ୩ ଜୁଲାଇ ୧୯୫୭ ଦ୍ରଷ୍ଟବ୍ୟ)

ଏହାହିଁ ଥିଲା ବାବାଜିଙ୍କର 'ସମଷ୍ଟିଗତ ଉନ୍ନତି ବା ସାଧନା' କହିବାର ମୂଳ ତାତ୍ପର୍ଯ୍ୟ। ଓଡ଼ିଶାର ବେଶ୍ ସଂଖ୍ୟାରେ ବରେଣ୍ୟ ମାତୃପ୍ରେମୀ ଆଜି ଯଥାର୍ଥରେ ହୃଦୟଙ୍ଗମ କରିପାରିଛନ୍ତି 'ଅତିମାନସ ରୂପାନ୍ତର ଯୋଗ' କହିଲେ କ'ଣ ବୁଝାଏ ଏବଂ ସମଷ୍ଟିଗତ ଜୀବନରେ ମଧ୍ୟ ଏହାର ପ୍ରୟୋଗରେ ଓଡ଼ିଶା ଅଗ୍ରଣୀ। ଆଉ ଆଜିର ଓଡ଼ିଶା ଯେ ମାତୃଚେତନାରେ ପରିପ୍ଲାବିତ ହୋଇପାରିଛି, ଅବଗାହନ କରିପାରୁଛି- ଏଥିପାଇଁ ପ୍ରଧାନ ପୁରୋହିତ ବାବାଜିଙ୍କୁ ସଭକ୍ତି ପ୍ରଣାମ।

ଶେଷରେ ତାଙ୍କର କଥାରେ, "ଚାଲ, ଏବେ ଆମ୍ଭେମାନେ ମିଳିମିଶି ଅହଂ ସ୍ୱାର୍ଥକୁ ତ୍ୟାଗକରି ମା'ଙ୍କ କାର୍ଯ୍ୟକୁ ଅଗ୍ରସର କରାଇନେବା... ମା'ଙ୍କ କୃପା ପାଇବା... ଆମ୍ଭେମାନେ ଅଧିକରୁ ଅଧିକ ମାତୃଚେତନାରେ ଅଗ୍ରସର ହେବା।"

❖ ❖ ❖

# ଦେବପ୍ରତିମ

## ଅନାଦି ଚରଣ ସ୍ୱାଇଁ

ଆମ୍ଭେମାନେ ସମସ୍ତେ ସାଧାରଣ ମଣିଷ। ଆମ୍ଭମାନଙ୍କ ଭିତରେ ଅନେକ ଅସାଧାରଣ ଦେବପ୍ରତିମ ମଣିଷ ଅଛନ୍ତି। ଆମ୍ଭେମାନେ ସମସ୍ତେ ପ୍ରତିମା କହିଲେ ଜାଣିଛନ୍ତି। ପ୍ରତିମା ଗୋଟିଏ ଶିଳ୍ପୀ ହାତରେ ସ୍ୱତନ୍ତ୍ର କଳାକୃତୀ। ସେହିପରି ପରମଶିଳ୍ପୀ Supreme Architect ତାଙ୍କ ହାତରେ ସ୍ୱତନ୍ତ୍ର କଳାକୃତୀ ଦେବପ୍ରତିମାମାନଙ୍କୁ ତିଆରି କରିଥାନ୍ତି। ଦେବତାମାନେ ମୂଳସୃଷ୍ଟିର ଶକ୍ତି ଏବଂ ସେମାନଙ୍କ ସଂଖ୍ୟା ଅନେକ। ପ୍ରତ୍ୟେକ ଦେବତାଙ୍କୁ ପରମ ପ୍ରଣେତା Supreme Author ଗୋଟିଏ ସ୍ୱତନ୍ତ୍ର ଗୁଣ ଓ ପ୍ରତିଭା ଦେଇଥାନ୍ତି। ତାଙ୍କର ସେହିଗୁଣ ଓ ପ୍ରତିଭାକୁ ଅନ୍ୟକେହି ପାରନ୍ତି ନାହିଁ। ବାବାଜି ମହାରାଜ ସେହିପରି ଜଣେ ସ୍ୱତନ୍ତ୍ର ଗୁଣ ଓ ପ୍ରତିଭାଦୀପ୍ତ ପୁରୁଷ ଯାହାଙ୍କୁ ସେହି ପରମ ଶିଳ୍ପୀ ଓ ପରମ ପ୍ରଣେତା ଦେବପ୍ରତିମ ରୂପରେ ଗଢ଼ିଛନ୍ତି। ସେ ଏପରି ହସଖୁସୀର ଜଣେ ଦେବତା- ଆଉ ତାଙ୍କୁ କ'ଣ କୁହାଯାଇପାରିବ। ଫୁଲ ପାଖରେ ମଧୁଭଣ୍ଡାର ହେଲେ ଯେପରି ମାଛିମାନେ- ମହୁମାଛି ବୁଝିବାକୁ ହେବ; ପାଗଳ ପରି ଧାଇଁଯାଆନ୍ତି, ଠିକ୍ ସେହିପରି ଶ୍ରୀମାଶ୍ରୀଅରବିନ୍ଦ, ଅତିମାନସ ମହାଶକ୍ତି, ପରମେଶ୍ୱରଙ୍କ ମଧୁଭଣ୍ଡାର ଯେତେବେଳେ ବାବାଜି ମହାରାଜ ଧରିଲେ, ଆମ୍ଭେମାନେ ସମସ୍ତେ ତାଙ୍କ ପାଖକୁ ଧାଇଁଲେ। ମହାରାଜ ସମସ୍ତଙ୍କୁ କହିଲେ, "ଘରେ ଗାଁରେ ଶ୍ରୀଅରବିନ୍ଦ ପାଠଚକ୍ର କର, ମା ଏହିନାମ ନିରନ୍ତର ଜପକର," ଆମେ ସମସ୍ତେ କରୁଥିଲେ। ସେ ଚାଲିଗଲେ, ଆମେ ଅନେକ ଯେଉଁମାନେ ସେ କହୁଥିଲେ ବୋଲି କହୁଥିଲେ, ସେ କାମ ଛାଡ଼ିଦେଲେ, ମୁଁ କହୁନାହିଁ ଛାଡ଼ିଦେଲେ ବୋଲି, କଥାଟି ଏହିପରି କୁହାଯାଇଥାଏ। ସତରେ ସେ କେଉଁଆଡ଼େ ଚାଲିଗଲେ ? ଶ୍ରୀମା କହିଥିଲେ ନଳିନୀ ଦାଙ୍କୁ, "ଯଦି ମୁଁ ଶରୀର ତ୍ୟାଗ କରେ ମୋ ଚେତନା ତୁମ୍ଭମାନଙ୍କ ସହିତ ରହିବ।" ଶ୍ରୀଅରବିନ୍ଦ, ଶ୍ରୀମାଙ୍କୁ ପ୍ରତିଶୃତି ଦେଇଥିଲେ ଅତିମାନସ ଯୁଗ ପର୍ଯ୍ୟନ୍ତ ତାଙ୍କ ଉପସ୍ଥିତି ପାର୍ଥିବ ବାତାବରଣରେ ରହିବ। ଶ୍ରୀଅରବିନ୍ଦ ନିଜେ କହିଥିଲେ, "ଅତିମାନସ ଶରୀର ନେଇ ମୁଁ ପୁଣି ଆସିବି"। ପୂଜ୍ୟ ବାବାଜି ମହାରାଜ କୁଆଡ଼େ ଚାଲିଯିବେ ?

ବାବାଜି ମହାରାଜ କହୁଥିଲେ, "ପ୍ରପତ୍ତି ଓଡ଼ିଶାରେ ଜନ୍ମହେଲେଣି।" ଦ୍ୟୁମନ୍ ଭାଇ କହୁଥିଲେ, "ମୁଁ ସବୁଦିନେ ପୃଥିବୀରେ ଜନ୍ମହୋଇ ମା'ଙ୍କ କାର୍ଯ୍ୟ କରୁଥିବି"- ଉପରୋକ୍ତ ଉକ୍ତି ସବୁକୁ ନିରୀକ୍ଷଣ କଲେ ବାବାଜି ମହାରାଜ ଯେ ଆମ ଭିତରେ ଉପସ୍ଥିତ ରହି ଆମକୁ ଦେଖୁଛନ୍ତି ଓ ଉସାହିତ ମଧ୍ୟ କରୁଛନ୍ତି- ଏହି କଥା ପଦକ ନିଶ୍ଚୟ ବିଶ୍ୱାସ କରିବାକୁ ହେବ। ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କର୍ମଧାରାରେ କାର୍ଯ୍ୟ କରୁଥିଲା ବେଳେ ବହୁ ଭାଇଭଉଣୀମାନଙ୍କ ସହିତ ସମ୍ପର୍କ ସୃଷ୍ଟିହୁଏ। ଥରେ କେନ୍ଦୁଝର ମାଇନିଂ ପାସ୍ କରିଥିବା ଅନଙ୍ଗ ତାର ଚାକିରୀ ପାଇଁ ଗାର୍ଡ଼ିଆନ୍ ଦରକାର କଲା। ତାର ବାପା ନଥାନ୍ତି। ମା' ମାନସିକ ଅସୁସ୍ଥ। ମୁଁ କହିଲି, "ତୋର କେତେ ଗାର୍ଡ଼ିଆନ୍ ଦରକାର, ଆଣେ କାଗଜ ମୁଁ ଦସ୍ତଖତ କରିବି। ମୁଁ ତ ଅନେକଙ୍କ ଗାର୍ଡ଼ିଆନ। ମୋତେ କ'ଣ ଦେବୁ ? କହିଲା, "ମୁଁ ଚାକିରୀ କଲେ ଆପଣଙ୍କୁ ଅଲଇଣ୍ଡିଆ ବୁଲେଇଦେବି।" ଶେଷରେ ତା ପତ୍ନୀ ନିର୍ବାଚନ ମଧ୍ୟ କରିବାକୁ ହେଲା ଓ ପତି-ପତ୍ନୀ ଦୁଇଜଣଙ୍କୁ ନେଇ ମହାରାଜଙ୍କ ସହିତ ପରିଚିତ କରାଇଦେଲି। ମହାରାଜ ତାଙ୍କୁ ଦେଖି କେବଳ ହସିଲେ। ମହାରାଜ ସମସ୍ତଙ୍କୁ ଦେଖି ହସନ୍ତି। ହସଖୁସୀର ତାଙ୍କ ମୁଖମଣ୍ଡଳଟି ଯିଏ ଥରେ ଦେଖିଛି, ଅନୁଭବ କରିଛି, ସେହି ଦେବପ୍ରତିମ ମୁଖମଣ୍ଡଳ ଆଉ ମାନସପଟରୁ ଲିଭିଯାଏ ନାହିଁ। ତାହାରି ଭିତରେ ସେହି ହସଖୁସୀର ମୁଖମଣ୍ଡଳ ଭିତରେ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଓ ସୁବାସର ଏପରି ତନ୍ମୟକାରୀ ଭାବଟିଏ ଥାଏ ଯାହାକି, ଦେଖଣାହାରୀ ସମସ୍ତଙ୍କୁ ଆକୃଷ୍ଟ କରେ। ପ୍ରକୃତରେ ସେହି ରୂପ, ଗୁଣ ଓ ପ୍ରତିଭାର ଆକର୍ଷଣଟି କ'ଣ ? ତାହା ତାହାଙ୍କ ମଧୁମୟ ବ୍ୟକ୍ତିତ୍ୱର ସ୍ୱରୂପ। ତାହାହିଁ ଏକ ଦିବ୍ୟ ସ୍ୱରୂପ ଯାହା ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟଧାରାର ପ୍ରସାରଣ ପାଇଁ ଅତ୍ୟନ୍ତ ଆବଶ୍ୟକ। ସେହି ମହାନ ବ୍ୟକ୍ତିତ୍ୱବୋଧରେ ବା ସ୍ୱରୂପ ଓ ସ୍ୱଗୁଣ ବୋଧରେ ଅସଂଖ୍ୟ ଲୋକମାନଙ୍କ ସହିତ ମିଶିବାକୁ ହେବ, ହସିବାକୁ ହେବ, ସଦିଚ୍ଛା ଓ ସ୍ନେହ ପ୍ରକାଶ କରିବାକୁ ହେବ, ଉଦାର ଓ ମହତ୍ ହେବାକୁ ହେବ। ମଣିଷର ଭଲମନ୍ଦ ବୁଝି ମା'ଙ୍କୁ ନିରାକରଣ ଓ ସୌଭାଗ୍ୟ ପାଇଁ ପ୍ରାର୍ଥନା କରିବାକୁ ହେବ। ନିଜକୁ ସମସ୍ତଙ୍କ ଭିତରେ ମିଶେଇ ଦେବାକୁ ହେବ। ମା'ଶ୍ରୀଅରବିନ୍ଦଙ୍କ ଆଲୋକ ବର୍ତ୍ତିକାଟିଏ ହେବାକୁ ହେବ।

ମହାରାଜଙ୍କ ଦେବପ୍ରତିମ ସ୍ୱରୂପଟି ମନେପଡ଼ିଲା ଅନଙ୍ଗ ଓ ସୁଜାତାଙ୍କ ସଙ୍ଗେ ବୁଲିଗଲାବେଳେ। ମହାରାଜଙ୍କ ମୁଖମଣ୍ଡଳପରି ଦୁଇଟି ମୁଖମଣ୍ଡଳ ମୋତେ ମନକୁ ଆସିଲେ ବିହ୍ୱଳିତ କରେ, ଗୋଟିଏ ରାଜସ୍ଥାନ ମାଉଣ୍ଟଆବୁ ସନ୍ନିକଟ ଦତ୍ତାତ୍ରେୟ ଆଶ୍ରମ ସଂଲଗ୍ନ ଗୁରୁଶିଖର ପାହାଡ଼ ଉପରେ ସତୀ ଅନୁସୟାଙ୍କର କୌଣସି ଅଳଙ୍କାର ବିନା ସେହି ଦିବ୍ୟସ୍ୱରୂପ ଓ ଅନ୍ୟଟି ଶିବଙ୍କ ପ୍ରତୀକ୍ଷାରେ ଚାହିଁରହିଥିବା ତାମିଲନାଡୁ ଶେଷ ପ୍ରାନ୍ତର କନ୍ୟାକୁମାରୀ। ଜଣେ ସତୀ ଅନୁସୟା ଜଣେ ସତୀ କନ୍ୟାକୁମାରୀ, ଦୁଇଜଣଙ୍କର ସମାନ ଆଖି, ନାକ, ମୁଖମଣ୍ଡଳର ଔଜଲ୍ୟ, କାନ୍ତୀ, ସତୀତ୍ୱର ମହିମା ମଣ୍ଡିତ ଆଲୋକଶ୍ରୀ, ସେହିତ ମଣିଷ ଭିତରେ ଦିବ୍ୟତା। ବାବାଜି ମହାରାଜଙ୍କ ମୁଖମଣ୍ଡଳର ଦିପ୍ତି ସେହିପରି ଅକପଟ, ସରଳ, ସ୍ୱଚ୍ଛ, ଅମଳିନ- ସତେକି ଯେପରି ଫୁଟିଥିବ ଗୋଟିଏ ଧଳାକଇଁ କିମ୍ବା ଗୋଲାପ ଫୁଲ। ସମସ୍ତେ କହନ୍ତି, ଆଶ୍ରମ, ମା'ଙ୍କ ଦର୍ଶନ ପାଇଁ ଗଲେ ସବୁବେଳେ ମା'ଙ୍କ ଆଖିକୁ ଚାହିଁ ରହିଥିବ କାରଣ ମା' ମଣିଷର ଆଖି ଭିତର ଦେଇ ତା'ର ଚୈତ୍ୟସତ୍ତାକୁ ଦେଖୁଥାନ୍ତି।" ଆମେ ମା'ଙ୍କ ଆଖିକୁ ଦେଖୁ ଓ ହୃଦୟରେ ଅନୁଭବ କରିବାକୁ ଚେଷ୍ଟାକରୁ। ମୁଁ ବେଳେବେଳେ ସଭାମାନଙ୍କରେ ବସିଥିଲାବେଳେ ପ୍ରପତ୍ତିଙ୍କ ଆଖିଦୁଇଟି ଦେଖିବାକୁ ଚେଷ୍ଟା କରୁଥାଏ, ଯେପରି ସତରେ ସେ ମା'ଙ୍କ ଆଖି ! ବାବାଜି ମହାରାଜଙ୍କ ଆଖି ଓ ମୁହଁକୁ ଚାହିଁଲେ କେବଳ ମା'ହିଁ ଦେଖାଯାଆନ୍ତି। ଅନେକ ବ୍ୟକ୍ତିତ୍ୱ ମା'ଙ୍କ ଚେତନାରେ ଏପରି ସଙ୍ଗଠିତ ହୋଇଥାଆନ୍ତି ଯେ ସେହିମାନେହିଁ

ମା'ଙ୍କ ଶକ୍ତିର ବାହକ ହୋଇପାରନ୍ତି । ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ରରେ ପବିତ୍ର ଦେହାଂଶ ପ୍ରତିଷ୍ଠା ପରଦିନ ସକାଳେ ମଧୁଭାଇନା କହିଲେ, "ଯା' ଚେତନା କକ୍ଷରେ ମହାରାଜଙ୍କୁ ଏହି ପରିଦର୍ଶକ ବିବରଣୀ ଖାତାଦେଇ, ତାଙ୍କ ପାଖରୁ ବିବରଣୀ ଲେଖାଇ ଆଣିବୁ ।" ମୁଁ ଖାତାନେଇ ମହାରାଜଙ୍କୁ ପ୍ରଣାମ କରି ଭାଇନାଙ୍କ କଥା କହି ବସିଲି । ମହାରାଜ ବିବରଣୀ ଲେଖିଲେ । ମୁଁ ବସୁ ବସୁ ଧ୍ୟାନ କଲି ଏବଂ ମା'ଙ୍କୁ ପ୍ରାର୍ଥନା କଲି, ଯେପରି ମହାରାଜଙ୍କ ଚେତନା ମୋ ଭିତରକୁ ପ୍ରବେଶ କରି ଆସନ୍ତା କି ? ବହୁତ ଏକାଗ୍ର ହେଲାପରେ ଯେତେବେଳେ ଆଖି ଖୋଲିଲି, ଦେଖିଲି ମହାରାଜ ଆଉ ନଲେଖି ମୋତେ ଚାହିଁ ବସିଛନ୍ତି । ହଠାତ୍ ମୁଁ ସଙ୍କୁଚିତ ହୋଇଗଲି- ମୋର ମନକଥା ମହାରାଜ ଜାଣିଗଲେ କି ? ପ୍ରକୃତରେ ମହାରାଜ ଗୁଣ ଚିହ୍ନେ ଗୁଣିଆ ପରି ଅନେକଙ୍କ ମନକଥା ବୁଝିପାରନ୍ତି ଓ ଜାଣନ୍ତି ।

ସେହିମାନେ ଅନ୍ୟମାନଙ୍କ ମନକଥା ବୁଝିପାରନ୍ତି ଓ ଜାଣନ୍ତି ଯେଉଁମାନେ ଅନ୍ୟମାନଙ୍କ ପ୍ରତି ସହାନୁଭୂତିଶୀଳ ବା ଟିକିଏ ଦରଦୀ ଥାଆନ୍ତି । ଏମିତି କେଉଁ ମଣିଷଟିଏ ଅଛି ଯାହା ଭିତରେ କିଛି ଦୁଃଖ ନାହିଁ ? ମହାରାଜ ସବୁ ମନୁଷ୍ୟମାନଙ୍କର ଦୁଃଖକୁ ଅନୁଭବ କରନ୍ତି ଓ ସେସବୁକୁ ଦିବ୍ୟକୃପାମୟୀ ମା'ଙ୍କ ପାଦପଦ୍ମରେ ସମର୍ପଣ କରି ତାଙ୍କର ଶୁଭ ଆଶୀର୍ବାଦ ଓ ଶାନ୍ତି-ସନ୍ତୋଷକୁ ତାଙ୍କ ଉପରେ ଢ଼ାଳିଦିଅନ୍ତି । ସତରେ ମହାରାଜଙ୍କୁ କଥାଟି କହିଦେଲେ ବା ଚିଠିଟିଏ ଲେଖିଦେଲେ ସବୁ ସମାଧାନ ହୋଇଯାଏ । ଯଜ୍ଞଟିଏ କଲେ ଯେପରି ଦେବତା ପ୍ରସନ୍ନ ହୁଅନ୍ତି, ଦେବରାଜ ଇନ୍ଦ୍ର ବର୍ଷା କରେଇ ଦିଅନ୍ତି, ପୂଜା, ଆରାଧନା, ଉପାସ, ବ୍ରତ କଲେ ଲକ୍ଷ୍ମୀ, ନାରାୟଣ, ଗଣେଶ, ଭାସ୍କର, ଦୂର୍ଗା, ପ୍ରସନ୍ନ ହୁଅନ୍ତି ବା ବରଦିଅନ୍ତି, ଠିକ୍ ଅବିକଳ ସେହିପରି ଆନ୍ତରିକତାର ସହିତ ମହାରାଜଙ୍କୁ ମୁହଁରେ ଚିଠିରେ କଥାଟି କହିଦେଲେ ସଙ୍କଟଟି ଚାଲିଯାଏ । ସେ'ତ ସ୍ୱୟଂ ମଣିଷ ଭିତରେ ଚଳନ୍ତି ଦେବତା ।

ରାୟରପୁର ତାଙ୍କ ନିଜ ଗାଁର ବାଉରୀବନ୍ଧୁ ଭାଇ ଥରେ କହୁଥାନ୍ତି, "ମହାରାଜ ଅଯୋଧ୍ୟାରୁ ଥରେ ଗାଁକୁ ଆସିଲେ । ଅନେକ ଘର-ସଂସାର ଛାଡ଼ି ସନ୍ୟାସୀ ହୁଅନ୍ତି । ସନ୍ୟାସୀ ହେଲେ ମଧ୍ୟ ଗାଁ, ଘରେ ଓ ଦେଶର ଅନେକ ଶୁଭମନାସୁ ଥାଆନ୍ତି । ମହାରାଜଙ୍କର ମହାନ୍‌ଗୁଣ ହେଲା ତାଙ୍କୁ ଯେଉଁ ଖାଇବା ଜିନିଷ ଦିଆଯାଏ, ସେ ସେଥିରୁ କିଛି ଅନ୍ୟମାନଙ୍କୁ ଦେଇଦିଅନ୍ତି । ମୁଖ୍ୟତଃ ଅରୁଆ ଖେଚୁଡ଼ି ଖାଇବାକୁ ଭଲପାଆନ୍ତି । ଭାତ, ଡାଲି, ପରିବା ସବୁମିଶି ଗୁଆଘିଅ ପଡ଼ି ଯାହା ପ୍ରସ୍ତୁତ ହୋଇଥାଏ ତାକୁ ଖେଚୁଡ଼ି କହନ୍ତି । ଏପରିକି ଆମ୍ଭେମାନେ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀ ଭୋଜନାଳୟରେ ତାଙ୍କ ପାଖରେ ଖାଇ ବସିଲେ ସେ ତାଙ୍କର ସବୁ ଖାଦ୍ୟ ମିଶାଇ ଚକଟି ଦିଅନ୍ତି ଓ ପାଖରେ ବସିଥିବା ଅନ୍ୟମାନଙ୍କୁ କିଛି କିଛି ନିଶ୍ଚୟ ଦେଇଦିଅନ୍ତି । ଯେତେବେଳେ ମହାରାଜ ଘରକୁ ଆସିଲେ ନିଜେ ରୋଷେଇ କଲେ, ସବୁଦିନେ ତାଙ୍କ ରୋଷେଇ ଖେଚୁଡ଼ି ଅନ୍ୟମାନଙ୍କୁ ଦେଲେ । ସେ ତାଙ୍କ ଭାଗରୁ ଅନ୍ୟମାନଙ୍କୁ ଦେଉଛନ୍ତି ବୋଲି, ଘରେ ତାଙ୍କୁ ପ୍ରତିଦିନ ଅଧିକ ଚାଉଳ, ଡାଲି, ଘିଅ ଦେଲେ । ଅଧିକ ଅଧିକ ଦେଲାରୁ ମହାରାଜ ତାଙ୍କୁ ପ୍ରଲୋଭନ ବା ଆସକ୍ତି ବା ମୋହ ବୋଲି ଭାବି, କୌଣସି ବାଟରେ ଘରୁ ଚାଲିଯିବା ଲାଗି ଜଗନ୍ନାଥ ଦର୍ଶନକୁ ପୁରୀଯିବେ ବୋଲି କହିଲେ । ତାଙ୍କ ଘରେ ଯିବାଆସିବା ଗାଡ଼ିଭଡ଼ା ଓ ସବୁଖର୍ଚ୍ଚ ତାଙ୍କୁ ଦେଲେ । ଅସଲକଥା ହେଲା ତାଙ୍କୁ ମନନେଇ ଘରେ ରଖିଦେବା । ଯିଏ ପ୍ରକୃତ ସନ୍ୟାସୀ, ସେମାନେ ପ୍ରାୟ ଅନେକ କଥା ଜାଣିପାରନ୍ତି । ମହାରାଜ ସବୁକଥାତକ ତାଙ୍କ ତକିଆତଳେ ରଖି ବଡ଼ି ଭୋରରୁ ସ୍ନାନଶୌଚ ସାରି ପୁରୀ ବାହାରି ଗଲେ ଯେ ଆଉ ଫେରିଲେ ନାହିଁ । ତାଙ୍କ ବିଛଣା ଛାଡ଼ିଲା ବେଳକୁ ଟଙ୍କାସବୁ ମିଳିଲା । ଘର-ପରିବାର ଆସକ୍ତି ନଛାଡ଼ିଲେ ଜଣେ ଭଗବାନଙ୍କର କିପରି ହେବ ? ଅନେକ ମନବୁଝାଇବା କଥା ନିଜ ମନକୁ ପାଇଲା ପରି କହନ୍ତି ଓ କହିବେ ମଧ୍ୟ । ପ୍ରକୃତ ସତ୍ୟ ହେଉଛନ୍ତି ମହାରାଜ । ମହାରାଜଙ୍କ ପାଖରୁ ନିଜେ ଶୁଣିବା କଥା ଲେଖୁଛି, "ଯେଉଁମାନେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ରହିବେ, ସେମାନେ ସନ୍ୟାସୀ- ସନ୍ୟାସିନୀ ହେବେ ।" "ବିନା ପାରିଶ୍ରମିକରେ ସ୍ୱତଃସ୍ଫୁର୍ତ୍ତଭାବରେ ଯେଉଁମାନେ ମା'ଙ୍କ କାର୍ଯ୍ୟ କରିବାକୁ ଚାହୁଁଛନ୍ତି, କେବଳ ସେମାନେ ଆସନ୍ତୁ ।" ମହାରାଜଙ୍କ ଏହିସବୁ ଉକ୍ତିର ଯଥାର୍ଥ ଲକ୍ଷ୍ୟ ମାଶ୍ରୀଅରବିନ୍ଦଙ୍କ ଆହ୍ୱାନ ଉପଯୋଗୀ ଜୀବନଗଠନ ଓ ସମାଜରେ ତାଙ୍କ କାର୍ଯ୍ୟ କରିବା । ମୋ ବାପାଙ୍କୁ ଅଠସ୍ତରି ବର୍ଷ ହୋଇଥାଏ । ସେ ଅସୁସ୍ଥ ଥାଆନ୍ତି ଶୁଣିଲି । ଫେବୃୟାରୀ ଦର୍ଶନକୁ ଯାଇଥାଏ । ଉଣେଇଶି ତାରିଖ ବାପାଙ୍କ କଥା ମହାରାଜଙ୍କୁ କହିଲି । ମହାରାଜ ମା'ଙ୍କୁ ପ୍ରାର୍ଥନା କରି ଆଶୀର୍ବାଦ ଦେଲେ । ସେହିଦିନ ଡାକରେ ଘରକୁ ପଠାଇଲି । ଏକୋଇଶି ସକାଳେ ବାପା ଦେହତ୍ୟାଗ କଲେ । ଘରକୁ ଯାଇ କାର୍ଯ୍ୟକୁ ଠିକ୍ ଭାବରେ କରିବାକୁ ଫୋନ୍‌ରେ କଥାହେଲି । ମୁଁ ତାଙ୍କ ବଡ଼ପୁଅ । ବାଇଶି ସକାଳେ ମଧୁଭାଇନା ଥିଲାବେଳେ ମହାରାଜଙ୍କୁ ଦେଖାକରି ସବୁକଥା କହିଲି । ମହାରାଜ ଧ୍ୟାନସ୍ଥ ହେଲେ । ମୁଁ ଘରକୁ ଯାଇ କ'ଣ କ'ଣ କରିବି ପଚାରିଲାରୁ କହିଲେ, "ଘରକୁ କାହିଁକି ଯିବ ? ଯାଇ କ'ଣ କରିବ ? ନଯିବା ବହୁତ ଭଲ ।" ଏହିମାତ୍ର ତିନୋଟି ବାକ୍ୟ । ଆମର ସ୍ୱଧର୍ମ ହେଲା, "କରିଷ୍ୟେ ବଚନଂ ତବ" । ମହାରାଜଙ୍କ କଥାକୁ ମାନିବାକୁ ପଡ଼ିବ । ମହାରାଜ ତାଙ୍କର ଗୋଟିଏ ହୃଦୟଗତ ବାକ୍ୟରେ ଘର ସହିତ ଥିବା ମୋର ନୈତିକ ସମ୍ପର୍କରୁ ମୋତେ ଛୁଟି କରିଦେଲେ । ଏହା ଗୋଟିଏ ସହଜକଥା ନୁହେଁ । ମହାରାଜ ଆମ୍ଭମାନଙ୍କ ସମ୍ମୁଖରେ ଦୃଷ୍ଟାନ୍ତ ସ୍ୱରୂପ ଥିଲେ । ପ୍ରପତ୍ତି, ବାବାଜି ମହାରାଜଙ୍କୁ ଦେଖି ଆମେ ମା'ଙ୍କ କାର୍ଯ୍ୟ ପରିସର ଭିତରକୁ ଆସିଲେ । ଆମେ ଯଦି ନିଜେ ନିଜେ ସେହି ମହାରାଜଙ୍କ ପରି ଆଦର୍ଶ ଦୃଷ୍ଟାନ୍ତ ନହେବା ତାହେଲେ ଆମକୁ ଦେଖୁଥିବା ଆମର ସମସାମୟିକ ସମାଜ କ'ଣ ଶିକ୍ଷା କରିବ ? ଶ୍ରୀଅରବିନ୍ଦଙ୍କର ସେହି ଅମର ବାକ୍ୟ, "ମନୁଷ୍ୟ ଆଦର୍ଶକୁ ସ୍ୱୀକାର କରୁଛି, ପୂଜା କରୁଛି, ଆଦର୍ଶକୁ ଆଚରଣ ନକଲେ ଆଦର୍ଶ କେବଳ ଆଦର୍ଶ ହୋଇ ରହିବ ।"

ଆଜି ମହାରାଜଙ୍କ ପବିତ୍ର ଶତବାର୍ଷିକୀ ଅବସରରେ ତାଙ୍କର ସ୍ତୁତିଚାରଣ ସମସ୍ତେ କରୁଛନ୍ତି, କରିଚାଲିବେ । ମହାରାଜଙ୍କ ମହାନ୍ ବ୍ୟକ୍ତିତ୍ୱର ଅନୁସରଣ ତାଙ୍କର ମହାନ୍ ଆଦର୍ଶକୁ ଆଚରଣ କରିବସିଲେ ପ୍ରକୃତରେ ଆମର ବେଶୀ କ୍ଷତି ହେବ ନାହିଁ । କିନ୍ତୁ ସେପରି ଏକ ଅହଂଶୂନ୍ୟ ଜୀବନ ଆମର ସଙ୍ଗଠିତ ହୋଇନାହିଁ । ମହାରାଜଙ୍କ ଜନ୍ମଶତବାର୍ଷିକୀରେ ଯେଉଁ ଏକମାତ୍ର କାର୍ଯ୍ୟ ଆମ୍ଭମାନଙ୍କୁ କରିବାକୁ ହେବ ତାହାହେଲା ଶ୍ରୀମାଶ୍ରୀଅରବିନ୍ଦଙ୍କ ଆଦର୍ଶର ପ୍ରସାର, ଯାହାର ମାଧ୍ୟମ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର ଓ ଛାତ୍ରସମାଜ ଆଦି ଗଠନ । ଏହି କର୍ମକୁ ଯେଉଁ ବ୍ୟକ୍ତିତ୍ୱ ସମ୍ପାଦିତ କରିବ, ମହାରାଜଙ୍କ ବାକ୍ୟ ସବୁକୁ ସେ ମନ୍ତ୍ରତୁଲ୍ୟ ଗ୍ରହଣ କଲେ ଠିକ୍ ହେବ । ମହାରାଜଙ୍କ ବାକ୍ୟ ହେଲା, "ଆଧ୍ୟାତ୍ମିକ ଦୃଷ୍ଟିକୋଣ ଏବଂ ମନର ଉର୍ଦ୍ଧ୍ୱ ଚେତନାର କାର୍ଯ୍ୟ ହେଲା-

କୌଣସି ବ୍ୟକ୍ତି ପ୍ରତିକୂଳ କିଛି କହିଲେ ଅଥବା ପ୍ରତିକୂଳ ଆଚରଣ କଲେ କିମ୍ବା କୌଣସି ପ୍ରକାର ଅପମାନ ଦେଲେ ତା'ର ପ୍ରତିବାଦ କରିବା ଦ୍ୱାରା ଯଦି ନିଜ ମଧ୍ୟରେ ରାଗ, ଦ୍ୱେଷ, ଈର୍ଷ୍ୟା, ବିରୋଧାଦି ଉତ୍ପନ୍ନ ହୁଏ ଏବଂ ମା'ଙ୍କ ସଂସ୍ଥାରେ ବାଧାପ୍ରାପ୍ତ ହୁଏ ତେବେ ପ୍ରତିବାଦ କରିବା ଉଚିତ୍ ନୁହେଁ, ତାହା ସହିନେବା ଉଚିତ୍।

ସେହିପରି ନୈତିକ ପ୍ରଣାଳୀରେ ଯେଉଁ ପରିସ୍ଥିତି, ଯେଉଁ ଘଟଣା, ଯେଉଁ କର୍ମ ଅନୁଚିତ୍ ବା ଅଯଥାର୍ଥ ପ୍ରତୀତ ହେଉଥିବ ତାର ପ୍ରତିବାଦରେ ଯଦି ମା'ଙ୍କ କାର୍ଯ୍ୟରେ ବାଧା ଆସୁଥିବ, ନିଜ ମଧ୍ୟରେ ଅହଂ, ସ୍ୱାର୍ଥ, ରାଗ, ଦ୍ୱେଷ, ବୈର, ବିରୋଧାଦି ଅନ୍ଧକାର ଶକ୍ତିର କ୍ରିୟାହେବ, ତେବେ ସେ କ୍ଷେତ୍ରରେ ପ୍ରତିବାଦ କରିବା ଦ୍ୱାରା ଅନ୍ୟାୟ ଦୂର ହେବ ନାହିଁ, ସେ କାର୍ଯ୍ୟରେ ମଧ୍ୟ ପ୍ରତିବାଦ କରିବା ଯୁକ୍ତି ସଙ୍ଗତ ନୁହେଁ। ସଂସାରରେ ଯେଉଁ ବ୍ୟକ୍ତି ଉତ୍ତମ କର୍ମ କରନ୍ତି, ଯେଉଁ କର୍ମଦ୍ୱାରା ଦେଶ, ସମାଜର ହିତ ହୁଏ, ସେ କାର୍ଯ୍ୟରେ ବାଧାବିଘ୍ନ, ମାନ, ଅପମାନ, ନିନ୍ଦାସ୍ତୁତି ଆସେ। କିନ୍ତୁ ଏହି ମୃତ୍ୟୁପୁରୀରେ ପରାର୍ଦ୍ଧର ଅତିମାନସ ଚେତନାଯୁକ୍ତ ଅତିମାନବ ଜାତି ପ୍ରତିଷ୍ଠା ହେବ, ସଂସାର ଦିବ୍ୟ ସ୍ୱର୍ଗରେ ପରିଣତ ହେବ, ସଂସାରରୁ ଦୁଃଖ, କଷ୍ଟ, ଅନ୍ୟାୟ, ଅସତ୍ୟ ଦୂର ହେବ- ଏହି ମହାନ କାର୍ଯ୍ୟ ସାଧନାରେ ଯେଉଁ ସାଧକ ଅଂଶଗ୍ରହଣ କରିବେ ଏହି ସତ୍ୟ ପ୍ରଚାରର ସଂସ୍ଥାମାନଙ୍କରେ ଯେଉଁମାନେ କାର୍ଯ୍ୟ କରିବେ ସେମାନେ ବାଧାବିଘ୍ନ, ମାନ-ଅପମାନରୁ କଦାପି ରକ୍ଷା ପାଇପାରିବେ ନାହିଁ। ସେମାନେ ନିଜ ଲକ୍ଷ୍ୟକୁ ସମ୍ମୁଖରେ ରଖି, ଦୁଃଖକଷ୍ଟ, ମାନ ଅପମାନକୁ ପରୁଆ ନକରି, ମା'ଙ୍କ ଆଶ୍ରୟରେ ସେ ସବୁକୁ ମା'ଙ୍କ ଚରଣରେ ସମର୍ପଣ କରି ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବେ। ମାନ ଅପମାନରେ ପ୍ରଭାବିତ ହୁଏ ନିଜର ଅହଂ। ଅହଂ ହେଉଛି ସାଧନା ତଥା ସାଧନା ରୂପ ମା'ଙ୍କ କାର୍ଯ୍ୟରେ ମହାନ୍ ବାଧକ। ମାନ ଅପମାନକୁ ଅତିକ୍ରମ କରିବା ଅର୍ଥ ନିଜର ଅହଂକୁ ଅତିକ୍ରମ କରିବା। ଏହା କରିପାରିଲେ ସାଧନାରେ ଗୋଟିଏ ମହାନ୍ ପ୍ରଗତି ହେବ।

ଯେଉଁମାନେ ଅହଂ ସ୍ୱାର୍ଥର ବଶ ହୋଇ ନାମଯଶ ସକାଶେ ମା'ଙ୍କ କାର୍ଯ୍ୟ କରନ୍ତି; ସେମାନେ ଅପମାନର ପ୍ରତିରୋଧ କର୍ମ କରନ୍ତି ଏବଂ ନାମଯଶ ପ୍ରାପ୍ତି ସକାଶେ ପ୍ରଯତ୍ନ କରନ୍ତି; ସେଥିରେ ମା'ଙ୍କ କାର୍ଯ୍ୟରେ ବାଧାପଡ଼େ। ସେମାନଙ୍କୁ ନାମଯଶ ମିଳେନାହିଁ। ନାମଯଶ ଚାହିଁଲେ ଛାଇପରି ସେ ଧରାଦିଏ ନାହିଁ; ତାକୁ ନଚାହିଁଲେ ପଛରେ ଗୋଡ଼ାଇଥାଏ।" (ରୂପାନ୍ତର ଯୋଗରେ ନାମଜପ ପୃ-୮୧, ୮୨, ୮୩)

ମନୁଷ୍ୟର ସ୍ୱଭାବ ହେଉଛି ଅହଂ ପ୍ରବଣ। କିନ୍ତୁ ତାକୁ ହେବାକୁ ହେବ ଆତ୍ମପ୍ରତିଷ୍ଠ। ଆତ୍ମ ପ୍ରତିଷ୍ଠ ହେଲେ ଆତ୍ମାର ଜ୍ୟୋତି, ଶକ୍ତି, ଔଜଲ୍ୟ ଓ ପ୍ରଭାମଣ୍ଡଳ ଆଖି, ନାକ, ଓଠ ତଥା ସମଗ୍ର ମୁଖମଣ୍ଡଳରେ ଏପରିକି ଜୀବନଯାତ୍ରାରେ, ଚାଲିଚଳନରେ ମଧ୍ୟ ପ୍ରକାଶିତ ହୋଇଯିବ। ଆତ୍ମପ୍ରତିଷ୍ଠ ବ୍ୟକ୍ତିଙ୍କର ସଂସ୍ପର୍ଶରେ ଆସିଲେ, ତାଙ୍କ ନାମ, ଗୁଣ ସ୍ମରଣ କଲେ ପଥର-ପଥର ଘସିହୋଇ ଆଲୋକ ଜଳିଲା ପରି ଭାବ ଓ ଭାବର ପରଶରେ ଜୀବନ ଦିବ୍ୟପଥରେ ସଙ୍ଗଠିତ ହେବ। ସେହି ଦେବପ୍ରତିମ ମହାରାଜଙ୍କ ପ୍ରତି କୃତଜ୍ଞ ହୋଇ ତାଙ୍କରି ବାଞ୍ଛିତ ସ୍ୱପ୍ନକୁ ସାକାର କରିବା ତାଙ୍କ ପାଇଁ ଆମର ଅଶେଷ ପ୍ରାର୍ଥନା।

❖ ❖ ❖

*To hope for a true change of human life without a change of human nature an irrational and unspiritual proposition; it is to ask for something unnatural and unreal, an impossible miracle.*

(19/1059) **-Sri Aurobindo**

ମନୁଷ୍ୟ-ପ୍ରକୃତିର ରୂପାନ୍ତର ନ କରି ମନୁଷ୍ୟ-ଜୀବନର ଯଥାର୍ଥ ପରିବର୍ତ୍ତନ ନିମିତ୍ତ ଆଶା କରିବା ଗୋଟାଏ ଅଯୌକ୍ତିକ ଏବଂ ଅଣଆଧ୍ୟାତ୍ମିକ ସିଦ୍ଧାନ୍ତ, ଏହା ଯେପରି ଗୋଟିଏ କୃତ୍ରିମ, ଅବାସ୍ତବ ବା ଗୋଟିଏ ଅସମ୍ଭବ ଅଲୌକିକ ଘଟଣା ନିମିତ୍ତ ଦାବୀ କରିବା।

**- ଶ୍ରୀଅରବିନ୍ଦ**

# ସେଠାରେ ଜଳିବ କିଏ ?

**ଧରଣୀଧର ପାଲ**

ପ୍ରାୟତଃ ପ୍ରତ୍ୟେକ ମାତୃଅନୁଷ୍ଠାନରେ କିଛି ନା କିଛି ସମସ୍ୟା ଥାଏ । ଜମିଜମା ବିଷୟରେ ସେତେବେଳକୁ ଆମେ ଏକ ସଙ୍କ୍ରମଣ ପରିସ୍ଥିତିରେ ପିଷ୍ଟ ହୋଇଥାଉ । ଭୁପାଳଭାଇ ପଣ୍ଡିଚେରୀରୁ ସଦ୍ୟ ମହରାଜଙ୍କ ବାର୍ତ୍ତା ନେଇ ଆସିଥାନ୍ତି । ସେ ମୋତେ ଦେଖିବାମାତ୍ରେ କହିଲେ, "ମହାରାଜ କହିଛନ୍ତି- ସେଠାରେ ଜଳିବ କିଏ ?" ଏ ପ୍ରକାର ପ୍ରତିପ୍ରଶ୍ନ ଶୁଣି ମୁଁ ଆଶ୍ଚର୍ଯ୍ୟଚକିତ ହେଲି ।

ଏହି ମର୍ମୋକ୍ତି ଉପରେ ମନେକରି ଆସୁଛି । ପ୍ରକୃତରେ ମହାରାଜ ଆମଠାରୁ କ'ଣ ଆଶା କରନ୍ତି ? "ସେଠାରେ ଜଳିବ କିଏ ?" ଏକଥା ଶୁଣିବା ମାତ୍ରେ ପ୍ରଥମ ଅନୁଭବ ହେଲା... ବୋଧହୁଏ ମହାରାଜ ସନ୍ଦିହାନ ଏଠାରେ ସେଭଳି କେହି ଜଳିବା ଭଳି ଦେଖାଯାଉ ନାହାନ୍ତି । ଆମ ପ୍ରସ୍ତୁତିରେ କିଛି ଅଭାବ ଅଛି । ଜଳିବା କଥା ଭାବିବା ମାତ୍ରେ ମନେହେଲା- ନିଜର କିଛି ଅଶୁଦ୍ଧ ଅଂଶ ଜଳିପୋଡ଼ି ଯିବ, ଯାହା ଶୁଦ୍ଧତମ ଓ ଦିବ୍ୟ ତାହା ଉଜ୍ଜ୍ୱଳ ହୋଇଉଠିବ । କିନ୍ତୁ ଏହି ଦିବ୍ୟତମ ଶିଖା କିଏ ଓ କେଉଁଠି ?

କ୍ରମେ କ୍ରମେ ମନେହେଉଛି ଯେତେ ଯାହା ଯେଉଁଠି ସମସ୍ୟା ... ଶେଷ ଉପାୟଟା ବୋଧହୁଏ ଏଇଠି । ଆମ ଅନ୍ତରରେ ଯାହା ଅନାହତ ଓ ଶାଶ୍ୱତ ତାହା ଜୀବନ୍ତ ଓ ସଚେତ ଭାବରେ ଆମ ଜାଗ୍ରତ ଚେତନାରେ ପ୍ରଜ୍ଜ୍ୱଳ ହୋଇଉଠିଲେ ଯାଇ ୧. ଶଙ୍କା ସନ୍ଦେହ ତ ପ୍ରଥମେ ଦୂର ହେବ, ୨. ଚକ୍ଷୁ ଖୋଲିଯିବ, ୩. ବାଟ ଫିଟିଯିବ, ୪. ଏହାର ସୁଗନ୍ଧିତ ଶିଖା ଅଘ ଓ ଅପଶକୁନକୁ ଦୂର କରିବ, ୫. ବିରୋଧୀ ବାତାବରଣକୁ ଭସ୍ମୀଭୂତ କରିବା ବା ବଦଳାଇ ଦେବ, ସମାଧାନଟିଏ ଆଣିଦେବ, ୬. ମା'ଙ୍କ ନବଜ୍ୟୋତିର ଆଖିରେ ଆଖି ମିଳାଇ ଦେବ, ୭. ତାଙ୍କ ଚିତ୍ ଶକ୍ତିଦ୍ୱାରା ଜଣେ ପରିଚାଳିତ ହୋଇପାରିବ ଏବଂ ୮. ତାଙ୍କ ପ୍ରେମମୟ ଦିବ୍ୟ ସାହାଯ୍ୟ ଦ୍ୱାରା ରୂପାନ୍ତରିତ ହୋଇପାରିବ ।

ମହାରାଜ ବୋଧହୁଏ ଏହିଭଳି ଏକ ନିତ୍ୟଶିଖା ଦ୍ୱାରା ଜ୍ୱଳମାନ ହୋଇରହିଛନ୍ତି । ଇଏ କ'ଣ ସେହି ସତ୍ୟଚେତନାର ଶିଖା... ଯାହାକୁ ଜାଣିଲେ ସବୁ ଜାଣି ହୁଏ, ଯାହାର ଆଖିରେ ସବୁ ଦେଖି ହୁଏ, ଯାହାର ଆଲୋକରେ ସବୁ ଶୁଣି ହୁଏ ଓ ସବୁ ଗତିଶୀଳ ହୁଏ ? ଏହା କାଳ ମଧ୍ୟକୁ ଅକାଳର ସନ୍ଦେଶ ଘେନି ଆସେ ? ମୃତ୍ୟୁଲୋକ ମଧ୍ୟକୁ ଅମରତ୍ୱର ତରଙ୍ଗ ସଞ୍ଚାରିତ କରେ । ସତ୍ୟ ପ୍ରେମର ପ୍ରବାହ ବିଚ୍ଛୁରଣ କରେ । ମହାରାଜ ଏହିଭଳି ଏକ ସମାଧାନମୂଳକ ସଂବୋଧିଦୃଷ୍ଟି ଲାଭ କରି ଆମଠାରେ ସେହି ସମ୍ଭାବନା ଆଶା କରୁଛନ୍ତି । ଏତଦ୍‌ବ୍ୟତିରେକେ ଆମର ଅନ୍ୟ ସମସ୍ତ ବିଚାରଣା ଅସ୍ଥାୟୀ ଓ ଅନିଶ୍ଚିତ ।

ସେଇ ଦିନଠାରୁ କଥାଟା ଭିତରକୁ ବିନ୍ଧି ହୋଇଗଲା ଭଳି ଲାଗିଛି । ସବୁ ପ୍ରଶ୍ନର ଉତ୍ତର ତେବେ ସେଇଠି । ଆମେ କ'ଣ ସତରେ ଜଳିବାକୁ ଚାହୁଁ ? ଜଳିବାକୁ ପ୍ରସ୍ତୁତ ?

ମୋର ଅଳ୍ପ ସମୟ ପଣ୍ଡିଚେରୀ ରହଣିକାଳରେ କିଛି ସମୟ ମହାରାଜଙ୍କ ନୀରବ ସାନ୍ନିଧ୍ୟରେ କଟାଇବାକୁ ଭଲଲାଗେ । ମହାରାଜଙ୍କ ଶେଷ କେଇ ବର୍ଷ ... କଥା କହିବାବେଳେ ଏଣିକି ଅଧିକ ଜୋର ଦେଇ କହୁଥାନ୍ତି । ତାଙ୍କର ଶବ୍ଦ ଉଚ୍ଚାରଣର ଶୈଳି ଯେପରି ବଦଳି ଯାଉଛି । ଏହି ବାକ୍‌ସିଦ୍ଧ ବ୍ୟକ୍ତିଙ୍କ ବାକ୍ୟରେ ଯେପରି କିଛି ଶକ୍ତି ଓ ଚେତନା ପ୍ରବାହିତ ହୋଇଯାଉଛି । ବେଳେବେଳେ ସେ ଯାହାକୁ ତାହାକୁ ତାଙ୍କ କକ୍ଷ ମଧ୍ୟରେ କିଛି କହିବା ବେଳେ, କିଛି ଉଷ୍ମତାର ପ୍ରବାହ ଚର୍ମକୁ ଛୁଇଁବାଭଳି ଲାଗେ । ଦିନେ ମହାରାଜ ସ୍ୱତଃ କହିଲେ, "ଖୁବ୍ ଅଳ୍ପଲୋକ କିଛି କିଛି ବୁଝୁଛନ୍ତି ।" ଏହାର ଅର୍ଥ ମୋତେ ବୋଧହେଲା । ଆମେ ଯେ ମହାରାଜଙ୍କ କଥାକୁ ଏଯାବତ୍ ଠିକ୍ ଠିକ୍ ବୁଝିନାହୁଁ ।

ଆଉ ଏକ ଦିନର କଥା । ଜଣେ କେହି ଆଗନ୍ତୁକ ମାତୃଭକ୍ତ କହିଲେ, "ଆଜ୍ଞା, ଆପଣଙ୍କ ପାଖକୁ ଚିଠି ଲେଖିଥିଲି ସିଧାସଳଖ ଆପଣଙ୍କଠାରୁ ଉତ୍ତର ପାଇନାହିଁ ।" ଆମେ ଜାଣୁ ପ୍ରତ୍ୟହ ଏତେଗୁଡ଼ିଏ ଚିଠି ଓଡ଼ିଶାରୁ ତାଙ୍କ ପାଖକୁ ଯାଏ... ତାର ଉତ୍ତର ଦେବା କେତେ କଷ୍ଟସାଧ୍ୟ । ମହାରାଜ ମାତୃଦତ୍ତ ଭୋଜନାଳୟ କାର୍ଯ୍ୟରେ ଏକ ସେକେଣ୍ଡ ବି ବିଳମ୍ବ କରନ୍ତି ନାହିଁ । ତା ବାଦ ନବଜ୍ୟୋତିର ଅତିରିକ୍ତ କାର୍ଯ୍ୟ ଓ ଚିଠିପତ୍ରର ଉତ୍ତର ଦେବା ଭଳି ବ୍ୟକ୍ତିଗତ କାର୍ଯ୍ୟ । କିପରି ସେ ଏତେ କାର୍ଯ୍ୟ କରିପାରନ୍ତି ଆଶ୍ଚର୍ଯ୍ୟ ଲାଗେ ! ପୁରାତନ ବର୍ତ୍ତନକୁ ପ୍ରତିଦିନ ବୁଢ଼ା ଆଙ୍ଗୁଠି ଚାପି ଚାପି ପାଉଡ଼ର ଘସି ଘସି ଧନୁଭଳି ଓଲଟି ଯାଇ ଛେତେରା ହୋଇଗଲାଭଳି ଦେଖାଯାଏ, ତଥାପି ଲେଖାରେ ବା ଉତ୍ତର ଦେବାରେ ବିରାମ ନାହିଁ । ତାଙ୍କ ହାତଲେଖା ଚିଠି ଖଣ୍ଡେ ପାଇଲେ କାହାକୁ ବା ଆଶ୍ୱାସ ନଲାଗେ । ପ୍ରକାଶ ଥାଉକି ଚିଠିପତ୍ରର ଅସମ୍ଭବ ମାତ୍ରା ବଢ଼ିବା ଫଳରେ ମହାରାଜଙ୍କ ପାଖକୁ ଲେଖାଯାଉଥିବା ପତ୍ରର ଉତ୍ତର ନବଜ୍ୟୋତିର ଲେଟରପ୍ୟାଡ଼୍‌ରେ କେତେକ ଚିରାଚରିତ ସାଧାରଣ ଉତ୍ତର ସହ ଶୂନ୍ୟସ୍ଥାନ ପୂରଣ ପୂର୍ବକ ଉତ୍ତର କେହି ଲେଖିଦିଅନ୍ତି ଓ ମହାରାଜ କେବଳ ଦସ୍ତଖତ କରିଥାନ୍ତି । ଖୁବ୍ ଗୁରୁତର ପ୍ରଶ୍ନଗୁଡ଼ିକର ଉତ୍ତର ମହାରାଜ ହୁଏତ ବ୍ୟକ୍ତିଗତ ଭାବରେ କରନ୍ତି ।

ସେ ବ୍ୟକ୍ତି ସେଠାରୁ ଚାଲିଗଲା ପରେ ମହାରାଜ ସ୍ୱତଃ କହିଉଠିଲେ, "ଖାଲି ଲେଖୁଥିବି... ଖାଲି ଲେଖୁଥିବି..." ଟିକିଏ ବିରକ୍ତ ଭାବ ମିଶ୍ରିତ ତାଙ୍କର ଏହି କଥାରୁ ଟିକିଏ ଅସନ୍ତୋଷ ପ୍ରକାଶ ପାଇବା ଜାଣିଲି । ବୋଧହୁଏ ଏହି ମହାକାରୁଣିକ ପୁରୁଷଙ୍କର ଅଜସ୍ର ଉତ୍ତର ପାଇ ଆମେ ତାକୁ ଯଥାର୍ଥରେ ପାଳନ କରୁନାହୁଁ ବୋଲି ସେ ଅସନ୍ତୁଷ୍ଟ ହୋଇ ପଡୁଛନ୍ତି କି ? ଏହି ପ୍ରଶ୍ନ ମୋ ମନରେ ଉଠିଲା ।

ଅନ୍ୟ ଏକ ପ୍ରସଙ୍ଗରେ ଜଣେ ବ୍ୟକ୍ତି ପରିହାସ ବ୍ୟଞ୍ଜକ ସ୍ୱରରେ ଆମର କିଛି ଆଧ୍ୟାତ୍ମିକ ଅନୁଭୂତି ହେଉନାହିଁ ବା ଚେତନାଗତ ଅଗ୍ରଗତି ହେଉନାହିଁ- ଏପରି କିଛି କହିଲେ । ମହାରାଜ ତତ୍‌କ୍ଷଣାତ୍ ଉତ୍ତର ଦେଇ କହିଲେ, "ତୁମେ ତ କ୍ରିୟାତ୍ମକ ଭାବରେ କିଛି କରୁନାହଁ........" ।

ଯେତେ ସିଧାକଥା ସରଳ ଭାବରେ ସେ ଶରୀର ରୂପାନ୍ତର ପର୍ଯ୍ୟନ୍ତ କରିବାକୁ ହେବା ବୋଲି କହିଛନ୍ତି ବା ଲେଖିଛନ୍ତି ସତରେ ଆମେ କ୍ରିୟାତ୍ମକ ଭାବରେ କରୁନଥିବା ମହାରାଜ ମୋ ଭଳି ଅନେକଙ୍କୁ ନିଜ କୋଠରୀରେ ସାମ୍ନାରେ ବସାଇ ଶିଖାଉଥିଲେ 'ମା' ନାମଜପ କିପରି ସ୍ୱରରେ, ତୀବ୍ରଭାବରେ, ବ୍ୟାକୁଳ ଭାବରେ ଆନ୍ତରିକତାର ସହ କରିବାକୁ ହୁଏ । କିପରି ଲଗାତାର ବଜାୟ ରଖିବାକୁ ସମୟ ନିର୍ଘଣ୍ଟ କରି ଅଭ୍ୟାସ କରିବାକୁ ହୁଏ । ଏହି ଜଗାଇ ମାଧାଇ ଅବସ୍ଥାରୁ ଓଷ୍ଠ୍ୟ, ଦନ୍ତ୍ୟ, ଜିହ୍ୱା ଜପ, ହୃଦ୍ୟ ଜପ, ମାନସିକ ଜପ ଓ କୈଷିକ ଜପ... ଆଦି ଯିଏ ଯେତେ ଅବିଚ୍ଛିନ୍ନ ଓ ଅଭିକ୍ଷଣ ଭାବରେ ଗଭୀରକୁ ଯାଇପାରିଲା, ଯାହା ଯେ ପର୍ଯ୍ୟନ୍ତ ଜଣେ ମସ୍ତିଷ୍କ ଉର୍ଦ୍ଧ୍ୱରୁ ଅବଲମ୍ବିତ ଅଗ୍ନିଧାର ସହ ଏକାତ୍ମ ନହୋଇଯାଇଛି, ପ୍ଲାବିତ ଓ ଯନ୍ତ୍ରଚାଳିତ ହୋଇ ନଯାଇଛି... ତାକୁ ଚାଲୁ ରଖିବାର ସଙ୍କଳ୍ପ ବହନ କରିଚାଲିବା ଯେପରି ଦୃଢ଼ମନା ବ୍ୟକ୍ତିର ଶେଷରେ ବିଜୟ ହୁଏ ।

ଆଜି ତାଙ୍କ ସ୍ୱରର ପ୍ରତିଫଳନ ଓ ପ୍ରତିସ୍ମୃତି ଜାଗି ଉଠୁଛି ।

❖ ❖ ❖

# ଅମ୍ଳାନ ପ୍ରେରଣାର ପବିତ୍ର ପ୍ରବାହ

ଭୂପାଲ ଚନ୍ଦ୍ର ମାହାନା

୨୦୦୮ ମସିହା ଆମ୍ଭମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବର୍ଷ । ଏହି ବର୍ଷଟି ବାବାଜି ମହାରାଜଙ୍କ ଜନ୍ମଶତବାର୍ଷିକୀ । ଏହି ଉପଲକ୍ଷ୍ୟେ ବାବାଜିଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ତାଙ୍କ ସମ୍ବନ୍ଧରେ କିଛି ଲେଖିବାକୁ ଆଗ୍ରହ ହେଉଥିଲେ ମଧ ନିଜକୁ ସଙ୍କୋଚ ଲାଗୁଛି । କୌଣସି ବ୍ୟକ୍ତିଙ୍କ ବିଷୟରେ କିଛି ଲେଖିବା ବାସ୍ତବରେ ବହୁତ କଠିନ । ପୁଣି ବାବାଜି ମହାରାଜଙ୍କ ପରି ବ୍ୟକ୍ତିଙ୍କ ବିଷୟରେ ! - ବାବାଜି ମହାରାଜ, ଏହା ଏପରି ଏକ ନାମ ଯାହାକୁ ଶୁଣିଲା ମାତ୍ରେ ଓଡ଼ିଶାର ସମସ୍ତ ମାତୃଭକ୍ତଙ୍କର ମସ୍ତକ ଶ୍ରଦ୍ଧା ଓ ଭକ୍ତିରେ ସ୍ୱତଃସ୍ଫୁର୍ତ୍ତ ଭାବେ ନଇଁଯାଏ । ଯେ କି ଆମ ସମସ୍ତଙ୍କର ନମସ୍ୟ । ତାଙ୍କ ବିଷୟରେ କିଛି ଲେଖିବା ତ ଆଦୌ ସହଜ ବୋଲି ମନେହୁଏ ନା । କିନ୍ତୁ ତାଙ୍କ ସହିତ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଆଚରଣରୁ ଯାହା ଅନୁଭବ କରିଛି, ଯାହା ଦେଖିଛି, ଯାହା ତାଙ୍କ ପାଖରୁ ଶୁଣିଛି, ତାହାହିଁ କେବଳ ଏଠାରେ ଉପସ୍ଥାପନ କରିବାକୁ ପ୍ରୟାସ କରୁଛି ।

ବାବାଜି ମହାରାଜଙ୍କ ସହିତ ସାକ୍ଷାତ୍ କରିବା ସମୟରେ ତାଙ୍କର ସେହି ଅନ୍ତରଖୋଲା କଥାବାର୍ତ୍ତା ଓ ସରଳତା ଯେକୌଣସି ବ୍ୟକ୍ତିଙ୍କୁ ମୁଗ୍ଧ କରିଥାଏ । ଯେତେବେଳେ କୌଣସି ବ୍ୟକ୍ତି ନିଜର ସମସ୍ୟା ନେଇ ତାଙ୍କ ପାଖକୁ ଆସନ୍ତି, ସେତେବେଳେ ତାଙ୍କର କେତେପଦ କଥା ଆଗନ୍ତୁକଙ୍କ ଭାବଧାରାକୁ ସମ୍ପୂର୍ଣ୍ଣଭାବରେ ବଦଳାଇ ଦିଏ । ସେ ଆନନ୍ଦ ମନରେ ଫେରିଯାଆନ୍ତି । ସେହି ଦୃଶ୍ୟଗୁଡ଼ିକ ଆଜି ବି ମୋ ଭିତରେ ଉଙ୍କିମାରେ । ଅନ୍ୟମାନଙ୍କର ଦୁଃଖରେ ଦୁଃଖୀ ହେବା ସ୍ୱାଭାବିକ କିନ୍ତୁ ଅନ୍ୟମାନଙ୍କ ସୁଖରେ ସୁଖୀ ହେବା ବହୁତ କଠିନ । ବାବାଜି ମହାରାଜ କିନ୍ତୁ ଥିଲେ ଏହି ଧରଣର ବ୍ୟକ୍ତି, ଯିଏ କି ଅନ୍ୟମାନଙ୍କ ସୁଖରେ ସର୍ବଦା ସୁଖୀ ହୋଇଥା'ନ୍ତି । ଅନେକ ସମୟରେ ଦେଖାଯାଇଛି, ସେ ଅନ୍ୟର ସୁଖରେ ଆନନ୍ଦରେ ବିହ୍ୱଳ ହୋଇଉଠନ୍ତି । ଏହିଭଳି କେତେକ ପରିସ୍ଥିତିରେ ତାଙ୍କର ଚକ୍ଷୁରୁ ସ୍ୱତଃସ୍ଫୁର୍ତ୍ତଭାବେ ଝରିଆସୁଥିବା ସେହି ଦିବ୍ୟ ଲୋତକଧାରାର ଦୃଶ୍ୟ ମୋର ଏବେ ବି ସ୍ମରଣୀୟ ହୋଇରହିଛି । ତାଙ୍କ ସହିତ କାର୍ଯ୍ୟ କରିବାର ସୁଯୋଗ ପାଇଥିବାରୁ ମୁଁ ନିଜକୁ ଧନ୍ୟ ମଣେ ଏବଂ ମା'ଙ୍କ ନିକଟରେ ମୋର କୃତଜ୍ଞତା ଜଣାଏ ।

ଆମେ ସମସ୍ତେ ଜାଣିଛୁ ବାବାଜି ମହାରାଜ ପିଲାଦିନରୁ ନିଜର ଘରଛାଡ଼ି ଅଯୋଧ୍ୟାରେ ରହି କଠୋର ସାଧନା କରୁଥିଲେ ଏବଂ ପରେ ସେ ଅଯୋଧ୍ୟାରୁ ପଣ୍ଡିଚେରୀ ଆସି ଶ୍ରୀମାଶ୍ରୀଅରବିନ୍ଦଙ୍କ ଚରଣରେ ଆଶ୍ରିତ ହେଲେ । କଥାଛଳରେ ଥରେ ବାବାଜି ମହାରାଜ ତାଙ୍କ ଅତୀତର ଘଟଣାବଳୀ ବର୍ଣ୍ଣନା କରୁଥିବା ବେଳେ ପ୍ରକାଶ କରିଥିଲେ ତାଙ୍କର ଶ୍ରୀଅରବିନ୍ଦ ଆଶ୍ରମ ଆଗମନର ରହସ୍ୟ । ଅଯୋଧ୍ୟାରେ ଶ୍ରୀରାମଙ୍କ ଭକ୍ତ ହେବା ପୂର୍ବରୁ ସେ ଅନେକ ଦେବସ୍ଥାନ ବୁଲିଥିଲେ । ଆଧ୍ୟାତ୍ମିକ ଗୁରୁ ଅନ୍ୱେଷଣ କରିବା ତାଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଶ୍ରୀରାମଙ୍କୁ ଗୁରୁ ରୂପରେ ସ୍ୱୀକାର କରି ବାବାଜି ମହାରାଜ ଅଯୋଧ୍ୟାରେ ପ୍ରାୟ ୧୫ବର୍ଷ ପର୍ଯ୍ୟନ୍ତ ରହିଥିଲେ । ଅଯୋଧ୍ୟାରେ ଥିବା ସମୟରେ ବର୍ଷାଦିନରେ ସେ କିପରି ପାଣିଘେର ଭିତରେ ବାସ କରୁଥିଲେ, ଗୋଟିଏ କାଠପଟା ଉପରେ ବିଶ୍ରାମ ନେଉଥିଲେ, ଯାହାର ତଳେ ପାଣିର ସୁଅ ବହିଯାଉଥିଲା । ସାଧନା ଜୀବନର ତାଙ୍କର ବର୍ଣ୍ଣନା, ସେହି ପରିବେଶ ଓ ଦୃଶ୍ୟର ବର୍ଣ୍ଣନା ଥିଲା ବହୁତ ହୃଦୟସ୍ପର୍ଶୀ । ଅଯୋଧ୍ୟାରେ ରହି ସାଧନା ପଥରେ ଅଗ୍ରସର ହେବା ଭିତରେ ସେ ନିଜ ଭିତରେ ଏକ ଉଚ୍ଚତର ଆଧ୍ୟାତ୍ମିକ ଚେତନାର ପୂର୍ବାଭାସ ଅନୁଭବ କଲେ । ସେତିକିବେଳେ ସେ ଅପ୍ରତ୍ୟାଶିତ ଭାବରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ରଚିତ ପୁସ୍ତକ ପାଠକଲେ । ଶ୍ରୀମାଶ୍ରୀଅରବିନ୍ଦଙ୍କ ରଚିତ ପୁସ୍ତକ ପାଠ କରିବା ମାତ୍ରେ ସେ ଅନୁଭବ କଲେ ନିଜ ଶରୀର ଭିତରେ ଏକ ଆନନ୍ଦର ଝଲକ ଖେଳିଯାଉଛି । ବିଶେଷ କରି ମାତୃବାଣୀ, ଯୋଗାଧାର, ଯୋଗପ୍ରଦୀପ ପୁସ୍ତକଗୁଡ଼ିକ ପଢ଼ିବା ଭିତରେ ସେ ବେଶ ହୃଦୟଙ୍ଗମ କରିପାରିଲେ ଯେ ଶ୍ରୀଅରବିନ୍ଦଙ୍କ ଯୋଗରେ ଜୀବନର ପୂର୍ଣ୍ଣତା, ଜୀବନର ଯଥାର୍ଥ ଲକ୍ଷ୍ୟପ୍ରାପ୍ତି, ସଂସାରରୁ ଦୁଃଖ-କଷ୍ଟ, ଅନ୍ୟାୟ-ଅତ୍ୟାଚାର, ଅସତ୍ୟ, ମିଥ୍ୟାଚାର ସମ୍ପୂର୍ଣ୍ଣରୂପେ ଦୂର ହୋଇ ଏହି ମୃତ୍ୟୁପୁରୀରେ ହିଁ ଦିବ୍ୟ ସ୍ୱର୍ଗରାଜ୍ୟର ପ୍ରତିଷ୍ଠା ହୋଇପାରିବ । ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଶ୍ରମକୁ ପତ୍ରାଳାପ କରି ଯେତେବେଳେ ସେ ଶ୍ରୀମା'ଙ୍କର ଆଶୀର୍ବାଦ ପୁଷ୍ପ ସହ ଆଶ୍ରମରୁ ଚିଠି ପାଇଲେ ସେତେବେଳେ ସେ ନିଜ ଅନ୍ତରରେ ଅନୁଭବ କଲେ ଏକ ବିଦ୍ୟୁତ୍‌ର ଶିହରଣ । ଭାବିଲେ ଯାହାଙ୍କର ଆଶୀର୍ବାଦ ପୁଷ୍ପ ପାଇଲାମାତ୍ରେ ମୋ ଭିତରେ ଏତେ ରୋମାଞ୍ଚ ଅନୁଭବ ହେଉଛି, ତାଙ୍କୁ ଦର୍ଶନ କଲେ କେତେ ଆନନ୍ଦ ନ ମିଳିବ ! ଏହି ଭାବ ନେଇ ସେ ଦେବଭୂମି ପଣ୍ଡିଚେରୀକୁ ଆସିବାକୁ ସ୍ଥିର କଲେ । ୧୯୪୫ ମସିହା ଫେବୃୟାରୀ ଦୁଇ ତାରିଖରେ ସେ ପଣ୍ଡିଚେରୀରେ ପହଞ୍ଚିଲେ । ଆଶ୍ରମରେ ପହଞ୍ଚି ପ୍ରଥମେ ଆଶ୍ରମର ସେକ୍ରେଟାରୀ ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କୁ ସାକ୍ଷାତ୍ କଲେ । ସେତେବେଳେ ସେ ହିନ୍ଦିରେ କଥାବାର୍ତ୍ତା କରୁଥିବାରୁ ତାଙ୍କୁ ଓଡ଼ିଆ ବୋଲି କେହି ଚିହ୍ନିପାରି ନଥିଲେ । ଯଥା ସମୟରେ ସେ ଶ୍ରୀମା'ଙ୍କ ଦର୍ଶନ ପାଇଲେ । ଆଶ୍ରମରେ ରହିବା ଓ କାର୍ଯ୍ୟ କରିବାର ସୁଯୋଗ ଶ୍ରୀମା ତାଙ୍କୁ ଦେଇଛନ୍ତି ବୋଲି ସେ ନଳିନୀଦାଙ୍କଠାରୁ ପରେ ଜାଣିଲେ । ତାଙ୍କର କାର୍ଯ୍ୟ ହେଲା ଭୋଜନାଳୟରେ ଉଚ୍ଛିଷ୍ଟ ବାସନ ଧୋଇବା ।

ଆପଣମାନେ ଯେଉଁମାନେ ଆଶ୍ରମ ସହିତ ସଂଶ୍ଳିଷ୍ଟ ସମସ୍ତେ ଦେଖିଥିବେ କିପରି ଆଶ୍ରମର ଭୋଜନାଳୟରେ ବାସନ-କୁସନ ପରିଷ୍କାର-ପରିଚ୍ଛନ୍ନ କରାଯାଏ । ବାବାଜି ତ ସନ୍ୟାସୀ ଲୋକ- କିପରି ଅନ୍ୟର ଅଇଁଠା ବାସନ ଧୋଇବେ ? ଏହାହିଁ ଥିଲା ସେତେବେଳେ ତାଙ୍କ ପାଇଁ ଏକ ଅମୀମାଂସିତ ପ୍ରଶ୍ନ ! ହୁଏତ ହୋଇପାରେ ଯେ ତାଙ୍କ ପାଇଁ ଏହା ମା'ଙ୍କର ଏକ ପରୀକ୍ଷା ! ତେଣୁ ଏହି କାର୍ଯ୍ୟଟି ପାଇଁ ତାଙ୍କ ଭିତରେ ଅନେକ ଦ୍ୱନ୍ଦ୍ୱ ଦେଖାଦେଇଥିଲା । ବାଧହୋଇ ବାବାଜି ମହାରାଜ ସକାଳର ଜଳଖିଆ, ମଧ୍ୟାହ୍ନ ଭୋଜନ ପୁଣି ରାତ୍ର ଭୋଜନ ପରେ ବାସନ ଧୋଇବା କାର୍ଯ୍ୟ ଶେଷକରି ନିଜ ବସାକୁ ଫେରି ପୁନର୍ବାର ସ୍ନାନ କରୁଥିଲେ । ଏହିପରି କିଛିଦିନ ପରେ ଦିନେ ଅପରାହ୍ନରେ ସେ ଭୋଜନାଳୟର ଉପର ମହଲାରେ ବସି ଚିନ୍ତା କରୁଥାନ୍ତି:

"ଯାହାଙ୍କର ଆଶୀର୍ବାଦ ପୁଷ୍ପର ସ୍ପର୍ଶରେ ମୋର ଶରୀରରେ ଏତେ ରୋମାଞ୍ଚ ହେଉଥିଲା ଅଥଚ ତାଙ୍କ ଦର୍ଶନରେ କାହିଁ କିଛି ବି ମୋର ଅନୁଭବ ହେଲା ନାହିଁ କିପରି ! ପୁଣି ସେ ମୋତେ ଏହିପରି କାର୍ଯ୍ୟ ଦେଲେ ଯେଉଁଥିପାଇଁ ମୋର ଏତେ ମାନସିକ ଅଶାନ୍ତି ?" ଠିକ୍ ଏମିତି ଭାବୁଥିଲାବେଳେ ସେ ସ୍ପଷ୍ଟ ଦେଖିଲେ ସ୍ୱୟଂ ଶ୍ରୀମା ନିଜେ ଆସି ତାଙ୍କ ମସ୍ତକ ଉପରେ ହସ୍ତ ରଖିଲେ। ହଠାତ୍ ତାଙ୍କ ଶରୀର ମଧ୍ୟରେ ଥିବା ସମସ୍ତ ଭାବନା, ସମସ୍ତ ଗ୍ଲାନି ଦୂର ହୋଇଗଲା। ସେ ସ୍ୱଚକ୍ଷୁରେ ଦେଖିଲେ ଶ୍ରୀମା'ଙ୍କର ସେହି ଅପୂର୍ବ ଦିବ୍ୟ ଶରୀର। ସ୍ୱତଃସ୍ଫୁର୍ତ୍ତଭାବେ ତାଙ୍କ ମସ୍ତକ ଶ୍ରୀମା'ଙ୍କ ଚରଣରେ ପ୍ରଣତି ଜଣାଇଲା। ତାଙ୍କ ଶରୀରରେ ଏହି ଅନୁଭୂତି ବେଶ୍ କିଛି ସମୟ ପର୍ଯ୍ୟନ୍ତ ଅନୁଭୂତ ହୋଇଥିଲା। ସବୁଦିନ ପରି ସେହିଦିନ ସନ୍ଧ୍ୟାରେ ସେ ଯେତେବେଳେ ସାନ୍ଧ୍ୟଭୋଜନର ଅଇଁଠା ବାସନ ଧୋଇବା କାର୍ଯ୍ୟ ଆରମ୍ଭ କଲେ ହଠାତ୍ ସେହି ବାସନ ଭିତରେ ଶ୍ରୀମା'ଙ୍କର ଛବି ପ୍ରତିଫଳିତ ହେବାର ଦେଖିଲେ। ଯେତେ ପରିଷ୍କାର କଲେ ଶ୍ରୀମା'ଙ୍କର ଛବି ସେତେ ସ୍ପଷ୍ଟ ହୋଇଉଠିଲା। ସେହି ଦିନଠାରୁ ଏହି ଅନୁଭୂତିଟି ତାଙ୍କର ହୃଦ୍‌ଗତ ହୋଇ ରହିଗଲା। ଆଉ ସେହି କାର୍ଯ୍ୟଟିକୁ ସେ ଆପଣେଇ ନେଲେ ସାରାଜୀବନ। ଏହି ହୃଦୟସ୍ପର୍ଶୀ ବର୍ଣ୍ଣନାଟି ମୁଁ ଶୁଣିଥିଲି ବାବାଜି ମହାରାଜଙ୍କ ମୁଖରୁ, ଯେତେବେଳେ ସେ ଏହା ପ୍ରକାଶ କରୁଥିଲେ ସେତେବେଳେ ତାଙ୍କ ଦୁଇ ଚକ୍ଷୁରୁ ଝରିଆସୁଥିଲା ଆନନ୍ଦର ଅଶ୍ରୁ।

ଆଉ ଥରେ ଅଶ୍ରୁ ଦେଖିଥିଲି ଶ୍ରୀପ୍ରପତ୍ତିଙ୍କ ତିରୋଧାନ ସମୟରେ। ମନେଅଛି ଓଡ଼ିଶାର ଜଣେ ମାତୃଭକ୍ତ ତାଙ୍କ ଶରୀର ଅସୁସ୍ଥ ଥିବା ସମୟରେ ଆଶ୍ରମକୁ ଆସିଥିଲେ। ସେ "ଓଡ଼ିଶା ଗେଷ୍ଟହାଉସ"ରେ ରହୁଥିଲେ। ତାଙ୍କର ପ୍ରାୟ ଶେଷ ଅବସ୍ଥା। ବାବାଜି ମହାରାଜ ଯାଇଥା'ନ୍ତି ତାଙ୍କୁ ସାକ୍ଷାତ୍ କରିବା ପାଇଁ। ସଙ୍ଗରେ ପ୍ରପତ୍ତିଜି ଓ ଅନ୍ୟ କେତେ ଜଣ ମଧ୍ୟ ଥିଲେ। ବାବାଜି ମହାରାଜଙ୍କୁ ଦେଖି ସେ ବ୍ୟକ୍ତି ହୁଏତ ଜାଣି ପାରିଥିଲେ ଯେ ତାଙ୍କର ବାବାଜି ମହାରାଜଙ୍କ ସହିତ ଏହା ଶେଷ ସାକ୍ଷାତ। ପୁଣ୍ୟବନ୍ତ ଭଦ୍ରବ୍ୟକ୍ତି ଜଣକ ବାବାଜିଙ୍କର ଦୁଇ ହସ୍ତକୁ ଧରି ନିଜର ପ୍ରଣତି ଜଣାଇବା ବେଳେ ଶେଷ ନିଃଶ୍ୱାସ ତ୍ୟାଗ କଲେ। ସେ ଦୃଶ୍ୟ ଦେଖି ପ୍ରପତ୍ତିଙ୍କର ଆତ୍ମା ବୋଧହୁଏ ଏହି ସୁଯୋଗକୁ ଭୁଲି ନଥିଲା। ସେଦିନ ଥିଲା ୧୯୮୯ ମସିହା ଜୁନ୍ ୨୮ ତାରିଖ ସକାଳ। ପ୍ରପତ୍ତି ତାଙ୍କର ଏହି ଭୌତିକ ଶରୀରଠାରୁ ନିଜକୁ ପ୍ରତ୍ୟାହାର କରିନେବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ଡାକ୍ତରଙ୍କ ମତାମତକୁ ବାବାଜିଙ୍କୁ ଜଣାଇ ଦିଆଗଲା। ସେତିକିବେଳେ ମୁଁ ତାଙ୍କ ପାଖରେ ଥିଲି। ଖବର ପାଇ ବାବାଜି ଅନ୍ୟମାନଙ୍କ ସହିତ ସଙ୍ଗେ ସଙ୍ଗେ ଆଶ୍ରମ ନର୍ସିଂହୋମରେ ଆସି ପହଞ୍ଚିଲେ। ବାବାଜି ମହାରାଜ ପ୍ରପତ୍ତିଙ୍କ ହାତକୁ ଧରିଲେ ଏବଂ ପ୍ରପତ୍ତି ବାବାଜିଙ୍କୁ ସ୍ଥିର ଚିତ୍ତରେ ଚାହିଁ ରହିଥା'ନ୍ତି। ଅନ୍ତର ଭିତରେ କିଛି ପ୍ରକାଶ କରୁଥିବାର ମନେ ହେଉଥାଏ। ଅଳ୍ପ ସମୟ ପରେ ବାବାଜିଙ୍କୁ ଚାହିଁରହି ପ୍ରପତ୍ତି ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କଲେ। ବାବାଜି ସେହିପରି ଚାହିଁ ରହିଥା'ନ୍ତି..। ସେହି ଦିନର ଦୃଶ୍ୟ ଏବେ ବି ମୋର ଅନ୍ତର ମଧ୍ୟରେ ଲିପିବଦ୍ଧ ହୋଇରହିଛି। ଏଠାରେ ଦେଖିବାକୁ ହେବ ଯେ ପ୍ରପତ୍ତିଙ୍କର ଅନ୍ତରାତ୍ମା ଅନେକ ଦିନ ପୂର୍ବରୁ ଯାହା ସଙ୍କଳ୍ପ କରିଥିଲା, ବାବାଜି ମହାରାଜ ନିଜର ହାତ ବଢ଼ାଇ ପ୍ରପତ୍ତିଙ୍କ ଶେଷ ଇଚ୍ଛା ପୂରଣ କଲେ। ତା'ପରେ କିଛି ସମୟ ବାବାଜି ମହାରାଜ ସେଠାରେ ସ୍ଥିର ହୋଇ ରହିଲେ ଏବଂ ପରେ ନିଜ ବସାକୁ ଫେରି ଆସିଲେ। ପ୍ରପତ୍ତିଙ୍କ ପାର୍ଥିବ ଶରୀରକୁ ନବଜ୍ୟୋତି କାର୍ଯ୍ୟାଳୟରେ ଥିବା ତାଙ୍କ କୋଠରୀକୁ ଅଣାଯାଇ ତହିଁ ପରଦିନ ସକାଳେ ଆଶ୍ରମର ପରମ୍ପରା ଅନୁସାରେ ଦାହ କରାଗଲା। ତା'ପରଦିନ ଅସ୍ଥି ବିସର୍ଜନ କାର୍ଯ୍ୟ ଶେଷ କରି ସନ୍ଧ୍ୟାରେ ମୁଁ ଯେତେବେଳେ ବାବାଜିଙ୍କୁ ସାକ୍ଷାତ୍ କରିବାକୁ ଗଲି, ସେତେବେଳେ ସେ ମୋତେ ଦେଖି ପଚାରିଲେ, କ'ଣ ସବୁକାର୍ଯ୍ୟ ଶେଷ ହେଲା ? ସେତିକିବେଳେ ଦେଖିଲି ତାଙ୍କ ଚକ୍ଷୁଦ୍ୱୟରୁ ଝରି ଆସୁଛି ଲୋତକର ଧାରା।

କଥା ଛଳରେ ବାବାଜି ମହାରାଜ ଥରେ ମତେ କହିଥିଲେ ଆଶ୍ରମରେ ଯେକେହି ସାଧକ ଶରୀର ଛାଡ଼ିବାର ଦିନକ ଆଗରୁହିଁ ସେ ତାହା ଜାଣିପାରୁଥିଲେ। ପ୍ରପତ୍ତିଙ୍କର ଶରୀରତ୍ୟାଗର କିଛିଦିନ ପରେ ମୁଁ ବାବାଜିଙ୍କୁ ପଚାରିଥିଲି "ପ୍ରପତ୍ତିଙ୍କ ଶରୀର ତ୍ୟାଗ ସମୟରେ ଆପଣ କ'ଣ ଦେଖିଥିଲେ ?" ବାବାଜି କହିଲେ, "ପତିବାବୁ ତାଙ୍କ ଶରୀର ତ୍ୟାଗ କରିବାର ଆଗରୁ ମୁଁ ଦେଖିଲି ପତିବାବୁ ଫୁଲ-କୁଞ୍ଜର ଭିତର ଦେଇ ଚାଲିଛନ୍ତି।"

ପ୍ରପତ୍ତିଙ୍କ ଶରୀର ତ୍ୟାଗର କିଛି ବର୍ଷ ପରେ ଯେତେବେଳେ ୧୯୯୬ ମସିହା ଫେବୃୟାରୀ ୪ ତାରିଖରେ ଶ୍ରୀ ଉତ୍ସବାନନ୍ଦ ସାମନ୍ତରାୟ (କଟକ ମାତୃଭବନର ପ୍ରତିଷ୍ଠାତା) ଶରୀର ତ୍ୟାଗ କଲେ, ବୋଧହୁଏ ପୂର୍ବାହ୍ନ ପ୍ରାୟ ୧୧ଟା ସମୟ ହେବ, କଟକରୁ ଅନିମେଷ ଭାଇ ଫୋନ୍ ଦ୍ୱାରା ଜଣାଇଲେ ଯେ ତାଙ୍କର ବାପା ଶରୀର ତ୍ୟାଗ କରିଛନ୍ତି। ସେଦିନ ତାଙ୍କ ମା'ଙ୍କର ଦଶାହ ଶ୍ରାଦ୍ଧ ଦିବସ ଥିଲା। ମୁଁ ସଙ୍ଗେସଙ୍ଗେ ବାବାଜିଙ୍କୁ ଏହି ଖବର ଦେବା ପାଇଁ ଡାଇନିଂ ରୁମ୍‌କୁ ଗଲି। ସେତେବେଳେ ବାବାଜି ବାସନ ମାଜୁଥିଲେ। ମୋତେ ଦେଖି ଅନ୍ୟ ଦିନ ପରି ତାଙ୍କ ପାଖରେ ଗୋଟିଏ ପିଢ଼ାକୁ ଦେଖାଇ ଦେଇ ବସିବାକୁ କହିଲେ। ମୁଁ ଉତ୍ସବବାବୁଙ୍କ ଶରୀର ତ୍ୟାଗ ବିଷୟ କହିଲା ବେଳେ ଦେଖିଲି ତାଙ୍କ ଚକ୍ଷୁଦ୍ୱୟ ଲୋତକରେ ପୂର୍ଣ୍ଣ ହୋଇଆସୁଛି। ସେ କହିଲେ, "ମୁଁ ଜାଣିଥିଲି ଉତ୍ସବବାବୁ ଆଜି ଚାଲିଯିବେ।" ବାବାଜି ପୁଣି ପଚାରିଲେ ଅନିମେଷଙ୍କର ମା'ଙ୍କର ଦଶାହ ଶ୍ରାଦ୍ଧ ବୋଧହୁଏ ଆଜି। ମୁଁ କହିଲି, "ହଁ ମହାରାଜ"। ଅନିମେଷ ଭାଇଙ୍କର ମା'ଙ୍କର ଶ୍ରାଦ୍ଧର ସମସ୍ତ ସାମାଜିକ ରୀତି-ପ୍ରଥା ଇତ୍ୟାଦି ଶେଷ ହେବା ପରେ ଯାଇହିଁ ତାଙ୍କ ବାପା ଶେଷ ନିଃଶ୍ୱାସ ତ୍ୟାଗ କଲେ। ଜଣାପଡ଼େ ତାଙ୍କ ବାପା ଯେପରି ସେହି ମୁହୂର୍ତ୍ତକୁ ଅପେକ୍ଷା କରି ରହିଥିଲେ। ବାବାଜି କହିଲେ, "ସେ ଦୁଇଜଣ ମା'ଙ୍କର ସନ୍ତାନ, ସେମାନେ ତାଙ୍କର କାର୍ଯ୍ୟ ଶେଷ କରି ମା'ଙ୍କ ଚରଣରେ ଆଶ୍ରୟ ନେଇଛନ୍ତି। ନବଜ୍ୟୋତି କାର୍ଯ୍ୟାଳୟ ଗଠନ ଓ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ପ୍ରସାରଣରେ ଏ ଦୁଇଜଣଙ୍କର ତଥା ତାଙ୍କ ପରିବାରର ଅବଦାନ ଅନେକ ବେଶୀ। ଏହା କେବେହେଲେ ଭୁଲି ହେବ ନାହିଁ।

ଏହିଠାରେ ଶ୍ରୀ ଉତ୍ସବବାବୁଙ୍କ ପ୍ରସଙ୍ଗରେ ମୋର ଗୋଟିଏ ପ୍ରତ୍ୟକ୍ଷ ଘଟଣା ଉଲ୍ଲେଖ କରିବାକୁ ଆଗ୍ରହ ହେଉଛି। ଶ୍ରୀମା'ଙ୍କର ଆଶୀର୍ବାଦ ଏବଂ ବାବାଜି ମହାରାଜଙ୍କର ଗଭୀର ପ୍ରାର୍ଥନାର ଫଳସ୍ୱରୂପ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସ୍ଥାପନ ଓଡ଼ିଶାରେ ୧୯୭୦ ମସିହାରେ ପ୍ରଥମେ ଆରମ୍ଭ ହୋଇଥିଲା। ଏହି ଦିନଠାରୁ ଅନିମେଷ ଭାଇ ଏବଂ ତାଙ୍କ ବାପାମାଆ ସମସ୍ତେ ଏହି କାର୍ଯ୍ୟରେ ସକ୍ରିୟ ଅଂଶଗ୍ରହଣ କରିଆସିଛନ୍ତି। ମନେପଡ଼େ ୧୯୯୬ ମସିହାରେ ଜାନୁୟାରୀ ମାସ ପ୍ରଥମ ସପ୍ତାହରେ ଯେତେବେଳେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପୁନର୍ବାର ୬ଟି ସ୍ଥାନ ପାଇଁ ଓଡ଼ିଶାକୁ ଯିବାର ସ୍ଥିର ହେଲା,

ସେତେବେଳେ ଶ୍ରୀ ଉତ୍ସବବାବୁଙ୍କ ଶରୀର ଅସୁସ୍ଥ ଥିଲା। ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସହିତ ମୁଁ କଟକରେ ପହଞ୍ଚିବାପରେ ଶ୍ରୀ ଉତ୍ସବବାବୁଙ୍କୁ ସାକ୍ଷାତ୍ କରିବା ପାଇଁ ଯେତେବେଳେ ତାଙ୍କ ଘରକୁ ଗଲି ସେତେବେଳେ ଶ୍ରୀଅରବିନ୍ଦଙ୍କ କକ୍ଷରୁ ନେଇଥିବା ଗୋଲାପ ଫୁଲ ତାଙ୍କୁ ଦେଲି। ସେ କେବଳ ମୋତେ ଚାହିଁ ରହିଲେ। ତାଙ୍କ ଶରୀରର ଅବସ୍ଥା ବିଶେଷ ଭଲ ନଥିବାରୁ ସେ କିଛି କହି ପାରିଲେ ନାହିଁ। କିନ୍ତୁ ସେତିକିବେଳେ ଅନିମେଷ ଭାଇଙ୍କ ବୋଉ ଶ୍ରୀମତୀ ନିଶାମଣି ଦେବୀ ସେଠାରେ ଉପସ୍ଥିତ ଥିଲେ। ଆଶ୍ରମରୁ ନେଇଥିବା ପୁଷ୍ପ-ପ୍ରସାଦ ଶ୍ରୀ ଉତ୍ସବବାବୁଙ୍କୁ ମୁଁ ଦେଉଥିବା ଦୃଶ୍ୟ ସେ ଦେଖିଲେ। ପୂର୍ବପରି (ମୁଁ ଯେତେବେଳେ ତାଙ୍କ ଘରକୁ ଯାଏ) ମୋ ଭୋଜନର ବ୍ୟବସ୍ଥା କରି ସେ କହିଲେ, "ତୁମେ କ'ଣ ଦେଖିଲ ? ବାପାଙ୍କର ଶରୀର କିପରି !" କିଛି ସମୟ ନିରବ ରହିବା ପରେ ହଠାତ୍ ସେ ନିଜକୁ ନିଜେ କହି ପକାଇଲେ, "ମୁଁ ଥାଉ ଥାଉ ସେ କିପରି ଚାଲି ଯିବେ !" ତାଙ୍କର ଏହିପରି କଥା ପଦକରେ ମୋର ସବୁକିଛି ଅଦଳବଦଳ ହୋଇଗଲା ପରି ମୁଁ ଅନୁଭବ କଲି। ମୋର ଭୋଜନ ସେ ପର୍ଯ୍ୟନ୍ତ ସରିନଥାଏ।, ଲକ୍ଷ୍ୟକଲି ଶ୍ରୀମତୀ ନିଶାମଣି ଦେବୀ ନିଜର ଶ୍ୱାସ-ପ୍ରଶ୍ୱାସ ନେବାରେ ଅସ୍ୱସ୍ତି ଅନୁଭବ କରୁଛନ୍ତି। ଅନ୍ୟମାନେ ବ୍ୟତିବ୍ୟସ୍ତ ହୋଇ ଡାକ୍ତରଙ୍କୁ ଆଣିବାରେ ଲାଗିଗଲେ। ଦେଖିଲି ଧୀରେ ଧୀରେ ଶ୍ରୀମତୀ ନିଶାମଣି ଦେବୀଙ୍କର ଅବସ୍ଥା ଅବନତି ଦିଗକୁ ଯାଉଛି ଏବଂ ଶ୍ରୀ ଉତ୍ସବବାବୁ ଧୀରେ ଧୀରେ ସୁସ୍ଥ ହୋଇଉଠୁଛନ୍ତି। ଘଟଣାଟି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଲା। ଦୁଇଟି ପବିତ୍ର ଆତ୍ମାଙ୍କର ଏହାଥିଲା ଅପୂର୍ବ ଯୋଗାଯୋଗ। ସେହି ସମୟରେ ଓଡ଼ିଶାରେ ୬ଟି ସ୍ଥାନରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର କାର୍ଯ୍ୟକ୍ରମ ଥିଲା। ଅନିମେଷ ଭାଇ ଯଦିଓ ଆମ ସହିତ ରହିଥିଲେ ତଥାପି ସେ ନିଜର ବୋଉଙ୍କର ଅସୁସ୍ଥତା ଯୋଗୁଁ ବିଶେଷ ଭାବରେ ଉଦ୍‌ବିଗ୍ନ ରହୁଥିଲେ। କିନ୍ତୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠାର ସମସ୍ତ କାର୍ଯ୍ୟ ଶେଷ କରି ଆମେ କଟକ (୧୦.୦୧.୧୯୯୬) ଫେରିବା ପର୍ଯ୍ୟନ୍ତ କୌଣସି ଅଘଟଣ ଘଟିନଥିଲା। ଶ୍ରୀମତୀ ନିଶାମଣି ଦେବୀ ସେହିପରି ଚେତନାଶୂନ୍ୟ ହୋଇ ରହିଥିଲେ। ସେ ଶରୀର ତ୍ୟାଗ କଲେ ୨୬.୦୧.୧୯୯୬ ଦିନ। କଟକରୁ ଫେରି ମୁଁ ଯେତେବେଳେ ଏହି ଘଟଣାକୁ ବାବାଜି ମହାରାଜଙ୍କୁ କହିଲି, ସେତେବେଳେ ବାବାଜି ମହାରାଜ କେବଳ ସ୍ମିତହାସ୍ୟରେ କହିଲେ, ଏହା ସତ୍ୟ। ଏ ବିଷୟ ମୁଁ ସବୁ ଜାଣେ।

ଉପରୋକ୍ତ ଘଟଣାକୁ ଲକ୍ଷ୍ୟ ରଖି ପୁନଶ୍ଚ ଅନ୍ୟ ଗୋଟିଏ ବିଷୟ ଉଲ୍ଲେଖ କରିବାକୁ ଅନ୍ତର ଭିତରୁ ପ୍ରେରଣା ପାଉଛି। ଶ୍ରୀମତୀ ନିଶାମଣି ଦେବୀ ଶାରୀରିକ ଅସୁସ୍ଥତା ଯୋଗୁଁ ତାଙ୍କ ମୁଖମଣ୍ଡଳର ଡାହାଣପଟ ତଳ ଓଠଟି କିଛି ଅଂଶରେ ବଙ୍କା ହୋଇ ରହିଥିଲା। କଟକରେ ଅନେକ ଡାକ୍ତର ଦେଖିଲେ, କିନ୍ତୁ କିଛି ବି ଉପକାର ହେଲା ନାହିଁ। ପ୍ରତିବର୍ଷ ପରି ସେହି ବର୍ଷ ଅଗଷ୍ଟମାସ ଦର୍ଶନ ଦିବସକୁ ମଧ୍ୟ ସେମାନେ ପଣ୍ଡିଚେରୀ ଆସିଲେ। ପଣ୍ଡିଚେରୀରେ ରହଣୀ ସମୟରେ ଶ୍ରୀମତୀ ନିଶାମଣି ଦେବୀ ପ୍ରତିଦିନ ଅତି ଭୋରରୁ ଆଶ୍ରମକୁ ଯାଇ ସମାଧିରେ ପ୍ରଣାମ ନିବେଦନ କରିସାରି ବାବାଜିଙ୍କୁ ସାକ୍ଷାତ୍ କରି ନିଜ ବସାକୁ ଫେରନ୍ତି। ସେଦିନ ସେ ବାବାଜିଙ୍କ ଘରକୁ ଆସିବା ସମୟରେ ମୁଁ ମଧ୍ୟ ଆକସ୍ମିକ ଭାବେ ସେତିକିବେଳେ ବାବାଜିଙ୍କ ଘରର ଦ୍ୱାର ପାଖରେ ପହଞ୍ଚିଛି। ଫଳରେ ତାଙ୍କ ସହିତ ମୋର ସାକ୍ଷାତ୍ ହେଲା, କେତେବେଳେ ଆସିଲେ ବୋଲି ତାଙ୍କୁ ପଚାରି ଆମେ ଦୁଇଜଣ ଭିତରକୁ ପଶିଗଲୁ। ବାବାଜି ଏକା ଥା'ନ୍ତି। ସେ ବାବାଜିଙ୍କୁ ପ୍ରଣାମ କରି ତାଙ୍କ ପାଖରେ ବସିଲେ। ତାଙ୍କର ଭଲମନ୍ଦ ସବୁକଥା ବାବାଜି ପଚାରି ବୁଝିଲେ। ସେତେବେଳେ ସେ କଥାବାର୍ତ୍ତା ଭଲଭାବରେ କରିପାରୁ ନଥିଲେ। ତଥାପି ଅସ୍ପଷ୍ଟ ଭାବରେ କିଛି କହିଲେ। ବାବାଜି ମଧ୍ୟ ସେସବୁ ଯତ୍ନ ସହକାରେ ଶୁଣୁଥିଲେ। ଶେଷରେ ଶ୍ରୀମତୀ ନିଶାମଣି ଦେବୀ କହିଲେ, "ଡାକ୍ତରମାନେ କହୁଛନ୍ତି ଏହା ଏହିପରି ରହିବ। କିନ୍ତୁ ମୋର ବିଶ୍ୱାସ ଆପଣଙ୍କର ପାଦସ୍ପର୍ଶ ପାଇଲେ ଏହା ଭଲ ହୋଇଯିବ। ଆପଣଙ୍କର ପାଦ ଟିକିଏ ଏହିଠାରେ ସ୍ପର୍ଶ କରିଦିଅନ୍ତୁ।" ଏହା ଶୁଣି ବାବାଜି ସ୍ଥିର ହୋଇଗଲେ। ତା'ପରେ ସେ ବାବାଜିଙ୍କର ପାଦକୁ ଦୁଇ ହାତରେ ଧରି ଧୀରେ ଧୀରେ ଆଣି ନିଜର ତଳଓଠରେ ଲଗାଇ ରଖିଲେ। ତାହା ଦେଖି ମୁଁ ଅବାକ୍ ! ଦେଖିଲି ତାଙ୍କ ଯେଉଁ ଓଠ ନଇଁଯାଇଥିଲା ସେହି ଅଂଶଟି ପୂର୍ବଭଳି ଦେଖାଗଲା। ଏବଂ ସେ ଆଗ ଅପେକ୍ଷା ଭଲଭାବରେ କଥାବାର୍ତ୍ତା କରିପାରିଲେ। ସମ୍ପୂର୍ଣ୍ଣ ନୀରବତା ଓ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାତାବରଣ ଆମକୁ ଘେରି ରହିଥିବାର ଅନୁଭୂତ ହେଲା। ପରସ୍ପରଙ୍କର ମୁଖମଣ୍ଡଳରେ ଫୁଟିଉଠୁଥିଲା ଏକ ଦିବ୍ୟ ଆଭାସ। ଅଧିକ ଆଉ କିଛି ନକହି ସେ ପୁଣିଥରେ ବାବାଜିଙ୍କୁ ପ୍ରଣାମ କରି ନିଜ ବାସଗୃହକୁ ଫେରି ଆସିଲେ। ଯଦିଓ ମୋର ଅନ୍ୟାନ୍ୟ ବିଷୟରେ ବାବାଜିଙ୍କ ସହିତ ଆଲୋଚନା କରିବାର ଥିଲା କିନ୍ତୁ ସେତେବେଳେ ତାଙ୍କ ସହିତ କଥାପଦେ ହେବାକୁ ମୋର ମନ ଆଦୌ ଚାହିଁ ନଥିଲା। ନିରବରେ ମୁଁ ମଧ୍ୟ ଫେରି ଆସିଲି।

ଆଉ ଏକ ଘଟଣା ମନକୁ ଆସେ। ବିହାରି ଭାଇ (ବିହାରିଲାଲ ପଟ୍ଟନାୟକ)ଙ୍କ ପ୍ରସଙ୍ଗରେ। ଥରେ ପୁରୀ ଶ୍ରୀଜଗନ୍ନାଥ ଧାମରେ ଥିବା ଶ୍ରୀଅରବିନ୍ଦ ଆଶ୍ରମର ସମ୍ପତ୍ତିରେ, ଯେଉଁଠାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା କରାଯାଇଛି ଏବଂ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ରହିଛି, ସେଠାରେ କିଛି ଲୋକ ଆସି ଗଣ୍ଡଗୋଳ କରି ସେହି ସ୍ଥାନଟି ତାଙ୍କର ବୋଲି ଦାବି କରୁଥିଲେ। ଏହି ମର୍ମରେ ବାବାଜିଙ୍କ ସହିତ ଶ୍ରୀଯୁକ୍ତ ମନୋଜ ବାବୁ ଓ ବିହାରିଭାଇ ଆଲେଚନା କରି ସ୍ଥିରକଲେ ଯେ ବାବାଜି ମହାରାଜ ଗୋଟିଏ ଚିଠି ତତ୍କାଳୀନ ମୁଖ୍ୟମନ୍ତ୍ରୀ ମହୋଦୟ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଲେଖିଲେ ଭଲ ହେବ। ବିହାରି ଭାଇ କହିଲେ, "ମନୋଜବାବୁ, ଆପଣ ଗୋଟିଏ ଚିଠିର ନମୁନା କରିଦେବେ ଯାହାକୁ କି ବାବାଜି ସେହିଭଳି ନିଜ ହାତରେ ଲେଖି ଦେବେ।" ବାବାଜି ଏକଥା ଶୁଣିଲେ ଏବଂ ସ୍ଥିର ହେଲା ଯେ ମନୋଜବାବୁଙ୍କ ଘରକୁ ଯାଇ ମୁଁ ଚିଠିଟିକୁ ଆଣି ବାବାଜିଙ୍କୁ ଦେବି। ମନୋଜବାବୁ କହିବାନୁଯାୟୀ ତାଙ୍କ ପାଖରୁ ଚିଠିଟି ଆଣି ବାବାଜିଙ୍କ ଘରେ ପହଞ୍ଚିଲି। ମୁଁ ବାବାଜିଙ୍କୁ ମନୋଜବାବୁଙ୍କର ଚିଠିଟି ଦେବା ସମୟରେ ସେ ଆଗରୁ ପ୍ରସ୍ତୁତ କରି ରଖିଥିବା ତାଙ୍କର ଚିଠିଟି ମୋତେ ଦେଲେ। ବହୁତ ଆଶ୍ଚର୍ଯ୍ୟ ଲାଗିଲା ମନୋଜବାବୁଙ୍କର ଚିଠି ସହିତ ବାବାଜି ମହାରାଜଙ୍କର ଚିଠିର ବହୁତ ସାମ୍ୟ ଥିଲା ! ମନୋଜବାବୁ ତାଙ୍କ ଚିଠିରେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକଙ୍କୁ ଯେପରି ସମ୍ବୋଧନ କରି ଲେଖିଥିଲେ, ବାବାଜି ମହାରାଜ ଠିକ୍ ସେହିଭାବରେହିଁ ଲେଖିଛନ୍ତି। ବିଷୟବସ୍ତୁ ମଧ୍ୟ ପ୍ରାୟ ସମାନ। ଆଶ୍ଚର୍ଯ୍ୟ ହୋଇ ପଚାରିଲି, "ମହାରାଜ, ମନୋଜବାବୁଙ୍କର ଚିଠି ଓ ଆପଣଙ୍କର ଚିଠି ଦୁଇଟି ତ ଏକାପରି ହୋଇଛି ! ଏହା ସମ୍ଭବ ହେଲା

କେମିତି ?" ଏହା ଶୁଣି ବାବାଜି ମହାରାଜ ତାଙ୍କର ସେହି ମୃଦୁ ହସରେ ମୋତେ ଚାହିଁଲେ। ସେଦିନ ତାଙ୍କର ସେହି ହସଟି ମୋର ଏବେ ବି ଅଭୁଲା ହୋଇ ରହିଛି।

ସାଧାରଣତଃ ୧୯୭୦ ମସିହା ପରଠାରୁ ପ୍ରପତ୍ତିଜି ଅଧିକାଂଶ ସମୟ ସାଙ୍ଗଠନିକ ଓ ଅନ୍ୟାନ୍ୟ କାର୍ଯ୍ୟରେ ଓଡ଼ିଶା ଯାଉଥା'ନ୍ତି। ଓଡ଼ିଶାରେ ତାଙ୍କର ସମସ୍ତ କାର୍ଯ୍ୟ ଶେଷକରି ପଣ୍ଡିଚେରୀକୁ ଫେରିବା ପୂର୍ବରୁ ସେ ବାବାଜିଙ୍କ ପାଖକୁ ଗୋଟିଏ ଟେଲିଗ୍ରାମ ପଠାଇ କେଉଁଦିନ ଫେରୁଛନ୍ତି ଜଣାଇଥା'ନ୍ତି। ଥରେ ସେହିପରି ଗୋଟିଏ ଟେଲିଗ୍ରାମ ପ୍ରପତ୍ତିଜି ପଠାଇଥିଲେ ଯାହାକୁ ମୁଁ ଆଶ୍ରମ ଗେଟ୍‌ରୁ ଆଣି ବାବାଜିଙ୍କୁ ଦେଲି। ବାବାଜି ସେ ଟେଲିଗ୍ରମଟିକୁ ଥରେ ଦେଖିଦେଇ ସମସ୍ତ ବିଷୟ ମୋତେ କହିଗଲେ। ସେତେବେଳେ ତାଙ୍କର ଚଷମା ନ ଥିଲା ଅଥଚ ସମସ୍ତ କଥା ସେ କିପରି ପଢ଼ିଲେ ଏବଂ ଯାହା ପଢ଼ିଲେ ସେସବୁହିଁ ସେଥିରେ ଲେଖାଥିଲା। କିନ୍ତୁ ଟେଲିଗ୍ରାମରେ ଯେଉଁ କ୍ରମାନ୍ୱୟରେ ଲେଖାଥିଲା ବାବାଜି ମହାରାଜ ସେହି କ୍ରମାନ୍ୱୟରେ ନ ପଢ଼ି ଲେଖାର ଆଗପଛ ପଢ଼ିଗଲେ। ସେତେବେଳେ ପ୍ରକୃତରେ ମୋତେ ବହୁତ ଆଶ୍ଚର୍ଯ୍ୟ ଲାଗିଥିଲା।

ଶ୍ରୀମା'ଙ୍କର ପ୍ରଦତ୍ତ ତାଙ୍କର ଭୋଜନାଳୟର କର୍ମଟିକୁ ବାବାଜି ମହାରାଜ ବହୁ ନିଷ୍ଠାପରଭାବରେ ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସମ୍ପାଦନ କରି ଚାଲିଥିଲେ। ଏପରି କି ନିଜ ଶରୀର ଅସୁସ୍ଥ ଥିଲେ ମଧ୍ୟ ସେ ତାଙ୍କର କାର୍ଯ୍ୟ ବନ୍ଦ କରୁ ନଥିଲେ। ଅବଶ୍ୟ ତାଙ୍କ ଶରୀର ଅସୁସ୍ଥ ହେବାର ଆମେ ବହୁତ କମ୍ ଦେଖୁ। ବେଶ୍ ଭଲଭାବରେ ଲକ୍ଷ୍ୟ କରିଛୁ ଯେ ଯଦି ତାଙ୍କ ଶରୀରରେ ସେ କିଛି ଅସୁବିଧା ବା କିଛି ପୀଡ଼ା ଅନୁଭବ କରନ୍ତି, ପରମୁହୂର୍ତ୍ତରେ ତାହା ସମ୍ପୂର୍ଣ୍ଣ ଭଲ ହୋଇଯାଇଛି। ଥରେ ବାବାଜି ମହାରାଜ ତାଙ୍କ ବାଥ୍‌ରୁମ୍‌ରେ ପଡ଼ିଗଲେ। ଫଳରେ ପଛପଟ ପିଠିର ହାଡ଼ ବୋଧହୁଏ ଭାଙ୍ଗିଯାଇଥାଏ। ଆଶ୍ରମର ନର୍ସିଂହୋମ୍‌କୁ ଆମେ ତାଙ୍କୁ ନେଇଗଲୁ। ଡାକ୍ତରମାନେ ବହୁ ଯତ୍ନ ସହକାରେ ବାବାଜି ମହାରାଜଙ୍କ ପିଠିର ଏକ୍ସ-ରେ ନେବା ପରେ କହିଲେ, "ବାବାଜି, ଆପଣଙ୍କର ପିଠିର ହାଡ଼ଟି ସାମାନ୍ୟ ଭାଙ୍ଗିଯାଇଛି ଅର୍ଥାତ୍ ଗୋଟିଏ ହେୟାର-କ୍ରାକ୍ ଭଳି ଦେଖା ଦେଉଛି ତେଣୁ ଆପଣଙ୍କୁ କିଛି ଦିନ ଏଠାରେ ବିଶ୍ରାମ କରିବାକୁ ହେବ।" ବାବାଜି ମହାରାଜ ମୃଦୁ ହସି କହିଲେ, "ଏ କିଛି ହେବ ନାହିଁ। ଆଗରୁ ମୋର ଏହିପରି ଅନେକ ଥର ହୋଇଛି, କିନ୍ତୁ ସବୁ ଭଲ ହୋଇଯାଇଛି। ଏଥର ମୁଁ ଏମାନଙ୍କୁ କହିଦେବାରୁ ଏମାନେ ମୋତେ ଏଠାକୁ ନେଇ ଆସିଲେ। ମୁଁ ମୋ ବସାରେ ବିଶ୍ରାମ ନେବି।" ତାହାହିଁ ହେଲା। କିଛିଦିନ ପରେ ଦେଖାଗଲା ତାଙ୍କର ପିଠିର ହାଡ଼ ଭଲ ହୋଇଯାଇଛି।

ବାବାଜି ମହାରାଜଙ୍କର ବ୍ୟକ୍ତିତ୍ୱ ଥିଲା ଅସାଧାରଣ। ଶ୍ରୀମାଶ୍ରୀଅରବିନ୍ଦଙ୍କ ଉପରେ ତାଙ୍କର ଅଟଳ ବିଶ୍ୱାସ ଥିଲା। ନିଷ୍କପଟ ଓ ସରଳ ଜୀବନଯାପନ ସହିତ ଭଗବତ୍ ବିଶ୍ୱାସ ତାଙ୍କ ଜୀବନର ପ୍ରତ୍ୟେକ କର୍ମ ଭିତରେ ଫୁଟିଉଠୁଥିଲା। ଓଡ଼ିଶାର ଅଗଣିତ ସାଧାରଣ ବ୍ୟକ୍ତି କିପରି ଏହି ନୂତନ ପଥରେ ଚାଲିପାରିବେ, ତାହାହିଁ ଥିଲା ତାଙ୍କ ଜୀବନର ଲକ୍ଷ୍ୟ ଓ ନିଷ୍ଠା। ଥରେ କେତେଜଣ ମାତୃପ୍ରେମୀ ବନ୍ଧୁମାନଙ୍କୁ ଚିଠିଦ୍ୱାରା ବାବାଜି ଜଣାଇଥିଲେ ସେମାନଙ୍କର ପିଲାମାନଙ୍କୁ ଆଶ୍ରମ ବିଦ୍ୟାଳୟରେ ପାଠପଢ଼ାଇବା ପାଇଁ ନେଇ ଆସିବା ଲାଗି। ବାବାଜି ଏହା ଲେଖି ଦେଲେ କିନ୍ତୁ କେବେ ଓ କିପରିଭାବରେ ଆଶ୍ରମ ବିଦ୍ୟାଳୟରେ ପିଲାମାନଙ୍କର ଆଡ୍‌ମିସନ୍ ହୁଏ ତାହାର ନିୟମକାନୁନ୍ ବିଷୟରେ ବାବାଜି ମହାରାଜ ବୋଧହୁଏ ସେତେ ଜାଣି ନଥିଲେ। ମା'ଙ୍କ ଉପରେ ଅଟଳ ବିଶ୍ୱାସ ଓ ନିଜର ସରଳତା ଭାବନେଇ ସେ ଏହା ଲେଖି ଦେଇଥିଲେ। ମାତୃପ୍ରେମୀ ବନ୍ଧୁମାନେ ବହୁ ଆନନ୍ଦରେ ନିଜ ନିଜର ପିଲାମାନଙ୍କୁ ସଙ୍ଗରେ ନେଇ ଏପ୍ରିଲ ମାସରେ ଆସି ଆଶ୍ରମରେ ପହଞ୍ଚିଲେ। ସାଧାରଣତଃ ଆଶ୍ରମ ସ୍କୁଲର ନିୟମ ଅନୁଯାୟୀ ପ୍ରତିବର୍ଷ ଜୁଲାଇ ମାସରେ ସିଲେକ୍‌ସନ ହୋଇଥାଏ ଏବଂ ଡିସେମ୍ବର ମାସରେ ଆଡ୍‌ମିସନ୍ କରାଯାଇ ସେହି ମାସ ୧୬ ତାରିଖରୁ ହିଁ ସବୁ କ୍ଲାସର ପାଠପଢ଼ା ଆରମ୍ଭ ହୋଇଥାଏ। ଏହା ସହିତ କେଉଁମାନେ କେଉଁ ଗ୍ରୁପ୍‌ରେ ରହିବେ ତାହା ମଧ୍ୟ ସ୍ଥିର ହୋଇଯାଇଥାଏ। ଏହାପରେ ପୁଣି ନୂତନ ପିଲାଗ୍ରହଣ କରିବା କୌଣସି ପ୍ରକାର ସମ୍ଭବ ନୁହେଁ। କିନ୍ତୁ ଏ କ୍ଷେତ୍ରରେ କ'ଣ କରାଯିବ ? ବାବାଜିଙ୍କର କଥାରେ ଅଭିଭାବକମାନେ ତାଙ୍କର ପିଲାମାନଙ୍କୁ ସଙ୍ଗରେ ନେଇ କେତେ ଆଗ୍ରହ ସହକାରେ ଆସିଛନ୍ତି। ଫଳରେ ଶ୍ରୀ ପ୍ରପତ୍ତି ମହାଶୟ ମା'ଙ୍କ ପାଖକୁ ସମସ୍ତ ବିଷୟ ଲେଖି ମା'ଙ୍କର ଅନୁମତି ଭିକ୍ଷା କଲେ। ଆଶ୍ରମର ଶିକ୍ଷାକେନ୍ଦ୍ରର ତତ୍‌କାଳୀନ ରେଜିଷ୍ଟ୍ରାର ଥିଲେ ଶ୍ରୀଯୁକ୍ତ କିରୀଟ ଯୋଷୀ। ଶ୍ରୀଯୁକ୍ତ ଯୋଶୀଙ୍କଠାରୁ ଶ୍ରୀମା ସମସ୍ତ ଖବର ଶୁଣି ଏବଂ ବାବାଜିଙ୍କର ଅନୁରୋଧରେ ଓଡ଼ିଶାରୁ ଏକକାଳୀନ ପ୍ରାୟ ୩୦ ଜଣ ବିଭିନ୍ନ ବୟସର ପିଲାମାନଙ୍କୁ ଆଶ୍ରମ ରେ ଗ୍ରହଣକଲେ। ଯଦିଓ ସେତେବେଳେ ଏହିପରି ମା'ଙ୍କର ପାଖକୁ ଅନୁମୋଦନ ପାଇଁ ଶ୍ରୀଯୁକ୍ତ ଯୋଷୀଙ୍କ ସହିତ ଅନ୍ୟ କେତେକ ବ୍ୟକ୍ତି ମଧ୍ୟ ଅନିଚ୍ଛୁକ ଥିଲେ ତଥାପି ପିଲାମାନଙ୍କର ପାଠପଢ଼ାର ସମସ୍ତ ପ୍ରକାର ଆୟୋଜନ କରାଗଲା। ଶ୍ରୀଯୁକ୍ତ କିରୀଟ ଯୋଷୀ ମା'ଙ୍କର ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ସ୍ୱତନ୍ତ୍ରଭାବରେ କ୍ଲାସ ରୁମ୍ ତଥା ଗ୍ରୁପ୍‌ର କାର୍ଯ୍ୟକ୍ରମ ଗୋଟିଏ ବର୍ଷ ପାଇଁ ଅଲଗା ଭାବରେ କରାଇଲେ। ବାବାଜି ମହାରାଜ ତଥା ଓଡ଼ିଶାବାସୀଙ୍କ ପ୍ରତି ଏହା ମା'ଙ୍କର ଏକ ସ୍ୱତନ୍ତ୍ର ଆଶୀର୍ବାଦ ଥିଲା। ଏହାପରେ ବାବାଜି ମହାରାଜ ଚିନ୍ତାକଲେ ଯେ ମା'ଙ୍କ ଉପରେ ଏମିତି ସମସ୍ୟା ଆଉ ନଦେଇ ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ନୂତନ ଧାରାରେ ସ୍କୁଲ ଆରମ୍ଭ କରିବାକୁ ହେବ। ତାଙ୍କର ଏହି ସଙ୍କଳ୍ପକୁ ସେ ଶ୍ରୀପ୍ରପତ୍ତିଙ୍କୁ ଜଣାଇଲେ। ଏବଂ କହିଲେ ବର୍ତ୍ତମାନ ଏହାର ସମୟ ଆସିଯାଇଛି, ଆପଣ ଚେଷ୍ଟା କରନ୍ତୁ ନିଶ୍ଚୟ ଫଳପ୍ରଦ ହେବ। କହିବା ବାହୁଲ୍ୟ ଯେ ପ୍ରପତ୍ତିଙ୍କର ପ୍ରଚେଷ୍ଟାରେ ସେହି ବର୍ଷ ୧୯୭୦ ମସିହା ଜୁଲାଇ ୧୫ ତାରିଖରେ ଶ୍ରୀମା'ଙ୍କର ଆଶୀର୍ବାଦ ସହ ଭୁବନେଶ୍ୱରଠାରେ ପ୍ରଥମ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ ହେଲା। ସେତେବେଳେ କେହି ବି ଚିନ୍ତା କରିପାରି ନଥିଲେ ଏହା ଏତେ ଫଳପ୍ରଦ ହେବ ବୋଲି। ଆଜି ସାରା ଓଡ଼ିଶାରେ ଭିନ୍ନ ଭିନ୍ନ ସ୍ଥାନରେ ପ୍ରାୟ ୪୫୫ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନ ଗଢ଼ିଉଠିଛି। ବାବାଜିଙ୍କ ଚିନ୍ତାଧାରା କେତେ ଗଭୀର ଓ କେତେ ଦୂରଦୃଷ୍ଟିସମ୍ପନ୍ନ ଥିଲା ତାହା ଭାବି ହୁଏ ନାହିଁ। ମା'ଙ୍କ ଉପରେ ଅଟଳ ବିଶ୍ୱାସ ଓ ନିଜର ସରଳତା ଯୋଗୁଁ ତାଙ୍କର ସମସ୍ତ ସଙ୍କଳ୍ପ ଦିବ୍ୟ ହୋଇଥାଏ ଏବଂ ପରବର୍ତ୍ତୀ ସମୟରେ ତାହା ସୁନ୍ଦରଭାବରେ କାର୍ଯ୍ୟକାରୀ ହୋଇଥାଏ।

ଥରେ ୧୯୭୨ ମସିହାରେ ଶ୍ରୀଅରବିନ୍ଦ ସୋସାଇଟି ତରଫରୁ ଆଶ୍ରମର ଥିଏଟର୍ ହଲରେ ଗୋଟିଏ ସମ୍ମିଳନୀର ଆୟୋଜନ ହୋଇଥାଏ।

ଏଥିରେ ଶ୍ରୀନବଜାତ, ଶ୍ରୀପ୍ରେମମଲ୍ଲିକ୍, ଶ୍ରୀଅରିନ୍ଦମ ବସୁ, ଆଶ୍ରମର ଟ୍ରଷ୍ଟି ଶ୍ରୀପ୍ରଦ୍ୟୁମ୍ନ-ଦା, ଅନ୍ୟମାନଙ୍କ ସହିତ ଶ୍ରୀପ୍ରପତ୍ତି ଓ ବାବାଜି ମହାରାଜ ମଧ୍ୟ ମଞ୍ଚରେ ଉପସ୍ଥିତ ଥିଲେ। ସଭା ଶେଷହେବା ପରେ ନବଜାତଜୀ ବାବାଜିଙ୍କୁ ଭିତରକୁ ନେଇଯାଇ ପ୍ରଶ୍ନକଲେ, "ବାବାଜି, ଆପଣ କ'ଣ ସବୁ ମନ୍ତ୍ର ଜାଣନ୍ତି ଯାହାଫଳରେ ଓଡ଼ିଶାରୁ ଏତେ ସଂଖ୍ୟାରେ ମା'ଙ୍କର ଭକ୍ତମାନେ ଆସିବାକୁ ଲାଗିଛନ୍ତି ! ତାହା ମୋତେ କହିବେ କି !" ବାବାଜି କହିଲେ, "ମୁଁ କେବଳ ମା'ଙ୍କର ନାମ ସ୍ମରଣକରେ ଏବଂ ତାଙ୍କ ନାମ ନିରନ୍ତର ଜପ କରେ। ଆଉ କିଛି ମନ୍ତ୍ରତନ୍ତ୍ର ଜାଣେନି।" ଏହାଶୁଣି ଶ୍ରୀନବଜାତଜୀ କହିଲେ ଏହି "ନାମଜପର କ'ଣ ଏତେ ମହିମା ! ଆପଣ ଯାହାସବୁ କହୁଛନ୍ତି ତାହା ପରମୁହୂର୍ତ୍ତରେ ପ୍ରତିଫଳିତ ହୋଇଯାଉଛି। ମୋର ତ ଏଥିରେ ଆଦୌ ବିଶ୍ୱାସ ହେଉନାହିଁ। ଆପଣ ନିଶ୍ଚୟ କିଛି ମନ୍ତ୍ରତନ୍ତ୍ର ଜାଣିଥିବେ।" ଏହା କହି ସେ ଚାଲିଗଲେ।

ମା'ଙ୍କର ଶରୀର ତ୍ୟାଗ ପରେ ଯେତେବେଳେ ନାମଜପର ମହତ୍ୱ ବିଷୟରେ ଶ୍ରୀମା'ଙ୍କର ଅନୁଭୂତି ଏଜେଣ୍ଡାରେ ପ୍ରକାଶିତ ହେଲା ସେତେବେଳେ ବାବାଜି ମହାରାଜ ବହୁତ ଆନନ୍ଦିତ ହୋଇଗଲେ। କାରଣ ବାବାଜି ନିରନ୍ତର ମା'ଙ୍କ ନାମଜପ କରୁଥିଲେ। ଏହା ଥିଲା ତାଙ୍କର ସ୍ୱଅଭ୍ୟାସର ଗୁଣ। ତେଣୁ ମା'ଙ୍କର ଅନୁଭୂତିକୁ ସ୍ମରଣ କରି ସେ ସଙ୍ଗେ ସଙ୍ଗେ "ରୂପାନ୍ତର ଯୋଗରେ ନାମଜପ" ପୁସ୍ତକଟି ଲେଖିଲେ। ଯେଉଁ ପୁସ୍ତକଟି ଓଡ଼ିଶାରେ ଅଗଣିତ ମାତୃପ୍ରେମୀଙ୍କ ପାଖରେ ଆଜି ଆଦରଣୀୟ ହୋଇଉଠିଛି। ଏହି ପୁସ୍ତିକାଟିର ମୁଦ୍ରଣ ହେବାର ରହସ୍ୟ ଏଠାରେ ଉଲ୍ଲେଖ କରିବାକୁ ଆଗ୍ରହ ହେଉଛି। ବାବାଜି ମହାରାଜ ଦିନେ ସକାଳେ ଆଶ୍ରମ ଭିତରେ ମୋତେ କହିଲେ, "ମୁଁ ଯେତେବେଳେ ନବଜ୍ୟୋତିକୁ ଯିବି ସେତେବେଳେ ତୁମେ ପତିବାବୁଙ୍କ ଘରେ ଥିବ, ଗୋଟାଏ ବହି ଛପାଯିବ।" ସେତେବେଳେ ବାବାଜି ମହାରାଜ ପ୍ରତ୍ୟେକ ଦିନ ପୋଷ୍ଟ ଅଫିସରୁ ନବଜ୍ୟୋତି କାର୍ଯ୍ୟାଳୟର ସମସ୍ତ ଚିଠିପତ୍ର ଆଣି ସମାଧିରେ ସ୍ପର୍ଶ କରାଇ ନବଜ୍ୟୋତିକୁ ସକାଳ ୯-୩୦ରେ ଆସୁଥିଲେ। ପ୍ରଥମେ ବାବାଜି ପୋଷ୍ଟ ଅଫିସରୁ ଆଣିଥିବା ଚିଠିପତ୍ର ପତିବାବୁଙ୍କୁ ଦେଇ ତାଙ୍କ ସହିତ କିଛି ସମୟ ଆଲୋଚନା କରିସାରି ଅଫିସରେ ଥିବା ତାଙ୍କ ନିଜ ସ୍ଥାନକୁ ଯାଇ କାର୍ଯ୍ୟ କରୁଥିଲେ। ତାଙ୍କ କହିବାନୁଯାୟୀ ମୁଁ ସେତିକିବେଳେ ପତିବାବୁଙ୍କ ଘରେ ଉପସ୍ଥିତ ଥିଲି। ମୋତେ ଦେଖି ବାବାଜି ପତିବାବୁଙ୍କୁ କହିଲେ, ଏହିଟି ବହି ଆକାରରେ ଛପା ହେବ। ପତିବାବୁ ଲେଖାଟିକୁ ଦେଖି କହିଲେ, "ରୂପାନ୍ତର ଯୋଗରେ ନାମଜପ" ଏ କି ବହି ହେବ ! ଏହା ଛପା ହେବ ନାହିଁ।" ମୁଁ ଆଶ୍ଚର୍ଯ୍ୟ ହେଲି। କିନ୍ତୁ ବାବାଜି କିଛି କହିଲେ ନାହିଁ। ସାଧାରଣତଃ ବାବାଜିଙ୍କର କଥାକୁ ପତିବାବୁ ସର୍ବଦା ମାନନ୍ତି ଏବଂ ବାବାଜି ମଧ୍ୟ ପତିବାବୁଙ୍କୁ ନଜଣାଇ କିଛି କରନ୍ତି ନାହିଁ। ଏହା ହେଉଛି ଏହି ଦୁଇଜଣଙ୍କର କର୍ମର ମୌଳିକ ଧାରା, ଯାହାଫଳରେ ନବଜ୍ୟୋତି କାର୍ଯ୍ୟାଳୟ ଉତ୍ତରୋତ୍ତର ଉନ୍ନତି ପଥରେ ଆଗେଇ ଚାଲିଥିଲା। ମୁଁ ଚାଲିଆସିଲି। ମଧ୍ୟାହ୍ନ ଭୋଜନ ପରେ ମୁଁ ବିଶ୍ରାମ କରୁଛି। ଦିନ ପ୍ରାୟ ୧.୧୫ମିନିଟ୍ ହେବ ପତିବାବୁ ନିଜେ ମୋ ପାଖରେ ଆସି ପହଞ୍ଚିଲେ ଏବଂ କହିଲେ "ପ୍ରେସ୍‌ର ସମସ୍ତ କାର୍ଯ୍ୟ ବନ୍ଦକରି ବାବାଜିଙ୍କର ଏହି ଲେଖାଟି ଛପା ହେବ। ଦୁଇଦିନ ଭିତରେ ମୁଁ ଯେପରି ଏହାର ପ୍ରୁଫ୍ ଦେଖିବି।" ତାଙ୍କ ମୁଖମଣ୍ଡଳରେ ତୃପ୍ତିର ଭାବ ଦେଖିଲି। ଯଦି ସମ୍ଭବ ହେବ ସେ କିଛି ବହି ସଙ୍ଗରେ କଟକକୁ ନେଇଯିବେ ବୋଲି କହିଲେ। ବୋଧହୁଏ ସେତେବେଳେ ତାଙ୍କର ଓଡ଼ିଶା ଯିବାର ଥିଲା। ପ୍ରକୃତରେ ଯଥା ସମୟରେ ବହିଟିର ଛପା କାର୍ଯ୍ୟ ଶେଷ ହେଲା। ଯେତେବେଳେ ମୁଁ ବହିଟିକୁ ପତିବାବୁଙ୍କୁ ଦେଲି, ସେ କହିଲେ, "ସମସ୍ତଙ୍କ ପାଇଁ ଏଇଟି ଗୋଟିଏ ଉପାଦେୟ ପୁସ୍ତକ ହେବ।" ପରବର୍ତ୍ତିକାଳରେ ମୁଁ ଦେଖିଛି, ପ୍ରପତ୍ତି ତାଙ୍କର ଶେଷ ସମୟ ପର୍ଯ୍ୟନ୍ତ ପ୍ରାତଃ-ପଠନ କାର୍ଯ୍ୟକ୍ରମରେ 'ମା' ବହି, 'ଧ୍ୟାନ ଓ ପ୍ରାର୍ଥନା' ବହି ସହିତ ବାବାଜିଙ୍କର 'ରୂପାନ୍ତର ଯୋଗରେ ନାମଜପ' ବହିଟି ସ୍ଥାନ ଦେଇଥିଲେ।

ସାଧାରଣତଃ ନବଜ୍ୟୋତି କାର୍ଯ୍ୟାଳୟର ବିଭିନ୍ନ କାର୍ଯ୍ୟରେ ଯେତେବେଳେ ବାବାଜି ମହାରାଜ କିଛି ନୂତନ କାର୍ଯ୍ୟର ପ୍ରସ୍ତାବ ଦିଅନ୍ତି, ସେତେବେଳେ ଆମେ ଆମର ଆର୍ଥିକ ସ୍ୱଚ୍ଛଳତା ବିଷୟରେ ଚିନ୍ତା କରୁ। ବାବାଜି ମହାରାଜ ଆମର ଭାବନାକୁ ବୁଝିପାରନ୍ତି ଏବଂ ସେ କେବଳ ସାମାନ୍ୟ ହସିଦିଅନ୍ତି। ବାବାଜି ମହାରାଜ ଚାଲିଯିବା ପରେ, ପତିବାବୁ ମୋତେ ଡାକି କହନ୍ତି, "ମନେରଖ, ବାବାଜି ଯାହା କହୁଛନ୍ତି ଏବଂ ଯାହାସବୁ ନୂତନ ପ୍ରସ୍ତାବମାନ ଆଣୁଛନ୍ତି ସେଥିରେ ସର୍ବଦା ସମ୍ମତି ଦେଇଦେବ। କାରଣ ସେ ଯେତେବେଳେ ଯେଉଁ ପ୍ରସ୍ତାବ ଆଣନ୍ତି, ତାହାର ଆର୍ଥିକ ଅବସ୍ଥା କଥା ସେହିଁ ଚିନ୍ତା କରିଥା'ନ୍ତି। ତେଣୁ ଏଥିରେ ନିରୁତ୍ସାହ ହେବା ଆମର କ'ଣ ଆବଶ୍ୟକ ? ଆମେ କେବଳ ତାଙ୍କ ସର୍ତ୍ତରେ ସମ୍ମତି ଦେଇ ସେ ଯାହା କହୁଛନ୍ତି ଆନ୍ତରିକଭାବରେ କାର୍ଯ୍ୟ କରି ଚାଲିବାହିଁ ଉଚିତ ହେବ।" ପରମୁହୂର୍ତ୍ତରେ ମୁଁ ଲକ୍ଷ୍ୟ କରିଆସିଛି ଯେ ଯେତେବେଳେ ଯାହା ଆମର ଦରକାର ଯଥା: ନବଜ୍ୟୋତି ପ୍ରେସ ପ୍ରତିଷ୍ଠା, ପରମୁହୂର୍ତ୍ତରେ ପ୍ରେସ୍‌ଗୃହଟିକୁ ତିନି ମହଲାରେ ତିଆରି କରିବା, ଓଡ଼ିଆ ନିଳୟମ ନୂତନ ଗୃହ, ଅତିଥି ଭବନ ନିର୍ମାଣ, ଗାର୍ଡେନ ହାଉସ୍ ତିଆରି, ଅଯୋଧ୍ୟା ଭବନ ପାଇଁ ଜମି କିଣିବା ଇତ୍ୟାଦି ଏହିପରି ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ଯାହାକିଛି ଅର୍ଥର ଆବଶ୍ୟକ ହୋଇଥାଏ ତାହା କୌଣସି ନା କୌଣସି ଉପାୟରେ ଆସିଯାଏ ଏବଂ କାର୍ଯ୍ୟ ପରିପୂର୍ଣ୍ଣ ହୋଇଉଠେ। ଏହା ମଧ୍ୟ ଲକ୍ଷ୍ୟ କରିଆସିଛି ଯେ ଆମର ସମସ୍ତ କାର୍ଯ୍ୟର କୌଣସି ବିଧିବଦ୍ଧ ଯୋଜନା ନଥାଏ, କୌଣସି ପରିକଳ୍ପନା ନଥାଏ କିନ୍ତୁ ବାବାଜି ମହାରାଜ ଯେଉଁ ପ୍ରସ୍ତାବ ଦିଅନ୍ତି ତାହାହିଁ ପରିପୂର୍ଣ୍ଣ ହୋଇଉଠେ। ବାବାଜିଙ୍କର ସମସ୍ତ କାର୍ଯ୍ୟର ପଶ୍ଚାତରେ ରହିଛି ମା'ଙ୍କର ଦୃଢ଼ ପରିଚାଳନାରେ ହସ୍ତ ବୋଲି ଅନୁଭବ ହୁଏ। ପ୍ରଥମରୁ ଜଣାପଡୁ ନଥିଲେ ବି ବଟ ଗଛର ମଞ୍ଜିଟି ମାଟିରେ ପଡ଼ି ଯେପରି ତାହା ଧୀରେ ଧୀରେ ବଢ଼ି ଠିକ୍ ବଟଗଛ ପରି ବିଶାଳ ବୃକ୍ଷର ରୂପଧାରଣ କରିଉଠେ ଠିକ୍ ସେହିପରି କୌଣସି ମାନୁଷୀ ଯୋଜନା ବା କଳ୍ପନା ନଥାଇ ମଧ୍ୟ ନବଜ୍ୟୋତିର କାର୍ଯ୍ୟାଳୟ ଓ ତା'ର ସମସ୍ତ କାର୍ଯ୍ୟଧାରା ସ୍ୱତଃ ପ୍ରଗତି ଦିଗରେ ଆଗେଇ ଚାଲିଛି।

ବାବାଜିଙ୍କର ସଙ୍କଳ୍ପ ସର୍ବଦା ଦିବ୍ୟ ଓ ପବିତ୍ର। ତାଙ୍କର ତପସ୍ୟା ବା ସାଧନାର ମୂଳ ଉଦ୍ଦେଶ୍ୟ ଥିଲା ଓଡ଼ିଶାର ଉନ୍ନତି। ଓଡ଼ିଶାର ପୁରପଲ୍ଲୀରେ ଥିବା ସାଧାରଣ ଲୋକମାନେ କିପରି ଶ୍ରୀମାଶ୍ରୀଅରବିନ୍ଦଙ୍କର ଅନୁଗାମୀ ହୋଇ ନୂତନ ଜୀବନଯାପନ କରିପାରିବେ ତାହାହିଁଥିଲା ବାବାଜିଙ୍କର ଲକ୍ଷ୍ୟ ଓ ନିଷ୍ଠା। ୧୯୪୫ ମସିହାରେ ମହାରାଜ ଶ୍ରୀଅରବିନ୍ଦ ଆଶ୍ରମର ଅନ୍ତେବାସୀ ହୋଇ ଶ୍ରୀମାଶ୍ରୀଅରବିନ୍ଦଙ୍କ ରଚିତ ପୁସ୍ତକମାନ ପାଠକରି କିଛି ପୁସ୍ତକ ନିଜେ ଓଡ଼ିଆରେ

ଅନୁବାଦ କରିବାକୁ ଲାଗିଲେ । ପରେ ସେ ନିଜର ଅନ୍ତର ମଧ୍ୟରେ ଅନୁଭବ କଲେ ଜଣେ କେହି ବିଦ୍ୱାନ୍ ବ୍ୟକ୍ତି ଆସିଲେ ଶ୍ରୀମାଶ୍ରୀଅରବିନ୍ଦଙ୍କ ପୁସ୍ତକଗୁଡ଼ିକ ଓଡ଼ିଆରେ ଅନୁବାଦ କାର୍ଯ୍ୟରେ ସାହାଯ୍ୟ କରିବେ । ୧୯୫୪ ମସିହାରେ ଯେତେବେଳେ ଶ୍ରୀପ୍ରପତ୍ତିଜି ସ୍ଥାୟୀଭାବରେ ଆଶ୍ରମର ଅନ୍ତେବାସୀ ହେଲେ, ତା'ପରଠାରୁ ଏହି ଦୁଇଜଣଙ୍କ ମିଳିତ ପ୍ରଚେଷ୍ଟାରେ ବହୁଳଭାବରେ ମାତୃକାର୍ଯ୍ୟ ପ୍ରସାର ଲାଭକଲା । ନବଜ୍ୟୋତି କାର୍ଯ୍ୟାଳୟ ଗଠନ, ମା'ଶ୍ରୀଅରବିନ୍ଦଙ୍କର ରଚନାବଳୀ ଓଡ଼ିଆରେ ଅନୁବାଦ, ନବଜ୍ୟୋତି ମୁଦ୍ରଣାଳୟ, ଭକ୍ତମାନଙ୍କର ରହିବାର ସୁବ୍ୟବସ୍ଥା, ଓଡ଼ିଶାରେ ଶ୍ରୀଅରବିନ୍ଦ ପାଠଚକ୍ର ଗଠନ, ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା କେନ୍ଦ୍ର ସ୍ଥାପନ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ଇତ୍ୟାଦି ସମ୍ଭବ ହେଲା ।

ବାବାଜି ମହାରାଜ ଓ ପ୍ରପତ୍ତିଙ୍କର ମିଳିତଭାବରେ କର୍ମ କରିବାର ଧାରାର ଏକ ସ୍ୱତନ୍ତ୍ରତା ଥିଲା । ବାବାଜି ସମସ୍ତ ଦାୟିତ୍ୱ ପ୍ରପତ୍ତିଙ୍କ ଉପରେ ଛାଡ଼ି ଦେଇଥିଲେ ଏବଂ ପ୍ରପତ୍ତି ବାବାଜିଙ୍କ ବିନା ଅନୁମତିରେ କିଛି ବି କରୁନଥିଲେ । ଫଳରେ ଦୁହିଁଙ୍କର ମିଳିତ ଉଦ୍ୟମରେ ମା'ଙ୍କର କାର୍ଯ୍ୟ ସ୍ୱତଃସ୍ଫୁର୍ତ୍ତଭାବେ ସଙ୍ଗଠିତ ହୋଇଉଠିଲା । ଓଡ଼ିଶାରେ ଗଢ଼ିଉଠୁଥିବା ପ୍ରତିଟି ନୂତନ ଅନୁଷ୍ଠାନର ଉନ୍ନତି ଓ ସମସ୍ୟାକୁ ସେମାନଙ୍କ ଦ୍ୱାରାହିଁ ସମ୍ପାଦନା କରିବା ଥିଲା ବାବାଜି ମହାରାଜଙ୍କର ଏକ ଅନନ୍ୟ ଆଦର୍ଶ । ପ୍ରତ୍ୟେକ ଅନୁଷ୍ଠାନ ନିଜ ନିଜର ସ୍ୱତନ୍ତ୍ରତା ରହିବା ଦ୍ୱାରାହିଁ ସେମାନେ ଦ୍ରୁତଗତିରେ ଅଗ୍ରଗତି କରିବାକୁ ଲାଗିଲେ । ଅବଶ୍ୟ ଏକଥା ସତ୍ୟ ଯେ ସେ ସମଗ୍ର ଓଡ଼ିଶାରେ ହେଉଥିବା ପ୍ରତିଟି କାର୍ଯ୍ୟକ୍ରମ ବିଷୟରେ ଗଭୀର ଅନୁଧ୍ୟାନ କରି ଆଶୀର୍ବାଦ ପୁଷ୍ପ ମାଧ୍ୟମରେ ନିଜର ସ୍ୱୀକୃତି ପ୍ରଦାନ କରୁଥିଲେ । ତାହା ପ୍ରକୃତରେ ଆମ ସମସ୍ତଙ୍କ ପାଇଁ ଆନନ୍ଦର କଥା । ଏମିତି କେଉଁ ଏକ ଶୁଭ ମୁହୂର୍ତ୍ତରେ ଶ୍ରୀମା ଘୋଷଣା କରିଥିଲେ ଯେ ତାଙ୍କର କାର୍ଯ୍ୟ ପାଇଁ ଓଡ଼ିଶା ହେବ ପ୍ରଥମ । ହୁଏତ ଏହି ପବିତ୍ର କାର୍ଯ୍ୟକୁ ସମ୍ପାଦନ କରିବାକୁହିଁ ଏହି ଦୁଇ ଜଣଙ୍କର ଆଗମନର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ସେମାନେ ସେମାନଙ୍କର କାର୍ଯ୍ୟକୁ ବହୁ ନିଷ୍ଠାର ସହ ଯେତେଦୂର କରାଯାଇପାରେ ତାହା ସମ୍ପନ୍ନ କରି ଆମ୍ଭମାନଙ୍କ ପାଇଁ ଏକ ନିଷ୍କଣ୍ଟକ ପଥ ଦେଖାଇ ଯାଇଛନ୍ତି ।

ଅନେକ ଭାବିପାରନ୍ତି ଯେ ବାବାଜି ମହାରାଜଙ୍କ ଜୀବନ ଏକ ଗୌରବମୟ ଦୁଃସାହସିକ କର୍ମ ନିମିତ୍ତ ଉଦ୍ଦିଷ୍ଟ ଥିଲା । ପ୍ରକୃତରେ ଏହା ତାହାହିଁ ଥିଲା । ତାଙ୍କର ଜୀବନ ଅଧ୍ୟାୟସବୁକୁ ଅନୁଧ୍ୟାନ କଲେ ମନେ ହୁଏ ତାହା ଥିଲା ଏକାଧାରାରେ ଦୁଃସାହସିକ କାର୍ଯ୍ୟ ସମ୍ପାଦନାରେ ପ୍ରତିଶ୍ରୁତିବଦ୍ଧ ଏବଂ ଶ୍ରୀମାଶ୍ରୀଅରବିନ୍ଦର ନୂତନ ଯୋଗ ସାଧନାରେ ଏକନିଷ୍ଠ ଆତ୍ମୋତ୍ସର୍ଗର ଜ୍ୱଳନ୍ତ ନମୁନା । ଏହି ପରିପ୍ରେକ୍ଷୀରେ 'ଧ୍ୟାନ ପ୍ରାର୍ଥନା' ପୁସ୍ତକରେ ଉଲ୍ଲେଖ ଥିବା ଶ୍ରୀମା'ଙ୍କର ସେହି ଉକ୍ତିଟି ମନକୁ ଆସେ- "କେତେକ ବ୍ୟକ୍ତି ସେମାନଙ୍କ ଆତ୍ମାକୁ, କେତେକ ସେମାନଙ୍କ ଜୀବନକୁ, କେତେକ ସେମାନଙ୍କ କର୍ମକୁ ଏବଂ କେତେକ ସେମାନଙ୍କ ଅର୍ଥକୁ, ଭଗବାନଙ୍କ ନିକଟରେ ଅର୍ପଣ କରନ୍ତି । ଅତି ଅଳ୍ପ ଲୋକହିଁ ସର୍ବତୋଭାବେ ନିଜକୁ ତଥା ନିଜର ଯାହାକିଛି ଅଛି ସେସବୁକୁ- ଆତ୍ମା, ଜୀବନ, କର୍ମ ଓ ଧନ ସମ୍ପଦକୁ ଭଗବାନଙ୍କଠାରେ - ଉତ୍ସର୍ଗ କରିଥା'ନ୍ତି, ଏହିମାନେ ହିଁ ଭଗବନାଙ୍କର ଯଥାର୍ଥ ସନ୍ତାନ ।..." ପୂଜ୍ୟ ବାବାଜି ମହାରାଜଙ୍କର ଜୀବନ ଆଦର୍ଶ ଅନୁଧ୍ୟାନ କରି ମୁଁ ଏତିକି ମାତ୍ର ବୁଝିଛି ଯେ ସେହିଁ ପ୍ରକୃତରେ ମା'ଙ୍କର ଯଥାର୍ଥ ସନ୍ତାନ ଯେ କି ସର୍ବତୋଭାବେ ନିଜକୁ, ନିଜର କର୍ମକୁ ତଥା ତାଙ୍କର ଯାହାକିଛି ଥିଲା ସବୁକିଛିକୁ ମା'ଙ୍କ ଚରଣରେ ଅର୍ପଣ କରି ଦେଇଥିଲେ ।

ଶେଷରେ ଏହି ମହାନ୍ ବ୍ୟକ୍ତିଙ୍କ ଜନ୍ମ ଶତବାର୍ଷିକୀ ପାଳନର ଶୁଭ ଅବସରରେ ଆସ, ଆମେ ସମସ୍ତେ ମାତୃଭକ୍ତଗଣ ମିଳିତ ହୋଇ ମା'ଙ୍କର କାର୍ଯ୍ୟକୁ ଆନ୍ତରିକଭାବେ ସଙ୍ଗଠିତ କରିପାରିଲେ ତାହାହିଁ ହେବ ସେ ଦୁହିଁଙ୍କ ଯୁଗ୍ମ ପ୍ରଚେଷ୍ଟାରେ ଆରମ୍ଭ ହୋଇଥିବା ଯଜ୍ଞର ପୂର୍ଣ୍ଣାହୁତି ସହିତ ସେମାନଙ୍କ ପ୍ରତି ଯଥାର୍ଥ ସମ୍ମାନ ଓ କୃତଜ୍ଞତା ପ୍ରଦର୍ଶନ ।

❖ ❖ ❖

*To gossip about what somebody is doing or not doing is wrong.*

*To listen to such gossip is wrong.*

*To verify if such gossip is true is wrong.*

*To retaliate in words against a false gossip is wrong.*

*The whole affair is very bad way of wasting one's time and lowering one's consciousness.*

**– The Mother**

# ମହାପୁରୁଷ ସଂସ୍ପର୍ଶ

**କୃଷ୍ଣା ଦେବୀ**

କାହିଁ କେତେ ହଜାର ବର୍ଷତଳେ ଏଇ ପୂଣ୍ୟ ଭୂମିରେ ତପସ୍ୱୀ ବାଲ୍ମିକୀ ଦେବର୍ଷି ନାରଦଙ୍କୁ ପଚାରିଲେ, "ବର୍ତ୍ତମାନର ଏଇ ଧରାପୃଷ୍ଠରେ ଏପରି ପୁରୁଷ କ'ଣ କେହି ଅଛନ୍ତି ଯିଏ ଏକାଧାରରେ ଆକାଶ ପରି ପ୍ରଶାନ୍ତ, ଧର୍ମଜ୍ଞ, ଗୁଣଶାଳୀ, କାନ୍ତିମାନ, ବୀର୍ଯ୍ୟବାନ୍, ଇନ୍ଦ୍ରିୟଜୟୀ, ଚରିତ୍ରବାନ୍ ତଥା ପରୋନ୍ନତି ପରାୟଣ, କ୍ରୋଧଜୟୀ ଏବଂ ଲୋକବ୍ୟବହାରରେ ଦକ୍ଷ?" ସମ୍ଭବତଃ ବାବାଜି ମହାରାଜଙ୍କର ରାମାୟଣପାଠ ନିରତ ଅନ୍ତଃକରଣରେ ଏଇ ସମାନ ପ୍ରଶ୍ନ ଉଠିଥିବ ଯେ ଯୁଗଧର୍ମକୁ ସମ୍ମୁଖରେ ରଖି ଏପରି କେହି ଜଣେ ଅବତାର-ପୁରୁଷ ଏ ଧରାକୁ ମଣ୍ଡନ କରୁଛନ୍ତି କି, ଜଗତଜନନୀ ସୀତାଙ୍କ ଭଳି କେହି ମହୀୟସୀ ନାରୀ ଅଛନ୍ତି କି, ଯାହାଙ୍କ ପାଖରେ ଆମ ମସ୍ତକ ସ୍ୱତଃ ନଇଁ ଯାଏ ? ଯେତେବେଳେ କୌଣସି ଏକ ପତ୍ରିକାରେ ଶ୍ରୀଅରବିନ୍ଦ ଓ ତାଙ୍କ ପ୍ରଦର୍ଶିତ ଯୋଗମାର୍ଗର ବିଷୟ ପାଠକଲେ, ସେ ସାଙ୍ଗେ ସାଙ୍ଗେ ତାଙ୍କ ଅନ୍ତରାଗ୍ନି ଜାଗି ଉଠିଲା ତାଙ୍କର ଦର୍ଶନ ପାଇଁ। ପଣ୍ଡିଚେରୀ ଓ ଶ୍ରୀଅରବିନ୍ଦ ଆଶ୍ରମ ବିଷୟରେ ଅଧିକା ଜାଣିବା ସକାଶେ ସେ ତାଙ୍କର ପ୍ରବୃଦ୍ଧ ଶିଷ୍ୟମାନଙ୍କୁ ପଚାରିବସିଲେ ଓ ଏଠାରେ ପହଞ୍ଚି ସେଇ ହିରଣ୍ମୟ ପୁରୁଷଙ୍କୁ ଦର୍ଶନ କଲେ ଯାହାଙ୍କ ଦୃଷ୍ଟିରେ ଥିଲା ଭାବୀ ମାନବ-ସମାଜର ଆଗମନର ପ୍ରତୀକ୍ଷା ଓ ଯାହାଙ୍କର କରୁଣାଘନ ହୃଦୟ ସାଙ୍ଗରେ ଥିଲା ଭାବୀ ଯୁଗସ୍ରଷ୍ଟାର ସଙ୍କଳ୍ପ। ସେ ଆସିବା ବାଟରେ ସିଂହାଚଳ ମନ୍ଦିରରେ ଶ୍ରୀନୃସିଂହଦେବଙ୍କୁ ଦର୍ଶନ କରିଥିଲେ ଓଡ଼ିଶା ଓ ଆନ୍ଧ୍ର ଦୁଇଟି ପ୍ରଦେଶର ମିଳନ ସ୍ଥାନରେ। ଏକଥା ସିଏ ଆମକୁ କହିଥିଲେ ୧୯୫୮ ସାଲରେ, ଆମେ ସେ ସମୟରେ ଏଠାରେ କିଛିଦିନ ରହିଥିଲୁ। ନିମାଇବାବୁ ପଚାରିଥିଲେ, ଆମେ ଶୁଣିଛୁ ଆପଣ ଶ୍ରୀମା'ଙ୍କର ଲିଖିତ 'ଶ୍ରୀରାଧାର ପ୍ରାର୍ଥନା' ପାଠକରି ଅନୁପ୍ରେରିତ ହୋଇଥିଲେ, ଉତ୍ତରରେ କିଛି ନକହି କେବଳ ହସିଥିଲେ। ତାଙ୍କ କଥା ପତିବାବୁଙ୍କଠାରୁ ଶୁଣିବା ଦିନରୁ ସେ ବାବାଜି ମହାରାଜଙ୍କ ସହ ପତ୍ରରେ ଯୋଗାଯୋଗ କରୁଥିଲେ ଏବଂ ଯଥାକାଳରେ ତାଙ୍କଠାରୁ ସାଧନା ସମ୍ପର୍କୀୟ ପରାମର୍ଶ ସହ ମା'ଙ୍କର ଆଶୀର୍ବାଦ ପାଉଥିଲେ। ଥରେ ବାବାଜି ମହାରାଜ ନବଜ୍ୟୋତି ପାଠଚକ୍ରରେ କହିଥିଲେ - ଏଠାକୁ ଆସିବା ଆଗରୁ ସେ ଶ୍ରୀମା'ଙ୍କ ପାଖରୁ ଆଶୀର୍ବାଦ ପୁଷ୍ପ ପାଇବା ପରେ ପରେ ତାଙ୍କର ନୂଆନୂଆ ଆଧ୍ୟାତ୍ମିକ ଅନୁଭୂତିମାନ ହେଉଥିଲା; ହସି କରି ସେ ମନ୍ତବ୍ୟ କଲେ ଯେ ଯାହାକୁ ଆମେ ସମାଧିରେ 'ଗୋଲାପ ପାଖୁଡ଼ା' ମାତ୍ର ମନେକରି ଅବହେଳାର ଦୃଷ୍ଟିରେ ଦେଖେ, ତା' ଭିତରେ ଯେ କେତେ କେତେ ସମ୍ଭାବନାର ଶକ୍ତି ମା' ଦେଇଥାନ୍ତି, ସେ କଥା ଆମକୁ ଜଣା ନାହିଁ। ଖୁବ୍ ବେଶୀ ହେଲେ ଆମେ ବିପଦ-ଆପଦରୁ ରକ୍ଷା ପାଇଯିବୁ ବୋଲି ସେଇଟିକୁ ପାଖରେ ରଖିଥାଉ। ତା'ଠୁ ଅଧିକ ନୁହେଁ।

ତା' ପରଠାରୁ ନିମାଇବାବୁଙ୍କର ଆଶ୍ରମ ଯିବା ଆସିବା ପ୍ରାୟ ବର୍ଷରେ ଦୁଇତିନିଥର ହେବାକୁ ଲାଗିଲା, ଆମେ ସମସ୍ତେ ଏକାଠି ପୁଣି ୬୪ ମସିହାରେ ଆସି କିଛିଦିନ ରହିଥିଲୁ। ପତି ବାବୁ ଆମ ପାଇଁ ଘରଟିଏ ଭଡ଼ା ନେଇଥିଲେ। ପ୍ରାୟ ପ୍ରତିଦିନ ବାବାଜି ମହାରାଜଙ୍କ ପ୍ରକୋଷ୍ଠରେ କିଛି କିଛି ସମୟ ପ୍ରଶ୍ନୋତ୍ତର ଚାଲିଥାଏ, ଆମେ ସେସବୁର ସାରକଥା ସ୍ମୃତିରେ ରଖିବାକୁ ଚେଷ୍ଟାକରୁ, ବେଳେବେଳେ ଅବାନ୍ତର ପ୍ରଶ୍ନ ବି ଉଠେ, ଦେଖୁ ବାବାଜି ମହାରାଜ ଉତ୍ତେଜିତ ବା ବିରକ୍ତ ନହୋଇ ଅସଲ ବକ୍ତବ୍ୟକୁ ଫେରିଆସନ୍ତି ବେଶ୍ ସହଜରେ। ତଥାପି ଶ୍ରୋତା ହୋଇ ଲାଭବାନ୍ ହେବା ସ୍ଥାନରେ ଲୋକେ ନିଜ ନିଜ ସମସ୍ୟା ଆଣି ମହାପୁରୁଷଙ୍କର ମୁଣ୍ଡରେ ଲଦିଦିଅନ୍ତି ଓ ନିଜେ ଉଶ୍ୱାସ ବୋଧ କରନ୍ତି। ବାବାଜିଙ୍କ ପାଖରୁ ଅନେକ କିଛି ପ୍ରତ୍ୟକ୍ଷ ଭାବରେ ଶିଖିଛି, ପରୋକ୍ଷଭାବରେ ଯାହା ଶିଖିଛି ତା'ର ତୁଳନା ନାହିଁ। ସେଇ କେତେ ଦିନର ରହଣି ଭିତରେ ସେ ଆମକୁ ଏକାଧିକବାର ପଣ୍ଡିଚେରୀରେ ରହି ପିଲାଙ୍କୁ ଆଶ୍ରମ ଶିକ୍ଷାୟତନରେ ପଢ଼ାଇବାକୁ କହିଥିଲେ। ମାତ୍ର ଏକାକୀ ଏକ ବିଦେଶୀ ପରିବେଶରେ, ଯେଉଁସ୍ଥାନର ଭାଷା ବୁଝିବା- କହିବା ଅତିକଷ୍ଟକର, ରହିବାକୁ ସାହସର ଅଭାବ ବୋଧକଲି। ଆମେ ଫେରିଗଲୁ, ମାତ୍ର ସେଇ ଦେଢ଼ବର୍ଷ ଭିତରେ ଆମର ଏତେଗୁଡ଼ିଏ ଜାଗାକୁ ବଦଳି ହେଲା ଯେ ଆମକୁ ଶ୍ରୀମା'ଙ୍କ ଆଶ୍ରୟରେ ପିଲାଙ୍କୁ ରଖିବା ହିଁ ଅନୁକୂଳ ମନେହେଲା। ଶ୍ରୀମା'ଙ୍କୁ ଜଣାଇଲୁ ଏବଂ ସେ ପିଲାଙ୍କ ପାଖକୁ ସେ ସମୟରେ ରେଜିଷ୍ଟ୍ରାର ଶ୍ରୀ କିରୀଟ ଯୋଶୀଙ୍କୁ କହି ଶ୍ରୀଅରବିନ୍ଦ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଫର୍ମ ପଠାଇଦେଲେ। ଆବେଦନର ସମୟ ଚାଲିଯାଇଥିଲେ ବି ଶ୍ରୀମା ପିଲାଙ୍କୁ ହଷ୍ଟେଲରେ ନରଖି ମୋତେ ପିଲାମାନଙ୍କର ଦାୟିତ୍ୱ ନେଇ ରହିବାକୁ ଅନୁମତି ଦେଲେ। ଏ ସମସ୍ତ ପାଇଁ ଆମେ ବାବାଜି ମହାରାଜଙ୍କ ପାଖରେ ସଦାକୃତଜ୍ଞ ରହିଗଲୁ- ହୁଏତ ଶ୍ରୀମା ତାଙ୍କରି ମାଧ୍ୟମରେ ମୋତେ ସାହସ, ଉତ୍ସାହ ଓ ଉଦ୍ୟମରେ ଲଗାଇରଖିଲେ ଆଜିଯାଏଁ। ପ୍ରଥମ ଭଡ଼ାଘର ବି ସେ ସ୍ଥିର କରିଦେଲେ। ଆମେ ଏଠାରେ ରହିବା ପରେ ସେ କାହାକୁ କେମିତି କହିଛନ୍ତି, 'ନିମାଇ ବାବୁଙ୍କ ପରିବାର ଏଠାରେ ରହିଲେ, ସେମାନଙ୍କର ସୁବିଧା ଅସୁବିଧା ବୁଝିବ।'

ସେଇ ଘରଟିର ବେଶିଭାଗ ଥିଲା ଖପୁରିଲ। କେବଳ ଗୋଟିଏ ବଖରାକୁ ଛାଡ଼ିଦେଲେ; ଆଉ କଙ୍କଡ଼ାବିଛାର ଉପଦ୍ରବ ସହିତ ବର୍ଷା ପାଣି ବି ବିଭିନ୍ନ ସ୍ଥାନରେ ଗଳୁଥିଲା। ବାବାଜି ମହାରାଜଙ୍କ ସହ ରାସ୍ତା ଘାଟରେ ଦେଖାହୁଏ, ମୁଣ୍ଡ ନୁଆଁଇ ପ୍ରଣାମ କଲେ ସେ ଭଲମନ୍ଦ ପଚାରନ୍ତି, ତାଙ୍କୁ ହିଁ ଏକମାତ୍ର ଅଭିଭାବକ ମନେକରି ମୋ ମୁହଁରୁ ଅସୁବିଧାର କଥାଗୁଡ଼ା ହିଁ ବାହାରିପଡ଼େ। ସେ ହସି ହସି ପଚାରନ୍ତି, 'ସବୁ ଠିକ ଅଛି ତଥାପି ଆପଣ ରହିବେ ତ ?' ତାଙ୍କ ହସରେ ଓ ପଚାରିବା ଢ଼ଙ୍ଗରେ କ'ଣ ଥାଏ ମୁଁ ଜାଣେ ନାହିଁ- ମୁଁ କହିବସେ, 'ଯାହା ବି ହୋଇଯାଉ ମୁଁ ଆଉ ପିଲାଙ୍କୁ ନେଇ ଫେରୁ ନାହିଁ, ମୋର ଏହା ସ୍ଥିର ସିଦ୍ଧାନ୍ତ।' ସେ ହସି ଦେଇ ଚାଲିଯା'ନ୍ତି। ଥରେ ଥରେ ଘରକୁ ଆସନ୍ତି; ଥରେ ଗୋଟିଏ ବଡ଼ ଡବାରେ କିଛି ସଞ୍ଚିତ ଚିନିଧରି ଆସି ମୋତେ ଦେଲେ - କାହାର ସଞ୍ଚୟ ମୋତେ ଜଣା ନାହିଁ, ସେଗୁଡ଼ିକରେ ଡବାତଳର କଳଙ୍କି ଲାଗିଯାଇଥିଲା ଓ ଟିକିଏ ଓଦା ଓଦା ଥିଲା। ଜଣେ ସନ୍ୟାସୀ ସାଧୁଙ୍କର ଗୃହସ୍ଥ ପ୍ରତି ଏତେ ଅନୁକମ୍ପା ! ମୋତେ ବିହ୍ୱଳ କରିଦେଲା ଆମର ଦରକାରରେ ଲାଗିବ ବୋଲି କେତେ ଭାବନା। ବଡ଼ ପିଲାଏ ସେସମୟରେ ବିଦ୍ୟାଳୟ ଛୁଟି ହେଲେ ଆଶ୍ରମ ଡାଇନିଙ୍ଗ ହଲ୍‌ରେ ଯାଇ କାମଦାମରେ ସାହାଯ୍ୟ କରନ୍ତି, ବାବାଜି ମହାରାଜ ଏଥିରେ ବେଶ୍ ଖୁସି ହୁଅନ୍ତି। ଏମିତି

ଏମିତି ଭାବରେ ଆମେ ଏଠାରେ ରହିଗଲୁ। ଏଠି ରହିବାର ଦୁଇ ବା ଅଢ଼େଇ ବର୍ଷ ପରେ ମୁଁ 'ନବଜ୍ୟୋତି' ଆସି ପତିବାବୁଙ୍କ ପାଖରେ ଚିଠିପତ୍ର ଲେଖାଲେଖିର କାମ କଲି। ପ୍ରପତ୍ତିଙ୍କଠାରୁ ଅନୁମତି ପାଇଛି ସାମାନ୍ୟ କିଛି ସମୟ ତାଙ୍କ ସହିତ ବସି କାମ କରିବା ପାଇଁ ଏକଥା ଶୁଣି ସେ ବହୁତ ଖୁସି ହେଲେ। ଆମ ରହିବା ପରେ ଯେଉଁସବୁ ପିତାମାତା ବା ଅଭିଭାବକ ଏଠାରେ ପିଲାଙ୍କୁ ନିଜ ପାଖରେ ରଖି ଏଇ ଶିକ୍ଷାକେନ୍ଦ୍ରରେ ପଢ଼ାଇବାକୁ ଉତ୍ସୁକ ହୋଇ ଆସୁଥିଲେ, ବାବାଜି ମହାରାଜ ସେମାନଙ୍କୁ ମୋ ପାଖକୁ ପଠାଇଦେଉଥିଲେ- ଏ ସ୍ଥାନର ସୁବିଧା-ଅସୁବିଧା, କଠିନତାର କଥା ବୁଝିଯିବା ପାଇଁ ଏବଂ ତା'ପରେ ରହିବା ନରହିବା ସ୍ଥିର କରିବା ଲାଗି।

ମଝିରେ ମଝିରେ ମୁଁ ତାଙ୍କ ଆଶ୍ରମସ୍ଥିତ ଘରକୁ ଯାଇ ବସେ, କିଛି କିଛି ଆଲୋଚନା ଶୁଣେ, ଦର୍ଶନାର୍ଥୀଙ୍କର ନାନାପ୍ରକାର ଜିଜ୍ଞାସାର ସାମାଧାନ ବି। ଥରେ ଜଣେ ପଚାରିଲେ, "ଆମେ ତ ଏବେ ଆଉ ପୁରୁଣାଯୋଗରେ ବିଶ୍ୱାସ କରୁନୁ, ତଥାପି ଆପଣ କାହିଁକି ଆମକୁ ଭକ୍ତଚରିତ ମାନ ପଢ଼ିବାକୁ ଦିଅନ୍ତି ? ସେଥିରେ କିଛି ଲାଭ ହେବ କି ଆମର ?" ବାବାଜି ମହାରାଜ ବୁଝାଇ ସୁଝାଇ କହନ୍ତି, 'ଦେଖ ଆମର ଏଇ ନୂତନ ଯୋଗ କୌଣସି ପୁରାତନ ଯୋଗ ବା ଦର୍ଶନକୁ ନାକଚ କରି ଦେବାକୁ କହେ ନାହିଁ, ଆମ ଯୋଗେଶ୍ୱର ସେଗୁଡ଼ିକର ପରମ୍ପରାଗତ ଧରାବନ୍ଧା ନିୟମ ଓ ମତବାଦର ସଙ୍କୀର୍ଣ୍ଣତାକୁ ଡେଇଁଯିବାକୁ କହନ୍ତି। ଶ୍ରୀଅରବିନ୍ଦଙ୍କର ସିଦ୍ଧାନ୍ତ ହିଁ ଆମର ସିଦ୍ଧାନ୍ତ। ସେଥିରେ ସାମାନ୍ୟତମ ବ୍ୟତିକ୍ରମ ଆମେ ଚାହୁଁନା, ତାହାହିଁ ଆମର ଚରମ ଓ ପରମ ଲକ୍ଷ୍ୟ। ଭକ୍ତମାନଙ୍କର ଜୀବନରୁ ଆମେ ଯାହା ଶିଖୁ - ସେଗୁଡ଼ିକ ହେଉଛି ସେମାନଙ୍କର ସଙ୍କଳ୍ପ, ଦୃଢ଼ନିଷ୍ଠା, ସେମାନଙ୍କ ସାତତ୍ୟଭାବ, ନାନା ବାଧା-ବିଘ୍ନ ଭିତରେ ବି ଅବିଚଳିତ ରହିବା, ଭଗବତ୍ କୃପା ଉପରେ ସମ୍ପୂର୍ଣ୍ଣ ନିର୍ଭରତା, ନିଜକୁ ତାଙ୍କଠି ସମର୍ପଣ ଆତ୍ମ-ନିବେଦନ... ଏଇପରି ଅନେକ କିଛି; ସେମାନଙ୍କର ସାଧନପନ୍ଥା ଆମର ଅନୁକରଣୀୟ ନୁହେଁ, ଜାଣିଲେ କିଛି କ୍ଷତି ନାହିଁ କି ସ୍ମୃତିରେ ନ ରହିଲେ ବି କିଛି ହରାଇବାର ଭୟ ନାହିଁ। ଆମ ଦେଶରେ ଅନାଦି କାଳରୁ କେତେ ପ୍ରକାର ସାଧନାର ଧାରା ଚାଲିଆସୁଛି, ସେଗୁଡ଼ିକ ବାହାରକୁ ଏକ ଅନ୍ୟର ବିରୋଧ କରୁଛନ୍ତି ବୋଲି ମନେହେଉଥିଲେ ବି ପ୍ରକୃତରେ ଏକହିଁ ଈଶ୍ୱରଙ୍କ ନିକଟକୁ ଯିବାର ସେଗୁଡ଼ିକ ସହାୟକ, ତତ୍ତ୍ୱତଃ ଦେଖିଲେ ସେଗୁଡ଼ିକ ପରସ୍ପରକୁ ସମୃଦ୍ଧ କରନ୍ତି। ମାତ୍ର ଶ୍ରୀଅରବିନ୍ଦ ଯାହା କହୁଛନ୍ତି, ତାହା ଯେପରି ନୂତନ, ସେ ପଥରେ ଆଗେଇବାର ପଦ୍ଧତି ବି ସେଇପରି ନୂତନ।"

ବାବାଜି ମହାରାଜ ଥିଲେ ପିଲାଦିନୁ ସଚେତନ ଜୀବନର ମାର୍ଗ ନିର୍ବାଚନ କରିବାରେ; ଦାର୍ଢ୍ୟତା ଭକ୍ତି' ପାଠକରି ସେ ଭକ୍ତମାନଙ୍କର ଜୀବନ ଅନୁଶୀଳନ କରିଛନ୍ତି- ଅନେକେ ତ ପଢ଼ିଥିବେ ଭକ୍ତଚରିତ ମାତ୍ର କେତେଜଣ ତା'ଦ୍ୱାରା ଅନୁପ୍ରେରିତ ? ସେ ବୁଝିଥିବେ କାଳକ୍ରମେ ଯେ ଗତି ଯେପରି ପ୍ରଗତିର ସହାୟକ, ଧର୍ମ ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ବି ସେଇ କଥା ପ୍ରଯୁଜ୍ୟ, ବିବର୍ତ୍ତନର ଧାରାନୁଯାୟୀ ଯୁଗାବତାର ବି ବଦଳନ୍ତି, ସେତିକିବେଳେ ତାଙ୍କୁ ଅନୁସରଣ କରିବାର ସୁଯୋଗ ଗ୍ରହଣ କରି ତାଙ୍କଠି ଆତ୍ମ-ସମର୍ପଣ କରିବା ଉଚିତ- ଏପରି ମନେକରି ସେ ଟିକିଏ ବି ପଛକୁ ଚାହିଁଲେ ନାହିଁ। ସାକେତ ଗୋଲକ ଭୂମିରେ ଭଗବାନଙ୍କର ନିତ୍ୟ-ସେବକ ହେବାର ଯେଉଁ ଲକ୍ଷ୍ୟଥିଲା- ତାହାକୁ ଅତିକ୍ରମ କରି ସେ ସତ୍ତାର ସକଳ ଅଂଶର, ସକଳ ଅଙ୍ଗର ପୂର୍ଣ୍ଣାଙ୍ଗ ବିକାଶ ସାଧନ ଲାଗି ଯାହା ଯାହା ପ୍ରତିବନ୍ଧକ ଥିଲା, ସେଗୁଡ଼ିକ ଉପରେ ବିଜୟଲାଭ କରିବା ପାଇଁ ରୂପାନ୍ତର ଯୋଗର ପଥନେଲେ। ସେଥିପାଇଁ ଆତ୍ମ-ଉନ୍ମୀଳନ ଓ ଶରଣାଗତିର ସାହାଯ୍ୟ ନେଇ ସେ ମହାମନ୍ତ୍ରରୂପୀ ମାତୃ-ନାମକୁ ନିରନ୍ତର ଜପ କଲେ। ତାଙ୍କର ସମଗ୍ର ସତ୍ତାରେ ଏପରି ଅଭୁତ ନମନୀୟତା ଥିଲା ଯେ ପୁରୁଣା ପଥକୁ ଅସମ୍ମାନ ନକରି ମଧ୍ୟ ନିଜ ଇଷ୍ଟଦେବଙ୍କୁ ନୂଆରୂପରେ ନୂଆ ଭାବରେ ପାଇବା ସକାଶେ ସେ ବ୍ୟାକୁଳ ହୋଇଉଠିଲେ ଏବଂ ଯଥାକ୍ରମେ ମା'ଙ୍କ କୃପା-ପ୍ରସାଦ ତାଙ୍କ ଆଧାରରେ କାମକଲା। ନିଜେ ସାଧନା ଓ ସିଦ୍ଧି ପଥରେ ଅଗ୍ରସର ହୋଇ ସେ ଉତ୍କଳବାସୀଙ୍କୁ ଅନୁପ୍ରେରିତ କଲେ। ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କୁ କେନ୍ଦ୍ରକରି କେତେକଣ ଅନୁଷ୍ଠାନ ଗଢ଼ିଉଠିଲା, ବ୍ୟକ୍ତି ଚେତନାରେ ବିକାଶ ଘଟିଲା, ଶିକ୍ଷାର ଆଭିମୁଖ୍ୟ ବଦଳି ଗଲା, ଶିକ୍ଷକ ଶିକ୍ଷୟିତ୍ରୀ ହେଲେ ନିଜେ ଶିକ୍ଷା-ନବିଶ୍, ଅର୍ଥାତ୍ ନୂଆ ଭାବନାରେ ଉଦ୍‌ବୁଦ୍ଧ ହୋଇ ନିଜ ନିଜକୁ ପ୍ରଶିକ୍ଷଣ ଦେବାକୁ ଲାଗିଲେ। ଏସବୁ କେବଳ ବ୍ୟକ୍ତିଗତ କ୍ଷେତ୍ରରେ ସୀମାବଦ୍ଧ ନ ରହି ସଙ୍ଘବଦ୍ଧ ଭାବରେ ସଙ୍ଗଠିତ ହେଲା, ଯଦିବା ସେଇ ପ୍ରୟାସ ପୂର୍ଣ୍ଣତା ପାଇନାହିଁ, ତଥାପି ପ୍ରଯତ୍ନ ପଥରେ ଅଗ୍ରସର, ଏଥିରେ ସନ୍ଦେହ ନାହିଁ। ଅତିମାନସ ପଥରେ ଏଇ ଯାତ୍ରାର ଶେଷ ନାହିଁ, ଅନନ୍ତଧାରାରେ ଲକ୍ଷ୍ୟ ଅଭିମୁଖେ ଅଭିଯାତ୍ରା। ଏଇ ଯାତ୍ରା ସାମୁହିକ ଭାବରେ ହେଲେ ଆହୁରି ତ୍ୱରାନ୍ୱିତ ହୁଏ।

ବାବାଜି ମହାରାଜ ଥିଲେ ଅନଳସ କର୍ମୀ। ମା' ତାଙ୍କୁ ଯେଉଁ କର୍ମଟିରେ ନିୟୁକ୍ତ କରିଥିଲେ, ସେଥିରେ ସେ ନିଷ୍ଠାପର ଥିଲେ, ଉପରନ୍ତୁ ବାସନଗୁଡ଼ିକ ଉଜ୍ଜ୍ୱଳ କରି ଘଷିମାଜି ମା'ଙ୍କର ରୁଚି ଅନୁରୂପ କରିବାରେ ସେ ଏତେ ଆନନ୍ଦ ପାଉଥିଲେ ଯେପରି ସେ ନିଜ ଅନ୍ତରଟିକୁ ଘଷିମାଜି ପ୍ରସ୍ତୁତ କରୁଛନ୍ତ, ମା' ସେଥିରେ ପଦଚାଳନା କରି ଆସିବେ ବୋଲି। ନିଜ ଘରଟିକୁ ମାର୍ଜନା କରିବା, ପରିଧେୟଟିକୁ ଧୋଇ ଶୁଖାଇବା, ବାଲଟିଟିକୁ ତଥା ଗାଧୁଆଘରଟିକୁ ନିଜେ ସଫାସଫି ଓ ସବା ଶେଷରେ ବାଲ୍‌ଟି ଉବୁଡ଼ାଇ ରଖିବା... ଇତ୍ୟାଦି ଦେଖିଲେ କିଏ ମନେ କରିବ ଯେ ସେ କିଛିବର୍ଷ ଆଗରୁ ଉତ୍ତର ଭାରତରେ ଜଣେ ଆଚାର୍ଯ୍ୟ ଓ ଗୁରୁପଦରେ ବରେଣ୍ୟ ସାଧକ ଥିଲେ ? ତାଙ୍କ କାମ କରିଦେବା ଲାଗି ବହୁ ଭକ୍ତ ଉତ୍ସୁକ ହୋଇ ଅନାଇ ରହିଥିଲେ ବି ନିଜର ପ୍ରୟୋଜନୀୟ ସେବା ସ୍ୱୟଂ କରୁଥିଲେ। କେହି କେହି ତାଙ୍କର ମହାନତାର କଥା ନଜାଣି କହୁଥିଲେ ଯେ 'ବାବାଜି ତ ବିଶେଷ ଇଂରାଜୀ ଜାଣନ୍ତି ନାହିଁ, ସେ କ'ଣ ଶ୍ରୀଅରବିନ୍ଦଙ୍କ ରଚନା ଭିତରେ ପ୍ରବେଶ କରିଥିବେ ! ମୋର ସେତେବେଳେ କହିବାକୁ ଇଚ୍ଛାହୁଏ - କ'ଣ କେହି ଭଲଭାବରେ ଇଂରାଜୀ ଶିଖିପଢ଼ିଥିଲେ, ଡିଗ୍ରୀର ଶେଷ ସୋପାନରେ ପହଞ୍ଚିଥିଲେ ଶ୍ରୀଅରବିନ୍ଦଙ୍କ ରଚନା ଭିତରକୁ ପ୍ରବେଶ କରିପାରିବ ? ନାନକ, ଦାଦୁ କବିର, ମୀରାବାଈ, ଆମଦେଶର ଆଚାର୍ଯ୍ୟ, ବେଦାନ୍ତବାଦୀ, ଏପରିକି ଏ ଯୁଗର ଶ୍ରୀରାମକୃଷ୍ଣ, ଆଉ ଦକ୍ଷିଣ ଭାରତର ବୈଷ୍ଣବ ଓ ଶୈବ ଭକ୍ତ ଓ ରଚୟିତାମାନେ କ'ଣ ଇଂରାଜୀ ଓ ଫରାସୀ ଇତ୍ୟାଦିରେ ବିଶେଷଜ୍ଞ ଥିଲେ ? ନିଜର ହୃଦୟାନୁଭୂତି ଓ ମନର ନିତ୍ୟପ୍ରସରମାନ ଗ୍ରହଣଶୀଳତା ବଳରେ ଯିଏ ବିଦ୍ୟାଦେବୀଙ୍କର ଅନୁକମ୍ପା ଲାଭ କରିଥାଏ, ତ'ରି ପାଖରେ ସେ ନିଜକୁ ଧରାଦିଅନ୍ତି। ସ୍ୱୟଂ ବିଦ୍ୟାହିଁ ତା'ର ଉପଯୁକ୍ତ ଆଧାର ବାଛିନିଏ। ତଥାପି ବାବାଜି ମହାରାଜ ବିଦ୍ୟାରେ ରୁଚି ରଖୁଥିଲେ, ଅନ୍ୟର ମାନସିକ ଉଭାସକୁ ପ୍ରୋତ୍ସାହନ ଦେଉଥିଲେ। ଯେଉଁମାନେ ତାଙ୍କର ଆଗମନ ସମୟରେ ଏଠାରେ ଉପସ୍ଥିତ ଥିଲେ, ସେଇ ବୟସ୍କମାନଙ୍କ ଗହଣରେ ବସି ସେ ନମ୍ରଭାବରେ ଶ୍ରୀଅରବିନ୍ଦଙ୍କର ଦର୍ଶନ, ସିଦ୍ଧାନ୍ତ ତଥା ଯୋଗସାଧନାର ନାନା ଦିଗର କଥା

ଶୁଣୁଥିଲେ। ନିଜର ଜ୍ଞାନର ସୀମା ବଢ଼ାଇ ଅଭିଜ୍ଞତାକୁ ପୁଷ୍ଟ କରୁଥିଲେ। ନିଜ ମୁହଁରେ ସେ କହିଛନ୍ତି ଯେ ଶ୍ରୀମା'ଙ୍କ ଫରାସୀ କ୍ଲାସରେ ବସି ଶ୍ରୀମା'ଙ୍କର ନାନାଦି ଆଲୋଚ୍ୟ ବିଷୟକୁ ଅଧିଗତ କରୁଥିବାର - ସେପରି କେତେଜଣ ସାଧକଙ୍କ ସହ ସେ ନିୟମିତ ଭାବରେ ବସି ପ୍ରତିଦିନର ଆଲୋଚ୍ୟର ଅନୁଲିପି ଶୁଣୁଥିଲେ ଏବଂ ତା'ର ଅର୍ଥ ଶୁଣୁଥିଲେ। ବିଦ୍ୟା ଆହରଣରେ ତାଙ୍କର ଟିକିଏ ସଙ୍କୋଚ ନଥିଲା, ନିଜର ବିଦ୍‌ବତ୍ତା ଦେଖାଇବାକୁ ସେ ଚାହୁଁ ନଥିଲେ ମଧ କଥାକଥାକେ ତାହା ପ୍ରକାଶ ପାଉଥିଲା। ନିମାଇବାବୁଙ୍କ ମୁହଁରୁ ଶୁଣିଛି, ସେ ଥରେ ବକ୍ତୃତା କାଳରେ କୌଣସି ଗ୍ରନ୍ଥରୁ ଉଦ୍ଧୃତି ଦେବାକୁ ଯାଇ ଗ୍ରନ୍ଥର ନାମ ଭୁଲ କହିଥିଲେ। ସଭା ଶେଷ ହେଲା ବାବାଜି ତାଙ୍କୁ ପାଖକୁ ଡାକି ତାଙ୍କର ଭ୍ରମ ସଂଶୋଧନ କରିଦେଲେ। ନିମାଇବାବୁ କିନ୍ତୁ ନିଜର ସ୍ମୃତିଶକ୍ତି ଉପରେ ଅତ୍ୟଧିକ ଆସ୍ଥାବାନ୍ ଥିଲେ। ନିରବରେ ଶୁଣିଲେ, ମନ ମାନୁ ନଥାଏ, ଘରକୁ ଫେରି ବହିପତ୍ର ଘାଣ୍ଟି ଦେଖିଲେ ବାବାଜି ମହାରାଜ ଯେଉଁ ଗ୍ରନ୍ଥ, ଯେଉଁ ଅଧ୍ୟାୟରୁ ବିଷୟଟିର ଉଦ୍ଧୃତିଟି ଆସିଛି ବୋଲି କହିଥିଲେ ତାହାହିଁ ଠିକ୍ ଥିଲା, ନିମାଇବାବୁ ପୁଣିଥରେ ଯାଇ ତାଙ୍କ ପାଖରେ କ୍ଷମା ମାଗିଲେ ନିଜର ଅଧିତ-ବିଦ୍ୟାର ଔଦ୍ଧତ୍ୟ ପାଇଁ। ଏକଥା ମଧ୍ୟ ସତ୍ୟ ଯେ ବିଦେଶରୁ ଆସୁଥିବା ଜିଜ୍ଞାସୁ, ଆଗ୍ରହୀମାନଙ୍କ ଜିଜ୍ଞାସାର ଉତ୍ତର ଓ ସମାଧାନ ଦେବାପାଇଁ ସେ ନିମାଇବାବୁଙ୍କୁ ନିଯୁକ୍ତ କରୁଥିଲେ। କାହାକୁ କେଉଁଠି ରଖିବା କଥା ସେ ଜାଣିଥିଲେ।

ବାବାଜି ମହାରାଜ କେତେଗୁଡ଼ିଏ ଦୈନନ୍ଦିନ ଜୀବନଯାପନର ବିଷୟ ଉପରେ ଆଲୋଚନା କଲାବେଳେ ମୋତେ ଲକ୍ଷ୍ୟ କରି କହିଲେ, "ସଂସାର ଭିତରେ ଯେଉଁସବୁ ଜିନିଷକୁ ଅଧିକ ମୂଲ୍ୟ ଦିଆଯାଏ, ଏଠାରେ ସେସବୁ ସାମାଜିକତା, ଲୌକିକତାର ମୂଲ୍ୟ ଅତିଗୌଣ। ସବୁଠାରୁ ଅଧିକ ହେଉଛି କାହାକୁ ଆମନ୍ତ୍ରଣ କରିବା ଓ ପ୍ରତି ଆମନ୍ତ୍ରଣ ରକ୍ଷାକରିବା- ଥରେ ଯଦି ଆପଣ ଏହା ଭିତରେ ଗୋଡ଼ ରଖିବେ, ଏଇଥିରେ ଛନ୍ଦି ହୋଇଯିବେ ଏବଂ ଆଉ ବାହାରିପାରିବେ ନାହିଁ; ସବୁ ଜିନିଷର ଅତ୍ୟଧିକତା ଅଗ୍ରଗତିରେ ବାଧକ ହୁଏ।" ତାଙ୍କ କଥାର ସତ୍ୟତା ମୁଁ ମର୍ମେ ମର୍ମେ ଅନୁଭବ କରିଛି ଓ ଯେତେଦୂର ସମ୍ଭବ ମାନ୍ୟ କରିଛି। ସେ ଅବଶ୍ୟ ଖୁଆଇବାକୁ ଭଲପାଉଥିଲେ- ସେଥିରେ ବିମଳ ଆନନ୍ଦ ଥିଲା ତାଙ୍କର, କୌଣସି ବନ୍ଧନ ନଥିଲା। ଆଉ ସେ ଥିଲେ ସମଦର୍ଶୀ- ଉଚ୍ଚପଦସ୍ଥ କର୍ମଚାରୀ, ରାଜନୈତିକ ନେତା, ପୁରପଲ୍ଲୀରୁ ଆସୁଥିବା ମାତୃଭକ୍ତ, ଧନୀଦରିଦ୍ର, ଶିକ୍ଷିତ-ଅଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ସମସ୍ତଙ୍କ ପାଇଁ ସେ ଥିଲେ ଉଦାର। ମୋ ଭିତରେ ଅସୂୟାଭାବ ଯଥେଷ୍ଟ ଥିଲା। ମୁଁ ତାଙ୍କୁ ଲକ୍ଷ୍ୟ କରୁଥିଲି ସେଥିପାଇଁ ସେ ଯେ ଲୋକ-ଚରିତ୍ର ବୁଝୁ ନଥିଲେ, ତା' ନୁହେଁ ତେବେ ନିଜର ଅସନ୍ତୋଷ ପ୍ରତିକ୍ରିୟା ବିଷୟରେ ଅତିମାତ୍ରାରେ ସଂଯତ ଥିଲେ, ସମସ୍ତଙ୍କୁ ପ୍ରଥମେ ନିଜତରଫରୁ ନମସ୍କାର, ସ୍ୱାଗତ କରୁଥିଲେ, ଅନ୍ୟକୁ ସମ୍ମାନ ଦେଖାଇ ନିଜେ ସମ୍ମାନିତ ହେଉଥିଲେ- ପରମ ବୈଷ୍ଣବ ଭଳି। ଆଉ ଥିଲେ ନିରପେକ୍ଷ- ସବୁକିଛି ଥିଲା ତାଙ୍କର ସରଳ ସ୍ୱାଭାବିକ। କେବେ କେବେ କଠୋର ବି ହେଉଥିଲେ। ଥରେ ଥରେ ନିମାଇବାବୁଙ୍କୁ ତାଙ୍କର ବିଶ୍ୱାସ ଓ ଲୋକଚରିତ୍ରର ଅନଭିଜ୍ଞତା ପାଇଁ ମୃଦୁ ଭର୍ତ୍ସନା ଶୁଣିବାକୁ ପଡ଼ିଛି। ଥରେ ତାଙ୍କର ଚାକିରୀ କ୍ଷେତ୍ରରେ କିଛି ମିଥ୍ୟାରୋପ ହୋଇ ତାଙ୍କୁ କୈଫିୟେତ୍ ମଗାଯାଇଥିଲା, ଘଟଣାଟି ସମାଧାନ ହେବା ପାଇଁ ୨/୩ ବର୍ଷ ଲାଗିଲା। ଅର୍ଥ ବିଭାଗରେ କାମ କଲେ ସାମାନ୍ୟ ଅସାବଧାନତା ହେତୁ ବଡ଼ ଧରଣର ବିପଦ, ସମ୍ମାନହାନି ଘଟେ, ଚାକିରୀର ରେକର୍ଡ଼ରେ ଦାଗ ଲାଗିଯାଏ। ଏ ଅଭିଯୋଗ କାଗଜ କଲମରେ ବାହାରିବା ପୂର୍ବରୁ ବାବାଜି ମହାରାଜ ତାଙ୍କୁ ଏହାର ଆଶଙ୍କା ଅଛି ବୋଲି ଆଗତୁରା ଜଣାଇ ଦେଇଥିଲେ ତଥାପି ନିମାଇ ବାବୁଙ୍କର ବିଶ୍ୱାସ ହେଉ ନଥାଏ ତାଙ୍କର ନିଷ୍କଳଙ୍କ ରେକର୍ଡ଼ରେ କେହି ଦାଗ ବସାଇପାରେ। ମାତ୍ର ସେପରି ଘଟିଲା ଆଉ ସିଏ ଅତ୍ୟନ୍ତ ଲଜ୍ଜାଜନକ ମନୋବେଦନାରେ ଛଟପଟ ହେଉଥା'ନ୍ତି। ବାବାଜି ମହାରାଜ ତାଙ୍କୁ ଚିଠିପତ୍ର ମାଧ୍ୟମରେ ଆଶ୍ୱାସନା ଓ ପ୍ରତ୍ୟୟ ଦେଉଥା'ନ୍ତି ଯେ ଅଦିନ ମେଘ ପରି ଏହି ଦୋଷାରୋପ ମିଥ୍ୟାବୋଲି ପ୍ରମାଣିତ ହେବ, ଧୈର୍ଯ୍ୟଧରି ମା'ଙ୍କର ଶରଣାପନ୍ନ ହୁଅନ୍ତୁ। ତିନିବର୍ଷ ପରେ ଜଣାଗଲା ଯେ ତାଙ୍କ ନାଁଟିକୁ ସମ୍ପୃକ୍ତ ଆସାମୀ ଅଫିସରମାନେ ଜାଣିଶୁଣି ଯୋଡ଼ି ଦେଇଥିଲେ ସେଇ କାମରେ। ସେଇ ମିଥ୍ୟା ଅଭିଯୋଗରୁ ସେ ମୁକ୍ତ ହେଲେ। ଏହିପରି ମଝିରେ ମଝିରେ ବାବାଜି ମହାରାଜ କିଛି ବିପଦ ଆସିବା ଆଗରୁ ସାବଧାନ କରାଇ ଦେଉଥିଲେ। ଥରେ ତାଙ୍କ ତୀବ୍ରକଟୁ କଥା ବି ବାବାଜିଙ୍କ ପାଖରୁ ଶୁଣିବାକୁ ପଡ଼ିଥିଲା, ତାଙ୍କ ଅଜ୍ଞାତସାରରେ ତାଙ୍କ ନାମ ଅନ୍ୟ ଏକ ଅନୀତିପରାୟଣ ଅଫିସରଙ୍କ ସହ ଯୋଡ଼ିଦିଆଯାଉଥିବାର କଥା ସେ ଜାଣିପାରି ତାଙ୍କର ଅସାବଧାନତା ଲାଗି ଭର୍ତ୍ସନା କରିଥିଲେ ଓ ପ୍ରତିଟି ସରକାରୀ କାମରେ ସତର୍କତାକୁ ଧ୍ୟାନରେ ରଖିବାକୁ ଜଣାଇଥିଲେ। ସେ ସାଧୁ ହୋଇ ସଂସାର ବୈରାଗୀ ହୋଇ ଦୀର୍ଘକାଳ ଅଯୋଧ୍ୟାରେ ସାଧନାରତ ଥିଲେ ବି ଯଥାର୍ଥରେ ସେ ଥିଲେ ସମାଜର ସଂସାରର ଅତି ପାଖରେ, ଆଶ୍ରିତମାନଙ୍କର, ଶ୍ରଦ୍ଧାଳୁମାନଙ୍କର ଅତି ନିକଟରେ, ଥରେ ସିଏ ତାଙ୍କର ଗୁରୁଭାଇଙ୍କୁ ବୁଝାଉଥିଲେ ଇଂରେଜ ଅମଳରେ ଉଚ୍ଚପଦସ୍ଥ ଅଫିସର କିପରି ନିର୍ବାଚିତ ହେଉଥିଲେ, ବର୍ତ୍ତମାନ ସ୍ୱାଧୀନ ଭାରତରେ କେମିତି ନିର୍ବାଚିତ ହେଉଛନ୍ତି, କେମିତି ପରୀକ୍ଷା ହୁଏ - ତାପରେ ସେଥିରୁ ଉତ୍ତୀର୍ଣ୍ଣ ହେଉଥିବା ବ୍ୟକ୍ତିଙ୍କୁ କେମିତି ମୌଖିକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼େ - ଏସବୁ କଥା ସେ ଟିକିନିଖି ବୁଝାଉଥା'ନ୍ତି ୧୯୮୫ ମସିହାରେ - ଏସବୁ ଶୁଣି ମୁଁ ଆଶ୍ଚର୍ଯ୍ୟ ହେଲି ଯେ ଏ ସମସ୍ତର ଧାରଣା ବାବାଜି କେମିତି ବୁଝିଛନ୍ତି ଜାଣିଛନ୍ତି !

ଥରେ ପତିବାବୁଙ୍କ ପାଖରେ ବସି ଓଡ଼ିଶାର ଜନସମାଜରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ଅଭୂତପୂର୍ବ ଜାଗରଣର ବିଷୟ ଉତ୍ଥାପିତ ହେଲା। ଆମେ ଏଇ ସତ୍ୟରେ ପହଞ୍ଚିଲୁ ଯେ ବାବାଜି ମହାରାଜଙ୍କର ଲୋକସାହିତ୍ୟ ଓ ଅନ୍ୟାନ୍ୟ ସରଳ ପ୍ରଶ୍ନୋତ୍ତର ଓ ପତ୍ରାଳାପ ହିଁ ଏସବୁର କାରଣ। ତା' ନହୋଇଥିଲେ ଯେଉଁ ସବୁ କଥା କେହି କଳ୍ପନା ବି ଆଗରୁ କରିନଥିଲେ, ସେଇ ଅନାଗତ ଭାବୀ ସୃଷ୍ଟି ଯେ ଆମ ଦୁଆରେ ଆସି ପହଞ୍ଚିଯାଇଛି, ଆମକୁ ଖାଲି ଦୁଆରଟି ଖୋଲିଦେବାକୁ ହେବ, ଏହି ସହଜ ବିଶ୍ୱାସଟିଏ କିଏ ଦେଇ ପାରିଥା'ନ୍ତା ? ଏଇ ବିଶ୍ୱାସ ଓ ଶ୍ରଦ୍ଧାଟିର ବୀଜ ସେ ବପନ କରିଛନ୍ତି ଓ ଧୀରେ ଧୀରେ ସେଇ ବୀଜ ଅଙ୍କୁରିତ ଓ ବିକଶିତ ହୋଇଚାଲିଛି- ମା ତାଙ୍କୁ ହିଁ ଏକ ନିମିତ୍ତ ରୂପେ ନିର୍ବାଚନ କରିଛନ୍ତି। ବାବାଜି ଯେତେବେଳେ ଆଶ୍ରମରୁ ଅଯୋଧ୍ୟା ଅଭିମୁଖରେ ଯାତ୍ରା କଲେ, ଅନେକ ପରମ୍ପରାଶୀଳ ସାଧକ, ଭକ୍ତ, ଯୋଗୀ ଓ ସଂସାର ବିରାଗୀଙ୍କୁ ଭେଟିଥିଲେ ଓ ସେମାନଙ୍କର ନାନାପ୍ରକାର ଜିଜ୍ଞାସାର ହୃଦୟଗ୍ରାହୀ ଉତ୍ତର ଦେଇଥିଲେ, ଯେଉଁ କାରଣରୁ ସେ ତାଙ୍କର ପୁରୁଣା ସାଧନାର ଧାରାକୁ ଛାଡ଼ିଦେଇ ପୁଣି ଆଉ ଏକ ନୂଆ ସମ୍ପୂର୍ଣ୍ଣ ନୂଆ ଧରଣର ଯୋଗପନ୍ଥା ଗ୍ରହଣ କଲେ, ନାନାସ୍ଥାନରେ ତାଙ୍କ ପୂର୍ବ ପରିଚିତ ସାଧୁ ସମ୍ପ୍ରଦାୟ, ତାହାର କୈଫିୟତ ଜାଣିବାକୁ ଚାହିଁଲେ। ବାବାଜି ମହାରାଜ ସେମାନଙ୍କୁ ପୂର୍ଣ୍ଣଯୋଗର ମାହାତ୍ମ୍ୟ ଓ ପଥର କଥା ବୁଝାଇଥିଲେ ଏବଂ କହିଲେ: କୌଣସିଟି ବି ଯୋଗସାଧନାର ସେଇ ପଥର ବାଧକ ନୁହେଁ ବା ସେ ନୂଆପଥଟି ସମସ୍ତ ଯୋଗପନ୍ଥାର ମିଳିତ ସାଧନା ବି ନୁହେଁ - ସେହି ପଥଟି ଆତ୍ମ- ବିଲୋପର ପଥନୁହେଁ, ନିତ୍ୟ

ବର୍ଦ୍ଧନଶୀଳ, ନିତ୍ୟ ବିକାଶଶୀଳ ପ୍ରକାଶ ଆଡ଼କୁ ତାହା ବାଟ କଢ଼ାଏ। ପୂର୍ବର ସାଧନାରେ ଆମେ କେବଳ ଆତ୍ମାକୁ ନେଇ ଅଗ୍ରସର ହେଉଥିଲୁ, ମନ-ପ୍ରାଣ-ଶରୀରକୁ, ସଂସାରରକୁ ବାଦ୍ ଦେଇ ମୁକ୍ତି ବା ନିର୍ବାଣରେ ଲକ୍ଷ୍ୟ ପାଇବା ପାଇଁ ବା ସେଇ ଉତ୍ତର ବା ସୂକ୍ଷ୍ମ ଲୋକରେ ଭଗବତ୍ ସାନ୍ନିଧ ପାଇବା ପାଇଁ। ମାତ୍ର ଏ ଯୋଗ ଆମର ଅଗ୍ରଗତି ଆମ ସତ୍ତାର ସର୍ବାଙ୍ଗ ବିକାଶକୁ ନେଇ। ଏଥିରେ ଜଗତ୍ ସଂସାରର ବି ଭୂମିକା ରହିଛି, ତାହା ମିଥ୍ୟାମୟା ନୁହେଁ, ଏ ଜଗତର ସର୍ଜନା ପଥରେ ପରମେଶ୍ୱରଙ୍କର କିଛି ନା କିଛି ଉଦ୍ଦେଶ୍ୟ ରହିଛି। ନିଜର ରୂପାନ୍ତର କରି ସମୂହର ରୂପାନ୍ତରରେ ସହଯୋଗୀ ହୋଇ ଆମେ ପାବଚ୍ଛ ପରେ ପାବଚ୍ଛ ଉଠିବୁ ଆଉ ଦିବ୍ୟଶକ୍ତିର କୃପାକୁ ଆବାହନ କରି ଧାରଣ କରିବା ପାଇଁ ପ୍ରସ୍ତୁତ ହେବୁ। ଏଇ ନୂତନ ଯୋଗର ପୂର୍ଣ୍ଣତା ନିର୍ଭର କରେ ଖାଲି ଆମର ଉତ୍ତରଣ ହେତୁ ନୁହେଁ, ତା' ସହିତ ଊର୍ଦ୍ଧ୍ୱତର ଶକ୍ତିର ଅବତରଣ ହେତୁ....।' ଏହିପରି ଭାବରେସେ ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ଓ ଉପାୟର କଥା ସେମାନଙ୍କର ଜିଜ୍ଞାସାର ଉତ୍ତରରେ କହିଥିଲେ - ଏସମସ୍ତ ଉତ୍ତର ତାଙ୍କର ବକ୍ତବ୍ୟର କେନ୍ଦ୍ରୀୟ ବିଷୟ ରହିଆସିଛି, ବାକି ଉପାୟ ସାଧକ ତା'ର ଅନ୍ତରାତ୍ମାର ପ୍ରେରଣା ଅନୁଯାୟୀ କରିପାରେ- କେହି ଜ୍ଞାନ, କେହି କର୍ମ, କେହି ଭକ୍ତି ଓ ଆତ୍ମ-ନିବେଦନ, କେହି ନିଷ୍ଠା ଓ ବିଶ୍ୱାସ ରଖି ମାତୃ-ନାମ ଜପ କରିପାରେ - ଏଇ ଜପ ଫଳରେ ଆବାହନ, ସ୍ମରଣ, ମନନ, ନିର୍ଭରତା - ଆସ୍ଥା, ଶରଣାଗତି ଆଦି ବଢ଼ିଚାଲେ ଓ ଶେଷରେ ନିରନ୍ତର ଭଗବତ୍ ଉପସ୍ଥିତି ଅନୁଭୂତ ହୁଏ - ଅନ୍ତରରେ ଓ ବାହାରେ ଥିଲେ, ଯେଉଁ ସତ୍ୟ ସେ ନିଜେ ଅନୁଭବ କରିଛନ୍ତି- ସେଇ କଥାଟି ସେ ଅନ୍ୟମାନଙ୍କ ଆଗରେ ରଖି ଦେଇଛନ୍ତି।

ବାବାଜି ମହାରାଜ ଶ୍ରୀଅରବିନ୍ଦଙ୍କର ମହାକାବ୍ୟ 'ସାବିତ୍ରୀ'ର ଅନୁବାଦ ନବଜ୍ୟୋତିରେ ନିୟମିତ ବାହାରୁ ବୋଲି ଚାହିଁଥିଲେ ଓ ସେଇ ମର୍ମରେ ନିମାଇବାବୁ ଅନୁବାଦ କରିବାକୁ କହିଥିଲେ ଓ ଚିଠିରେ ଲେଖିଥିଲେ। ତା' ପୂର୍ବରୁ ଏଠି-ସେଠି କେତେବେଳେ କେମିତି ବାହାରୁଥିଲା। ପତିବାବୁଙ୍କ ସହ ପରାମର୍ଶ କରି ନିମାଇବାବୁଙ୍କୁ ସାଙ୍ଗରେ ଧରି ଶ୍ରଦ୍ଧେୟ ଶ୍ରୀ ନଳିନୀକାନ୍ତ ଗୁପ୍ତଙ୍କ ପାଖକୁ ନେଇଯାଇଥିଲେ। ସେଇ ମନୀଷୀଙ୍କ ହାତରେ ନିମାଇବାବୁଙ୍କ ପତ୍ରଖଣ୍ଡିଏ ଶ୍ରୀମା'ଙ୍କ ପାଖକୁ ତାଙ୍କର ଅନୁମତି ଓ ଆଶୀର୍ବାଦ ପାଇଁ ପଠାଗଲା ଓ ମା' ତାହା ପାଠକରି ଆଶୀର୍ବାଦ ଦେଇଥିଲେ। ସେଦିନରୁ ସାବିତ୍ରୀ ଅନୁବାଦ ଶ୍ରଦ୍ଧାବାନ୍ ପାଠକଙ୍କ ନିକଟରେ ପହଞ୍ଚିଲା। କେବଳ ସେତିକି ନୁହେଁ ବାବାଜି ମହାରାଜ ଅଯୋଧ୍ୟାରେ ଥିବା ଜମିର ମାପଚୁପ କରି ପଠାଇବାକୁ ବି ନିମାଇବାବୁଙ୍କୁ ସାଙ୍ଗରେ ଧରି କାନପୁର ବାଟଦେଇ ଅଯୋଧ୍ୟା ଗଲୁ, ଆମାମା ରାଣୀଙ୍କ ବାବାଜିଙ୍କୁ ପ୍ରଦତ୍ତ ସେଇ ଜମିଖଣ୍ଡିକର ଜରିପ୍ କରାଗଲା। ସେଇ ଦାନ ଗ୍ରହଣ କରିବା ପୂର୍ବରୁ ସେ ଶ୍ରୀମା'ଙ୍କର ଅନୁମତି ନେଇ ଶ୍ରୀଅରବିନ୍ଦଙ୍କର ଉତ୍ତର ଭାରତରେ ଏକ କେନ୍ଦ୍ର ପ୍ରତିଷ୍ଠା କରାଯିବ - ଏଇ ଉଦ୍ଦେଶ୍ୟରେ ଜମିଖଣ୍ଡିକ ଗ୍ରହଣ କରିଥିଲେ। କାଳକ୍ରମେ ସେଠାରେ ଆଶ୍ରମର ଗୃହ ଗଢ଼ାହେଲା। ନିମାଇବାବୁ ଚାକିରୀ ଶେଷହେବାର ଅଳ୍ପକିଛି ଦିନ ପୂର୍ବରୁ ଇସ୍ତଫା ଦେଇ ସେଠିକାର ଜଣେ ଅନ୍ତେବାସୀ ଓ ସଭ୍ୟ ହେଲେ। ବାବାଜି କୁଆଡ଼େ ତାଙ୍କର ଚାକିରୀ ଶେଷ ହେବାର କୋଡ଼ିଏ ବର୍ଷ ଆଗରୁ ତାଙ୍କଠାରୁ ପ୍ରତିଶ୍ରୁତି ନେଇଥିଲେ ଯେ ସରକାରୀ କାମ ଶେଷହେବା ସଙ୍ଗେ ସଙ୍ଗେ ନିମାଇବାବୁ ଯେପରି ପୁଣ୍ୟଭୂମି ଅଯୋଧ୍ୟାରେ ନିବାସ କରିବେ ଶ୍ରୀମା'ଙ୍କ ଚରଣରେ ନିବେଦିତ ସେଇ ଆଶ୍ରମରେ। ସେ ମଧ୍ୟ ନିଜର ପ୍ରତିଶ୍ରୁତି ପାଳନ କରି ସେଠି ୫/୬ ବର୍ଷ ରହିଥିଲେ। ବାବାଜିଙ୍କ ସହ ତାଙ୍କର ଅନ୍ତରଙ୍ଗ ସମ୍ପର୍କ ଥିଲା। ସେ ପିତାପରି ପଥ କଢ଼ାଇ ଓ ମାତା ପରି ସ୍ନେହ ଦେଇ ଓ ଶୁଭଚିନ୍ତକ ଶିକ୍ଷକଙ୍କ ପରି ଭଲମନ୍ଦରେ ମୃଦୁ ଶାସନ କରି ତାଙ୍କୁ ନାନାଭାବରେ ରକ୍ଷାକରିଛନ୍ତି, ପ୍ରୋତ୍ସାହନ ଦେଇଛନ୍ତି ଓ ସର୍ବୋପରି ଶ୍ରୀମା'ଙ୍କ ଉପରେ ସଦାସର୍ବଦା ନିର୍ଭରଶୀଳ ଓ ଆସ୍ଥାବାନ୍ ହେବା ପାଇଁ ଶିଖାଇଛନ୍ତି। ଅନେକଙ୍କ ଜୀବନରେ ଏପରି ସୌଭାଗ୍ୟ ଘଟିଛି। ନାରୀମାନଙ୍କ ପ୍ରତି ତାଙ୍କର ସ୍ନେହ ଓ ଅନୁକମ୍ପା ଥିଲା ବିଶେଷ ଧରଣର, ନିଜ ନିଜ ଭୂମିକାରେ ରହି ମଧ୍ୟ କେମିତି ସାଧନା କରିହେବ - ତାହା ସେ ବତାଇ ଦେଇଛନ୍ତି ଅତି ସରଳ ଭାବରେ। ସେମାନେ ବି ପ୍ରଗତିଶୀଳ ହୋଇପାରିବେ ପୂର୍ଣ୍ଣଯୋଗର ମର୍ମ ବୁଝିପାରିଲେ।

ନିଜର ସାଧନା ଯେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବା ସେ ଚରମ ଲକ୍ଷ୍ୟରେ ପହଞ୍ଚି ଯାଇଛନ୍ତି ଏବଂ ସମସ୍ତେ ତାଙ୍କୁ ଅନୁସରଣ କରନ୍ତୁ ଏଇଭଳି ମନୋଭାବ ତାଙ୍କର କେବେ ନଥିଲା, ବରଂ ସେ ଆମକୁ କହିଛନ୍ତି, "ଶ୍ରୀମା'ଙ୍କ କୃପା ପ୍ରତି ଉନ୍ମୁଖ ହୁ, ସେ ତୁମ ଭିତରେ ଯାହା କରିବାର କରିବେ, ସେଥିରେ ପ୍ରତିକୂଳତା କର ନାହିଁ, ନିଜକୁ ନିଃଶେଷ ଭାବରେ ତାଙ୍କଠି ସମର୍ପଣ ଓ ନିବେଦନ କର। ତାଙ୍କର ଶକ୍ତି ଅମୋଘ, ସମଗ୍ର ସତ୍ତା ଦେଇ ନିଜକୁ ଉତ୍ତୋଳିତ କର ଓ ତାଙ୍କୁ ଆବାହନ କର, ସେ ଅବତରିତ ହୋଇ ଆସନ୍ତୁ ତାଙ୍କର ସକଳ ଐଶ୍ୱର୍ଯ୍ୟ, ବିଭବ ଓ ଶକ୍ତିମତ୍ତା ନେଇ, ତାଙ୍କ ହାତରେ ନିଜକୁ ଛାଡ଼ିଦିଅ - ଏହାହିଁ ଆମଭଳି ଅଭୀପ୍ସୁମାନଙ୍କର କରଣୀୟ'। ନିଜେ ସିଏ ନମନୀୟ ହୋଇଯାଇଥିଲେ ମା'ଙ୍କ ଶକ୍ତିପାଖରେ, ଶ୍ରୀଅରବିନ୍ଦଙ୍କ ଜ୍ଞାନ ପାଖରେ, ସେଥିପାଇଁ ସେମାନେ ଅକାତରେ ତାଙ୍କ ଆଧାରରେ ଢ଼ାଳିଦେଇଥିଲେ - ଜ୍ଞାନ, କର୍ମ, ଭକ୍ତି ଓ ଆତ୍ମ- ପରିପୂର୍ଣ୍ଣତାର ସିଦ୍ଧି। ତାଙ୍କର ପ୍ରଥମ ଯାତ୍ରାଥିଲା ଜନ୍ମଭୂମିରୁ ତପୋଭୂମି ଅଯୋଧ୍ୟା, ପରବର୍ତ୍ତୀ ଯାତ୍ରା ହେଲା ଅଯୋଧ୍ୟାରୁ ପଣ୍ଡିଚେରୀ - ଯାହା ସେ ସ୍ୱ-ଇଚ୍ଛାରେ ବରଣ କରିନେଇଥିଲେ। ତାଙ୍କର ଦ୍ୱିଜତ୍ୱ ଥିଲା ଅଭିନବ ଧରଣର। ଆମେ ଜାଣେ, ବାଳକ କିଶୋରାବସ୍ଥାକୁ ଆସିଲେ ଅଭିଭାବକମାନେ ତା'ର ଉପନୟନ ପାଇଁ ଉଦ୍‌ଯୋଗ କରନ୍ତି। ମାତ୍ର ଏକଥା କଦବା କ୍ୱଚିତ୍ ଦୃଷ୍ଟିଗୋଚର ହୁଏ ଯେ କେହି ଜଣେ ପ୍ରବୀଣ ସାଧକ, ଗୁରୁପଦରେ ଅଧିଷ୍ଠିତ ବ୍ୟକ୍ତି ନିଜର ପୂର୍ବ ସାଧନା ଓ ସିଦ୍ଧିକୁ ଯଥେଷ୍ଟ ମନେ ନକରି ପୁଣି ନୂଆ ଅନ୍ୱେଷଣରେ ବାହାରିଛି, ନୂତନ ସତ୍ୟ, ନୂତନ ପଥପ୍ରଦର୍ଶକଙ୍କୁ ଭେଟି ତାଙ୍କ ଚରଣରେ ସବୁକିଛି ଅର୍ପଣ କରି ନିଃସ୍ୱ ହୋଇଯିବାକୁ। କେଉଁ ବେଦ ଉପନିଷଦ ଯୁଗରେ ଏପରି ହେଉଥିଲା ବୋଲି ଶୁଣିଛେ, କିନ୍ତୁ ଏଇ ଯୁଗରେ ବାବାଜିଙ୍କୁ ଆମେ ଦେଖିଲେ ଯିଏ ଆମକୁ କହିଦେଲେ ଯେ ଅନୁସନ୍ଧିତ୍ସାର ଶେଷ ନାହିଁ, ସେହିପରି ପ୍ରାପ୍ତିର ବି ଶେଷ ନାହିଁ। ଏଇ ଦୀକ୍ଷା ଅର୍ଥାତ୍ ନୂଆଭାବରେ ଜନ୍ମନେବା, ଅନୁଶୀଳନ କରିବା, ମା ଓ ଶ୍ରୀଅରବିନ୍ଦଙ୍କ ପଦତଳେ ଶିଷ୍ୟର ଆନୁଗତ୍ୟ ଓ ସନ୍ତାନର ମା'ଠାରୁ ସ୍ନେହ- ଲାଳିତ୍ୟକୁ ପୂର୍ଣ୍ଣପ୍ରାଣରେ ପାଇବା ଓ ନିର୍ବାହ କରିବା - ଏଥିପାଇଁ ସେ ପୁଣି ଥରେ ଜନ୍ମନେଲେ ସଜ୍ଞାନରେ, ସେ ହେଲେ ଦ୍ୱିଜ, ସେତିକିରେ ଶେଷ ନୁହେଁ, ସେଠାରୁ ପୁଣି ଦେହାବସାନ ଯାଏଁ ତାଙ୍କର ଅଭିଯାତ୍ରା ଚାଲିଥିଲା ଏଇ ଭୌତିକ ଲୋକରେ ସୂକ୍ଷ୍ମଲୋକରେ ଯାତ୍ରାରେ ଯେ ନଚାଲିଥିବ, ସେକଥା ଆମେ କହିପାରିବା ନାହିଁ। ସେଇ ପୂଣ୍ୟାତ୍ମା ଚିରସ୍ମରଣୀୟ ଅଗ୍ରଜାଧିକ ଶ୍ରୀ ରାମକୃଷ୍ଣ ଦାସଙ୍କ ନିକଟରେ ତାଙ୍କର ଜନ୍ମଶତବାର୍ଷିକୀରେ ମାତୃଭକ୍ତମାନଙ୍କ ତରଫରୁ ମୋର କୃତଜ୍ଞତା ଓ ଶ୍ରଦ୍ଧା ନିବେଦନ।

❖ ❖ ❖

# ଦୋଛକି ରାସ୍ତା

## ସନ୍ତୋଷ କୁମାର ରଥ

ଚାକିରି ଛାଡ଼ି ସନ୍ୟାସୀ ହେବାର ସିଦ୍ଧାନ୍ତକୁ ଅକ୍ତିଆର କରିନେବାର ସାମର୍ଥ୍ୟ ସେ ପର୍ଯ୍ୟନ୍ତ ମୋର ଆସି ନଥାଏ । ଅବଶ୍ୟ ଜାଣିଥାଏ ଛକ ମୁହାଁ ମୋ ଚଲା ରାସ୍ତାଟି ଦିନେ ନା ଦିନେ ସରିଯିବ, ଆଉ ସେହି ଦୋଛକି ଉପରେ ଠିଆହୋଇ ମୋତେ ବାଛିନେବାକୁ ପଡ଼ିବ ସଂସାର ନା ସନ୍ୟାସ । ସେତେବେଳେ କତରା ଘୋଡ଼ିହେଲେ ବି ଯମଠାରୁ ତ୍ରାହି ମିଳିବନି । ବେଳେବେଳେ ଭାବେ ଯିଏ ଦେଖି ଜାଣିନି ଏ କୂଳରୁ ସେ କୂଳକୁ, ଖୋଜି ପାଇବାର ମସୁଧା ନାହିଁ ମୁହାଣକୁ; ତା ପାଇଁ ନଈ ଅଙ୍କାବଙ୍କା ବହିବାରେ ସିନା କିଛି ଫରକ ପଡ଼େନି, ହେଲେ ମୋ ପାଇଁ ? ମୁଁ ତ ଆଉ ସେମିତି ସୁଅ ବୁହା ପତର ହୋଇପାରିବିନି । ବରଂ ଇଚ୍ଛା ମୁହାଣ ଛୁଆଁ ରାସ୍ତା ଯେତେ ସିଧା ସଳଖ ହେବ ସେତେ ଭଲ ।

ପଢ଼ାସାରି ଚାକିରି କରିବା ସେତେବେଳକୁ ମୋର ଆଠ ପୁରି ନଅ ଚାଲିଥାଏ । ଘର ପାଖ ମଠ ସହିତ ସମ୍ପର୍କ ଚାକିରି ପୂର୍ବରୁ । ପୁଣି ଯୋଗକୁ ଚାକିରି ମିଳିଗଲା ସେଇ ସହରରେ । ତେଣୁ ସମ୍ପର୍କରେ ଭଙ୍ଗା ପଡ଼ିଲାନି । ବରଂ ସକାଳ ସନ୍ଧ୍ୟା ସେଇଠି କଟିଲା । କ୍ରମେ ମଠର ସାଙ୍ଗଠନିକ କାମର ଦାୟିତ୍ୱ ବଢ଼ିବା ସଙ୍ଗେ ସଙ୍ଗେ ଘରଛଡ଼ା ସନ୍ୟାସୀମାନଙ୍କ ସହିତ ଅନ୍ତରଙ୍ଗତା ବଢ଼ି ବଢ଼ି ଚାଲିଲା, ତେର ବର୍ଷ ବିତିଗଲା ପଛେ ବୈରାଗ୍ୟର ମେଘ ମୋ ଭିତରେ ଜମାଟ ବାନ୍ଧୁ ନଥାଏ; ବର୍ଷାତ ଦୂରର କଥା । ଏମିତି କେତେ ଦିନ ବା ଚାଲିଥାନ୍ତା ? ଭିତରେ ଦୋଛକିର ଭୟଟା ସଦା ଘାରୁଥିଲା । ଦିନେ କଥାଟା ମୋର ପ୍ରିୟ ଦୁଇଜଣ ସନ୍ୟାସୀଙ୍କ ଆଗେ ଖୋଲିଦେଲି ।

ପ୍ରଥମ ଜଣକ ସମବୟସ୍କ ଯୁବ ସନ୍ୟାସୀ । ପରଦିନ ଚୁପ୍‌କରି ଡାକିନେଇ ମୋତେ କହିଲେ, "ସେ ଭୁଲ କରନା । ତୁମେ ପୁଣି ଏତେ ଦିନ ହେଲା ଚାକିରି କରିଲଣି । ଆକାଶର ଉଡ଼ନ୍ତା ପକ୍ଷୀକୁ ଡେଣାକାଟି ପିଞ୍ଜରାବଦ୍ଧ କରିଦେଲେ ସେ ଛଟପଟ ହୋଇଉଠିବ । ଦୂର ପାହାଡ଼ ସୁନ୍ଦର । ପାରିବତ ସେମିତି ମଠକୁ ଆସଯାଅ । ଚାକିରି ଛାଡ଼ି ସନ୍ୟାସୀ ହେବାଟା ଠିକ୍ ହେବନି ।" ଇଞ୍ଜିନିୟରିଂ ପଢ଼ା ଅଧାରୁ ସଂସାର ବିରାଗୀ ହୋଇଥିବା ସନ୍ୟାସୀଙ୍କର ଏମନ୍ତ ଉତ୍ତର ଶୁଣି ମୁଁ ଚୁପ୍ ରହିଲି । ଜାଣିଲି ଏସବୁ କୁହୁଳା ନିଆଁର ଧାସ ।

ଦ୍ୱିତୀୟ ଜଣକ ବୟସରେ ମୋଠାରୁ ଢେର ଅଧିକା । ଦୁଇ ତିନିଟା ଶାଖା ମଠରୁ ଅଭିଜ୍ଞତା ଅର୍ଜନ କରି ସହକାରୀ ମଠାଧୀଶ ରୂପେ ଯୋଗଦେବା ତାଙ୍କର ସେତେବେଳକୁ ଦୁଇବର୍ଷ ପୁରିଗଲାଣି । ମେଳାପୀ ଓ ବିନମ୍ରତା ଗୁଣ ଯୋଗୁଁ ସେ ଅନ୍ୟମାନଙ୍କଠାରୁ ବାରି ହୋଇପଡ଼ନ୍ତି । ମୋତେ ଡାକି କହିଲେ, "ଏତେ ଦିନ ଆମମାନଙ୍କ ସଙ୍ଗେ ମିଶିବା ପରେ ମଧ୍ୟ ତୁମର ତ ବୈରାଗ୍ୟ ହେଲାନି । ତୁମେ ଗୋଟିଏ କାମ କର । ମୁଁ ଚିଠି ଲେଖିଦେବି ।, ତୁମେ ଛୁଟି ନେଇ ଘରଠାରୁ ଦୂରକୁ ଚାଲିଯାଅ । ଦୁଇ ଚାରିମାସ ଗୋଟିଏ ଶାଖା ମଠରେ ରୁହ । ତେବେ ତୁମେ ନିଜକୁ ଚିହ୍ନି ପାରିବ ।"

ମୌନ ସମ୍ମତି ସୂଚକ ଜାଣିବି ମୁଁ ଚୁପ୍ ରହିଲି । ମାତ୍ର ତାଙ୍କ ପ୍ରସ୍ତାବ ମୋର ପସନ୍ଦ ଯୋଗ୍ୟ ନଥିଲା । କାହାକୁ ନ ଜଣାଇଲେ ବି ଅଜ୍ଞାତବାସ ପରେ ମୁଁ ଯଦି ଫେରି ଆସେ ତେବେ ସାରା ରାଇଜରେ ହୁରି ପଡ଼ିଯିବ ମୋର ସନ୍ୟାସୀ ହେବା ନୋହିଲା । ସେତେବେଳେ ମୁଁ ଏ କୂଳର ହେବିନି ସେ କୂଳର ହେବିନି । ଚିତା ଲେଉଟା ସତୀକୁ ଭୂତ ମଣିବା ନ୍ୟାୟ । ତେଣୁ ଇଚ୍ଛା କରି ଦୁଇ ଚାରି ସପ୍ତାହ ତାଙ୍କ ପାଖ ମାଡ଼ିଲିନି । ସେ ବି ବୋଧେ ବୁଝିଗଲେ- ମୋ ବିରାଗଟା ଶ୍ମଶାନ ଦେଖା ଛଡ଼ା ଅନ୍ୟ କିଛି ନଥିଲା ।

ଜାଣେ ସାମ୍ନାରେ ଦୋଛକି, ତଥାପି ମୁଁ ମୋ ରାସ୍ତାରେ । ଚାକିରି, ମଠକାମ ସହିତ ଘରେ ମାଶ୍ରୀଅରବିନ୍ଦଙ୍କ ପାଠଚକ୍ର ଓ ଭଜନ ଯିବାରେ ମୋର ହେଳା ନଥାଏ । ଆମ ଘରେ ସମସ୍ତେ ଯେ ମାଶ୍ରୀଅରବିନ୍ଦଙ୍କ ଆଶ୍ରିତ ଏବଂ ମୁଁ ବିଶେଷ ଭାବରେ ସେମାନଙ୍କ ଦ୍ୱାରା ପ୍ରଭାବିତ ଓ ଅନୁପ୍ରାଣିତ, ଏକଥା ମଠ ଲୋକମାନେ ଜାଣନ୍ତି । ତଥାପି ନ ଜାଣିଥିବାର ଭାବ ଦେଖାନ୍ତି । ବେଳେବେଳେ ସେମାନଙ୍କ ପରିବର୍ତ୍ତନ ବିମୁଖତା ଓ ରକ୍ଷଣଶୀଳତା ମୋ ସ୍ୱପ୍ନବାଦିତାର ତଥାପି ଚୁପ୍ ରହିଯାଆନ୍ତି । ସେମାନଙ୍କ ସ୍ୱାର୍ଥ ଦୃଷ୍ଟିରୁ । କିନ୍ତୁ ମୁଁ ଯେ ମଠକାମରେ ଏତେ ସମୟ ଦେଉଛି, ସେଠାକୁ ଯାଉଛି ସେଥିପ୍ରତି ଆମ ଘରେ କାହାରି ପ୍ରତିବାଦ ନଥାଏ । ସମ୍ପ୍ରଦାୟଗତ ସଙ୍କୀର୍ଣ୍ଣତାର ବହୁ ଊର୍ଦ୍ଧ୍ୱରେ ସେମାନେ । ବରଂ ବୁଝିଛନ୍ତି ଅବତାରଙ୍କ ଆଗମନର ଅପରିହାର୍ଯ୍ୟତା । ସତରେ ପକ୍ଷୀର ବେଭାର ତା'ଉଡ଼ନ୍ତା ଉଚ୍ଚତାରୁହିଁ ଠଉରି ହୁଏ ।

ଦିନେ ଜଣେ ଆଗନ୍ତୁକ ପଣ୍ଡିଚେରୀରୁ ଆସିଥିବାର ପରିଚୟ ଦେଇ ଆମ ଘରକୁ ଆସିଲେ । ତାଙ୍କଠାରୁ ଜାଣିଲି ସେ ମୋ ବନ୍ଧୁଙ୍କ ବନ୍ଧୁ ଏବଂ ଦୁହେଁ ଶ୍ରୀଅରବିନ୍ଦ ଆଶ୍ରମର ଅନ୍ତେବାସୀ । ସେ ଅଳ୍ପଦିନ ପାଇଁ ଓଡ଼ିଶା ଆସିଥାନ୍ତି । ତାଙ୍କ ଭାଇଙ୍କର ଘର ଆମ ସେହି କଲୋନୀରେ ହୋଇଥିବାର ଜାଣି ମୋ ବନ୍ଧୁଜଣକ ଆମ ଘର ଠିକଣା ତାଙ୍କୁ ଦେଇଥିଲେ । ତାକୁ ପାଇ ଘରେ ଆମର ସମସ୍ତେ ବହୁତ ଖୁସୀ । ବେଶ୍ କିଛି ସମୟ ଆଳାପ ଆଲୋଚନା ହେଲା- ମୁଖ୍ୟ ବିଷୟ ଆଶ୍ରମର ଅନ୍ତେବାସୀମାନଙ୍କର ଜୀବନଚର୍ଯ୍ୟା ଓ ସାଧନା ଜୀବନ ଆଦରି ନେବାରେ ତାଙ୍କର ବ୍ୟକ୍ତିଗତ ଅଭିଳାଷ ଓ କେତେକ ଅନୁଭୂତି । ମୁଁ ସବୁକଥା ବସି ଶୁଣୁଥାଏ । ମନେମନେ ଭାବିଲି- ଥରେ ଆଶ୍ରମ ଯାଇ ବୁଲି ଆସିଲେ ମୋ ନିର୍ଦ୍ଧାରଣର ଖୋରାକ ଅବଶ୍ୟ ମିଳିଯିବ ।

"ତୁ ତ ଆଗରୁ କହୁଥିଲୁ, ଏବେ ଛୁଟୀନେଇ ଥରେ ଯାଇ ଆଶ୍ରମ ବୁଲି ଆସେ ।" ଆଲୋଚନାର ଶେଷ ପର୍ଯ୍ୟାୟରେ ପ୍ରସ୍ତାବଟି ଅନ୍ୟମାନଙ୍କ ଦ୍ୱାରା ଆପେ ଆପେ ଗୃହୀତ ହୋଇଗଲା । ମୁଁ ମଧ୍ୟ ଆସନ୍ତା, ଡିସେମ୍ବରକୁ ଯିବା ପାଇଁ କାଇଦା କରିଦେଲି ।

ସେଇଟା ଥିଲା ୧୯୯୩ ମସିହା । ବର୍ଷ ବଳକା ଛୁଟିସବୁ ନେଇ ମୁଁ ଏକା ଏକା ଆଶ୍ରମ ଚାଲିଲି । ଶୁଣିଥିବା କଥାଗୁଡ଼ିକୁ ମୁଁ ନିରେଖି ଦେଖୁଥାଏ ଏବଂ ମାପୁଥାଏ ନିଜକୁ । ବ୍ୟବହାରିକ ଦୃଷ୍ଟିକୋଣରୁ ପୁରାତନ ଯୋଗ ଓ ମାଶ୍ରୀଅରବିନ୍ଦଙ୍କ ପ୍ରଣୋଦିତ ପୂର୍ଣ୍ଣାଙ୍ଗ ଯୋଗର ଧାରାଟା ମନେହେଲା ସତରେ ପୁରା ନିଆରା । ଦୀର୍ଘ ଯେତିକି ତୀଖ ସେତିକି । ସାଧକମାନଙ୍କର ସାଧନା ପ୍ରଣାଳୀରେ ରହିଛି ପୂର୍ଣ୍ଣ ସ୍ୱାଧୀନତା ଓ ଆବଶ୍ୟକତା ଅନୁଯାୟୀ ସ୍ୱତନ୍ତ୍ରତା । ବିଧିବଦ୍ଧ ନିୟମରେ ଯେ ସମସ୍ତେ ରଗଡ଼ା ହେବେ ସେକଥା ନାହିଁ, ଅତ୍ୟଧିକ

ଧ୍ୟାନ-ଧାରଣା ଓ ବାହ୍ୟ ବୈରାଗ୍ୟ ମାଧ୍ୟମରେ ଅନ୍ୟର ଦୃଷ୍ଟି ଆକର୍ଷଣ କରିବାର ମତଲବ ମଧ୍ୟ ନାହିଁ। ମାତ୍ର ଛୋଟ ହେଉ ବା ବଡ଼ହେଉ, ଦିଆଯାଇଥିବା କାମଟିକୁ ନିଷ୍ଠାର ସହିତ କରି ଭଗବାନଙ୍କୁ ଅର୍ପଣ କରିବା ହେଉଛି ସାଧକର ଉପାସନା ଏବଂ ସମସ୍ତ ବିଜୟ ଓ ପରାଜୟ ହେଉଛି ତାଙ୍କରି ଦାନ, ତାଙ୍କରି ପ୍ରସାଦ। - କଥାଟା ମୋର ମନକୁ ଛୁଇଁଲା। ମନେହେଲା ମାଟିଡ଼ଙ୍କା ମଞ୍ଜିଟା ସତେ ଯେମିତି ମୋ ଭିତରୁ ଗଜୁରୁଛି। ହେଲେ କାହାକୁ କିଛି କହିନଥାଏ।

ଦୁଇ ତିନିଦିନ ପରର ସକାଳ। ଜଣେ ସାଧକ ବନ୍ଧୁଙ୍କ ଟେବୁଲ ସାମ୍ନାରେ ବସିଥାଏ। ବାବାଜି ମହାରାଜ ନବଜ୍ୟୋତିକୁ ଆସିଲେ। ସାଧାରଣ ପୋଷାକ ଉପରେ ଘୋଡ଼ି ହୋଇଥାନ୍ତି ଖଣ୍ଡିଏ ଧଳା ଚାଦର, ଆଉ ମୁଣ୍ଡରେ ଟୋପି, ହସ ସ୍ମିତ ଓ ମଧୁର। ମୁହଁରେ ବ୍ରହ୍ମତେଜର ଦ୍ୟୁତି। କଥା କଥାକେ ମା'ଙ୍କ ନାମଜପର ହିତୋପଦେଶ ଏବଂ ଭାଗବତୀ ଶକ୍ତି ଉପରେ ବିଶ୍ୱାସ ଭରସା- ତାଭ୍‌କର ଲୋକଶିକ୍ଷା। ଆଗରୁ ଚିହ୍ନିଥିଲି ବୋଲି ସନ୍ତର୍ପଣରେ ନମସ୍କାର ଜଣାଇଲି। ହେଲେ ତାଙ୍କ ସହିତ ମୋର କୌଣସି ବ୍ୟକ୍ତିଗତ ପରିଚୟ ନଥିଲା। ବନ୍ଧୁଜଣକ ମୋର ପରିଚୟ କରାଇଦେବାକୁ ଯାଇ କହିଲେ, "ଇଏ ମୋର ସାଙ୍ଗ। ଏକାଠି ପଢୁଥିଲୁ। ସେ ଏବେ ଭୁବନେଶ୍ୱରରେ ଚାକିରି କରିଛି।"

ହଠାତ୍ ଉତ୍ତର ମିଳିଲା, "ସାଙ୍ଗ ତ ଆସିଲେ, ତୁମେ କରୁଛ କ'ଣ ପଳାଇ ଆସ।"

କଥାଟା ମନେହେଲା ସତେ ଯେମିତି ଏକ ଦୈବବାଣୀ। ସାଙ୍ଗକୁ ନ ଛୁଇଁଥିଲେ ବି ଛାତିଟା ମୋର ଧଡ଼କିନି ହୋଇଗଲା। ଲାଗିଲା ମୋ ସାମ୍ନା ଦୋଛକି ରାସ୍ତାଟା ସତେଯେମିତି ଫର୍ଚ୍ଚା ହୋଇଆସୁଛି। ଦୁଇଦିନ ପରେ ପୂର୍ବନିର୍ଦ୍ଧାରିତ ଯୋଜନା ଅନୁଯାୟୀ ପୁଣି ଭୁବନେଶ୍ୱର ଫେରି ଆସିଲି।

ପୂର୍ବପରି ସବୁକାମ ଆରମ୍ଭ କରିଥିଲେ ବି ଦୂରସ୍ଥ ଯୋଜନା ପ୍ରତି ମୋର ଆଗ୍ରହ ନଥିଲା। ଟିକିଏ ଖାପଛଡ଼ା ଭାବ ଚାକିରି ପ୍ରତି, ମଠ ପ୍ରତି। ପୁଣି ସଂସାରୀ ହେବାର ଅନିଚ୍ଛା ଭାବକୁ ଅନ୍ୟମାନେ ଲକ୍ଷ୍ୟ କରୁଥିଲେ ବି ମୋଠାରୁ ସିଧାସଳଖ ଶୁଣିବା ପାଇଁ କେହି କେବେ ପ୍ରଶ୍ନ କରିନଥାନ୍ତି। ଅବଶ୍ୟ ଗତାନୁଗତିକ ଗୁଳାରେ ନଯିବା ପାଇଁ ଚାହୁଁଥିବା ପଥିକକୁ ବାଧା ଦେବାପାଇଁ ସମସ୍ତେ ଭାରି ଅଭ୍ୟସ୍ତ। ମାତ୍ର ଆମ ଘର ମଣିଷଙ୍କର କିନ୍ତୁ ସେ ସ୍ୱଭାବ ନଥିଲା। ସେମାନେ ସହଯୋଗୀ ଭିନ୍ନ ରାସ୍ତାର ନିର୍ବାଚନ ପାଇଁ, ଉଚ୍ଚତର ଜୀବନ ପାଇଁ।

ପରବର୍ଷ ପୁଣି ଛୁଟିନେଇ ଚାଲି ଆସିଲି ଆଶ୍ରମକୁ। ଆସ୍ତେ ଆପଣାର ବୋଧହେଉଥାଏ ଆଶ୍ରମ ଏବଂ ଅନ୍ୟମାନଙ୍କର ଅଳ୍ପ ଚିହ୍ନାଭାବ। ହେଲେ ମନକଥା କାହାରିକୁ କହିନଥାଏ। ଶଙ୍କାଥାଏ ମୁଁ କ'ଣ ଯୋଗ୍ୟ ହୋଇପାରିବି ଏସବୁ ପାଇଁ? "ଯୋଗସ୍ୟ ପଥ, କ୍ଷୁରସ୍ୟ ଧାର" - ପୁଣି ପୂର୍ଣ୍ଣଯୋଗ। ପିଚ୍ଛିଳ ଯେତିକି ତୀଖ ସେତିକି। ଶୁଣିଥିଲି ଯୋଗୀ କେହି ଇଚ୍ଛାକରି ହୋଇପାରନ୍ତିନି। ଏହା ବିଧି ନିର୍ଦ୍ଦିଷ୍ଟ। ମା'ଙ୍କୁ ଭରସିଲି...।

ଏଥରକ ସେମିତି ଅନୁରୂପ ଢଙ୍ଗରେ ବାବାଜି ମହାରାଜଙ୍କ ସହ ଦେଖାହେଲା। ଅଚିହ୍ନା ଭାବଟା ପରିବେଶକୁ ଭରାକ୍ରାନ୍ତ କରିଦେବା ପୂର୍ବରୁ ବନ୍ଧୁଜଣକ ପୂର୍ବପରି ପରିଚୟ କରାଇଦେଲେ। ମହାରାଜଜୀଙ୍କଠାରୁ ମିଳିଲା ସେଇ ସମାନ ଉତ୍ତର। ତାଙ୍କ ସ୍ୱର ଓ ଶବ୍ଦରେ ଅନୁଭବ କଲି ଗୋଟାଏ ନିଶ୍ଚୟତାର ଭାବ। ମନେହେଲା ପ୍ରଭୁଙ୍କଠାରୁ ଏହା ଏକ ନିର୍ଦ୍ଦେଶ- "ତୁମ ସାଙ୍ଗ ତ ଆସିଲେ। ତୁମେ କରୁଛ କ'ଣ? ପଳାଇ ଆସ।"

ପ୍ରତ୍ୟୁତର ପାଇଁ ମୁଁ ନିଜକୁ ଅପ୍ରସ୍ତୁତ ମଣିଲି। ଖାଲି ଭାବୁଥାଏ ରାମତାରକ ସିଦ୍ଧ ବାବାଜି ମହାରାଜ କ'ଣ ତ୍ରିକାଦର୍ଶୀ? ନର ମନ ନାରାୟଣଙ୍କୁ ଅଗୋଚର, ହେଲେ ସେ କିମିତି ଜାଣିଲେ ଆଶ୍ରମରେ ରହିବା ପାଇଁ ମୁଁ ଅଭିଳାଷୀ। ଦେଖାହେବାର ପୁଣି ଏତେ ଦିନର ବ୍ୟବଧାନ। ସମ୍ଭାବନାର ସୂଚନା ପାଇ ପ୍ରଭୁଙ୍କୁ ମନେମନେ କୃତଜ୍ଞତା ଜଣାଇଲି ଏବଂ ଖୁବ୍ ଶୀଘ୍ର ଆଶ୍ରମ ଫେରି ଆସିବାର ସିଦ୍ଧାନ୍ତ ନେଇ ଫେରି ଆସିଲି।

ଏଥର କିନ୍ତୁ ଆଉ କୌଣସି କଥାରେ ମନ ଲାଗିଲାନି। ଭାବିଲି କଥାଟାକୁ ଘୋଡ଼ାଇ ରଖି ଲାଭ ନାହିଁ। ଦିନେ ସାହସ କରି ସମସ୍ତଙ୍କ ଉପସ୍ଥିତିରେ ଘରେ ସବୁ କଥା କହିଦେଲି। ଜାଣିଥାଏ ବାବାଜି ମହାରାଜଙ୍କ ପ୍ରତି ମୋ ବୋଉ ଓ ଭାଇମାନଙ୍କର ଭକ୍ତି ଓ ସମ୍ମାନ ଅସାମାନ୍ୟ। ସତକୁ ସତ ତାହାହିଁ ହେଲା। ବାବାଜି ମହାରାଜଙ୍କ ନିର୍ଦ୍ଦେଶକୁ ସମସ୍ତେ ମାନିନେଲେ। ସମସ୍ତଙ୍କ ଆଖି ଛଳଛଳ, ବୋଉଙ୍କ ପାଟିରୁ ବାହାରି ପଡ଼ିଲା, "ଏବେ ତୋ ପାଇଁ ଡକରା ଆସିଗଲା।"

ଅଳ୍ପ ଦିନ ଭିତରେ କାଉ ବସାରୁ କୋଇଲି ମୁକୁଳିଲା ପରି ମୁକୁଳି ଆସିଲି ଆଶ୍ରମକୁ। ସମସ୍ତେ ଜାଣିଲେ- ଛକଟା ପାର ହୋଇଯାଇଛି। ତା ରାସ୍ତା ସେ ଧରିନେଇଛି। ଆଉ ଗୋଡ଼ରେ ବେଡ଼ି ବାନ୍ଧି ହେବନି। ସେପରି ରାସ୍ତାର ଗତାନୁଗତପନ୍ଥୀ ବନ୍ଧୁମାନେ ଈର୍ଷାନ୍ୱିତ - ହତାଶାରେ ସମ୍ବର୍ଦ୍ଧନା ଜଣାଇଲେ। ମୁଁ କିନ୍ତୁ ଆଉ ଫେରି ଚାହିଁନି।

କ୍ରମେ ମହାରାଜଜୀଙ୍କ ସହ ସମ୍ପର୍କଟା ବଢ଼ିଲା ପାଠଚକ୍ର ମାଧ୍ୟମରେ। ପାଠଚକ୍ର ଶେଷରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ। ପ୍ରଶ୍ନର ସତେ ଯେମିତି ଶେଷ ନାହିଁ, ସମୁଦ୍ରର ଢ଼େଉ। ମାତ୍ର ବାବାଜି ଉତ୍ତର ଦେଇ ଚାଲିଥାନ୍ତି। ଦିନେ କହିଲେ, "ଭଗବାନଙ୍କ ସଙ୍କଳ୍ପରେ, ପୃଥିବୀରେ ଭଗବାନଙ୍କ ଅଭିବ୍ୟକ୍ତି ଉଦ୍ଦେଶ୍ୟରେ କର୍ମ କେବେ ବି ହୋଇନଥିଲା; ଏହି କର୍ମ ମା'ଙ୍କ ଦ୍ୱାରା ବର୍ତ୍ତମାନ ହେଉଛି। ଏହାହିଁ ଲକ୍ଷ୍ୟ ପ୍ରାପ୍ତିର ମହାନ୍ ସୁଯୋଗ।... ଶ୍ରୀଅରବିନ୍ଦଙ୍କ ପୁରାତନ ଯୋଗଠାରୁ ସମ୍ପୂର୍ଣ୍ଣ ରୂପେ ଭିନ୍ନ। ସେଥିରେ ମନ-ପ୍ରାଣ-ଶରୀରକୁ ତ୍ୟାଗ କରିବାକୁ ହୁଏ ନାହିଁ; ଏହାକୁ ତାର ମୂଳ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର କରିବାକୁ ହୁଏ।" ଏହିକଥା ତାଙ୍କଠାରୁ ଶୁଣିଲା ପରେ ବୁଝିଗଲି ଦୀର୍ଘଦିନ ଅଯୋଧ୍ୟାର ଗୁରୁକୁଳ ଆଶ୍ରମରେ ସାଧନା କରିବା ପରେ, ପୁରାତନ ଯୋଗରୁ ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ପୂର୍ଣ୍ଣଯୋଗକୁ ପ୍ରତ୍ୟାବର୍ତ୍ତନ କରିବା କିଛି କମ୍ କଥା ନୁହେଁ। ପୁଣି ଏହା କେବଳ ତାଙ୍କରି ପକ୍ଷରେ ହିଁ ସମ୍ଭବ, ଯେହେତୁ ସେ ଉଭୟ ଯୋଗର ଅଧିକାରୀ।

ସେହିଦିନଠାରୁ ମଠ ଓ ଆଶ୍ରମ କିମ୍ବା ପୁରାତନ ଯୋଗ ଓ ପୂର୍ଣ୍ଣଯୋଗକୁ ତଉଲିବାର ମୂର୍ଖତା ମୁଁ କେବେ କରିନି। କାରଣ ବ୍ୟକ୍ତିର ଆବଶ୍ୟକତା ଅନୁଯାୟୀ ଏସବୁ ଉତ୍ତୋରଣର ଶିଡ଼ି ସଦୃଶ। ଗୋଟିଏ ଗୋଟିଏ ପାବଚ୍ଛ। ତଳ ପାହାଚ ବିନା ଉପର ପାହାଚର ସ୍ଥିତି ନାହିଁ କି ଉପର ପାହାଚ ବିନା ତଳ ପାହାଚର ପୂର୍ଣ୍ଣତା ନାହିଁ। ଠିକ୍ ଯେମିତି ଜଣେ ମେଧାବୀ ଛାତ୍ର ପାଇଁ ଚାଟଶାଳୀର ଶିକ୍ଷକଠାରୁ ବିଶ୍ୱବିଦ୍ୟାଳୟର ଶିକ୍ଷକ; ସମସ୍ତଙ୍କର ଅବଦାନ ସମାନ। ମାତ୍ର ମୁଁ ଜାଣେନା ମୋର କେଉଁ ଶ୍ରେଣୀରୁ କେଉଁ ଶ୍ରେଣୀକୁ ପ୍ରମୋଶନ ହେଲା। କେବଳ ଜାଣେ - ମୋର ରାସ୍ତା ଓ ଲକ୍ଷ୍ୟ ଏକ ତରଫା।

❋❋❋

# ଅନନ୍ୟ ଅବଦାନ

ପ୍ରକାଶ ଚନ୍ଦ୍ର ପଣ୍ଡା

ପୃଥିବୀର ଆଧ୍ୟାତ୍ମିକ ଅଗ୍ରଗତିରେ ଭାରତର ଭୂମିକା ଅତୁଳନୀୟ । ଯଦି ଏହାକୁ ଗୋଟିଏ ରାଗିଣୀରେ ସୁରବଦ୍ଧ କରାଯାଏ, ତେବେ ଓଡ଼ିଶାର ମୂର୍ଚ୍ଛନା ମଧ କମ୍ ସୁମଧୁର ନୁହେଁ । ସେହି ମୂର୍ଚ୍ଛନାର ମୃଦୁ-ଧ୍ୱନି ଶ୍ରବଣରେ ବହୁ ସତ୍ତା ସ୍ୱତଃସ୍ଫୁର୍ତ୍ତ ଭାବରେ ଆକର୍ଷିତ ହେଉଛନ୍ତି । କିନ୍ତୁ ଜାଣନ୍ତି କିଏ ଏହାର ଗୀତିକାର ? ସେ ହେଉଛନ୍ତି ମହାରାଜଜୀ ।

୧୯୭୨ ସାଲ । ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ ପାଳନ ଉଦ୍ଦେଶ୍ୟରେ ସମଗ୍ର ମାନବସମାଜ ଉତ୍ସବ ମୁଖରିତ । କିପରି ଭାବରେ ପ୍ରଭୁଙ୍କୁ କୃତଜ୍ଞତା ଜଣାଇବେ ! ୧୯୭୧ ମସିହାରେ ଶ୍ରୀ ବିଶ୍ୱମ୍ଭର ସାମନ୍ତ ମା'ଙ୍କୁ ପତ୍ରଦ୍ୱାରା ଲେଖି ଜଣାଇଲେ

ମା'ଙ୍କ ଚରଣ କମଳରେ ପ୍ରଣାମ ।

ଶ୍ରୀଅରବିନ୍ଦଙ୍କ ଜନ୍ମଶତବାର୍ଷିକୀ ପାଳନର ଏକ ଅଂଶରୂପରେ ଓଡ଼ିଶାର କୁଜଙ୍ଗ ଅଞ୍ଚଳରେ ଏକଶତ ଗ୍ରାମରେ ଏକଶହ ପାଠଚକ୍ର ଆରମ୍ଭ କରିବା ସକାଶେ ଏକ ପ୍ରସ୍ତାବ ରହିଛି । ସେହି ଅଞ୍ଚଳରେ 'ମାତୃଗ୍ରାମ' ନାମରେ ନାମିତ ଏକ ଆଦର୍ଶ ଗ୍ରାମ (ଏକ ଗ୍ରାମ ଯାହା ମା'ଙ୍କୁ ଉତ୍ସର୍ଗୀକୃତ କରାଗଲା) ନିର୍ମାଣ କରିବାକୁ ମଧ ଆରମ୍ଭ ଚାହୁଁଅଛୁ । ଏଥି ସକାଶେ ମୋର ପିତା ଏକଶତ ଏକର ପରିମାଣ ଜମି ଅର୍ପଣ କରିବାକୁ ସିଦ୍ଧାନ୍ତ ନେଇଛନ୍ତି ।

ଯଦି ମା ଅନୁମତି ପ୍ରଦାନ କରିବେ, ତେବେ ମୁଁ ଅକ୍ଟୋବର ଦୁଇ ତାରିଖରେ କିଛିଦିନ ସକାଶେ ସେଠାକୁ ଯିବି । ମା'ଙ୍କ ଆଶୀର୍ବାଦ ଏବଂ ସୁରକ୍ଷା ସକାଶେ ପ୍ରାର୍ଥନା କରୁଛି ।

ଆପଣଙ୍କର ସନ୍ତାନ
ବିଶ୍ୱମ୍ଭର

ଠିକ୍ ଅଛି
ଆଶୀର୍ବାଦ ସହିତ
-ଶ୍ରୀମା

ଏଥିପୂର୍ବରୁ ୧୯୬୮ ମସିହାରେ ବିଶ୍ୱମ୍ଭର ଭାଇଙ୍କ ପିତା ଶ୍ରୀ ନାରାୟଣ ବୀରବର ସାମନ୍ତ ବିଧିବଦ୍ଧ ଭାବରେ 'ମାତୃଗ୍ରାମ' ଅନୁଷ୍ଠାନର ଘୋଷଣା କରିଥିଲେ । ସେ ଦୈନିକ ଖବର କାଗଜ 'ପ୍ରଜାତନ୍ତ୍ର'ରେ ୨୯-୫-୬୮ତାରିଖରେ ପ୍ରକାଶିତ କରିଥିଲେ ଯେ; –'ଶ୍ରୀମାତୃଗ୍ରାମ'

ଅତୀତ ଯୁଗମାନଙ୍କରେ ମାନବୀୟ ସାଧନା ତୁଙ୍ଗରୁ ତୁଙ୍ଗତର ସ୍ତରକୁ ଉତ୍ତୋଳିତ ହୋଇଆସିଛି ସତ; କିନ୍ତୁ ତୁଙ୍ଗତମ ସ୍ତରରେ ପ୍ରବେଶ କରିପାରି ନାହିଁ । ଏ ଯୁଗର ଯୁଗଗୁରୁ ଶ୍ରୀଅରବିନ୍ଦ ତାହାହିଁ ଅନୁଧ୍ୟାନ କରିବାକୁ ସକ୍ଷମ ହୋଇ ପାରିଛନ୍ତି ଏବଂ ମାନବ ସମାଜ ପ୍ରତି ତାହାହିଁ ତାଙ୍କର ସର୍ବଶ୍ରେଷ୍ଠ ଅବଦାନ ।

ଏଯାବତ୍ ଯୁଗମାନଙ୍କର ସବୁ ପ୍ରକାର ଆଧ୍ୟାତ୍ମିକ ସିଦ୍ଧିର ପ୍ରଚ୍ଛଦପଟରେ ସେ ଅନୁମାନ ନୁହେଁ ଅନୁଭବ କରିପାରିଛନ୍ତି, ତତୋଽଧିକ ସୂକ୍ଷ୍ମତମ ଏକ ସ୍ତର ଯାହାକି ସର୍ବୋତ୍ତମ ବୋଲି ତାଙ୍କର ଉପଲବ୍ଧି ଏବଂ ଯାହାକୁ ଅନ୍ୟ କେହି ଉପଲବ୍ଧି ଦୂରର କଥା ବିଚାର ମଧ କରିପାରି ନଥିଲେ ।

ସେହି ଶାଶ୍ୱତ ଭୂମିକା ଉପରେ ମାନବର ଏକ ମହାମହିମ ପ୍ରଗତିକୁ ସେ ନିର୍ଦ୍ଦେଶ ପ୍ରଦାନକରି ଯାଇଛନ୍ତି ଆହରଣ କରିବାକୁ ଏବଂ ଶ୍ରୀମା ସିନ୍ଧୁ ବାୟୁ ବିଧୂନିତ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ଧ୍ୟାନ ଓ ଯୋଗନିବିଷ୍ଟା ଅଛନ୍ତି ତାହାକୁ ହିଁ ରୂପ ଦେବାକୁ ।

ତାହାର ବ୍ୟାପକ ପ୍ରୟୋଗର ଆଶା ଆଜି ଆଉ ସମ୍ଭାବନା ସ୍ତରର ନାହିଁ । ପ୍ରତ୍ୟକ୍ଷ କର୍ତ୍ତବ୍ୟ ମାଧ୍ୟମରେ ତାହା ପ୍ରୟୋଗ କରାଯାଉଛି । ଏକ ଭାବତୃପ୍ତ ଚୈତନ୍ୟମୟ ଦିବ୍ୟନିଷ୍ଠାର ଅନାବିଳ ସାର ଆହରଣ ଓ ବିଚରଣ ଦ୍ୱାରା ଭାବରାଜିର ସଜ୍ଜିତ ଆକୁଞ୍ଚନ ଓ ପ୍ରସାରଣ ଦ୍ୱାରା, ସଂଯମ ଓ ନିୟନ୍ତ୍ରଣ ଦ୍ୱାରା । ଅତ୍ୟାଧୁନିକ ପ୍ରଣାଳୀ ସମ୍ମତ ଗବେଷଣା ଓ ଅନୁଶୀଳନର ଧାରାଗୁଡ଼ିକ ଖର୍ଚ୍ଚ ବୋଧ ହେଉଛନ୍ତି ସେହି ଉନ୍ମେଷ ନିକଟରେ ।

ପଣ୍ଡିଚେରୀ ଅରୋଭିଲର ଐକାନ୍ତିକ ଓ ଦୁଃସାହସିକ ପଦକ୍ଷେପ ବିଶ୍ୱର ପ୍ରତିଟି ନଗର-ନଗରୀ, ପ୍ରତିଟି ପୁରପଲ୍ଲୀ ପ୍ରତି ଏକ ମନ୍ଦ୍ର ଆହ୍ୱାନ । ସେହି ଆହ୍ୱାନର ପ୍ରତିଧ୍ୱନି ସ୍ୱରୂପ ଆମ ଉତ୍କଳର ଯେତେ କ୍ଷୀଣ ହେଲେହେଁ 'ମାତୃଗ୍ରାମ' ସ୍ଥାପନ ଏକ ଅଭିନବ ପ୍ରଚେଷ୍ଟା ।

ଏକ କେନ୍ଦ୍ରୀୟ ଶୃଙ୍ଖଳାଗତ ସଙ୍କଳ୍ପକୁ ଆଶ୍ରୟକରି ଯେଉଁମାନେ ଇଚ୍ଛା କରିବେ ଏହି ମାତୃଗ୍ରାମର ଦ୍ୱାର ସେହିମାନଙ୍କ ପାଇଁ ଉନ୍ମୁକ୍ତ ରହିବ । ଆଧ୍ୟାତ୍ମିକ ଅଧ୍ୟବସାୟର ଆଦର୍ଶକୁ ମୁଖ୍ୟ ରଖି ପ୍ରାଣଧାରଣର ଯାବତୀୟ ଉପାଦାନ ଉତ୍ପାଦନ ଦ୍ୱାରା ସ୍ୱାବଲମ୍ବନଶୀଳତାକୁ ଏଠାରେ ଆଶାତୀତ ପ୍ରଶ୍ରୟ ପ୍ରଦାନ କରାଯିବ । ସେହି ଦୃଷ୍ଟିରୁ ସମସ୍ତ ସଙ୍ଗଠନଟି ଯଥାସମ୍ଭବ କର୍ତ୍ତବ୍ୟ ପ୍ରେରଣାରେ ପରିଚାଳିତ ହେବ ।

ସ୍ଥୂଳରେ କହିଲେ ମାତୃଗ୍ରାମର ଅଧିବାସୀ ମାତ୍ରେ ଆଗାମୀ ଯୁଗର ସଭ୍ୟତା ଓ ସଂସ୍କୃତିର ମାପ କାଠି ସ୍ୱରୂପ କାୟମନୋବାକ୍ୟରେ ନିଜ ନିଜକୁ ଗଢ଼ିତୋଳିବେ ନିଜେ ପଥ ଦେଖିବାକୁ ଓ ଅନ୍ୟକୁ ପଥ ଦେଖାଇବାକୁ । ପଣ୍ଡିଚେରୀସ୍ଥ ଶ୍ରୀଅରବିନ୍ଦ ଆଶ୍ରମର ଆଦର୍ଶ ଅନୁସରଣରେ କର୍ମ, ଜ୍ଞାନ ଓ ଭକ୍ତିମୟ ବାତାବରଣ ଖେଳାଇ ରଖିବା ହେବ ମାତୃଗ୍ରାମର ପରମ ଓ ଚରମ ନିଷ୍ଠା ।

କଟକ ଜିଲ୍ଲା ଏରସମା ବ୍ଲକର ସାଗର ତଟସ୍ଥ ଜଟାଧର ମୁହାଣକୁ ଲାଗି ପୁରାଣ ପ୍ରସିଦ୍ଧ କୁଞ୍ଜକୋଟି ଗ୍ରାମର ଦେଢ଼ଶତ ଏକର ପରିମିତ ଖଣ୍ଡିଏ ଉର୍ବର ଭୂଖଣ୍ଡ ଏହି ସଙ୍କଳ୍ପିତ ମାତୃଗ୍ରାମ ପାଇଁ ନିବେଦିତ । ଏଠାରେ ମାତୃଗ୍ରାମ ଆଶ୍ରମର ତପସ୍ୟା ସହିତ ଉତ୍ପାଦନାଦି ଧନ୍ଦା ଯଥା ସମ୍ଭବ ଯାନ୍ତ୍ରିକ ପ୍ରଣାଳୀରେ ପରିଚାଳିତ ହେବ । ଭାଗବତ ଭକ୍ତ ଭାବୁକମାନଙ୍କୁ ଶୁଭ ସମାଗମ, ସୂଚନା ଓ ସହାନୁଭୂତି ସଙ୍ଗଠନଟିର ସର୍ବସ୍ୱ ଭରସାସ୍ଥଳୀ ।

- ଶ୍ରୀ ନାରାୟଣ ବୀରବର ସାମନ୍ତ

ମା'ଙ୍କ ନିକଟରୁ ବିଶ୍ୱମ୍ଭର ଭାଇ ପୂର୍ବବର୍ଣ୍ଣିତ ଅନୁମତି ପାଇବା ପରେ, ୧୯୭୨ ମସିହା ଏପ୍ରିଲ ୨୪ ତାରିଖରେ 'ମାତୃଗ୍ରାମ'ର ରେଜିଷ୍ଟ୍ରିକରଣ କରାଯାଇ ଆଇନଗତ ଭାବରେ 'ଶ୍ରୀମାତୃଗ୍ରାମ ଟ୍ରଷ୍ଟ' ଗଠନ କରାଗଲା । ସେହି ଟ୍ରଷ୍ଟରେ ମହାରାଜଜୀ ମଧ ଜଣେ ଟ୍ରଷ୍ଟି ତଥା ମାର୍ଫତଦାର ରହିଲେ । ଶ୍ରୀ ନାରାୟଣ ବୀରବର ସାମନ୍ତ ମହାରାଜଜୀଙ୍କର ପରାମର୍ଶ କ୍ରମେ 'ଶ୍ରୀମାତୃଗ୍ରାମ' କାର୍ଯ୍ୟ ପରିଚାଳନା କରୁଥାନ୍ତି । ସେ ସମୟେ ସମୟେ କହୁଥା'ନ୍ତି, ମାତୃଗ୍ରାମ ଉପରେ ବାବାଜି ମହାରାଜଙ୍କର ଆଶୀର୍ବାଦ ଅଛି । ଏଣୁ ଏହା ନିଶ୍ଚୟ ଅଗ୍ରଗତି କରିବ ।

'ଶ୍ରୀମାତୃଗ୍ରାମ'କୁ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀକୁ ଅର୍ପଣ କରିବା ସକାଶେ 'ଶ୍ରୀମାତୃଗ୍ରାମ'ଟ୍ରଷ୍ଟ ବୋର୍ଡ଼ର ଟ୍ରଷ୍ଟିମାନଙ୍କର ଏକ ସ୍ୱତନ୍ତ୍ର ବୈଠକ ମହାରାଜଜୀଙ୍କ ଅଧ୍ୟକ୍ଷତାରେ ୨୧.୮.୧୯୮୬ରେ ପଣ୍ଡିଚେରୀରେ ଅନୁଷ୍ଠିତ ହୋଇଥିଲା। ମାତୃଗ୍ରାମ ଟ୍ରଷ୍ଟର ସମସ୍ତ ଜମି, ଗୃହ... ଆଦି ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟକୁ ହସ୍ତାନ୍ତର କରିବା ସକାଶେ ସେହି ବୈଠକରେ ସର୍ବସମ୍ମତିକ୍ରମେ ସ୍ଥିର ହୋଇ ଏକ ଲିଖିତ ଚିଠା (Resolution) ପ୍ରସ୍ତୁତ କରାଗଲା। ହସ୍ତାନ୍ତର ସକାଶେ କ୍ଷମତା ମାତୃଗ୍ରାମ ଟ୍ରଷ୍ଟ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀ ନାରାୟଣ ବୀରବର ସାମନ୍ତଙ୍କୁ ଦିଆଗଲା। ଏହି ହସ୍ତାନ୍ତର କାର୍ଯ୍ୟ ୧୯୮୭ ମସିହାରେ ସମ୍ପାଦିତ ହୋଇଛି ଏବଂ ବର୍ତ୍ତମାନ ଶ୍ରୀମାତୃଗ୍ରାମ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟର ଏକ ଅବିଚ୍ଛିନ୍ନ ଅଂଶରୂପେ କାର୍ଯ୍ୟ କରୁଛି।

ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ମାତୃଗ୍ରାମର ଆଖପାଖ ଏକଶତ ଗ୍ରାମକୁ ନେଇ ପ୍ରତ୍ୟେକ ଗ୍ରାମରେ ଗୋଟିଏ ଲେଖାଏଁ ପାଠଚକ୍ର ଆରମ୍ଭ କରିବା ସକାଶେ ମା ପୂର୍ଣ୍ଣସମ୍ମତି ପ୍ରଦାନ କରି ଆଶୀର୍ବାଦ ଦେଇଛନ୍ତି। ମହାରାଜଜୀ ଓଡ଼ିଶାର ପ୍ରତ୍ୟେକ ନଗର-ନଗରୀ, ପୁର-ପଲ୍ଲୀରେ ସମ୍ଭବ ମୁତାବକ ପାଠଚକ୍ର ଗଢ଼ିବା ଏବଂ ମାଶ୍ରୀଅରବିନ୍ଦଙ୍କର ଯୋଗ ଏବଂ ଆଦର୍ଶକୁ ପ୍ରତ୍ୟେକ ଓଡ଼ିଶାବାସୀଙ୍କ ନିକଟରେ ପହଞ୍ଚାଇବା ସକାଶେ ସର୍ବଦା ପ୍ରେରଣା ଦେଇଛନ୍ତି। ପୁଣି ମହାରାଜଜୀ ମାତୃଗ୍ରାମ ସହିତ ସକ୍ରିୟ ଭାବରେ ଜଡ଼ିତ ଥିଲେ। ଅତଏବ ପ୍ରତୀକ ରୂପରେ ଏହା ନିଶ୍ଚିତ ଯେ, ମହାରାଜଜୀଙ୍କ ପାଠଚକ୍ର ଆନ୍ଦୋଳନ ପଶ୍ଚାତ୍‌ରେ ମା'ଙ୍କର କରୁଣା ଏବଂ ଆଶୀର୍ବାଦ ପରିପୂର୍ଣ୍ଣ ଭାବରେ ରହିଛି।

ହୁଏତ କାହାରି ମନରେ ସଂଶୟ ଜାଗରିତ ହୋଇପାରେ ଯେ, ମହାରାଜଜୀ ହଠାତ୍ ଆମ୍ଭମାନଙ୍କ ନିକଟରୁ କାହିଁକି ଚାଲିଗଲେ ? ତାଙ୍କରି ଅନୁପସ୍ଥିତିରେ ବର୍ତ୍ତମାନ କାହାଠାରୁ ସେହି ପ୍ରେରଣା ମିଳିବ ? ବିଭିନ୍ନ ସମସ୍ୟାର ସମାଧାନ କରି କିଏ ବା ଚିଠିର ଉତ୍ତର ଦେବେ ? ମା'ଙ୍କ ନିକଟରେ ଆମ୍ଭମାନଙ୍କର ପ୍ରତିନିଧିତ୍ୱ କିଏ କରିବେ ...... ଇତ୍ୟାଦି।

ଏହାର ଉତ୍ତରରେ କୁହାଯାଇ ପାରେ ଯେ, ମହାରାଜଜୀ ଆମ୍ଭ ନିକଟରେ ସର୍ବଦା ଅଛନ୍ତି, ପ୍ରେରଣା ଦେଉଛନ୍ତି, ଓଡ଼ିଶା ସକାଶେ ମା'ଙ୍କ ନିକଟରେ ପ୍ରତିନିଧିତ୍ୱ କରୁଛନ୍ତି।

ଜଣେ କେଉଁ ସ୍ମରଣାତୀତ କାଳରୁ ଅଭୀଷ୍ଟ ଲକ୍ଷ୍ୟ ସିଦ୍ଧି ସକାଶେ ଅଗ୍ରଗାମୀ ହୋଇଅଛନ୍ତି,

One in the front of the immemorial quest,
Protagonist of the mysterious play
In which the Unknown pursues himself through forms
And limits his eternity by the hours
And the blind Void struggles to live and see,
A thinker and toiler in the ideal's air,
Brought down to earth's dumb need her radiant power.

ସେ ଏହି ଗୁପ୍ତ ରହସ୍ୟପୂର୍ଣ୍ଣ ନାଟକର ମୁଖ୍ୟ ନାୟକ ଯେଉଁଥିରେ ସେହି ଅଜ୍ଞାତ ନିଜେ ସଶରୀରରେ ରତ ରହିଥା'ନ୍ତି ଏବଂ ତାଙ୍କରି ଅମରତ୍ୱକୁ ସମୟ ଦ୍ୱାରା ସୀମାବଦ୍ଧ କରିଥା'ନ୍ତି ଏବଂ ଏହି ଅଦୂରଦର୍ଶୀ ଶୂନ୍ୟଗର୍ଭ ତଥା ସାଧାରଣ ମାନବସମାଜ ସେହି ଆଦର୍ଶରେ ଜୀବନଧାରଣ କରିବା ସକାଶେ, ତାହାକୁ ଉପଲବ୍ଧି କରିବା ସକାଶେ ବହୁ ପ୍ରତିକୂଳ ଅବସ୍ଥାରେ ମଧ୍ୟ କଠୋର ଭାବରେ ଚେଷ୍ଟା କରୁଥା'ନ୍ତି। ଭାଗବତ ବାୟୁମଣ୍ଡଳରେ ଜଣେ ଉଦ୍ଭାବକ ଏବଂ ଶ୍ରମପଟୁ, ପୃଥିବୀ ସକାଶେ ଏକାନ୍ତ ପକ୍ଷରେ ପ୍ରୟୋଜନ ହେଉଥିବା ମା'ଙ୍କର ଦିପ୍ତିଶୀଳ ଶକ୍ତିକୁ ଓହ୍ଲାଇ ଆଣିଥିଲେ।

ଏହା ଶ୍ରୀଅରବିନ୍ଦ ନିଜ ସମ୍ବନ୍ଧରେ ଲେଖିଛନ୍ତି। ଗୋଟିଏ କଥା ଜାଣିରଖିବା ପ୍ରୟୋଜନ ଯେ, ମାଶ୍ରୀଅରବିନ୍ଦ ମାନବ ଶରୀରରେ ଅବତୀର୍ଣ୍ଣ ହୋଇ ଯେଉଁ ସିଦ୍ଧି ପ୍ରାପ୍ତ କରିଛନ୍ତି, ତଦ୍ୱାରା ସେ ଏକ ଉଦାହରଣ ଦେଇ ଯାଇଛନ୍ତି ଯେ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ଏହି ପ୍ରକାରର ଅନ୍ତର୍ନିହିତ ଶକ୍ତି ଅଛି, ଯେ କି ଦିନେ ନା ଦିନେ ସେହି ସ୍ତରରେ ପଦାର୍ପଣ କରିପାରିବ। ଅତଏବ, ଯେଉଁମାନେ ଏହି ପଥରେ ଯଥେଷ୍ଟ ଅଗ୍ରଣୀ, ସେମାନଙ୍କ ଉଦ୍ଦେଶ୍ୟରେ ବି ଏହା ପ୍ରଯୁଜ୍ୟ କରିବା ସମୀଚିନ ହେବ। ମହାରାଜଜୀଙ୍କୁ ଆମ୍ଭେ ଓଡ଼ିଶାର ଆଧ୍ୟାତ୍ମିକ ମାର୍ଗର ପଥପ୍ରଦର୍ଶକ ଭାବରେ ଗ୍ରହଣ କରିଛୁ। ତେଣୁ, ଏହା ତାଙ୍କରି ସକାଶେ ପ୍ରୟୋଗ କରିପାରିବା।

ମହାରାଜଜୀ ଓଡ଼ିଶାବାସୀଙ୍କ ପୂର୍ଣ୍ଣାଙ୍ଗ ରୂପାନ୍ତର ସକାଶେ ଯାହା ଗଚ୍ଛିତ କରି ଯାଇଛନ୍ତି, ତଦ୍ୱାରା ବିବର୍ତ୍ତନର ଧାରାକୁ ହଜାର ବର୍ଷ ପର୍ଯ୍ୟନ୍ତ ସେ ଆଗେଇ ନେଇଛନ୍ତି। ଅର୍ଥାତ୍, ସେ ଦେଇଥିବା ପରଶମଣିକୁ ଓଡ଼ିଶାବାସୀ ସାଧାରଣ ଭାବରେ ବୁଝିବା, ଗ୍ରହଣ କରିବା ଏବଂ ସେହି ଜୀବନ ଯାପନ କରିବା ସକାଶେ କେତେ ହଜାର ବର୍ଷ ଅତିବାହିତ ହୋଇଯିବ। କିନ୍ତୁ ବର୍ତ୍ତମାନ ଏହା ଏକ ଶୁଭ ସଙ୍କେତ ଯେ, ଓଡ଼ିଶା ମହାରାଜଜୀଙ୍କ ଧାରାକୁ ଅନୁସରଣ କରି ଦ୍ରୁତଗତିରେ ଅଗ୍ରସର ହେବାକୁ ପ୍ରୟାସ କରୁଛି।

"ମହାରାଜଜୀ ଦେହତ୍ୟାଗ କରିଛନ୍ତି" - ଏହା କହିବା ଯଥାର୍ଥ ହେବ ନାହିଁ। ବରଂ କୁହାଯାଇପାରେ ଯେ, ସେ ଅନେକ ଛୋଟ ଶିଶୁଙ୍କୁ ଏକ ଗନ୍ତବ୍ୟ ସ୍ଥଳକୁ ନେଇ ଯାଉଥିଲେ। ଶିଶୁମାନେ ତାଙ୍କରି ସହିତ ଚାଲି ନପାରି ପଛରେ ଅଛନ୍ତି। ସେ ଅଗ୍ରସର ହୋଇ କିଛି ଦୂରବର୍ତ୍ତୀ ରାସ୍ତାରେ ଅପେକ୍ଷା କରି ବସିଛନ୍ତି। ଯେତେବେଳେ ଶିଶୁମାନେ ତାଙ୍କରି ସମୀପବର୍ତ୍ତୀ ହେବେ, ସେ ପୁଣି ସେମାନଙ୍କ ସହିତ ଅଗ୍ରସର ହେବେ। ତେବେ ଏହି କିଛିଦୂର ଯିବା ସକାଶେ ଶିଶୁମାନଙ୍କୁ କେତେ ସମୟ ଲାଗିବ, ତାହା ସେମାନଙ୍କ ଉପରେହିଁ ନିର୍ଭର। କାରଣ ସେମାନେ ଯଦି ରାସ୍ତା ମଝିରେ କ୍ଲାନ୍ତ ଅନୁଭବ କରିବାର ବାହାନା କରି ଶୟନ କରିଯିବେ, ତେବେ ହୁଏତ ବହୁବର୍ଷ ଅକାରଣରେ ଅତିବାହିତ ହୋଇଯାଇପାରେ।

ଅତଏବ ମହାରାଜଜୀ ଦେହତ୍ୟାଗ କରିଛନ୍ତି ଭାବି ଯେଉଁ ବ୍ୟକ୍ତି ବିଳାପ କରୁଥାଏ, ଅସହାୟ ଏବଂ ନିଃସହାୟ ଅନୁଭବ କରୁଥାଏ, ତେବେ ନିଶ୍ଚିତ ରୂପରେ ତାହା ମହାରାଜଜୀଙ୍କୁ ଅପମାନ ଦେବା ବ୍ୟତୀତ ଅନ୍ୟ କିଛି ହୋଇ ନପାରେ। ଅତଏବ ଆମ୍ଭମାନଙ୍କର ପ୍ରଥମ ଏବଂ ପ୍ରଧାନ କର୍ତ୍ତବ୍ୟ ହେବା ଆବଶ୍ୟକ - ମହାରାଜଜୀଙ୍କ ପଦାଙ୍କ ଅନୁସରଣ କରିବା। ଏହି ସମ୍ପର୍କରେ ପ୍ରତ୍ୟେକ ବ୍ୟକ୍ତି ନିଜକୁ ବ୍ୟାଖ୍ୟା କରି ନିଜର ଅଗ୍ରଗତି ବିଷୟରେ ନିଜେ ସଚେତନ ରହିବା ଏବଂ କେଉଁଠି ଫାଙ୍କ ରହୁଛି, ତାହାର ଦୂରୀକରଣ ସକାଶେ ବ୍ୟବସ୍ଥା କରିବା ପ୍ରୟୋଜନ। ଫଳତଃ ଓଡ଼ିଶା ସକାଶେ ମହାରାଜଜୀଙ୍କ ସ୍ୱପ୍ନ ଦ୍ରୁତ ଗତିରେ ସାକାର ହୋଇପାରିବ।

ମହାରାଜଜୀଙ୍କ ସହିତ ପ୍ରଥମେ ମୋର ୧୯୭୩ ମସିହାରେ ପଣ୍ଡିଚେରୀ ଆଶ୍ରମରେ ସାକ୍ଷାତ ହୋଇଥିଲା। ମୁଁ ସେତେବେଳେ ପାଠପଢ଼ା ଅଧାରୁ ବନ୍ଦକରି ଆଶ୍ରମରେ ସ୍ଥାୟୀ ଭାବରେ ଯୋଗଦେବା ଉଦ୍ଦେଶ୍ୟରେ ଯାଇଥାଏ। ମହାରାଜଜୀଙ୍କ ସହିତ ସାକ୍ଷାତ ସମୟରେ ସେ ଏହି ବିଷୟ ଜାଣିପାରି ମୋତେ ପରାମର୍ଶ ଦେଇ କହିଲେ- "ତୁମେ ଓଡ଼ିଶା ଫେରିଯାଅ। ପାଠପଢ଼ା ସମ୍ପୂର୍ଣ୍ଣ କରିବା ପରେ ଆଶ୍ରମରେ ଯୋଗଦେବା ଉଚିତ ହେବ।" ମୁଁ ତାଙ୍କରି କହିବା ମୁତାବକହିଁ କାର୍ଯ୍ୟ କରିଥିଲି ଏବଂ ପରେ ଜାଣିପାରିଲି, ତଦ୍ୱାରା ମା'ଙ୍କ କାର୍ଯ୍ୟ କରିବା ସକାଶେ ଅଧିକ ସହାୟକ ହୋଇଥିଲା। ମୁଁ ଅନୁଭବ କରୁଛି, ମହାରାଜଜୀଙ୍କର ସେହି ସୁପରାମର୍ଶ ମୋର ଜୀବନର ଗତିପଥ ବଦଳାଇ ଦେଇଛି। ଏହା କେବଳ ଏକ ଛୋଟ ଉଦାହରଣ। ଏହିପରି ଓଡ଼ିଶାର ଲକ୍ଷ ଲକ୍ଷ ସନ୍ତାନଙ୍କୁ ସେ ସର୍ବଦା ଉଚିତ ମାର୍ଗ ପ୍ରଦର୍ଶନ କରନ୍ତି। ପ୍ରକୃତରେ ଅନନ୍ୟ ତାଙ୍କରି ଅବଦାନ।

❖ ❖ ❖

# ଆହ୍ୱାନ

## ଲଳିତ ମୋହନ ଖୁଣ୍ଟିଆ

ବାବାଜି ମହାରାଜଙ୍କ ପବିତ୍ର ନାମ ସ୍ମରଣ ମାତ୍ରକେ ଏକ ଶୀହରଣ ଖେଳିଯାଏ ମନରେ, ପ୍ରାଣରେ, ହୃଦୟରେ ତଥା ଅନ୍ତରାତ୍ମାରେ । ଓଡ଼ିଶାର ଅଗଣିତ ମାତୃପ୍ରେମୀ, ପୂର୍ଣ୍ଣାଙ୍ଗ ଯୋଗର ସାଧକ, କର୍ମୀ, ମା'ଶ୍ରୀଅରବିନ୍ଦଙ୍କ ଭକ୍ତ, ଅନୁରାଗୀଙ୍କ ପାଇଁ ବାବଜି ମହାରାଜ ଏକ ସୁପରିଚିତ, ଅନନ୍ୟ ଭକ୍ତିପୂତ ଶ୍ରଦ୍ଧାର ନାମଟିଏ । ବାବାଜି ମହାରାଜ ଥିଲେ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ଓ ଓଡ଼ିଶାରେ ପୂର୍ଣ୍ଣାଙ୍ଗ ଯୋଗ ସଙ୍ଗଠନ- ପ୍ରସାରଣ ଓ ସାଧନାର ଦିବ୍ୟ ସଂଯୋଗ ସେତୁ । ତାଙ୍କରି ସଙ୍କଳ୍ପ, ଅଭୀପ୍ସା, ଆନ୍ତରିକ ତପସ୍ୟା-ପ୍ରାର୍ଥନା ଫଳରେ ଓଡ଼ିଶା ହୋଇପାରିଛି ମା'ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନର ସର୍ବଶ୍ରେଷ୍ଠ ରାଜ୍ୟ । ସମ୍ପ୍ରତି ଓଡ଼ିଶାରେ ଗଢ଼ିଉଠିଥିବା ଶତାଧିକ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ସହସ୍ରାଧିକ ପାଠଚକ୍ର ବାବାଜି ମହାରାଜଙ୍କର ଆଧାତ୍ମିକ ସାଧନାର ଫଳ ତଥା ମା'ଶ୍ରୀଅରବିନ୍ଦଙ୍କ ପ୍ରତ୍ୟକ୍ଷ କୃପା ଓ ଆଶୀର୍ବାଦର ସ୍ମାରକୀ ।

ଏହି ମହାନ୍ ସାଧକଙ୍କ ଜନ୍ମ ଶତବାର୍ଷିକୀ ଓଡ଼ିଶାର ସାଙ୍ଗଠନିକ କ୍ଷେତ୍ରରେ ୨୦୦୬ ରୁ ୨୦୦୯ ଯାଏଁ ପାଳିତ ହୋଇଆସୁଛି, ଯାହାକି ଆମ ମାତୃପ୍ରେମୀଙ୍କ ଚେତନାର ବିକାଶରେ ଅନିର୍ବଚନୀୟ ସହାୟକ ହେବ । ଶତବାର୍ଷିକୀ ସ୍ମୃତି ଅର୍ଘ୍ୟ ରୂପେ କର୍ମୀ, ସାଧକମାନେ ଗ୍ରାମେ ଗ୍ରାମେ ଘରେ ଘରେ ପାଠଚକ୍ର ଅଭିଯାନରେ ବ୍ରତୀ ହୋଇଛନ୍ତି । ବାବାଜି ମହାରାଜଙ୍କ ଲୋକସାହିତ୍ୟ ତୀବ୍ରଭାବେ ଅଧ୍ୟୟନ ଓ ଆଲୋଚନା ଚାଲିଛି । ବାବାଜିଙ୍କ ପ୍ରଦତ୍ତ ସକଳ ସମସ୍ୟାର ସମାଧାନ -ମହାମନ୍ତ୍ର- "ମା ନାମ ଜପ" ତୀବ୍ରତର ହେବାରେ ଲାଗିଛି । ବାବାଜିଙ୍କ ଜନ୍ମ ଶତବାର୍ଷିକୀ ପାଳନକୁ ପଥ ଓ ପାଥେୟ କରି ପୂର୍ଣ୍ଣାଙ୍ଗ ଯୋଗ, ପୂର୍ଣ୍ଣାଙ୍ଗ ଶିକ୍ଷା, ଅତିମାନସ ରୂପାନ୍ତରର ଜୀବନ ଜିଜ୍ଞାସା ବ୍ୟାପକରୁ ଅତି ବ୍ୟାପକ ହେବାରେ ଲାଗିଛି । ଏହା ଆମ୍ଭମାନଙ୍କ ପାଇଁ ଅପୂର୍ବ ସୁଯୋଗ, କର୍ମ ତତ୍ପରତା ଆଣିଦେଇଛି ।

ଅତିମାନସ ଶକ୍ତି, ଆଲୋକ ଜଡ଼ ଓ ଚେତନାରେ କ୍ରିୟା କରି ଚାଲିଛି । ରୂପାନ୍ତରିତ ଦେହ, ମନ, ପ୍ରାଣରେ ଭଗବତ ପ୍ରାପ୍ତି ହେବ । ମଣିଷର ଦୁଃଖ, ରୋଗ, ବାର୍ଦ୍ଧକ୍ୟ, ମୃତ୍ୟୁ ଅପସରି ଯିବ । ଏକ ନୂତନ ଦିବ୍ୟ ମାନବଜାତି ପୃଥିବୀରେ ପ୍ରତିଷ୍ଠିତ ହେବ । ପୃଥିବୀରେ ଅମର ଆନନ୍ଦ, ସତ୍ୟ, ଜ୍ୟୋତି ପ୍ରବାହିତ ହେବ । ମା ଓ ଶ୍ରୀଅରବିନ୍ଦ ବର୍ତ୍ତମାନ ସୂକ୍ଷ୍ମଭୌତିକ ଶରୀରରେ ରହି ଏହି ବିରାଟ ଅଭୂତପୂର୍ବ ଦିବ୍ୟକର୍ମ ସମ୍ପାଦନ କରୁଛନ୍ତି । ତାହାର ଫଳ ସ୍ୱରୂପ ଆଶାତୀତ ଭାବେ ମାତୃପ୍ରେମୀ, ମାତୃକର୍ମୀ ବଢୁଛନ୍ତି । ଚଳିତ ୨୦୦୮ ଫେବୃୟାରୀ ୨୧ ମା'ଙ୍କ ଜନ୍ମଦିନ ଓ ୨୯ ସୁବର୍ଣ୍ଣ ଦିବସ (Supramental manifestation day- Golden day) ଦୁଇଟି ଦର୍ଶନ ଦିବସ ଉପଲକ୍ଷ୍ୟେ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀରେ ଆଶାତୀତ ଅସଂଖ୍ୟ ଦର୍ଶକଙ୍କ ଭିଡ଼ ଏହାର ଚାକ୍ଷୁସ ପ୍ରମାଣ । ୧୯ ଫେବୃୟାରୀ ୨୦୦୮ରେ ଭୁବନେଶ୍ୱର ରୁ ପଣ୍ଡିଚେରୀରେ ୨୦ ତାରିଖରେ ପହଞ୍ଚୁଥିବା ସିଧାସଳଖ ଟ୍ରେନ୍‌ରେ ହଜାରେ ଓଡ଼ିଶାର ଭକ୍ତ ପହଞ୍ଚିଥିଲେ । ଏ ବର୍ଷର ଦୁଇଟି ଦର୍ଶନ ଦିବରେ ପଣ୍ଡିଚେରୀ ପାଲଟିଯାଇଥିଲା ଓଡ଼ିଶା । ମନେ ହେଉଥିଲା ଓଡ଼ିଶାରେ ଆଉ କେହି ଭକ୍ତ-କର୍ମୀ ନାହାନ୍ତି, ସମସ୍ତେ ଚାଲିଆସିଛନ୍ତି ପଣ୍ଡିଚେରୀ ! ରହିବାର ସୁବିଧା ଅସୁବିଧାକୁ ଭ୍ରୂକ୍ଷେପ ନକରି ସମସ୍ତେ ମା'ଙ୍କ ରୁମ୍ ଦର୍ଶନରେ ରାତି ୧୧ଟାରୁ କ୍ୟୁରେ ଅପେକ୍ଷା କରି ରହିଲେ । "ବଚନ ବିଷୟ ନୁହଇ ଏ ଛବି, ହୃଦ ସେ କେବଳ ପାରେ ଅନୁଭବୀ ।"

ପୂର୍ଣ୍ଣାଙ୍ଗ ଯୋଗରେ ବାଧାବିଘ୍ନ ଆସିବ ହିଁ ଆସିବ । ବାବାଜି ମହାରାଜ ତାଙ୍କ "ନିଜ ଶରୀରରେ ଏକ ଅନୁଭୂତି" ପୁସ୍ତକରେ କହନ୍ତି : - "ଏହି ଯୋଗରେ ଚେତନା ଅବତରଣ ଉତ୍ତରଣ ହେଲେ ତଥା ଭାଗବତୀ ଶକ୍ତି କ୍ରିୟା କଲେ ମନ, ପ୍ରାଣ, ଶରୀରରେ ବାଧାବିଘ୍ନ ଆସେ ।"

ସାଧନାରେ, ସଙ୍ଗଠନ କ୍ଷେତ୍ରରେ ବାଧାବିଘ୍ନ ଆସେ । ମା'ଙ୍କ ଉପରେ ବିଶ୍ୱାସ ଭରସା ରଖି ଅଗ୍ରସର ହେବାକୁ ହେବ ।

ମା'ଙ୍କ ପ୍ରତି ଆନ୍ତରିକ ଉନ୍ମୀଳନ ଦରକାର । ମା' କହନ୍ତି- "Everyday at each moment my Grace is with you." "ପ୍ରତିଦିନ, ପ୍ରତି ମୁହୂର୍ତ୍ତରେ ମୋ' କୃପା ତୋ' ସହିତ ରହିଛି ।" ଏହି କୃପା ପ୍ରାପ୍ତି ପାଇଁ ଆମକୁ କ'ଣ କରିବାକୁ ହେବ ମା' କହୁଛନ୍ତି - "Just give yourself to me and I will do it for you, just go on doing the work for me." "ତୁମେ କେବଳ ନିଜକୁ ମୋତେ ଦେଇଦିଅ ଏବଂ ମୁଁ ତମ୍ଭ ପାଇଁ ସବୁକିଛି କରିବି । ଏବଂ ତୁମେ ମୋ ପାଇଁ ଯେଉଁ କାମ କରୁଛ ତାହା କରି ଚାଲ ।"

ଏହି ମନୋଭାବ ରଖି ଆମେ ସଙ୍ଗଠନରେ ଆଗେଇ ଯିବା । ବାଧାବିଘ୍ନ ଆସିବ ଏବଂ ଯିବ । ବାଧା ବିପତ୍ତିରେ ମା'ଙ୍କୁ ସ୍ମରଣ କରିବା । ମା' ନାମ ଜପ କରିବା । ସବୁ ବାଧାବିଘ୍ନ ହଟିଯିବ ।

ବାବାଜି ମହାରାଜ କହୁଛନ୍ତି ମା'ଙ୍କ ସୁରକ୍ଷା ପ୍ରତି ଆମେ ସତତ ସଚେତନ ହେଲେ ବାଧାବିଘ୍ନକୁ ଆମେ ଅତିକ୍ରମ କରିପାରିବା । ଏହି ଦୃଢ଼ୋକ୍ତି ବାବାଜିଙ୍କ ମୁଖରୁ ଶୁଣିବା - "ବାଧାବିଘ୍ନ ଆସେ ସାଧନାରେ ଦୃଢ଼ ନିଷ୍ଠା, ସାଧନାରେ ପ୍ରଗତି, ତଥା ମା'ଙ୍କ ପ୍ରତି ବିଶ୍ୱାସ, ଭରସା ଦୃଢ଼ କରାଇବା ସକାଶେ । ବିରୋଧି ଶକ୍ତିର ଆକ୍ରମଣରେ ଧୈର୍ଯ୍ୟ ସାହସ ନିର୍ଭୀକତା ବୃଦ୍ଧି ହୁଏ । ଶରୀର ଚେତନା ରୂପାନ୍ତର ହେବା ଆରମ୍ଭ ହେଲେ କିମ୍ବା କିଛି ଅଗ୍ରସର ହେଲେ, ନାନା ପ୍ରକାର ଶାରୀରିକ ରୋଗ ମଧ୍ୟ ପ୍ରବଳ ଭାବେ ଆକ୍ରମଣ କରନ୍ତି । ଏହିସବୁ ବାଧାବିଘ୍ନ ଆକ୍ରମଣ ଆସିବା ସତ୍ତ୍ୱେ ମା'ଙ୍କର ରକ୍ଷାକବଚ ସର୍ବଦା ଘେରି ରହିଥାଏ । ସାଧକ ମା'ଙ୍କ ରକ୍ଷା ପ୍ରତି ସଚେତ ହେଲେ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରିପାରେ ।"

ମା' ଓ ଶ୍ରୀଅରବିନ୍ଦଙ୍କ ପ୍ରତି ସମର୍ପଣ ଭାବ ବଢ଼ିଲେ, ତାଙ୍କ କୃପା ପ୍ରତି ପୂର୍ଣ୍ଣ ଆସ୍ଥା ବିଶ୍ୱାସ ରଖିଲେ, ଅହରହ ମା...ମା... ନାମ ଜପ କରି ପ୍ରତି କର୍ମ ସମ୍ପାଦନ କଲେ ବ୍ୟକ୍ତିଗତ ଓ ସାମୂହିକ ତଥା ପାଠଚକ୍ର ଓ ସାଙ୍ଗଠନିକ ବାଧାବିଘ୍ନ ସହଜେ ଅପସରି ଯାଇ ଦୁର୍ଯ୍ୟୋଗ ସୁଯୋଗରେ ପରିଣତ ହେବ ଏଥିରେ ତିଳେମାତ୍ର ସନ୍ଦେହର ଅବକାଶ ନାହିଁ ।

ଓଡ଼ିଶା ପ୍ରତି ମା' ଓ ଶ୍ରୀଅରବିନ୍ଦଙ୍କ କୃପା ବରଷି ଯାଉଛି । ପ୍ରାତଃ ସ୍ମରଣୀୟ ସବୁରି ପ୍ରିୟ ବାବାଜି ମହାରାଜଙ୍କ ସଦିଚ୍ଛା, ଅହେତୁକ ଆଶୀର୍ବାଦ ରହିଛି ଓଡ଼ିଶାର ସାଙ୍ଗଠନିକ ପ୍ରଗତି ପାଇଁ । ଆମେ କେବଳ ଆନ୍ତରିକ ହୋଇ ଦିବ୍ୟ କର୍ମରେ ଆଗେଇଯିବା । ଚିନ୍ତା-ଚେତନାରେ, ଭାବନାରେ, କର୍ମରେ ନିଷ୍ଠାପର ହେବା । ବାବାଜିଙ୍କ ଜନ୍ମ ଶତବାର୍ଷିକୀ ପାଳନ ସଂକ୍ରାନ୍ତୀୟ ସମସ୍ତ କାର୍ଯ୍ୟକ୍ରମରେ ଆବଶ୍ୟକୀୟ ସହଯୋଗ କରିବା ।

ଆମେ ମା'ଙ୍କୁ ଭଲପାଉଛେ । ଶ୍ରୀଅରବିନ୍ଦଙ୍କୁ ଭଲପାଉଛେ । ପୂର୍ଣ୍ଣାଙ୍ଗ ଯୋଗ ଦର୍ଶନ ଆମକୁ ଆକୃଷ୍ଟ କରିଛି । ବାବାଜିଙ୍କୁ ଆମେ ସାଙ୍ଗଠନିକ ପଥ ପ୍ରଦର୍ଶକ ଭାବେ ଅତି ଅନ୍ତରଙ୍ଗଭାବେ ଗ୍ରହଣ କରିଛେ । ଆସନ୍ତୁ, ଆମେ ଆହୁରି ନିଜକୁ ଏଥିପାଇଁ ଯୋଗ୍ୟ କରିବା । ବାବାଜିଙ୍କ ଜନ୍ମ ଶତବାର୍ଷିକୀରେ ଯଥାର୍ଥ ଆହ୍ୱାନ ହେଉ : "ନିଜକୁ ସତ୍ୟ ପ୍ରତି ଅଧିକ ଉନ୍ମୀଳନ । ଅଧିକରୁ ଅଧିକ ସ୍ୱାଧ୍ୟାୟ । ପାଠଚକ୍ର ସମ୍ପ୍ରସାରଣ । ମା' ନାମ ଜପ । ପାରସ୍ପରିକ ସଂହତି ଓ ସମନ୍ୱୟ ।"

# ପୂଜ୍ୟ ବାବାଜି ମହାରାଜ

## କୈବଲ୍ୟ ଜେନା

ପୁରାତନ ଯୋଗରେ ଦୃଢ଼ ଓ ଜୀବନ୍ତ ସିଦ୍ଧି ଲାଭ କରିଥିଲେ ଆମ ସମସ୍ତଙ୍କର ପୂଜ୍ୟ ବାବାଜି ମହାରାଜ। ୧୯୪୫ ମସିହା ଫେବୃୟାରୀ ୨ତାରିଖରେ ପୁରାତନ ଯୋଗ ସିଦ୍ଧିରୁ ଲମ୍ଫପ୍ରଦାନ କଲେ ନୂତନ ପୂର୍ଣ୍ଣଯୋଗ ରାଜ୍ୟକୁ।

ନିଜର କଠୋର ଓ ଦୃଢ଼ ସାଧନା ବଳରେ ରୂପାନ୍ତର ଯୋଗାଗ୍ନିରେ ପ୍ରଜ୍ୱଳିତ ତାଙ୍କର ଯୋଗାଗ୍ନିର ସ୍ପର୍ଶ ସର୍ବପ୍ରଥମେ ସାଦରେ ଗ୍ରହଣ କରିଥିଲେ ଆମର ସମସ୍ତଙ୍କର ପ୍ରିୟ ପୂଜ୍ୟ ପ୍ରପତ୍ତି ମହାଶୟ। ଏବଂ ନିଜର ସାଧନାର ଉଦାହରଣ ଓ ଉପଦେଷ୍ଟା ରୂପେ ତାଙ୍କ ହୃଦୟରେ ଶୀର୍ଷାସନ ଦେଇଥିଲେ ଏବଂ ସେ ଅଗ୍ନିର ଆଲୋକ, ଜ୍ୟୋତି, ଶକ୍ତିକୁ ବହନ କରି ସମଗ୍ର ଓଡ଼ିଶାରେ ବାହକ ରୂପେ ବିଚ୍ଛୁରିତ କରିବାରେ ଲାଗିଲେ। ସେ ଠିକ୍ ଠିକ୍ ଜାଣିଥିଲେ ଓ ବୁଝିଥିଲେ ତାଙ୍କର ଗୁରୁତୁଲ୍ୟ ପୂଜ୍ୟ ବାବାଜି ମହାରାଜଙ୍କୁ। ସେ ଯେତେବେଳେ ଯାହା ନିର୍ଦ୍ଦେଶ ଦେଉଥିଲେ ପୂଜ୍ୟ ପ୍ରପତ୍ତି ବିନା ଦ୍ୱିଧାରେ ତାକୁ କାର୍ଯ୍ୟରେ ପରିଣତ କରୁଥିଲେ। ଓଡ଼ିଶାର ବିଭିନ୍ନ ଜଟିଳ ସମସ୍ୟାକୁ ନେଇ ତାର ସରଳ ସମାଧାନ ପାଇଁ ପ୍ରାୟ ଅଧିକାଂଶ ସମୟରେ ସୁଦୂର ଓଡ଼ିଶାରୁ ବାବାଜି ମହାରାଜଙ୍କ ନିକଟକୁ ପତ୍ର ଲେଖୁଥିଲେ। କାରଣ ସେ ମର୍ମେ ମର୍ମେ ଉପଲବ୍ଧି କରିଥିଲେ ଯେ, ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମରେ ବାବାଜି ମହାରାଜ ପତ୍ର ପାଠକଲେ ଏବଂ ତାଙ୍କର ଯୋଗଦୃଷ୍ଟି ସେ ପତ୍ରରେ ପଡ଼ିଲେ ସେ ଜଟିଳ ସମସ୍ୟା ଖୁବ୍ ସହଜରେ ଓଡ଼ିଶାରେ ସମାଧାନ ହୋଇଯାଉଥିଲା।

ପୂଜ୍ୟ ପ୍ରପତ୍ତି ଦିନେ ଦ୍ୱିପ୍ରହରରେ ନବଜ୍ୟୋତିର ତଳ କୋଠରୀରେ ପ୍ରାୟ ତାଙ୍କୁ ଛାଇ ନିଦ ଲାଗି ଆସିଛି ପ୍ରତ୍ୟକ୍ଷ କଲେ ଓଡ଼ିଶାରେ ଘରକୁ ଘର ନିଆଁ ଲାଗି ଡ଼େଇଁ ଡ଼େଇଁ ଚାଲିଛି ଯେତେ ଲିଭାଇଲେ ବି ଲିଭୁନି। ଏହା ନବଜ୍ୟୋତିର ସମ୍ପାଦକୀୟରେ ପ୍ରକାଶ କରିଥିଲେ। ପ୍ରପତ୍ତିଙ୍କର ଏହି ସୂକ୍ଷ୍ମ ଦର୍ଶନ କେତେ ନିରାଟ ଓ ନିର୍ଭୁଲ ପ୍ରତ୍ୟକ୍ଷ ସତ ! ଓଡ଼ିଶାର ଘରେ ଘରେ, ଗ୍ରାମେ ଗ୍ରାମେ ଶ୍ରୀଅରବିନ୍ଦ ପାଠଚକ୍ର ଖୋଲିବା ଏବଂ ମା'ଶ୍ରୀଅରବିନ୍ଦଙ୍କ ପ୍ରତି ଅଧିକ ଲୋକ ଆକୃଷ୍ଟ ହେବା ଏବଂ ଶହ ଶହ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖୋଲିଚାଲିବା, ଶ୍ରୀଅରବିନ୍ଦ ସମାଧି ମନ୍ଦିର ପ୍ରତିଷ୍ଠା ହେବା, ଶ୍ରୀଅରବିନ୍ଦ ସାଧନାଳୟ ଓ କୃଷିକ୍ଷେତ୍ର କାର୍ଯ୍ୟକାରୀ ହେବା ଏହାର ଜ୍ୱଳନ୍ତ ଉଦାହରଣ। ଏହା ପଶ୍ଚାତ୍‌ରେ ମା'ଙ୍କର ଅଶେଷକୃପା ରହିଛି କାରଣ ସେ କହିଥିଲେ "First Orissa" ଏହା ପ୍ରତ୍ୟକ୍ଷ Sri Aurobindo Action ।

ପୂଜ୍ୟ ବାବାଜି ମହାରାଜଙ୍କ ରୁମ୍‌କୁ ଦର୍ଶନାର୍ଥୀମାନେ ବିଭିନ୍ନ ପ୍ରଶ୍ନ ମନରେ ନେଇ ଯାଇଥାନ୍ତି। ସେ ପ୍ରଶ୍ନଗୁଡ଼ିକ ନେଇ ଯେତେବେଳେ ତାଙ୍କ ସମ୍ମୁଖରେ ବା ତାଙ୍କ ରୁମ୍‌ର ବଳୟ ଭିତରେ ପ୍ରବେଶ କରନ୍ତି ପ୍ରଶ୍ନଗୁଡ଼ିକ ସେମାନଙ୍କ ମନରୁ କୁଆଡ଼େ ଚାଲିଯାଏ ବା ବିସ୍ମୃତିର ଗର୍ଭରେ ଲୀନ ହୋଇଯାଏ। ସମସ୍ତଙ୍କ ଉପସ୍ଥିତିରେ ସେ ସରଳ ଭାଷାରେ ଯେଉଁ କେତୋଟି ବାକ୍ୟ କହନ୍ତି ସମସ୍ତଙ୍କର ପ୍ରଶ୍ନର ଉତ୍ତର ସେହିଥିରୁ ସେମାନେ ପାଇ ଯାଇ ଆଶ୍ଚର୍ଯ୍ୟ ହୁଅନ୍ତି ଏବଂ ସେମାନଙ୍କର ହସ ଉକୁଟି ଉଠେ। କି ଯାଦୁକାରୀ ମନ୍ତ୍ରବତ୍ ବାକ୍ୟ ସେଗୁଡ଼ିକ ? ତାଙ୍କ ଅନ୍ତରର ଗଭୀରରେ 'ମା' ନାମଜପ ନିରନ୍ତର ଚାଲିଥାଏ ଏବଂ ସେହି 'ମ'ଚନ୍ଦ୍ରବୀଜ ଓ '।'କାର ଅଗ୍ନିବୀଜର ପ୍ରଭାବ ସେମାନଙ୍କ ଉପରେ ପଡ଼ିବା ଦ୍ୱାରା ସେମାନଙ୍କ କାମନା ବାସନା ଜନିତ ପ୍ରଶ୍ନ ଭସ୍ମ ହୋଇଯାଏ ଏବଂ ସେମାନେ ଶାନ୍ତି ଆନନ୍ଦ ଲାଭ କରନ୍ତି ମନ-ପ୍ରାଣ-ଶରୀରରେ।

ପ୍ରକୃତ ଆତ୍ମଜ୍ଞାନୀମାନେ ଦିବ୍ୟଜ୍ଞାନକୁ ବିତରଣ କରିବାକୁ ଖୁବ୍ ପସନ୍ଦ କରନ୍ତି। ସେମାନଙ୍କ ଚେତନାରେ ସର୍ବଦା ଝଙ୍କୃତ ହେଉଥାଏ ସେ ଋଷି ବାକ୍ୟ - "ସର୍ବେ ଭବନ୍ତୁ ସୁଖିନଃ ସର୍ବେସନ୍ତୁ ନିରାମୟା

ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିତ୍ ଦୁଖଭାଗ ଭବେତ୍।"

ସେମାନେ ଏତେ ବିଶାଳ, ଏତେ ମହାନ୍, ଏତେ ଅହଂଶୂନ୍ୟ, ଏତେ ନିଃସ୍ୱାର୍ଥପର ଓ ଦିବ୍ୟ ପ୍ରେମୀ ଯେ ସେମାନେ କେବଳ ଦେବାରେ ହିଁ ଆନନ୍ଦ ପାଆନ୍ତି। ପୂଜ୍ୟ ବାବାଜି ମହାରାଜ ସେହିଭଳି ଏକ ବ୍ୟକ୍ତିତ୍ୱର ଜ୍ୱଳନ୍ତ ଉଦାହରଣ। ଓଡ଼ିଶା ପାଇଁ ତାଙ୍କର ଆତୁର ପ୍ରାର୍ଥନା ମା'ଶ୍ରୀଅରବିନ୍ଦ sanction କରିଦେଇଛନ୍ତି ।

ସେ ଯେଉଁ ମା' ନାମ ବୀଜ ଓଡ଼ିଶାରେ ବପନ କରି ଯାଇଛନ୍ତି, ଏହାର କ୍ରୀୟା ଯୋଗୁଁ ଛୋଟ, ବଡ଼ ବୃକ୍ଷରୂପେ ନିପଟ ମଫସଲ ଅଞ୍ଚଳରେ ଦେଖାଦେଲାଣି ହଜାର ହଜାର ପାଠଚକ୍ର, ଶହ ଶହ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପ୍ରାୟ ୬୫ ଶ୍ରୀଅରବିନ୍ଦ ସମାଧି ମନ୍ଦିର, ସାଧନାଳୟ, କୃଷିକ୍ଷେତ୍ର, ବିଶ୍ୱବିଦ୍ୟାଳୟ ଗଢ଼ି ଉଠିବାରେ ଲାଗିଛି। ଓଡ଼ିଶାର ଯେଉଁ ଦିଗକୁ ଚାହିଁବ ସାକ୍ଷାତ୍ ମା' ତାଙ୍କ ନିଜ ସ୍ୱରୂପରେ ନିଜକୁ ପ୍ରକାଶ କରିବାରେ ଲାଗିଛନ୍ତି। ପୂଜ୍ୟ ପ୍ରପତ୍ତି ଅଧିକାଂଶ ସ୍ଥାନରେ ତାଙ୍କ ଭାଷଣରେ କହୁଥିଲେ :

"ଉତ୍କଳେ ନେତାର ନାହିଁ ପ୍ରୟୋଜନ

ଉତ୍କଳର ନେତା ସ୍ୱୟଂ ନାରାୟଣ।"

ପ୍ରକୃତରେ ମା'ହିଁ ଏହି ଓଡ଼ିଆ ଜାତିର ନେତା, ପରିଚାଳକ, ଶାସକ। ବାସ୍ତବିକ ଏହା ଥିଲା ପୂଜ୍ୟ ବାବାଜି ମହାରାଜଙ୍କ ମା'ଙ୍କ ପାଦପଦ୍ମରେ ଏକମାତ୍ର ସଙ୍କଳ୍ପ। ମାଆ ସ୍ୱୟଂ ଓଡ଼ିଶାର ଆତ୍ମା ହୋଇଯାଇଛନ୍ତି। ମନେହେଉଛି ଯେପରି "Orissa is preparing for a big change." ଓଡ଼ିଶା ଏକ ବିଶାଳ ପରିବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛି। ଯାହା ଓଡ଼ିଶାର ସାଧକ, ସାଧିକାଙ୍କ ଅନ୍ତରଚେତନାରେ ପ୍ରତିଭାତ ହେଉଛି ତାହା ବାହାରେ ପ୍ରକାଶିତ ହେବାରେ ଲାଗିଛି। ଅଧ୍ୟାପକ ମନୋଜ ଦାସଙ୍କୁ ପୂଜ୍ୟ ବାବାଜି ମହାରାଜ ଏକାନ୍ତରେ କହୁଛନ୍ତି, "ସମାଜ ଜୀବନରେ ସମାଜ ସହିତ, ସମାଜର ନାନାଦି ପ୍ରତିଷ୍ଠାନ ଓ ବ୍ୟକ୍ତି ସହିତ, କ୍ଷମତାର ପ୍ରତିଦ୍ୱନ୍ଦ୍ୱୀ ସହିତ ମଣିଷର ସଂଘର୍ଷ ଅନିବାର୍ଯ୍ୟ। ସମାଜ-ଜୀବନ ସହିତ ସାଧକ ଜୀବନର ପାର୍ଥକ୍ୟ କ'ଣ ? ଏଠି ଆମେ ଭଗବତ୍ ନିବେଦିତ। ଜୀବନରେ ଯେଉଁ ବାଧାବିଘ୍ନ ଆସିବ, ତା'ର ରୂପ ଯେତେ ସ୍ଥୂଳ ହେଉ ନା କାହିଁକି, ସାଧାରଣ ଦୃଷ୍ଟିରେ ତା'ର କାରଣ ଯେତେ ପରିସ୍ଥିତି ଜନିତ ମନେହେଉନା କାହିଁକି ସେ ସବୁର ବାସ୍ତବ କାରଣ କିନ୍ତୁ ଚେତନା। ଆପଣଙ୍କୁ ଆଧ୍ୟାତ୍ମିକ ପ୍ରଗତିରେ ସହାୟତା କରିବା ନିମନ୍ତେହିଁ ବାଧାବିଘ୍ନ ଆସିବ। ସ୍ଥୂଳ ସ୍ତରରେ ତା'ର ନିରାକରଣ ନିମନ୍ତେ ଚେଷ୍ଟା

ଅବଶିଷ୍ଟାଂଶ ୫୧ ପୃଷ୍ଠାରେ

# ପୂଜ୍ୟ ବାବାଜି ମହାରାଜ ମୋ ଜୀବନର ଦିଶାରୀ

ନିରୁପମା ନାୟକ

୧୯୯୮ ମସିହା ନଭେମ୍ବର ମାସ ନଅ ତାରଖ ସକାଳ ସମୟ। ରିଲିକ୍ସ ମନ୍ଦିରରେ କାମ ସାରି ମୁଁ ଅଫିସ୍ ଆଡ଼କୁ ଯାଉଛି, ଜଣେ ଭାଇ ଆସି କହିଲେ, ଅପା, ଜାଣିଲେଣି ଗତକାଲି ସନ୍ଧ୍ୟାରେ ବାବାଜି ମହାରାଜ ଶରୀର ତ୍ୟାଗ କରିଛନ୍ତି। ଏକଥା ଶୁଣି ମୁଁ ସ୍ତମ୍ଭୀଭୂତ ହୋଇଗଲି। କ'ଣ କରିବି କିଛି ଭାବି ପାରିଲିନି। ପ୍ରଭୁଙ୍କ ସମାଧୀ ପାଖେ ନିରବରେ ଅନେକ ସମୟ ବସିଲି। ଗତ ଅଗଷ୍ଟମାସରୁ ଏକଥା ଆଶଙ୍କା କରୁଥିଲେ ବି ହଠାତ୍ ବିଶ୍ୱାସ କରିପାରିଲିନି। ସମାଧୀରୁ ଆସି ମାତୃଭବନ,କଟକ ଫୋନ୍ କରି ବୁଝିସାରିଲା ପରେ ପାଠଚକ୍ରର ଭାଇ, ଭଉଣୀମାନେ, ଶିକ୍ଷାକେନ୍ଦ୍ରର ଅପାଭାଇମାନେ ଓ ଛାତ୍ରଛାତ୍ରୀମାନେ ସମସ୍ତେ ଏକାଠି ବସି ମାଆଙ୍କୁ ପ୍ରାର୍ଥନା କଲୁ। କିଏ କିଏ ତାଙ୍କ ଜୀବନ ଚରିତ ଏବଂ ଆମମାନଙ୍କ ପାଇଁ ସେ କ'ଣ କରି ଯାଇଛନ୍ତି ଏ ବିଷୟରେ ଆଲୋଚନା କଲେ। ମୋ ମୁହଁରେ କିଛି ଭାଷା ନଥିଲା। ମନେପଡ଼ିଲା ଗତକାଲି ୮ ତାରିଖ ଭଦ୍ରକ ଜିଲ୍ଲା କମିଟିର ଶ୍ରୀଅରବିନ୍ଦ ପାଠଚକ୍ର ବୈଠକ ଏଇ ଦିବ୍ୟଧାମରେ ହୋଇଥିଲା। ଏଇ ବୈଠକରେ ପଣ୍ଡିଚେରୀ ଆଶ୍ରମର ସାଧକ ଶ୍ରୀଯୁକ୍ତ ମଧୁସୂଦନ ମହାପାତ୍ର ଯୋଗଦେଇଥିଲେ, ସେତ କାହିଁ ଏ ବିଷୟରେ କିଛି କହୁ ନଥିଲେ ? ଶ୍ରୀଯୁକ୍ତ ସନାତନ ମହାନ୍ତି ବାବାଜି ମହାରାଜଙ୍କ ଲିଖିତ "ପୂର୍ଣ୍ଣାଙ୍ଗ ଶିକ୍ଷା" ବିଷୟଟି ପଢ଼ି ଗତକାଲି ଶୁଣାଇଥିଲେ ଅଥଚ ଆଜି ଶୁଣୁଛୁ ବାବାଜି ମହାରାଜ ନାହାଁନ୍ତି। ମୋ ମନ ବହୁତ ଦୁଃଖ ହୋଇଗଲା। ଆଖି ଆଗରେ ନାଚିଗଲା ସେଇ ଦିବ୍ୟଦ୍ରଷ୍ଟା, ଋଷି ପ୍ରବର ପୂଜ୍ୟ ବାବାଜି ମହାରାଜଙ୍କ ଶୁଭ୍ର ସ୍ମଶ୍ରୁ ଶୋଭିତ ସ୍ମିତହାସ୍ୟ ପୂର୍ଣ୍ଣ ମୁଖମଣ୍ଡଳ। ଆଉ ମନେପଡ଼ିଗଲା ତାଙ୍କ ସମ୍ପର୍କିତ ଥିବା ଦୀର୍ଘ ୨୮ ବର୍ଷର ସ୍ମୃତିବହୁଳ ଘଟଣାଗୁଡ଼ିକ ଯାହା ମୋ ଭିତରେ ଏବେବି ଲିପିବଦ୍ଧ ହୋଇରହିଛି।

୧୯୭୦ ମସିହାର କଥା। ଆମେ ସେତେବେଳେ ଟମକା ମାଇନ୍ସରେ ରହୁଥାଉ। ନୂଆ କରି ଶ୍ରୀମାଶ୍ରୀଅରବିନ୍ଦଙ୍କୁ ଜାଣିଥାଉ। ଅଧିକ ଜାଣିବା ପାଇଁ ବାବାଜି ମହାରାଜଙ୍କୁ ଚିଠି ଲେଖିଲୁ। ସେ ଲେଖିଲେ ଶ୍ରୀମାଶ୍ରୀଅରବିନ୍ଦ ଭଗବାନଙ୍କ ଅବତାର। ତାଙ୍କ ଫଟୋ ଘରେ ରଖି ପାଠଚକ୍ର କର। ଲୋକ ସାହିତ୍ୟ ବହି ପଢ଼। ସବୁ ଜାଣିପାରିବ। ପାଠଚକ୍ର କରିବା ପାଇଁ ଆଶୀର୍ବାଦ ପୁଷ୍ପ ବି ପଠାଇଥିଲେ। ସେତେବେଳେ ବହି ଓ ଫଟୋ ସବୁ କଟକରେ କିଶୋର ଟ୍ରାନ୍ସପୋର୍ଟରେ ମିଳୁଥିଲା। ସେଠାରୁ ଫଟୋ ଓ ବହି ଆଣି ଆମ ଘରେ ପାଠଚକ୍ର କଲୁ। ଫଟୋରେ ମା'ଙ୍କୁ ଦେଖି ଦେଖି ତାଙ୍କୁ ସ୍ଥୂଳ ଶରୀରରେ ଦେଖିବା ପାଇଁ ମୋର ପ୍ରବଳ ଇଚ୍ଛା ହେଲା। ଏକଥା ବାବାଜିଙ୍କୁ ବାରମ୍ବାର ଚିଠି ଲେଖିଲୁ। ସେ ମାଆଙ୍କର ଅନୁମତି ନେଇ ଆମକୁ ଯିବାକୁ ଚିଠି ଲେଖିଲେ। ପ୍ରପତ୍ତି ବି ଟେଲିଗ୍ରାମ କରିଥିଲେ। ଆମେ ପଣ୍ଡିଚେରୀରେ ପହଞ୍ଚିଲୁ। ଓଡ଼ିଆ ନିଳୟମ୍‌ରେ ରହିଲୁ। ତହିଁ ପରଦିନ ସକାଳେ ସମାଧୀରେ ପ୍ରଣାମ କରି ଡାଇନିଙ୍ଗରେ ଖାଇସାରି ବାବାଜି ମହାରାଜଙ୍କୁ ଦେଖା କରିବାକୁ ତାଙ୍କ ରୁମ୍‌କୁ ଗଲୁ। ସେତେବେଳେ ଉପର ତାଲାରେ ମହାରାଜଜୀ ରହୁଥାନ୍ତି। ଆଗରୁ ଚିଠି ମାଧ୍ୟମରେ ତାଙ୍କ ସହ ଯାହା ପରିଚୟ ହୋଇଥିଲା ତାଙ୍କୁ କେବେ ମୁଁ ଦେଖି ନଥିଲି। ତାଙ୍କର ସୌମ୍ୟକାନ୍ତି, ପ୍ରଦୀପ୍ତ ଗୌରଜ୍ୱଳ, ଦେବୋପମ ମୂର୍ତ୍ତିକୁ ଦେଖି ତାଙ୍କ ପାଦତଳେ ପ୍ରଣାମ କଲି। କେଉଁଠୁ ଆସିଚ, କେଉଁଠି ରହୁଛ, କେତେବେଳେ ପହଞ୍ଚିଲ ? ଏମିତି କେତେ ପ୍ରଶ୍ନ ପଚାରିଲେ। ମା'ଙ୍କୁ ଦର୍ଶନ କରିବାକୁ ସେ ଦେଇଥିବା ଚିଠି ଓ ପ୍ରପତ୍ତିଙ୍କ ଟେଲିଗ୍ରାମ ଦେଖାଇଲୁ। ତାଙ୍କରି ଦୟାରୁ ମା'ଙ୍କୁ ସ୍ୱତନ୍ତ୍ରଭାବେ ଦର୍ଶନ କରି ଜୀବନ ଆମର ଧନ୍ୟ ହୋଇଯାଇଥିଲା। ସେଦିନ ଥିଲା ୧୯୭୧ ମସିହା ସେପ୍ଟେମ୍ବର ମାସ ତିନି ତାରିଖ। ପଣ୍ଡିଚେରୀରେ ୮/୧୦ ଦିନ ରହି ସବୁଆଡ଼େ ବୁଲି ଦେଖିଲୁ। ଓଡ଼ିଶା ଫେରିବା ଦିନ ତାଙ୍କୁ ଦେଖାକରି ବ୍ଲେସିଙ୍ଗ ନେଇ ଆସିଲୁ। ଆସିବା ସମୟରେ ସେ କହିଥିଲେ ଓଡ଼ିଶାରେ ମା'ଙ୍କ କାର୍ଯ୍ୟ କର। ତାଙ୍କରି କଥାକୁ ଗୁରୁବାକ୍ୟ ମନେକରି ମାତୃକାର୍ଯ୍ୟରେ ନିଜ ଜୀବନକୁ ନିୟୋଜିତ କଲୁ। ପଣ୍ଡିଚେରୀରୁ ଫେରି ପାଠଚକ୍ର, ମହିଳା ପାଠଚକ୍ରରେ ମୁଁ ସକ୍ରିୟ ଭାବେ ଯୋଗଦେଲି।

ଚାକିରୀ ଜୀବନରେ ବଦଳି କାରଣରୁ ୧୯୮୮ ମସିହାରେ ଆମେ ବାଲେଶ୍ୱର ଜିଲ୍ଲା ବସ୍ତାରେ ଥିଲୁ। ସେଠାରେ ନିୟମିତ ପାଠଚକ୍ରରେ ଯୋଗଦେଉଥିଲୁ। ସେଠାକାର କର୍ମକର୍ତ୍ତାମାନେ ସେଇବର୍ଷ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟିଏ ଖୋଲିଲେ। ମୋତେ ଅଧକ୍ଷା ଦାୟିତ୍ୱ ଦେଲେ। ସେଇ ଅଗଷ୍ଟ ମାସରେ ଆମେ ପଣ୍ଡିଚେରୀ ଗଲୁ। ବାବାଜି ମହାରାଜଙ୍କୁ ଦେଖା କରି ସବୁକଥା କହିଲି, ମୋର ଅଯୋଗ୍ୟତା କଥା ମଧ୍ୟ। ସେ କହିଲେ ମାଆଙ୍କ ଉପରେ ଦୃଢ଼ ବିଶ୍ୱାସ, ଭରସା ରଖି କାର୍ଯ୍ୟ କର ସବୁଠିକ୍ ହୋଇଯିବ। ତାଙ୍କ କଥାକୁ ମାନି ପଣ୍ଡିଚେରୀରୁ ଫେରିବା ପରେ ସବୁଦିନ ମୁଁ ଶିକ୍ଷାକେନ୍ଦ୍ରକୁ ଚାଲିଲି। ଶିକ୍ଷାକେନ୍ଦ୍ରରେ ରହିବା ସଙ୍ଗେ ସଙ୍ଗେ, ବାଲେଶ୍ୱରର ବିଭିନ୍ନ ଆଡ଼େ ପାଠଚକ୍ର, ଶିବିର, ସମ୍ମିଳନୀ, ରିଲିକ୍ସ ମନ୍ଦିର ବୁଲି ଦେଖିଲି।

ଏସବୁ ଦେଖି ମୋ ସ୍ୱାମୀଙ୍କର ଇଚ୍ଛା ହେଲା ନିଜ ଜନ୍ମଭୂମି ଚାନ୍ଦବାଲିରେ କିଛି କରିବାକୁ। ସେଠାରେ ଆମର ଏକ ଜାଗାଥିଲା। ସେଇଠି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ରିଲିକ୍ସ ମନ୍ଦିର ନିର୍ମାଣ କରି ପ୍ରଭୁଙ୍କୁ ପ୍ରତିଷ୍ଠା କରି ଆଧାତ୍ମିକ ଜୀବନ ବଞ୍ଚିବୁ। ଏକଥା ମହାରାଜଙ୍କୁ ଚିଠି ଲେଖିଲୁ। ତାହାର ଉତ୍ତରରେ ବାବାଜି ମହାରାଜ ନିମ୍ନ ଚିଠିଟି ଲେଖିଥିଲେ।

ଭଉଣୀ ନିରୁପମା ଦେବୀ। ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ଆପଣଙ୍କ ୩୦.୩.୮୭ର ପତ୍ର ଆଜି ୪.୪.୮୭ରେ ପାଇଲି। ଶ୍ରୀମାଶ୍ରୀଅରବିନ୍ଦଙ୍କ ସମାଧୀରେ ନିବେଦନ କରି ତାଙ୍କ ଆଶୀର୍ବାଦ ପୁଷ୍ପପ୍ରସାଦ ଏହି ପତ୍ରରେ ପଠାଉଅଛି।

ଚାନ୍ଦବାଲିରେ ରିଲିକ୍ସ ପ୍ରତିଷ୍ଠା କରି ସେଠାରେ ରହି ଆଧାତ୍ମ ଜୀବନଯାପନ କରିବେ। ଏହି ବିଚାର ବହୁତ ଭଲ। ଜୀବନର ଏକମାତ୍ର ଲକ୍ଷ୍ୟ ଭଗବତ୍ ପ୍ରାପ୍ତି। ବାଲେଶ୍ୱର ଜିଲ୍ଲାରେ ବହୁତ ସ୍ଥାନରେ ରିଲିକ୍ସ ପ୍ରତିଷ୍ଠା ହୋଇଛି। ସେ ସ୍ଥାନସବୁ ବୁଲି ଦେଖନ୍ତୁ। ସେହିପରି ମନ୍ଦିର ତିଆରି କରି ରିଲିକ୍ସ ପ୍ରତିଷ୍ଠା କରନ୍ତୁ। ରିଲିକ୍ସ ନେବା ସକାଶେ ସୁନା, ରୂପା, କାଠ ବାକ୍ସ ଏଠାରେ ତିଆରି ହୁଏ। ମନ୍ଦିର ତିଆରି ହୋଇ ସାରିଲେ ଏଠାରୁ ବ୍ୟକ୍ତିଯାଇ ଦେଖି ଆସିବେ। ତେବେ ରିଲିକ୍ସ ଯିବ। ମା' ଏହି ନାମ ନିରନ୍ତର ଜପ କରନ୍ତୁ।

ଇତି
ଆପଣଙ୍କର ଶୁଭଚିନ୍ତକ
ରାମକୃଷ୍ଣ ଦାସ

ଏମିତିରେ ଅନେକ ଚିଠି ଦେଇ ତାଙ୍କଠାରୁ ଆମେ ଉତ୍ତର ପାଇଛୁ। ସବୁ ବର୍ଷ ଅଗଷ୍ଟ ଦର୍ଶନକୁ ଆମେ ପଣ୍ଡିଚେରୀ ଯାଉଥିଲୁ। ୮.୮.୮୮ରେ ମା'ଙ୍କ ରୁମ୍ ଦର୍ଶନ କଲୁ। ବାବାଜିଙ୍କ ପରାମର୍ଶରେ ରିଲିକ୍ସ ପାଇଁ ୬୦୦୦ଟଙ୍କା ନବଜ୍ୟୋତିରେ ଡିପୋଜିଟ୍ କଲୁ। ୧୪ ତାରିଖରେ ତାଙ୍କ ରୁମ୍‌କୁ ଯାଇ ପ୍ରଣାମ କରି ତାଙ୍କ ହାତରୁ ଲଡୁ ଆଣିଲୁ। ୧୫ତାରିଖରେ ପ୍ରଭୁଙ୍କ ଜନ୍ମଦିନରେ ଦର୍ଶନ କରି ୧୬ ତାରିଖରେ ପୁଣି ବାବାଜିଙ୍କୁ ଦେଖାକରି ରିଲିକ୍ସ ସମ୍ପର୍କରେ ଆଲୋଚନା କରି ବ୍ଲେସିଙ୍ଗସ୍ ନେଇ ଓଡ଼ିଶା ଫେରିଲୁ। ସେଇ କେତେ ଦିନ ରହିବା ଭିତରେ ବାବାଜିଙ୍କ ଘରେ ପାଠଚକ୍ରରେ ବି ଯୋଗଦେଇଥିଲୁ। ସମସ୍ତଙ୍କର ସବୁ ପ୍ରଶ୍ନର ଉତ୍ତର ଦେଉଥିଲେ। ଏହା ଦେଖି ମୋତେ ଖୁବ୍ ଖୁସୀ ଲାଗୁଥାଏ।

୧୯୯୦ ମସିହା ଜୁନ୍ ମାସରେ ବାବାଜି ମହାରାଜଙ୍କ ନିର୍ଦ୍ଦେଶରେ ଓଡ଼ିଆ ନିଳୟମ୍‌ରେ ମହିଳା ସମ୍ମିଳନୀ ହେଲା। ଓଡ଼ିଶାରୁ ଆମେ ୯୮ ଜଣ ଭଉଣୀ ଟିକି ଅପା, ଶାମି ଅପା ଓ ଅଞ୍ଜଳି ଅପାଙ୍କ ତତ୍ତ୍ୱାବଧାନରେ ପଣ୍ଡିଚେରୀ ଗଲୁ। ଆମକୁ ଏତେ ସଂଖ୍ୟାରେ ଦେଖି ବାବାଜିଙ୍କର କି ଖୁସି! ଓଡ଼ିଆ ନିଳୟମ୍‌ର ଉପରେ ଆମେ ରହୁଥିଲୁ। ତଳେ ସମ୍ମିଳନୀ ହେଲା। ସବୁଦିନ ଆଶ୍ରମର ଜଣେ ଜଣେ ସାଧକ, ସାଧିକା ମାନଙ୍କୁ ସମ୍ମିଳନୀକୁ ବାବାଜି ଡାକୁଥିଲେ। ଶ୍ରୀଅରବିନ୍ଦଙ୍କ ଯୋଗସାଧନା, ଏଥିରେ ନାରୀମାନଙ୍କର ଭୂମିକା ବିଷୟରେ ସେମାନେ ବୁଝାଇ କହୁଥିଲେ। 'ଦିବ୍ୟଯୁଗ ସ୍ଥାପନାରେ ନାରୀ', 'ଅତିମାନସ ଓ ଦିବ୍ୟକର୍ମ', 'ସମର୍ପଣ ଓ ବାଧାବିଘ୍ନ' ଲୋକସାହିତ୍ୟ ବହିଗୁଡ଼ିକ ବିଷୟରେ ବାବାଜି ମହାରାଜ ଓ ମଧୁଭାଇନା ଆଲୋଚନା କରୁଥିଲେ।। ବାବାଜିଙ୍କ ସାନ୍ନିଧ୍ୟରେ ସେଇ ସାତଦିନ ଆମେ ବହୁତ ଆନନ୍ଦରେ କଟାଇଥିଲୁ। ଶେଷଦିନ ପଣ୍ଡିଚେରୀର ରାଜ୍ୟପାଳ ମିସେସ୍ ଚନ୍ଦ୍ରାବତୀଙ୍କୁ ସମ୍ମିଳନୀକୁ ଡକାଇ ଆଣିଥିଲେ। ସମ୍ମିଳନୀ ଶେଷରେ ଆମକୁ 'ରୂପାନ୍ତର ଯୋଗରେ ନାମଜପ' ବହି ଖଣ୍ଡିଏ ଲେଖାଏଁ ଓ ଆଶୀର୍ବାଦ ପୁଷ୍ପ ଦେଇଥିଲେ। ଆମେ ଓଡ଼ିଶାକୁ ଫେରିବା ଦିନ ଆମ ପାଇଁ ସ୍ୱତନ୍ତ୍ର ବସ୍ ବ୍ୟବସ୍ଥା କରିଥିଲେ। ଆଶ୍ରମର ମୁଖ୍ୟ ଫାଟକ ପାଖରେ ଠିଆ ହୋଇ ମା'ଙ୍କ କାର୍ଯ୍ୟ କରିବା ପାଇଁ ଆମକୁ ଆଶୀର୍ବାଦ କରିଥିଲେ। ସେଦିନର ସେହି ହସ ହସ ମୁହଁ ଏବେବି ମୋ ଆଖିରେ ନାଚୁଛି। ସେଥର ପଣ୍ଡିଚେରୀରୁ ଫେରି ଦ୍ୱିଗୁଣ ଉତ୍ସାହରେ ମାତୃକାର୍ଯ୍ୟରେ ମୁଁ ଲାଗିପଡ଼ିଲି। ଲୋକ ସାହିତ୍ୟ ବହିସବୁ ପଢ଼ିଲି। କିନ୍ତୁ ଭାଗ୍ୟର ବିଡମ୍ବନା ମୋ ସ୍ୱାମୀଙ୍କର ଅକାଳ ବିୟୋଗରେ ପ୍ରାଣ ମୋର ଦୁଃଖରେ ବିଦୀର୍ଣ୍ଣ ହୋଇଗଲା। ଚାରିଆଡ଼ ମୋତେ ଅନ୍ଧାର ଦିଶିଲା। ସେଇ ଦୁଃଖ ସମୟରେ ବାବାଜି ମହାରାଜଙ୍କ ଠାରୁ ଟେଲିଗ୍ରାମ୍‌ଟିଏ ପାଇଥିଲି। ୨୦ ଦିନ ପରେ ଚିଠିଟିଏ ବି ପାଇଲି। ସେଥିରେ ମା'ଙ୍କ ବ୍ଲେସିଙ୍ଗସ୍ ବି ପଠାଇଥିଲେ। ତାର ଦୁଇମାସ ପରେ ଫେବୃୟାରୀ ୨୧ ମା'ଙ୍କ ଜନ୍ମଦିନ। ସେ ବର୍ଷ ଲିପ୍ ଇୟର ପଡ଼ିଥାଏ। ମୁଁ ପଣ୍ଡିଚେରୀ ଗଲି। ବାବାଜି ମହାରାଜଙ୍କୁ ତାଙ୍କ ରୁମ୍‌ରେ ଦେଖାକଲି। ଦୁଃଖରେ ମୋ ଆଖିରୁ ଖାଲି ଲୁହ ଝରୁଥାଏ। କଥା କହି ପାରୁନଥାଏ। ନିରବରେ ତାଙ୍କ ପାଖେ ବସିଥାଏ। ସେ ମୋତେ ସାନ୍ତ୍ୱନାଭରା କଣ୍ଠରେ କହିଲେ, ତୁମେ ଚାନ୍ଦବାଲିରେ ଯାଇ ରୁହ। ତୁମ ସ୍ୱାମୀ ଯେଉଁ ରିଲିକ୍ସ ମନ୍ଦିର କାର୍ଯ୍ୟ ଅଧାକରି ଯାଇଛନ୍ତି ତାକୁ ସମ୍ପୂର୍ଣ୍ଣ କର। ରିଲିକ୍ସ ଯିବ। ତାଙ୍କ ଆତ୍ମା ଶାନ୍ତି ପାଇବ। ମା' ନାମ ନିରନ୍ତର ଜପକର। ଦୁଃଖ ଦୂର ହେବ। ସେଥର ମାସେ ପାଖା ପାଖି ପଣ୍ଡିଚେରୀରେ ରହିଲି। ସବୁଦିନ ବାବାଜି ମହାରାଜଙ୍କ ସହ ଦେଖା ହେଉଥିଲା। କେତେବେଳେ ତାଙ୍କ ରୁମ୍‌ରେ, କେତେବେଳେ ନବଜ୍ୟୋତିରେ ତ କେତେବେଳେ ଡାଇନିଙ୍ଗରେ, କେତେବେଳେ ଆଶ୍ରମରେ। ତାଙ୍କ ସାନ୍ନିଧ୍ୟରେ ଯେଭଳି ସମସ୍ତ ଦୁଃଖ ମୋର ଲାଘବ ହୋଇଯାଉଥିଲା। ତାଙ୍କରି ଉପଦେଶକୁ ମାନି ୧୯୯୪ ମସିହାରେ ଚାନ୍ଦବାଲିରେ ଆସି ରହିଲି। ଅହରହ ମା'ଙ୍କୁ ପ୍ରାର୍ଥନା କଲି। ମନ୍ଦିର କାର୍ଯ୍ୟ ସମ୍ପୂର୍ଣ୍ଣ ହେଲା। ୧୯୯୬ ଜାନୁୟାରୀ ୭ ତାରିଖରେ ପ୍ରଭୁଙ୍କ ଦେହାଂଶ ଏଠାରେ ପ୍ରତିଷ୍ଠା ହେଲା।

ସାଂସାରିକ ଜୀବନଠାରୁ ଆଧ୍ୟାତ୍ମିକ ଜୀବନ ପର୍ଯ୍ୟନ୍ତ ସୁଖଦୁଃଖ, ଭଲମନ୍ଦ, ରୋଗଯନ୍ତ୍ରଣାରେ ପଡ଼ି ଯେତେବେଳେ ତାଙ୍କୁ ଚିଠି ଲେଖୁଛି, ତାଙ୍କ ସ୍ୱହସ୍ତ ଲିଖିତ ଚିଠି ସହ ମା'ଙ୍କ ଆଶୀର୍ବାଦ ପୁଷ୍ପ ପାଇଲେ ଯେଭଳି ସବୁ ସମସ୍ୟାର ସମାଧାନ ହୋଇଯାଏ। ସବୁ ଯନ୍ତ୍ରଣାର ଅବସାନ ହୋଇଯାଏ। ଗତ କେତେବର୍ଷ ଧରି ସେ ନିଜେ ଲେଖି ପାରୁନଥିଲେ। ଅନ୍ୟ କେହି ଲେଖୁଥିଲେ। ତଳେ ସେ ଦସ୍ତଖତ କରୁଥିଲେ। ସେତିକି ପାଇବା ପାଇଁ ଆମେ ସବୁବେଳେ ବ୍ୟାକୁଳ ହୋଇ ଚାହିଁ ବସୁଥିଲୁ।

ସବୁ ବର୍ଷ ଭଳି ୧୯୯୮ ମସିହା ଅଗଷ୍ଟ ୧୦ ତାରିଖରେ ପଣ୍ଡିଚେରୀରେ ପହଞ୍ଚିଲି। ବାବାଜି ମହାରାଜଙ୍କ ଜନ୍ମଦିନ ଓ ଶ୍ରୀଅରବିନ୍ଦଙ୍କ ଜନ୍ମଦିନ ଦୁଇଟିଯାକ ପାଳନ କରିବା, ବର୍ଷରେ ଥରେ ବାବାଜି ମହାରାଜଙ୍କ ସାନ୍ନିଧ୍ୟ ଲାଭ କରିବା ମୋର ବଡ଼ ଆକର୍ଷଣ ଥିଲା। ସେଇ ୧୦ ତାରିଖ ଦିନ ପହଞ୍ଚି ବି ତାଙ୍କୁ ଦେଖାକରିବାକୁ ଗଲି। ତାଙ୍କ ଦୁଆର ବନ୍ଦ ଥିଲା। ଜଣେ ଭାଇ କହିଲେ ବାବାଜିଙ୍କ ଦେହ ଅସୁସ୍ଥ। ସେ କାହା ସଙ୍ଗେ ଦେଖା କରୁନାହାନ୍ତି। ସେଇ ଦୁଆର ପାଖରୁ ପ୍ରଣାମ ଜଣାଇ ପଳାଇ ଆସିଲି। ତା ପରଦିନ ବି ସେଇକଥା ଶୁଣିବାକୁ ମିଳିଲା। ଅନେକ ଭାଇ ଭଉଣୀ ମୋ ଭଳି ଫେରି ଆସୁଥିଲେ। ବହୁ ପ୍ରତିକ୍ଷିତ ୧୪ ତାରିଖ ତାଙ୍କ ଜନ୍ମଦିନ। ଭାବିଥିଲି ଆଜି ନିଶ୍ଚୟ ଦର୍ଶନ ମିଳିବ ତାଙ୍କ ରୁମ୍‌ରେ ନହେଲେ "ନବଜ୍ୟୋତିକୁ" ନିଶ୍ଚୟ ଆସିବେ। ସମସ୍ତେ ଘଣ୍ଟାଏ ପୂର୍ବରୁ ଯାଇ ନବଜ୍ୟୋତିରେ ବସିଛୁ। କେତେବେଳେ ବାବାଜି ମହାରାଜ ଆସିବେ। ବାରମ୍ବାର ଗେଟ୍ ଆଡ଼କୁ ଚାହୁଁଥାଉ। ସମ୍ବାଦ ମିଳିଲା ବାବାଜି ମହାରାଜଙ୍କ ଦେହ ଖରାପ। ନର୍ସିଂହୋମ୍‌ରେ ଅଛନ୍ତି। ତାଙ୍କ ଶରୀରରେ ସାଲାଇନ୍ ଲାଗିଛି। ଏହା ଶୁଣିବା ପରେ ମିଟିଂ ସେତିକିରେ ସରିଲା। ସମସ୍ତେ ଉଦାସଭରା ମୁହଁରେ ଫେରିଲୁ। ତହିଁପରଦିନ ୧୫ ତାରିଖରେ ଶ୍ରୀଅରବିନ୍ଦଙ୍କ ଜନ୍ମଦିନ ସାରି ଓଡ଼ିଶା ଫେରିଲି। ସବୁଥର ପୂର୍ବରୁ ବାବାଜି ମହାରାଜଙ୍କ ହାତରୁ ବ୍ଲେସିଙ୍ଗସ୍ ନେଇ ଫେରିଥିଲି। ସେ ସୁଯୋଗ ମିଳିଲା ନାହିଁ। ଓଡ଼ିଶା ଫେରିବା ବେଳେ ସବୁ ଭାଇ ଭଉଣୀଙ୍କ ମୁହଁରେ ସେଇ କଥା।

ଚାହୁଁ ଚାହୁଁ ଏହା ଭିତରେ ଦଶବର୍ଷ ବିତିଗଲାଣି। ବାବାଜି ମହାରାଜଙ୍କ ସ୍ଥୂଳଶରୀର ଆମେ ଆଉ ଦେଖିବାକୁ ପାଉନାହୁଁ। ତାଙ୍କଠାରୁ ଚିଠି କି ବ୍ଲେସିଙ୍ଗସ୍ ବି ମିଳୁନାହିଁ। ହେଲେ ମା'ଙ୍କର ଯେଉଁ ମହାମନ୍ତ୍ର ମାତୃନାମ ଜପ ମାଧ୍ୟମରେ ମୋର ଚିନ୍ତା, ଚେତନା, ଭାବନା ଓ ହୃଦୟର ପ୍ରତିଟି କୋଣ ଅନୁକୋଣରେ ସେ ଚିର ଜାଜ୍ୱଲ୍ୟମାନ ହୋଇ ରହିଛନ୍ତି। ଯେଉଁ ନୂତନ ପଥଟି ମୋତେ ଦେଖାଇ ଦେଇଯାଇଛନ୍ତି, ଯେଉଁ ଅମୂଲ୍ୟ ସମ୍ପଦ ସବୁ ମୋତେ ଦେଇଯାଇଛନ୍ତି ତାକୁଇ ସମ୍ବଳ କରି ଦିବ୍ୟଧାମରେ ଆଜି ମୁଁ ଏକ ଆଧ୍ୟାତ୍ମିକ ଜୀବନ ବଞ୍ଚୁଛି। ତାଙ୍କର ଅନେକ ଚିଠିକୁ ବହୁମୂଲ୍ୟରତ୍ନ ଭଳି ମୁଁ ସାଇତି ରଖିଛି। ସମୟେ ସମୟେ ବି ପଢୁଛି। ସେଥିରୁ ମୁଁ ଶକ୍ତି ପାଉଛି। ମା'ଙ୍କର ଅଶେଷ କୃପା ଓ ବାବାଜି ମହାରାଜଙ୍କ ଆଶୀର୍ବାଦରୁ ମୋଭଳି ଜଣେ ସାଧାରଣ ନାରୀ ପାଠଚକ୍ରରେ ବସି ବସି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଓ ରିଲିକ୍ସ ମନ୍ଦିର ପାଖରେ ପହଞ୍ଚି ପାରିଛି, ଏହା ମୋର ପରମ ସୌଭାଗ୍ୟ। ମୋ ଭଳି ଓଡ଼ିଶାର ଅଗଣିତ ଭାଇଭଉଣୀ ବାବାଜି ମହାରାଜଙ୍କ ଆଶୀର୍ବାଦ ଲାଭ କରି ଧନ୍ୟ ହୋଇଛନ୍ତି। ଆଜି ତାଙ୍କର ଜନ୍ମ ଶତବାର୍ଷିକୀ ଆମେ ପାଳନ କରୁଛନ୍ତି। ଏହି ପୂଣ୍ୟ ତିଥିରେ ମୋ ଅନ୍ତରର ଗଭୀର କୃତଜ୍ଞତା ଜଣାଇବା ସଙ୍ଗେ ସଙ୍ଗେ ବାବାଜି ମହାରାଜଙ୍କ ପାଦତଳେ ମୋର ଶତକୋଟି ପ୍ରଣାମ ଜଣାଉଛି। ❖ ❖ ❖

# ବାବାଜି ମହାରାଜ : ଏକ ଅନିର୍ବାଣ ପ୍ରେରଣା

**ସନ୍ତୋଷ କୁମାର ଗାହାଣ**

ସମୟର ଶାଶ୍ୱତ ପ୍ରବାହ ଭିତରେ ଏ ପୃଥିବୀ ପୃଷ୍ଠକୁ ଆସିଛନ୍ତି କେତେ କେତେ ଅବତାରୀ ପୁରୁଷ। ପାର୍ଥିବ ଚେତନାକୁ ଦିବ୍ୟ ଚେତନାରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜର ବିଧିଚାଳିତ ଭୂମିକାଟିମାନ ଲିଭାଇଛନ୍ତି। ଊନବିଂଶ ଶତାବ୍ଦୀରେ ଶ୍ରୀଅରବିନ୍ଦ ପୃଥିବୀ ପୃଷ୍ଠକୁ ଆସିଥିଲେ ମାନବ ଚେତନାର ପୂର୍ଣ୍ଣାଙ୍ଗ ବିକାଶ କରାଇବା ପାଇଁ। ଏହି ପୂର୍ଣ୍ଣାଙ୍ଗ ବିକାଶ ନିମନ୍ତେ ତାଙ୍କର ସାଧନା ଥିଲା ପୂର୍ଣ୍ଣଯୋଗର ସାଧନା। ସମଗ୍ର ପୃଥିବୀ ପାଇଁ ଏହା ଥିଲା ଏକ ଅଭିନବ ଧାରା। ପାର୍ଥିବ ଜଗତରୁ ପଳାୟନ ନକରି ବରଂ ତାକୁ ଦିବ୍ୟ ଚେତନାରେ ରୂପାନ୍ତରିତ କରି ପୃଥିବୀ ପୃଷ୍ଠରେ ଦିବ୍ୟଜୀବନ ପ୍ରତିଷ୍ଠା କରିବାର ଧାରା। ଏ ସାଧନା ତତ୍ତ୍ୱଗତ ଭାବରେ ଯେତିକି ମହାନ୍ ରୂପାୟନ କ୍ରିୟାରେ ସେତିକି ଦୁରୂହ ବି। ସାଧାରଣ ମଣିଷଙ୍କ କ୍ଷେତ୍ରରେ ବି ଏସବୁ ପ୍ରସୁପ୍ତ ପ୍ରସୁପ୍ତ ଚେତନାଗତ ବ୍ୟାପାରକୁ ବୁଝିବା ଓ ସେସବୁକୁ ଆଲୋକିତ କରିବା ସର୍ବୋପରି ଦିବ୍ୟ ଚେତନାରେ ରୂପାନ୍ତରିତ କରାଇ ଆଣିବା କାଠିକର ପାଠ, ବେଳେବେଳେ ଅସମ୍ଭବ ଲାଗେବି।

ବିଂଶ ଶତାବ୍ଦୀର ଆଦି ପର୍ବରେ ଏଭଳି ଅଭିନବ ଯୋଗଧାରାକୁ ବୁଝିବା ପାଇଁ ଓଡ଼ିଶା ଉପଖଣ୍ଡରେ କେହି ଜଣେ ବି ନଥିଲେ। ଦୁଃଖ, ଦୈନ୍ୟର ତ୍ରସ୍ତ କୁଆଳୀରେ ବନ୍ଧାହୋଇ ଜୀବନ ବଞ୍ଚୁଥିବା ଓଡ଼ିଶା ଭୂଇଁରେ ଜନ୍ମ ନେଲେ ଅବତାରୀ ଯୁଗପୁରୁଷ ଶ୍ରୀ ରାମକୃଷ୍ଣ ଦାସ ଜଗତ୍‌ସିଂହପୁର ଜିଲ୍ଲା ରାୟରପୁର ଗାଁରେ। ସତେ ଯେପରି ରାମ ଓ କୃଷ୍ଣ ଉଭୟଙ୍କ ଚେତନାକୁ ଧାରଣ କରି ଆସିଥିଲେ ଏହି ଦୁଃଖ ଯନ୍ତ୍ରଣା ଜର୍ଜରିତ ଓଡ଼ିଶା ମାଟିକୁ। ଜନ୍ମ ହେଲେ ସିନା ଓଡ଼ିଶାରେ କିନ୍ତୁ ତାଙ୍କର ଆଦ୍ୟ ସାଧନାର କ୍ଷେତ୍ର ଥିଲା ଶ୍ରୀରାମଙ୍କ ଜନ୍ମଭୂଇଁ ଅଯୋଧ୍ୟା। ସେଇଠୁ ସନ୍ଧାନ ପାଇଲେ ପୂର୍ଣ୍ଣଯୋଗୀ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କର। ଚେତନାର ପରବର୍ତ୍ତୀ ଉତ୍ତରଣ ପାଇଁ ଚାଲିଲେ ପଣ୍ଡିଚେରୀ। ମା' ବି ତାଙ୍କର ସନ୍ତାନ ଭାବରେ ଗ୍ରହଣ କରିନେଲେ ରାମକୃଷ୍ଣଙ୍କୁ ଅଯୋଧ୍ୟାଗତ ଶ୍ମଶ୍ରୁଶୋଭିତ ଏହି ତରୁଣ ସାଧକଙ୍କୁ ଶ୍ରୀମା'ଙ୍କ ଆଶ୍ରମରେ ଗୁରୁଭାଇମାନେ ଶ୍ରଦ୍ଧାରେ ଡାକୁଥିଲେ ବାବାଜି ବୋଲି। ସେ ହେଲେ ଓଡ଼ିଶା ବାସୀଙ୍କର ପ୍ରିୟ ବାବାଜି ମହାରାଜ।

ଶ୍ରୀଅରବିନ୍ଦଙ୍କର ଦୁଃସାଧ୍ୟ ପୂର୍ଣ୍ଣାଙ୍ଗ ଯୋଗଧାରାକୁ ଓ ଶ୍ରୀମା'ଙ୍କର ଅନୁପମ ପ୍ରେମଧାରାକୁ ଆଦ୍ୟ ଓଡ଼ିଆ ଭାବରେ ଏ ମାଟିର ଭଗୀରଥ ସାଜି ବହି ଆଣିଲେ ଏଇ ଊଷର ମାଟି ପରେ। ଆଜି ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର ଦିବ୍ୟ କୃପାର ଧାରା ଏ ମାଟିରେ ଚାରିଆଡ଼େ ପ୍ଲାବିତ। ଉର୍ବର କରୁଛି ଏହାର ପ୍ରତ୍ୟେକଟି ଧୂଳିକଣାକୁ। ଆଧ୍ୟାତ୍ମିକତାର ଝାଉଁଳା ପାଦପ ଆଜି ନବପଲ୍ଲବିତା, ସବୁଜ ସୁଷମାରେ ଖିଲି ଖିଲି ହସୁଛି। ହୃଦୟ ପ୍ରଧାନ ଉତ୍କଳୀୟଙ୍କୁ ସହଜରେ ଧରାଇ ଦେଇ ପାରିଲେ ଶ୍ରୀମା'ଙ୍କୁ ଆଣି। କିନ୍ତୁ ଅନୁର୍ବର ଉତ୍କଳୀୟଙ୍କ ମସ୍ତିଷ୍କ ଭିତରେ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଜ୍ଞାନକୁ ଧରାଇବା ପାଇଁ ରଚନା କଲେ ଲୋକସାହିତ୍ୟ। ତାହାହିଁ ପୂର୍ଣ୍ଣଯୋଗରେ ଉତ୍କଳୀୟମାନଙ୍କୁ ମ୍ୟାଟ୍ରିକ୍ ପାସ୍ କରିବାକୁ ସାହାଯ୍ୟ କଲା। ଯେତେ ଜଟିଳ ତତ୍ତ୍ୱଟିଏ ହୋଇଥିଲେ ବି ତାକୁ ସରଳ ଉଦାହରଣ ମାଧ୍ୟମରେ ବୁଝାଇ ଦେବାର ଅପୂର୍ବ ସାମର୍ଥ୍ୟ ରହିଥିଲା ତାଙ୍କର। ଏଣୁ ଓଡ଼ିଶାରୁ ଅସୁମାରୀ ଚିଠିର ସୁଅ ଛୁଟେ ତାଙ୍କ ପାଖକୁ ଜୀବନ ଜିଜ୍ଞାସାର ପ୍ରସଙ୍ଗ ସବୁନେଇ। କିତା କିତାକି ସେ ସବୁର ଉତ୍ତର ଦେଉଥିଲେ କିନ୍ତୁ ଆଉ ଗୋଟିଏ କଥା ସେ ସମସ୍ତଙ୍କ ଚିଠିର ଉତ୍ତରରେ ଲେଖୁଥିଲେ – "ମା' ନାମ ନିରନ୍ତର ଜପ କର।" ନାମର ମହିମା ବିଷୟରେ ତ ବହୁ ଶାସ୍ତ୍ରରେ ଗୁରୁମାନେ କହିଛନ୍ତି। କିନ୍ତୁ ମା' ନାମର ମହିମା ବିଷୟରେ ଏତେ ଗୁରୁତ୍ୱ ଦେଇ ଆଜି ପର୍ଯ୍ୟନ୍ତ କେହି କହିନାହାନ୍ତି। ଓଡ଼ିଆମାନେ ଦୁଃଖ ଦୈନ୍ୟତାର ଯେଉଁ ଆବର୍ତ୍ତ ଭିତରେ ଘାଣ୍ଟି ହେଉଛନ୍ତି ତା ପଶ୍ଚାତ୍‌ରେ ତାମସିକତାର ଯେଉଁ ଯୁଗ ଯୁଗର ବଦ୍ଧପଲ୍ୱଳ ଜମାଟ ବାନ୍ଧି ରହିଛି ତାକୁ ବିଦୀର୍ଣ୍ଣ କରି ଏକ ନୂତନ ଆଲୋକର ସନ୍ଧାନ ପାଇବା ପାଇଁ ଏହା ଯେ ଏକ ଅବ୍ୟର୍ଥ ମନ୍ତ୍ର ଏବଂ ଅମୋଘ ଅସ୍ତ୍ର - ଏ ଜ୍ଞାନ ସେ ପ୍ରଥମେ ଦେଲେ ଓଡ଼ିସାବାସୀଙ୍କୁ। ମା' ନାମଜପର ଏକ କୌଶଳ ବି ସେ ଆମକୁ ଶିଖାଇଥିଲେ ତାଙ୍କ ଘରେ।

ଏକଦା ଏକ ଅପରାହ୍ନରେ ମୁଁ, କାଶୀଭାଇ ଓ ସଙ୍ଗୀତା ଅପା, ଆମେ ତିନିଜଣ ମହାରାଜଜୀଙ୍କ କୋଠରୀରେ ବସିଥାଉ। କିଭଳି ପ୍ରସଙ୍ଗଟି ଉତ୍ଥାପନ କରାଗଲା ମୋର ସଠିକ୍ ମନେ ନାହିଁ, ତେବେ ମହାରାଜଜୀ କେଉଁ ଏକ ବିଶେଷ କୃପାର ପ୍ରେରଣାରେ ଅନୁପ୍ରାଣିତ ହୋଇ କହିଥିଲେ ମା' ନାମ ଜପ ଏହିପରି କରିବାକୁ ହେବ, "କୌଣସି ସ୍ଥାନରେ ମେରୁଦଣ୍ଡ ସିଧାକରି ବସିବା ପରେ ଚାରିଆଙ୍ଗୁଳି ସାମ୍ନା ଆଡ଼କୁ ଆନତ ହୋଇ ଜପ କରିବାକୁ ହେବ। ମା' ମା' ଶବ୍ଦସବୁ ଶୀଘ୍ର ଶୀଘ୍ର ଉଚ୍ଚାରଣ କରିବାକୁ ହେବ। ଏହି ଶବ୍ଦସବୁ ହୃତ୍ କେନ୍ଦ୍ରରୁ ନିସୃତ ହୋଇଆସୁଥିବା ପରି ଅନୁଭବ କରିବାକୁ ପଡ଼ିବ। ଏକଥା ମଧ୍ୟ ଅନୁଭବ କରିବାକୁ ପଡ଼ିବ ଯେ ତାହା ଯେପରି ହୃତ୍‌କେନ୍ଦ୍ରରୁ ଛାତିର ପୃଷ୍ଠଭୂମି ପ୍ରତି ଲମ୍ବ ହୋଇ ବାହାରୁଛି। ସ୍ୱାଭାବିକ ଭାବରେ ଆମେ ଶବ୍ଦ ଉଚ୍ଚାରଣ କଲେ ତାହା କଣ୍ଠ ମଧ ଦେଇ ପାଟି ବାଟେ ବାହାରୁଥାଏ। କିନ୍ତୁ ମା' ନାମ ଜପକୁ ଆମେ ଏଭଳି ବିଶେଷ ଧାରାରେ କଲେ ଆମର ହୃତ୍‌କେନ୍ଦ୍ରରେ ଗଭୀର ଭାବରେ ଏକାଗ୍ର ହେବାକୁ ପଡ଼ିବ। ସେ କହିଥିଲେ ଏପରି ଭାବରେ ନାମ ଜପ ଶୀଘ୍ର ଶୀଘ୍ର କଲେ ଗୋଟାଏ ମୁହୂର୍ତ୍ତରେ ବି ଆମର ଚୈତ୍ୟକେନ୍ଦ୍ର ଖୋଲିଯାଇପାରେ। ଏହା କହି ସେ ପିନ୍ଧିଥିବା ତାଙ୍କର ଗଞ୍ଜି ବାହାର କଲେ ଏବଂ ଆମକୁ କହିଲେ ଦେଖ କିପରି କରିବାକୁ ହେବ। ସେ ମା' ମା' ନାମ ଶୀଘ୍ର ଶୀଘ୍ର ଜପ କରୁଥା'ନ୍ତି। ଏକା ନିଶ୍ୱାସକେ ସେ ଦୀର୍ଘ ସମୟ ପର୍ଯ୍ୟନ୍ତ ନାମଜପ କରୁଥିଲେ। ଯେତେବେଳେ ସେ ପ୍ରଶ୍ୱାସ ଗ୍ରହଣ କରୁଥିଲେ ତାଙ୍କର ଦୁଇ ପଞ୍ଜରାର ମିଳନସ୍ଥଳର କେନ୍ଦ୍ରରେ ଅଧଆଙ୍ଗୁଳିଏ ଭଳି ଛାତି ଭିତରକୁ ପଶି ଯାଉଥିଲା। ଏହାପରେ ସେ ଆମକୁ କିଛି ସମୟ ସେଠାରେ ମା'-ନାମ ଜପ କରିବାକୁ କହିଲେ। ଆମେ ସେପରି ଅଭ୍ୟାସ କରିଥିଲୁ। ମାତ୍ର କିଛି ସମୟ ପାଇଁ ମୋ ଭିତରେ ସେପରି ଅନନ୍ୟ

ଏକାଗ୍ର ହେବାର ସାମର୍ଥ୍ୟ ଆଜି ବି ସମ୍ଭବ ହୋଇନି। ତେବେ ଅନେକ ଘଡ଼ିସନ୍ଧି ମୁହୂର୍ତ୍ତରେ ନାମଜପ ଆଲୋକ ଦେଖାଇଛି।

ଆଉ ଥରକର କଥା। ୧୯୯୦ ମସିହା ଅଗଷ୍ଟ ଦର୍ଶନକୁ ଆମ୍ଭେମାନେ ପଣ୍ଡିଚେରୀ ଯାଇଥାଉ। ଏହି ବର୍ଷ ମଇ ମାସରେ ଇନ୍ଦ୍ରାବତୀକୁ ଶ୍ରୀଅରବିନ୍ଦଙ୍କର ପବିତ୍ର ଦେହାଂଶ ଆସିଥାଏ। ଏଥର ଯେତେବେଳେ ଦେହାଂଶ ଓଡ଼ିଶାକୁ ଆସିଥିଲା ସେତେବେଳେ ଆନ୍ଧ୍ରପ୍ରଦେଶରେ ଭୀଷଣ ଝଡ଼ବାତ୍ୟା ଚାଲିଥାଏ। ତଥାପି ବି ଇନ୍ଦ୍ରାବତୀରେ ପ୍ରଭୁଙ୍କର ଦେହାଂଶ ପ୍ରତିଷ୍ଠାରେ କୌଣସି ଅସୁବିଧା ହୋଇନି। ରେଲିକ୍ସ ପ୍ରତିଷ୍ଠା ପରେ ରାତିରେ ସଭାକାର୍ଯ୍ୟ ଓ ଖାଇବା ପିଇବା ଯେମିତି ସରିଛି ଅବାରିତ ବର୍ଷା ଲାଗିରହିଥିଲା ଦୁଇଦିନ ପର୍ଯ୍ୟନ୍ତ। ସେତେବେଳେ ମହାରାଜଜୀ ମୋତେ ଏ ବିଷୟରେ ଏକ ବିବରଣୀ ପଠାଇବାକୁ କହିଥିଲେ। ମୁଁ ତତ୍‌ପରେ ଏକ ବିବରଣୀ ଓ କିଛି ଫଟୋଗ୍ରାଫ୍ ମଧ ପଠାଇଥିଲି ତାଙ୍କ ପାଖକୁ। ସେତେବେଳେ ଦର୍ଶନ ସାରି ଘରକୁ ଫେରିବା ସମୟରେ ମହାରାଜଜୀଙ୍କୁ ଦେଖାକରି ମା'ଙ୍କର ଆଶୀର୍ବାଦ ପୁଷ୍ପ ପ୍ରସାଦ ନେଇ ଫେରୁଥିଲୁ। ସେଦିନ ତାଙ୍କ ପାଖକୁ ଯାଇଥାଉ ବିଦାୟ ମେଲାଣୀ ନେବାକୁ। ମୋ ଭିତରେ କିପରି ଏକ ଗଭୀର ଆତ୍ମୀୟ ଭାବ ଆସିଲା। ମୁଁ ମହାରାଜଜୀଙ୍କୁ କହିଲି, "ଆପଣ ଇନ୍ଦ୍ରାବତୀ କେବେ ଆସିନାହାନ୍ତି, ଥରେ ଇନ୍ଦ୍ରାବତୀ ଆସନ୍ତେନି।" ସେ ସଙ୍ଗେ ସଙ୍ଗେ ସଦ୍ୟ ସ୍ମୃତିରୁ କହିଲେ, "ମୁଁ ତ ଇନ୍ଦ୍ରାବତୀ ଯାଇଛି।"

"ଆପଣ ବାଲିମେଲା ପ୍ରୋଜେକ୍ଟ ଯାଇଛନ୍ତି, କିନ୍ତୁ ଇନ୍ଦ୍ରାବତୀ ଯାଇ ନାହାନ୍ତି। ଇନ୍ଦ୍ରାବତୀ ବାଲିମେଲା ଭଳି ଆଉ ଏକ ପ୍ରୋଜେକ୍ଟ" – ମୁଁ କହିଲି ବାବାଜି ମହାରାଜଙ୍କ ସ୍ମୃତିର କିଛି ସଂଶୋଧନ ଆଣିବା ପାଇଁ। ସେ ତାଙ୍କର ନିର୍ଭୁଲ ଉକ୍ତିକୁ ଆଉଥରେ ଦୋହରାଇ କହିଲେ, "ମୁଁ ଇନ୍ଦ୍ରାବତୀ ଯାଇଛି ନା ସେଠାରେ ଚାରିଦିନ ଥିଲି।" – କୌଣସି ମାନସିକ ହିସାବରେ ତ୍ରୁଟି ବିଚ୍ୟୁତି ନକରିଥିଲା ପରି ବେଶ୍ ସ୍ଥିର ନିଶ୍ଚଳ ଭାବରେ ସେ ଏକଥାଟି କହିଲେ। "ସେ ଯାଗାରେ ତମର ବହୁତ ସାପ ଅଛନ୍ତି"– ଏପରି କିଛି ପ୍ରାମାଣିକ ତଥ୍ୟ ଦେଇ ତାଙ୍କ ଉକ୍ତିର ସତ୍ୟତା ପ୍ରତି ସେ ସମର୍ଥନ ଜଣାଇଲେ। ମୁଁ ସଙ୍ଗେ ସଙ୍ଗେ ଭାବିଲି ପ୍ରକୃତରେ ଏଠାରେ ବହୁତ ନାଗସାପ ଅଛନ୍ତି। ସେମାନେ ବୁଲାବୁଲି କରୁଥିବାର ଆମେ ଦେଖିଛୁ। କିନ୍ତୁ ସେ ସାପମାନେ କାହାରି କେବେ କିଛି କ୍ଷତି କରିନାହାନ୍ତି। ମୁଁ ହଠାତ୍ ସଚେତନ ହୋଇ ଉଠିଲି। ଭାବିଲି ବାବାଜି ସିନା ସ୍ଥୂଳଭାବରେ ଇନ୍ଦ୍ରାବତୀ ଆସିନାହାନ୍ତି ହେଲେ ସେ ସୂକ୍ଷ୍ମ ଭାବରେ ଏଠାରେ ନିଶ୍ଚୟ ଚାରିଦିନ ଅତିବାହିତ କରିଛନ୍ତି। ସେଥର ପ୍ରଭୁଙ୍କର ଦେହାଂଶ ପ୍ରତିଷ୍ଠାରେ ଇନ୍ଦ୍ରାବତୀ ଛଡ଼ା ପ୍ରାୟ ସବୁସ୍ଥାନରେ କିଛିନା କିଛି ଅସୁବିଧା ହୋଇଛି, ଏପରିକି ପ୍ରତିଷ୍ଠା ହେବା ସମୟରେ ବହୁ ବିଳମ୍ବ ଘଟିଥିଲା। କିନ୍ତୁ ଇନ୍ଦ୍ରାବତୀରେ ସମସ୍ତ କାର୍ଯ୍ୟ ଠିକ୍ ସମୟରେ ସମ୍ପନ୍ନ ହୋଇଥିଲା ଖୁବ୍ କମ୍ ସଂଖ୍ୟକ କର୍ମୀ ଥାଇବି। ତେବେ ଏସବୁ କିପରି ସମ୍ଭବ ହେଉଥିଲା ବୋଲି ଭାବିଲି। ମୁଁ ସେଦିନ କୃତଜ୍ଞତାରେ ତାଙ୍କର ପାଦପଦ୍ମ ସ୍ପର୍ଶକରି ସମୟ ହୋଇ ଯାଇଥିବାରୁ ଫେରି ଆସିଥିଲି। ବାଟସାରା ଭାବୁଥିଲି ପ୍ରକୃତରେ ବାବାଜି ମହାରାଜଙ୍କର ଅବଦାନ କେତେ କିଏ ବା କଳନା କରିପାରିବ ? ସେ ପ୍ରକୃତରେ ମାତୃପରିବାରର ମୁରବୀ। ସେଦିନ ଥିଲେ ଆଜି ବି ଅଛନ୍ତି। ଆମମାନଙ୍କ ଠାରୁ ତାଙ୍କର ଚିନ୍ତା ବେଶୀ, ଦାୟିତ୍ୱ ବି ବେଶୀ। ସେ ଆମର ଦିଶାରୀ, ଅଗ୍ରଦୂତ। ସେ ଏକ ଅନିର୍ବାଣ ପ୍ରେରଣା।

❖ ❖ ❖

୪୭ ପୃଷ୍ଠାର ଅବଶିଷ୍ଟାଂଶ

କରିପାରନ୍ତି, କିନ୍ତୁ ପ୍ରକୃତ ଚେଷ୍ଟା ନିଜ ଚେତନା ଭିତରେହିଁ କରିବାକୁ ହେବ। ଆଧ୍ୟାତ୍ମିକ ମାର୍ଗର ଗୋଟିଏ ବଡ଼ ରହସ୍ୟ ହେଲା, ମଣିଷ ପାଖରେ କୌଣସି ଅଭିଯୋଗ କରିବେ ନାହିଁ। ଶ୍ରୀମା ସବୁ ଜାଣନ୍ତି। ତଥାପି ତାଙ୍କୁ ହିଁ ଜଣାଇବେ। ସେ ଜଣାଇବା ଭିତରେ ତାଙ୍କ ସହ ଘନିଷ୍ଠତା ବଢ଼ିବ। ଆପଣ ଆଗରୁ ବିପ୍ଳବୀ ଥିଲେ। ସଂଘର୍ଷ ପ୍ରତି ଆପଣଙ୍କର ଆକର୍ଷଣ ଥିବା ସ୍ୱାଭାବିକ। ବରଂ ଆସକ୍ତି ଥିବା ମନେରଖିବେ, ସଂଘର୍ଷ ନୁହେଁ, ସମନ୍ୱୟ ଓ ସଙ୍ଗତିହିଁ ଆଲୋକ ପ୍ରାପ୍ତ ଜୀବନର ଧ୍ୟେୟ ହେବା ଉଚିତ। ସେ ପାଇଁ ଆପଣ ଦୁଇଟି କଥା ମନେରଖିବେ; ଆପଣ ଯେଉଁ ଯୁକ୍ତି ବଳରେ କୌଣସି କଥା ଠିକ୍ ବୋଲି ବିଚାରୁଛନ୍ତି, ଅନ୍ୟଜଣେ ଠିକ୍ ସେହିଭଳି, ସେହି ମାତ୍ରାର ଯୁକ୍ତିବଳରେ ସେହି ଏକା କଥାକୁ ବେଠିକ ବୋଲି ବିଚାରୁ ଥାଇପାରେ। ଦ୍ୱିତୀୟ କଥା ହେଲା, ଯଦି ଜଣେ ସଚେତନ ଭାବରେ ଅନ୍ୟାୟ ବା ଅନୀତି କରୁଥିବ, ତେବେ ସାଧନା-ଜୀବନରେ ତା'ର ପ୍ରତଶେଧକ ସାମାଜିକ ଆଇନ୍‌କାନୁନ୍ ନୁହେଁ; ଲୋକଟିର କର୍ମ ହିଁ ତାକୁ ଠିକ୍ ସମୟରେ ଠିକଣା ଧକ୍କା ଦେଇ ହେଉ ବା ଯେଉଁ ରୀତିରେ ହେଉ, ଯାହା କରିବାର ତାହା କରିବ। ଆପଣ ବ୍ୟସ୍ତ ହେବା ଆବଶ୍ୟକ ନାହିଁ। ଯୁକ୍ତିର ଊର୍ଦ୍ଧ୍ୱରେ ଜ୍ଞାନ; ଜ୍ଞାନର ଊର୍ଦ୍ଧ୍ୱରେ ବିବେକ; ବିବେକର ଊର୍ଦ୍ଧ୍ୱରେ ଦିବ୍ୟଜ୍ଞାନ, ଦିବ୍ୟଜ୍ଞାନର ଊର୍ଦ୍ଧ୍ୱରେ ଦିବ୍ୟକୃପା। ଦିବ୍ୟକୃପା ଉପରେ ହିଁ ନିର୍ଭର କରିବେ।" ଏ ଉପଦେଶ ଓ ଆଦେଶ ସମସ୍ତଙ୍କ ପାଇଁ ମହାର୍ଘ। ଏ ଉପଦେଶ ପ୍ରତି ଆମକୁ ନିଜକୁ ଖୋଲି ଧରିବାକୁ ହେବ, ପରମଶ୍ରଦ୍ଧାରେ ନିଜ ଭିତରକୁ ନେଇ ସର୍ବାନ୍ତକରଣରେ ଜୀବନରେ ଅମୂଲ୍ୟ ରତ୍ନ ଭଳି ସାଇତି ରଖି, ଯଥାର୍ଥ ସମ୍ମାନ ଦେଇ ନିଜ ନିଜ ଜୀବନରେ ପ୍ରୟୋଗ କରିବାକୁ ହେବ।

❖ ❖ ❖

# ସେ ଥିଲେ ଦ୍ରଷ୍ଟା

## ପ୍ରଶାନ୍ତ କୁମାର ସ୍ୱାଇଁ

୧୯୮୪ ମସିହା ଅକ୍ଟୋବର ମାସ । ତାରିଖ ଠିକ୍ ମନେପଡୁନି । ମୁଁ ଯାଇଥାଏ ପଣ୍ଡିଚେରୀ, ଶ୍ରୀଅରବିନ୍ଦ ଆଶ୍ରମ । ଆଶ୍ରମର ସ୍ମୃତି ଅନନ୍ୟ । ଓଡ଼ିଆ ନିଳୟମ୍‌ର ପୁରୁଣା ଘର । ଅନ୍ୟାନ୍ୟ ବନ୍ଧୁମାନଙ୍କ ସହ ରହିଥାଏ ସେଠାରେ ।

ଦିନେ ସକାଳ ୮ଟା ସମୟରେ ଆମେ ବାହାରିଲୁ ବାବାଜି ମହାରାଜଙ୍କୁ ଦର୍ଶନ କରିବା ପାଇଁ । ମୁଁ ପ୍ରଥମଥର ପାଇଁ ଯାଇଥିଲି ଆଶ୍ରମ, କିନ୍ତୁ ସେଠାରେ ଯେଉଁ ବାଟରେ ଗଲୁ ଓ କେତେକ ସ୍ଥାନ ଓଡ଼ିଆ ନିଳୟମ୍, ଶ୍ରୀଅରବିନ୍ଦ ଆଶ୍ରମର ସେବାବୃକ୍ଷ ଓ କେତେକ ଘର, ସବୁ ଜଣାଶୁଣା ଭଳି ଲାଗିଲା । ସତେ ଯେପରି ମୁଁ ପୂର୍ବରୁ ସେଠାକୁ ଆସିଛି । କିନ୍ତୁ ଆଉ କେତେକ ଘର ମୋତେ ଲାଗିଲା ପୁରା ନୂଆ । ମୋତେ ସତେ ଯେପରି ସ୍ୱପ୍ନ ଦେଖିଲା ଭଳି ଲାଗୁଥାଏ । ଭିତରେ ଏକ କୌତୁହଳ ଭାବ ମୋତେ କାବୁ କରି ସାରିଥାଏ । ଆମ ପହଞ୍ଚିବାକ୍ଷଣି ବାବାଜିଙ୍କୁ ଘେରି ବସିଥିବା ଲୋକମାନେ ଉଠିଲେ ଓ ପ୍ରଣାମ କରିବାକୁ ଉଦ୍ୟତ ହୁଅନ୍ତେ, ବାବାଜି ସେମାନଙ୍କୁ ବାରଣ କଲେ ପ୍ରଣାମ କରିବା ପାଇଁ ।

ବାବାଜି ମୋ ଆଡ଼କୁ ଚାହିଁଲେ । କି ମନ୍ତ୍ରମୁଗ୍ଧ ହସ, କେଉଁଠୁ ଆସିଲ ? ଦୁଇଟି ପଦରେ ସେ ସତେ ଯେପରି ମୋତେ କିଣି ନେଲେ । ମୁହଁରେ ଦାଢ଼ି ଓ ନିଶ ଏକାକାର । ତାଙ୍କ ଆଖିର ଚାହାଣି ଆଉ କହିବାର ଶୈଳିରେ କ'ଣ ଥିଲା କେଜାଣି ମୋତେ ଗୋଟାପଣେ କିଣି ନେଲେ । ମୁଁ "କୋରାପୁଟରୁ" କହି ପ୍ରଣାମ କରିବାକୁ ଉଦ୍ୟତ ହେବା ସମୟରେ ସେ ଧରିଦେଲେ ମୋତେ । ପାଖରେ ଥିବା ଚେୟାରରେ ବସିବାକୁ ଇଙ୍ଗିତ ଦେଇ ପଚାରିଲେ ବାପା କ'ଣ କରନ୍ତି ? ପାଠଚକ୍ର କିପରି ଚାଲିଛି ? ଇତ୍ୟାଦି ପ୍ରଶ୍ନ ପଚାରୁଥାନ୍ତି । ମୁଁ ଉତ୍ତର ଦେବା ମଧ୍ୟରେ ଅନ୍ୟମାନଙ୍କ ସହ କଥାବାର୍ତ୍ତା ହୋଇ ସମସ୍ତଙ୍କୁ ଲଡୁଦେଲେ ଖାଇବାକୁ । କି ଅନାବିଳ ସ୍ନେହ ଆଉ ମମତାଭରା ପ୍ରଶ୍ନ ! ଆଜି ସେହି ମୁହୂର୍ତ୍ତଟି ଆଖି ଆଗରେ ନାଚି ଉଠୁଛି ହେଲେ ତାକୁ ଯଥାର୍ଥରେ ରୂପଦେବା ଭାରି କଷ୍ଟ ।

କିଛି ସମୟ ପରେ ପ୍ରପତ୍ତିଜୀ ଆସି ପହଞ୍ଚିଲେ । ମୁଁ ତାଙ୍କୁ ପ୍ରଣାମ କରିବାକୁ ଉଦ୍ୟତ ସମୟରେ ପଚାରିଲେ କେବେ ଆସିଲ ? "ଗତକାଲି" । ମୋ ଆଡ଼କୁ ଅନାଇ କହିଲେ, "ବାସୁଦେବ ସ୍ୱାଇଁ ଆସିବେ ବୋଲି ଆସି ପାରିଲେ ନାହିଁ କିନ୍ତୁ ତାଙ୍କ ନାତି ତ ଆସିଲେ । ମୁଁ କହିଲି, ସେ ତ ବହୁତ ଥର ବାହାରିଛନ୍ତି ହେଲେ, ଠିକ୍ ବାହାରିବା ସମୟରେ କ'ଣ ଅସୁବିଧା ହୁଏ ସେ ଆସିପାରନ୍ତିନି । ବାବାଜି ମହାରାଜ କହିଲେ, ଧୂଳୀଶ୍ୱରର ବାସୁଦେବ ବାବୁଙ୍କ କଥା କହୁଛ ? ପ୍ରପତ୍ତିଜୀ ହଁ ଭରିଲେ । "ସେତ ଆସିଛନ୍ତି" - କହିଲେ ବାବାଜି । ପ୍ରପତ୍ତିଜୀ ଓ ମୁଁ ଏକସ୍ୱରରେ କହିଲୁ, "ସେ ବହୁତ ଥର ବାହାରିଛନ୍ତି କିନ୍ତୁ ଆସି ପାରିନାହାନ୍ତି ।" ପୁନର୍ବାର ସେ କହିଲେ, ବାସୁଦେବ ବାବୁ ଆସିଛନ୍ତି ? ତାଙ୍କ କହିବାର ଏପରି ଦୃଢ଼ତା ଥିଲା ଯେ, ଆମେ ଦୁଇଜଣ ପରସ୍ପରକୁ ଚାହାଁଚାହିଁ ହେଲୁ, କିଛି କହିବାକୁ ସାହସ ହେଲାନି । ପ୍ରପତ୍ତିଜି ଖୁବ୍ ଧୀର ଭାବରେ କହିଲେ, "ତାଙ୍କର ତ ଟିକେଟ ହୋଇସାରିଥିଲା । ତାଙ୍କ ଦେହ ଅସୁସ୍ଥ ହେବାରୁ କଳପଡ଼ାର ଅନ୍ୟଜଣେ ତାଙ୍କ ଟିକେଟରେ ଆସିଲେ । ତାପରେ ତାଙ୍କର ଦେହାନ୍ତ ହୋଇଗଲା ।" ବାବାଜି ନିରବରେ ଧ୍ୟାନସ୍ଥ । ଆମ୍ଭେମାନେ ସମସ୍ତେ ଚୁପ୍ ରହିଲୁ । ସଙ୍ଗେ ସଙ୍ଗେ ସେ ଗୃହରେ ନିରବତା ରାଜତ୍ୱ କଲା । ମୁଁ ମୋ ଅଜାଣତରେ କେତେବେଳେ ଧ୍ୟାନସ୍ଥ ହୋଇଯାଇଛି ଜାଣେନି, ବାବାଜିଙ୍କ ଶବ୍ଦରେ ମୁଁ ପ୍ରକୃତିସ୍ଥ ହେଲି । କି ମନ୍ତ୍ରମୁଗ୍ଧ ପରିବେଶ ! କି ଶାନ୍ତି ! ବାବାଜି କହିଲେ, "ହଁ, ସେ ଦେହାନ୍ତ ପରେ ହିଁ ଆସିଥିଲେ । -ଦେହାନ୍ତ ପରେ ! "ହଁ ଦେହାନ୍ତ ପରେ ସେ ଆଶ୍ରମ ଆସିଥିଲେ ।" ଏହି କଥାରେ ମୁଁ ତଟସ୍ଥ ହୋଇ ରହିଲି । ପ୍ରପତ୍ତିଜୀ ବି ନିରବ ରହିଲେ । ମୋ ମୁହଁରେ ପ୍ରଶ୍ନବାଚୀ ଥିବାବେଳେ, ପ୍ରପତ୍ତିଜୀଙ୍କ ମୁଖରେ ପ୍ରସନ୍ନତା ଲକ୍ଷ୍ୟ କରି ନିରବ ରହିଲି ।

❖ ❖ ❖

ମୁଁ ଘରର ବଡ଼ପୁଅ । ବାପା, ମା ମୋତେ ବାହା କରାଇବା ପାଇଁ ବିଭିନ୍ନ ସ୍ଥାନରେ ଝିଅ ଠିକ୍ କରୁଥାନ୍ତି । ଇଛା ନଥାଇ ଘରର ଗୁରୁଜନଙ୍କ ଡରରେ ଝିଅ ଦେଖିବାକୁ ଯାଉଥାଏ । ସେମାନଙ୍କ ନାମ ଓ ପାଠପଢ଼ା ବିଷୟ ପଚାରିଦେଇ, ମା'ଙ୍କ ନିକଟରେ ପ୍ରାର୍ଥନା ଜଣାଏ, ସେ ଝିଅର ବିବାହ ଏକ ଭଲ ପ୍ରସ୍ତାବ ଦେଖି ହୋଇଯାଉ । ବାସ୍ତବରେ ତାହାହିଁ ଘଟୁଥିଲା, ମୁଁ ମନେ ମନେ ଆସ୍ୱସ୍ତ ହେଉଥିଲି । ଘରେ ମୋତେ ପ୍ରସ୍ତାବ ବିଷୟ ପଚାରିଲେ ମୁଁ କିଛି ଉତ୍ତର ନଦେଇ, ଗୁମ୍ ରହୁଥିଲି । କାରଣ ମୁଁ ଜାଣିପାରିଥାଏ, ମୁଁ ବିବାହ କଲେ ମରିଯିବି । ମୁଁ ତ ମରିବି, ଆଉ ସେ ଝିଅର ଅବସ୍ଥା ଯାହାହେବ । ବରଂ ବିବାହ ନକରିବା ଭଲ । ମୋର ସାନ ଭଉଣୀ କୁନି, ସେ ମୋତେ କହିଲା ତୁ ଯେଉଁଠି ଚାହିଁବୁ ସେଠାରେ ତୋର ବିଭାଘର କରାଯିବ । ତୁ କାହାକୁ ଯଦି ଭଲପାଉଛୁ କହ ? ମୁଁ ତା ଉପରେ ପାଟି କରୁଥିଲି ହେଲେ ସେ ନଛୋଡ଼ବନ୍ଧା । ମୁଁ ବା କିପରି ତାକୁ କହିବି ଯେ ମୁଁ ବିଭାହେଲେ, ମରିଯିବି । ଦିନେ ଭବନ ବାରଣ୍ଡାରେ ବସିଛି, ମନକୁ ଗୋଟିଏ ବୁଦ୍ଧିଯୁଟିଲା, ମୋ ଭିତରେ ଯାହାସବୁ ସୃଷ୍ଟି ହେଉଛି ସବୁ ବିଷୟ ଲେଖି ବାବାଜିଙ୍କୁ ଜଣାଇବି । ସେ ଯାହା କହିବେ, ତାହା କରିବି । ଚିଠି ଲେଖି ଜଣାଇଲି । ବାବାଜି ମହାରାଜଙ୍କଠାରୁ ଉତ୍ତର ଆସିଲା, ମା'ଙ୍କୁ ସବୁ ବିଷୟ ଜଣାଇ, ତାଙ୍କ ନାମ ମା, ମା, ନିରନ୍ତର ଜପ କରିବା ପାଇଁ ଓ ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ଯିବା ପାଇଁ । ସଙ୍ଗେ ସଙ୍ଗେ ଆଶ୍ରମ ଯିବା ସମ୍ଭବ ନୁହେଁ, ତଥାପି ଗୋଟିଏ ମାସ କି ଦୁଇମାସ ଭିତରେ ସବୁ ଠିକ୍ କରି ଆଶ୍ରମ ଗଲି ।

ଆଶ୍ରମରେ ପହଞ୍ଚିବା କ୍ଷଣି ସବୁକାମ ସାରି ବାବାଜିଙ୍କ ପାଖକୁ ଗଲି । ବାବାଜି ସେତେବେଳକୁ ନବଜ୍ୟୋତି କାର୍ଯ୍ୟାଳୟକୁ ଯାଇଥାନ୍ତି । ସେଠାରେ ତାଙ୍କୁ ଦେଖା କରିବାରୁ ତା ପରଦିନ ସକାଳୁ ଆସିବା ପାଇଁ କହିଲେ । କାରଣ ଆଶ୍ରମବାସୀମାନେ ସମସ୍ତେ ପ୍ରାୟ କର୍ମଯୋଗୀ, ସମୟାନୁବର୍ତ୍ତୀ, ଠିକ୍ ସମୟରେ ନ ପହଞ୍ଚିଲେ ଆପଣ ହୁଏତ ଦେଖା କରିପାରନ୍ତି କିନ୍ତୁ ଆପଣ ଉପଯୁକ୍ତ ସମୟ ନିର୍ଦ୍ଦିଷ୍ଟ ବିଷୟରେ ବିନିଯୋଗ କରିପାରିବେନି । ତେଣୁ ନିର୍ଦ୍ଦିଷ୍ଟ ସମୟର

ଅବ୍ୟବହିତ ପୂର୍ବରୁ ପହଞ୍ଚି ତାଙ୍କୁ ଦେଖାକଲି। ପଚାରିଲେ, "ପ୍ରଶାନ୍ତ ବାବୁ କୁହ।" ମୁଁ ମୋର ଅନୁଭୂତି ତଥା ଧାରଣା ବିଷୟ ସବୁ ଖୋଲି କହିଲି। ଘରେ ବିବାହ କରିବାକୁ ଯୋର ଦେଉଛନ୍ତି କିନ୍ତୁ ମୁଁ ବିବାହ କଲେ ନିଶ୍ଚୟ ମରିଯିବି। ସେ ପଚାରିଲେ କେବେଠାରୁ ତୁମେ ଏପରି ଅନୁଭବ କଲ? ମୁଁ ସବୁକଥା ଖୋଲାଖୋଲି ଭାବରେ ପ୍ରକାଶ କଲି। ସେ ଏହା ଶୁଣି ଗମ୍ଭୀର ହୋଇଗଲେ। ସେ ନିରବ ରହିଲେ। ମୁଁ ମଧ୍ୟ ନିରବ ରହିଲି। ଏହି ନିରବ ରହିବା ଏକ ଅନୁଭୂତି। ଏଥିପାଇଁ ନିଜକୁ ପ୍ରୟାସ କରିବାକୁ ପଡ଼େନି ବାବାଜିଙ୍କ ଉପସ୍ଥିତିରେ। ବାହାରେ ଅନ୍ୟ ସମୟରେ ନିଜ ତରଫରୁ ବାରମ୍ବାର ପ୍ରଚେଷ୍ଟା କରି ମଧ୍ୟ ସହଜରେ ଧ୍ୟାନ ଅବସ୍ଥାରେ ବସି ନହେଉଥିବା ଅବସ୍ଥାରେ ବାବାଜିଙ୍କ ଉପସ୍ଥିତିରେ ଏହା ଖୁବ୍ ସରଳ ଭାବରେ ଆପେ ଆପେ ହୋଇଯାଏ। ମନ ମଧ୍ୟରେ ଏକ ଶାନ୍ତି, ଆନନ୍ଦ ତଥା ପ୍ରଫୁଲ୍ଲ ଅବସ୍ଥା ଲାଭ ହୋଇଥାଏ। ଏହା ଅନ୍ୟମାନେ ମଧ୍ୟ ଅନୁଭବ କରିପାରିଥିବେ।

ବାବାଜି କହିଲେ, ଆଜିଠାରୁ ଏ ବିଷୟ ମନ ମଧ୍ୟରୁ ଦୂରେଇ ଦିଅ। ନିରନ୍ତର ମା' ଏହିନାମ ଜପ କର। ଆସନ୍ତାକାଲି ଟିକେ ଶୀଘ୍ର ଆସ। ମୁଁ ମୋ ଭିତର ଜିଜ୍ଞାସାର ଉତ୍ତର ନ ପାଇଲେ ବି ଏକ ଅହେତୁକ ଆନନ୍ଦରେ ପୁଲକିତ ହେଲି, ତା ଭାଷାରେ ପ୍ରକାଶ କରିହେବନି। ସେ ଏକ ଅନୁଭବ ଆଉ ଜୀବନରେ ଏକ ଅନନ୍ୟ ଅନୁଭୂତି।

ପରଦିନ ନିର୍ଦ୍ଦିଷ୍ଟ ସମୟରେ ପହଞ୍ଚିଲି। ଏଇ ଗୋଟିଏ ଦିନ କେବଳ ବାବାଜି ନିଜେ ଏକାକୀ ଥିଲେ। ବାରଣ୍ଡାରେ ଅନ୍ୟଜଣେ ବାବାଜିଙ୍କୁ ସହାୟତା କରିବା ପାଇଁ ଜଗି ବସିଥିଲେ। ବାବାଜି କ'ଣ ପଢୁଥିଲେ। ବୋଧେ 'ମା' ବହି। ମା' ବହି ତଳେ ଥିଲା ଏକ ହିନ୍ଦି ରାମାୟଣ। ମୁଁ ବଡ଼ ସନ୍ତର୍ପଣରେ ଘର ଭିତରେ ପ୍ରବେଶ କଲି ହୃଦୟରେ ଆନ୍ତରିକ କୃତଜ୍ଞତା ପୂର୍ଣ୍ଣ ପ୍ରଣାମ ଜଣାଇଲି। ସେ ମୋତେ ବସିବା ପାଇଁ ଠାରିଲେ। ମୁଁ ବସିଲି। ମୁଁ ମା' ମା' ଜପ କରି ବାବାଜିଙ୍କ ଆଡ଼କୁ ଚାହିଁଥାଏ। କେତେବେଳେ ମୋ ଆଖି ପଲକ ପଡ଼ିଛି ଜାଣେନା। ହଠାତ୍ ମୋ ଚକ୍ଷୁ ଉନ୍ମୋଚନ କରି ଦେଖେ, ବାବାଜି ସ୍ମିତହାସ୍ୟ ଭରା ଚାହାଣୀରେ କ'ଣ କହିବାକୁ ବସିଛନ୍ତି। ସତରେ କ'ଣ କହିଲେ, ମୁଁ ଶୋଇଯାଇଥିଲି ଶୁଣିପାରିଲିନି ବୋଧେ। ରାତି ପାହି ଆସୁଥାଏ। ବାହାରର ସାମାନ୍ୟ ଫର୍ଚ୍ଚା, ମୃଦୁ ସମୀରଣର ସ୍ପର୍ଶ ସମସ୍ତେ ମୋତେ ମିଶି କିଛି ଶୁଭ ବାର୍ତ୍ତା ଜଣାଉଥାନ୍ତି। ତୁମେ ବିବାହ କରିବ? ମୁଁ ନିରବ......। ଅପଲକ ନୟନରେ ଏକ ସ୍ୱପ୍ନିଳ ରାଜ୍ୟରେ ମୁଁ କି ଅବସ୍ଥାରେ ଥିଲି ତା ପ୍ରକାଶ କରିହେବନି। "ଦୁର୍ଘଟଣା ଘଟିବ, ମା'ଙ୍କ କୃପାରୁ ତୁମେ ଅଳ୍ପକେ ରକ୍ଷା ପାଇଯିବ। ବିବାହ କରିବ କର।" ମୁଁ ନିର୍ବାକ ହୋଇ ବାବାଜିଙ୍କ ମୁଖ ନିସୃତ ବାଣୀ ଶ୍ରବଣ କରୁଥିଲି। ମୋ ଭିତରେ ବୋଧେ ଅଶାନ୍ତ ପ୍ରାଣଟା ସଜାଗ ହୋଇଉଠିଲା, ବାବାଜି ମୋତେ ବରାଭୟ ଦେଇ କହୁଛନ୍ତି, ତାହେଲେ କିଛି ଅସୁବିଧା ନାହିଁ। ମା'ଙ୍କୁ ଓ ବାବାଜିଙ୍କୁ ପ୍ରଣାମ ଜଣାଇ ବିଦାୟ ମାଗି ଫେରିଲି ସମାଧି ନିକଟକୁ। ମନରେ ଆସୁଥାଏ ଘରେ ଏଥରକ ଖୁସି ହୋଇଯିବେ। ଘରକୁ ଫେରିବା ପରେ ମୋର ଆଉ କେଉଁଠିକି ଦେଖିବାକୁ ଯିବା ଦରକାର ନାହିଁ, ତୁମେ ଯେଉଁଠି ଠିକ୍ କରୁଛ କର ମୋର ଆପତ୍ତି ନାହିଁ। କେବଳ ଏତିକି ବୁଝିବ ସେ ଚାକିରି କରିବା ପାଇଁ ପ୍ରସ୍ତୁତ ଥିବେ। ପରିବାର ପାଇଁ ଆବଶ୍ୟକତା ଅଛି।

ମୁଁ ଆଉ ପୂର୍ବଭଳି ଝିଅ ଦେଖିବା ପାଇଁ ଯାଇ ନଥିଲି। ଘରେ ବିଭାଘର ଠିକ୍ କଲେ, ମୁଁ ସେଥିରେ ହଁ ଭରିଲି। ତଥାପି ମନ ଭିତରେ କିପରି ଗୋଟିଏ ଅସ୍ୱସ୍ତି ଅନୁଭବ କରୁଥିଲି। ଠାକୁର ଘରକୁ ଗୁଆ ଯିବା ଦିନ, ମୁଁ ହାତରେ ଗୋଟିଏ ନିମନ୍ତ୍ରଣ ଲାଲ ଅକ୍ଷରରେ ହଳଦୀ ଦେଇ ତାକୁ ଠାକୁର ଘରକୁ ନେଇ ଯାଉଥିବା ସମୟରେ ଗୋଟିଏ ସ୍କୁଟର ସହିତ ମୋର ଧକ୍କା ହେଲା। ମୋର ସାଇକେଲ ଛାଡ଼ି ମୁଁ ଗୋଟିଏ ଜାଗାରେ। ବାମହାତ ମଣିବନ୍ଧ ନିକଟରେ ଭାଙ୍ଗିଗଲା। ବାବାଜିଙ୍କ କଥା ମନେପଡ଼ିଲା- "ଅଳ୍ପକେ ରକ୍ଷା ପାଇଯିବ।" ବୋଧେ ବିପଦ କଟିଲା। ମୁଁ ଆସ୍ୱସ୍ତ ହେଲି। ସେହି ଭଙ୍ଗା ହାତରେ ବିବାହ କାର୍ଯ୍ୟ ସରିଲା। ଆଶ୍ରମକୁ ତଥା ବାବାଜି ମହାରାଜଙ୍କୁ ସବୁ ଜଣାଇଲି। ସେ ଲେଖିଲେ ସବୁବେଳେ ସତର୍କ ରହିବ, 'ମା' ଏହି ନାମ ନିରନ୍ତର ଜପ କରିବ, ତାଙ୍କ ଉପରେ ବିଶ୍ୱାସ ଓ ଭରସା ରଖି, ତାଙ୍କ ନିକଟରେ ସବୁ କଥା ଜଣାଇ କର୍ମ କରୁଥିବ।"

ବିବାହର ୭ମାସ ପରେ ଆମ୍ଭେମାନେ (ମୁଁ, ବାପା, ବୋଉ, ମୋସ୍ତ୍ରୀ ଓ ଆଉ ୫ଜଣ) ସମସ୍ତେ ପଣ୍ଡିଚେରୀ ବାହାରିଲୁ ଫେବୃୟାରୀ ୨୧ ଦର୍ଶନ ଦିବସ ନିମନ୍ତେ। ମାଡ୍ରାସରେ ପହଞ୍ଚିବାକୁ ୩ଟି ଷ୍ଟେସନ ବାକି ଅଛି ତିନିଜଣ ଶିକ୍ଷୟିତ୍ରୀ କହିଲେ ଭାଇ, ଆମ୍ଭେମାନେ ଏତେବାଟ ଆସିଛେ କୁଆଡ଼େ ନଗଲେ ପଣ୍ଡିଚେରୀରୁ ଫେରିବାବେଳେ ୨/୩ଦିନ ରହି କେତେକ ଦର୍ଶନୀୟ ସ୍ଥାନ ଦେଖି ଫେରିବା। ମୋତେ ଭାରି କଷ୍ଟ ଲାଗିଲା। ମୁଁ କହିଲି ସେଇଟା ସମ୍ଭବ ନୁହେଁ, କାରଣ ଆଶ୍ରମରୁ ଫେରିବା ପରେ କୁଆଡ଼େ ନବୁଲି ସିଧା ଘରକୁ ଫେରିବା କଥା। ସେମାନେ କହିଲେ ତାହେଲେ ଏବେ ମାଡ୍ରାସରେ ରହି ପରେ ଆଶ୍ରମ ଯିବା। ମୁଁ ସେଠାରେ କ'ଣ କହିବି? "ହାଟ ମଧ୍ୟରେ ବ୍ରହ୍ମଜ୍ଞାନ"। ଆଗରୁ ଜାଣିଥିଲେ, ଆମେ ଆମ ପ୍ରୋଗ୍ରାମ ମା'ଙ୍କୁ ଜଣାଇ ବାହାରି ପାରିଥାନ୍ତେ, ବାଟ ମଝିଟାରେ .... ଏସବୁ ଠିକ୍ ନୁହେଁ ବୋଲି ଜଣାଇ ମାଡ୍ରାସରେ ପହଞ୍ଚିବା ପରେ ଦେଖିବା କହିଲି।

ମା'ଙ୍କୁ ମନେମନେ ସ୍ମରଣ କରି ଏହି ପ୍ରୋଗ୍ରାମ ବିଷୟ ଜଣାଇଲି ଓ ମା, ମା ନିରନ୍ତର ଜପିବାକୁ ଆରମ୍ଭ କଲି। ମାଡ୍ରାସ ରେଲୱେ ପ୍ଲାଟଫର୍ମ ଭିତରୁ ବାହାରି ଜଣେ ପୋଲିସ କର୍ମଚାରୀ ସାଙ୍ଗରେ କଥାବାର୍ତ୍ତା କରି ଫେରୁଛି ମୋ ପାଖରେ କିଏ ଯେପରି କହିଲା, ଯଦି ତୁମେ ରାତିରେ ରହିବ, ତୁମ ମଧ୍ୟରୁ ତୁମେ ଜଣଙ୍କୁ ହରାଇବାକୁ ପଡ଼ିବ। ମୁଁ ହଠାତ୍ ଚମକି ପଡ଼ିଲି। ଦେଖିଲି କେହି ନାହାନ୍ତି ତଥାପି ସେଇ ସ୍ୱର ଆଉ କିଛି ସମୟ ପରେ ଆଉ ଥରେ ପୁନଃ ଶୁଣାଗଲା। କୌଣସି ଲୋକର ଏସ୍ୱର ନଥିଲା, ଏ ଏକ ଅନ୍ୟ ପ୍ରକାରର ସ୍ୱର। କ'ଣ କରିବି କିଛି ବୁଝି ପାରିଲିନି। ଏକଥା ସେମାନଙ୍କୁ କହି ହେବନି, କାରଣ ସେମାନେ ଭାବିବେ ମୁଁ ମନା କରିଥିଲି- କ'ଣ ପ୍ଲାନ୍ କରିଛି। ମୋତେ କିଛି ବୁଦ୍ଧିବାଟ ଦେଖାଗଲାନି। ମୁଣ୍ଡରୁ ଗମ୍ ଗମ୍ ହୋଇ ଝାଳ ବାହାରି ପଡ଼ିଲା। କାନ ପାଖ ଭାଁ ଭାଁ ଡାକିଲା। ଗାଡ଼ି ଦୁଇଟା ଭଡ଼ା କରି ଦିନ ୧୧ଟା ରୁ ସନ୍ଧ୍ୟା ପର୍ଯ୍ୟନ୍ତ ସ୍ନେକ୍ ପାର୍କ, ଲାଇଟ ହାଉସ, ମେରିନା ବିଚ୍ ଇତ୍ୟାଦି ବିଭିନ୍ନ ସ୍ଥାନ ବୁଲି ପଣ୍ଡିଚେରୀ ବସରେ ସନ୍ଧ୍ୟାବେଳକୁ ବସିଲୁ। ପଣ୍ଡିଚେରୀରେ ପହଞ୍ଚିଲା ବେଳକୁ ରାତ୍ର ୧ଟା ୨୦ ମିନିଟ୍ ସେଠାରେ ଯାହାସବୁ ଘଟିଲା ସେ ଆଉ ଏକ କାହାଣୀ ହେବ। ମା'ଙ୍କ କୃପାରୁ ଠିକ୍ ସ୍ଥାନରେ ପହଞ୍ଚିଲୁ ଆମେ।

ସକାଳ ହେଲା, ଶାନ୍ତ କମନୀୟ ନିରବତା ଭାଙ୍ଗିବା ପୂର୍ବରୁ ଆମ୍ଭେ

ଶ୍ରୀଅରବିନ୍ଦଙ୍କ ସମାଧି ଦର୍ଶନ କରି ଫେରିଲୁଣି ସମୁଦ୍ର ଆଡ଼େ। ସେଠାରୁ ବାବାଜିଙ୍କ ନିକଟକୁ ଯାଇ ପୂର୍ବଦିନର ସମସ୍ତ ଅନୁଭୂତି ବାବାଜିଙ୍କୁ ଜଣାଇଲି - ବାବାଜି କହିଲେ, ଠିକ୍ ସମୟରେ ଠିକ୍ ବିଚାର କରିଛନ୍ତି, ରହିବା ଠିକ୍ ହୋଇ ନଥାନ୍ତା। "କେବେ ପର୍ଯ୍ୟନ୍ତ ରହିବ ଆଶ୍ରମରେ ?" ପଚାରିଲେ ବାବାଜି ମହାରାଜ। "୨୯ ତାରିଖ ପର୍ଯ୍ୟନ୍ତ" - ମୁଁ ଉତ୍ତର ଦେଲି।

ମା'ଙ୍କ ପୁଷ୍ପ ପ୍ରସାଦଟିଏ ଦେଇ ଗମ୍ଭୀର ଭାବରେ କହିଲେ, "ଓଡ଼ିଶା ଫେରିବା ପୂର୍ବରୁ ମୋତେ ନିଶ୍ଚୟ ଦେଖା କରିଯିବ।" ମୁଁ ପ୍ରଣାମ କରି ଫେରିବା ବେଳକୁ ପୁନର୍ବାର କହିଲେ, ମନେରହିଲା - ଯିବା ପୂର୍ବରୁ ମୋତେ ଦେଖାକରି ଯିବ।

ମୁଁ କିଛି ବୁଝି ପାରିଲି ନାହିଁ। କିନ୍ତୁ ତାଙ୍କ କହିବାର ଗୁରୁତ୍ୱକୁ ଅନୁଭବ କରି ୨୯ ତାରିଖ ଦିନ ଅପରାହ୍ନ ୨ଟାରେ ତାଙ୍କ ଗୃହରେ ଭେଟିଲି। ମୁଁ ଗଲା ପରେ ହଠାତ୍ ସେ ନିରବ ରହିଲେ। କିଛି ସମୟ ପରେ ମୋତେ କହିଲେ, "୩/୪ ଦିନ ରହିଯାଅ, ଯିବା ପୂର୍ବରୁ ମୋତେ ଦେଖାକରି ଯିବ।" ସେଠାରେ ମୁଁ ହଁ ଭରି ଫେରିଲି। ତାଙ୍କ କହିବାନୁସାରେ ଠିକ୍ ପୂର୍ବଦିନ ବାବାଜିଙ୍କୁ ଜଣାଇବାକୁ ଗଲି। ପୂର୍ବଭଳି ଆଉ ଦୁଇଦିନ ରହିଯିବା ପାଇଁ କହିଲେ ଓ ଯିବା ପୂର୍ବରୁ ଦେଖା କରିବାକୁ କହିଲେ। ମୁଁ ଆଶ୍ଚର୍ଯ୍ୟ ହେଲି। ବାବାଜି ହସିକି କହିଲେ, ଆଶ୍ରମ ଭଲ ଲାଗୁନାହିଁ ? ମୁଁ କହିଲି, ଅନ୍ୟମାନେ ସମସ୍ତେ ଫେରିଗଲେଣି, କେବଳ ଆମ ପରିବାର ଅଛୁ। ଭଲ କଥା- ଆଉ ଦୁଇଦିନ ରୁହ। ଏହିଭଳି ୩/୪ଥର ବାବାଜିଙ୍କୁ ଭେଟ କରିଛି। ବାବାଜି ପୂର୍ବଭଳି ୨ଦିନ ରହିବା ପାଇଁ କହନ୍ତି। ବୋଉ ଘରେ ଏକା, ସାନ ପୁଅ ଓ ଝିଅ (ମୋର ସାନ ଭାଇ, ଭଉଣୀ) ରହିଥିବାରୁ ଭାରି ବ୍ୟସ୍ତ ହେଉଥାଏ ଫେରିବା ପାଇଁ। ସେ କହିଲେ ବାବାଜି ମହାରାଜତ ଖାଲି ଦୁଇଦିନ ପାଇଁ ରହିବାକୁ କହୁଛନ୍ତି କେତେଦିନ ହେବ, ପଚାରିଲେ କିଛି କହୁନାହାନ୍ତି, କେବଳ ଆଉ ଦୁଇଦିନ ରହିଯାଅ... ତାହେଲେ ସମାଧିରେ ମା'ଙ୍କୁ ଜଣାଇ ଗଲେ ଅସୁବିଧା କିଛି ନାହିଁ। ଆଜି ସମାଧିରେ କହିଦେ, କାଲି ନିଶ୍ଚୟ ଯିବା। ମୋ ଭିତରେ ଅନିଚ୍ଛା ସତ୍ତ୍ୱେ, ବୋଉର ବ୍ୟସ୍ତତା ଦେଖି ମୋ ବାହ୍ୟ ମନ ସେଥିରେ ଭଳିଗଲା, ମୁଁ ସେଇଆ କଲି। ବାବାଜିଙ୍କୁ ନଜଣାଇ ସମାଧିରେ ପ୍ରଣାମ କରି 'ମୁଁ ଯାଉଛି ଆମ ପରିବାର ସହିତ' ଜଣାଇ ଫେରିଲି।

ତାପରେ ମାର୍ଚ୍ଚ ମାସ ୧୮ ୧୯୯୨ ମସିହା, ବୁଧବାର। ମୋ ପାଇଁ ଏହା ଏକ ଦୁଃର୍ଭାଗ୍ୟପୂର୍ଣ୍ଣ ଦିବସ, ଏକ ସାଙ୍ଘାତିକ ଦୁର୍ଘଟଣା ଘଟିଗଲା। ଜିପ ସହି ଧକ୍‌କା ହୋଇ ମୁଁ ମୋର ବାମଗୋଡ଼ ହରାଇଲି। ବିଶାଖାପଟନମ୍ ହସ୍‌ପିଟାଲରେ ମୋର ଗୋଡ଼ ଆଣ୍ଠୁ ଉପରକୁ କଟା ହୋଇସାରିବା ପରେ ମନେପଡ଼ିଲା - ବାବାଜିଙ୍କର ସେହି ମୃଦୁ ହସଭରା ମୁହଁ ଆଉ ସେହି ଗମ୍ଭୀରଭରା ଉକ୍ତି, ଫେରିବାବେଳେ ମୋତେ ଦେଖାକରି ଯିବ। ୨ଦିନ ରହିଯାଅ- ଆଉ ଦୁଇଦିନ ରହିଯାଅ।

ବାସ୍ତବରେ ସେ ଦେଖୁଥିଲେ ଭବିଷ୍ୟତକୁ। ସବୁ ଜାଣି ପାରୁଥିଲେ। ସୂକ୍ଷ୍ମ ଶରୀରକୁ ଦେଖିବା ତାଙ୍କ ପକ୍ଷରେ ସମ୍ଭବ ଥିଲା। ଆଗାମୀକାଲିକୁ ଦେଖିବା ମଧ୍ୟ ତାଙ୍କୁ ଜଣାଥିଲା। ବାସ୍ତବରେ ସେ ଥିଲେ ଯଥାର୍ଥରେ ଯୋଗୀ, ଏକ ମହାନ ଆତ୍ମା, ମହାନ ସାଧକ, ଭବିଷ୍ୟତ ଦ୍ରଷ୍ଟା।

❖ ❖ ❖

ଆଉ ଜଣେ ବ୍ୟକ୍ତି କ'ଣ କରୁଛି ବା ନ କରୁଛି, ସେହି ସମ୍ପର୍କରେ କଥା ପକାଇ ଆଲୋଚନା କରିବା ଏକ ଭୁଲ୍ କଥା।

ଏଭଳି ଗପଗୁଡ଼ାକ ପାଇଁ କାନ ଦେବା ଏକ ଭୁଲ୍ କଥା।

ଏସବୁ ଗପ ପଛରେ ପ୍ରକୃତରେ କେତେଦୂର ସତ୍ୟ ରହିଛି, ତାହାର ପ୍ରମାଣ ସଂଗ୍ରହ କରି ଦେଖିବାକୁ ଇଚ୍ଛା କରିବା ଏକ ଭୁଲ୍ କଥା।

କୌଣସି ମିଛ କଥୋପକଥନର ପ୍ରତିଶୋଧ ନେବା ମଧ୍ୟ ଭୁଲ୍ କଥା।

ନିଜର ସମୟ ନଷ୍ଟ କରିବା ଏବଂ ଚେତନାର ଏକ ସ୍ଖଳନ ଘଟାଇବା ଦିଗରେ ଏହି ସମଗ୍ର ଘଟଣାଟିକୁ ପ୍ରକୃତରେ ଏକ ଅତ୍ୟନ୍ତ ଖରାପ ଉପାୟ ବୋଲି କୁହାଯିବ।

— ଶ୍ରୀମା

# ବାବାଜିମହାରାଜଙ୍କ ଦିବ୍ୟ ଦୃଷ୍ଟିର ଏକ ଝଲକ

## ସୁରେଶ ଚନ୍ଦ୍ର ଦେ

ସର୍ବଜନ ପ୍ରିୟ ଓ ଚିର ବନ୍ଦନୀୟ ବାବାଜି ମହାରାଜ ଅନେକ ଅକିଞ୍ଚନ ଭକ୍ତ ଏବଂ ମାତୃକୃପାପ୍ରାର୍ଥୀଙ୍କୁ ନିଜର ଅସାମାନ୍ୟ ସ୍ନେହ ଓ ଉଦାରତାର ଜ୍ୟୋତିସ୍ମାନ ବଳୟ ଭିତରକୁ ଟାଣିନେଇ ଉପଦେଶ ପ୍ରଦାନ କରୁଥିଲେ। ଗୋଟିଏ ଘଟଣାର ଉଦାହରଣ ମୋର ମନେ ପଡ଼ିଯାଉଛି। ୧୯୯୩-୯୪ ମସିହାରେ ଅରୋଭିଲ-ଫାଉଣ୍ଡେସନ୍‌ର ସେକ୍ରେଟେରୀ ପଦରେ ଅବସ୍ଥାପିତ ହେବାର ଗୋଟିଏ ସମ୍ଭାବନା ଦେଖାଗଲା। ମୋର ଅନେକ ଆଗ୍ରହ ଥିଲେ ସୁଦ୍ଧା ବିଭିନ୍ନ ପ୍ରକାର ବାଧାବିଘ୍ନ ଚାରିଆଡୁ ମାଡ଼ି ଆସିଲା। ପ୍ରଥମତଃ ମୁଁ ଥିଲି ଓଡ଼ିଶା ଆଇ.ପି.ଏ.ଏସ୍ ଅଫିସର୍; ଅଥଚ କେନ୍ଦ୍ରସରକାର ଚାହୁଁଥିଲେ ଜଣେ ଆଇ.ଏ.ଏସ୍ ଅଫିସରଙ୍କୁ ନିଯୁକ୍ତି ଦେବାଲାଗି। ଜଣେ ମହିଳା ଆଇ.ଏ.ଏସ୍ ଅଫିସର ଅନେକ ଚେଷ୍ଟାକରି ଅଗ୍ରସର ହେଉଥାନ୍ତି ଏବଂ ସେ ପ୍ରାୟ ଧରି ନେଇଥିଲେ ଯେ ତାଙ୍କୁ ହିଁ ନିଯୁକ୍ତି ଦିଆଯିବ। ତାଛଡ଼ା ଅନ୍ୟ କେତେକ ଅଫିସର୍‌ମାନେ ମଧ୍ୟ ତଦବିର୍ ଚଳାଉଥାନ୍ତି। ମୁଁ ଥିଲି ତଦ୍‌ବିର ବିଦ୍ୟାରେ ଅନଭିଜ୍ଞ ଓ ଅପାରଗ। ଶ୍ରୀମା'ଙ୍କ ଶ୍ରୀପାଦପଦ୍ମରେ ପ୍ରାର୍ଥନା ନିବେଦନ କରି ମୁଁ ପୂଜ୍ୟ ବାବାଜି ମହାରାଜଙ୍କୁ ଚିଠିଟିଏ ଲେଖିଲି। ତାଙ୍କର ଅତୁଳନୀୟ ଢ଼ଙ୍ଗରେ ଲେଖିଥିବା ଚିଠି ଖଣ୍ଡିକ ଅବିଳମ୍ବେ ପାଇଲି। 'ମା' ନାମ ନିରନ୍ତର ଜପ କରିବାର ଉପଦେଶ ସହିତ ସେ ଲେଖିଥିଲେ... "ଆପଣ ଅରୋଭିଲ ଆସିଲେ ବହୁତ ଭଲ ହେବ।" ଏହାପରେ ଦୀନ-ଦୟାଳୁ ବାବାଜି ଏକାଧିକ ବାର ସେହି ମର୍ମରେ ଚିଠି ସହିତ ଶ୍ରୀମା'ଙ୍କ ଆଶୀର୍ବାଦ ପଠାଇଥିଲେ। କିଛିଦିନ ଅତିକ୍ରାନ୍ତ ହେବା ପରେ ମୋର ଅରୋଭିଲରେ ପୋଷ୍ଟିଂ ଚୂଡ଼ାନ୍ତ ହୋଇଗଲା; ଏହା ଶ୍ରୀମା'ଙ୍କ ଅସୀମ କୃପା ଏବଂ ବାବାଜି ମହାରାଜଙ୍କ ମହାନୁଭବତା ଯୋଗୁଁ ସମ୍ଭବ ହୋଇପାରିଲା ବୋଲି ମୋର ଗଭୀର ବିଶ୍ୱାସ। ତଥାପି ମୁଁ ବୁଝିପାରୁ ନଥାଏ ବାବାଜି ମହାରାଜ କାହିଁକି ଲେଖିଲେ ମୋର ଅରୋଭିଲ୍‌ରେ ଅବସ୍ଥାପିତ ହେବାଦ୍ୱାରା (କି ପ୍ରକାର) "ବହୁତ ଭଲ ହେବ" !

ଚାକିରୀ କ୍ଷେତ୍ରରେ ବିଚିତ୍ର ପ୍ରକାର ଘାତ-ପ୍ରତିଘାତ ଆସୁଥିବାର ଅନୁଭୂତିକୁ ଗୁରୁତ୍ୱ ନ ଦେଇ ମୁଁ କ୍ରମଶଃ ବୁଝି ପାରିଲି ଯେ ଜଗନ୍ମାତା ତାଙ୍କର ଏକ ମହତ୍ ଉଦ୍ଦେଶ୍ୟକୁ ରୂପ ଦେବା ପାଇଁ ତୃପ୍ତି (ମୋ ସ୍ତ୍ରୀ), ମୋତେ ଏବଂ କତିପୟ 'ଅରୋଭିଲିଆନ୍' କର୍ମୀଙ୍କୁ ଏହି କାର୍ଯ୍ୟରେ ବ୍ରତୀ କରାଇଥିଲେ। ଆମେ ବାବାଜି ମହାରାଜଙ୍କର ଆଧ୍ୟାତ୍ମିକ ପ୍ରେରଣା ଅନୁଭବ କରିବାକୁ ଲାଗିଲୁ।... ଏବଂ ତାଙ୍କଦ୍ୱାରା ପ୍ରବର୍ତ୍ତିତ 'ସାବିତ୍ରୀ ପାଠଚକ୍ର' ଆରମ୍ଭ କରିବାର ସୁଯୋଗ ପାଇଲୁ। 'ପାଠଚକ୍ର' ଏବଂ 'ସତ୍‌ସଙ୍ଗ' ଶବ୍ଦାଦି ଶୁଣିବାମାତ୍ରେ କେତେକ ବିଶିଷ୍ଟ, ଅଭିଜ୍ଞ ଓ ନାମ୍‌ଜାଦା 'ଅରୋଭିଲିଆନ୍' (ଅରୋଭିଲ 'ଉଷାନଗରରୀ'ର ଖୋଦ୍ ସଦସ୍ୟ) ନାସିକା କୁଞ୍ଚନ କରୁଥାନ୍ତି। କ୍ରମଶଃ ଭାରତୀୟ ତଥା ବିଦେଶରୁ ଆସିଥିବା 'ଅରୋଭିଲିଆନ୍'ଙ୍କ ଆଗ୍ରହ ବଢ଼ିବାକୁ ଲାଗିଲା। ବିଶେଷତଃ, ଆମେ ଯେତେବେଳେ ପରିବେଷ୍ଟିତ ମୁକ୍ତାକାଶ ତଳେ (ଶାନ୍ତିନିକେତନ ଢଙ୍ଗରେ) ପାଠଚକ୍ରଟିକୁ ନିୟମିତଭାବରେ ଓ ନିଷ୍ଠାର ସହିତ ଆୟୋଜନ କରୁଥିଲୁ, ସେତେବେଳେ ଅନେକ ଦେଖଣାହାରି ଆଗନ୍ତୁକ ଧୀରେ ଧୀରେ ସାବିତ୍ରୀ-ଅଧ୍ୟୟନ ପାଇଁ ମନ ବଳାଇଲେ ଏବଂ ସଦସ୍ୟ ହେବାକୁ ଲାଗିଲେ।

ଏହାପରେ ଯେତେବେଳେ 'ସାବିତ୍ରୀ-ଭବନ' ନିର୍ମାଣ କରିବା ପାଇଁ ଆମେ ସମସ୍ତେ ରଙ୍ଗୀନ୍ ସ୍ୱପ୍ନବତ୍ ଚିନ୍ତା ଓ କଳ୍ପନା କରିବାକୁ ଲାଗିଲୁ, ସେତେବେଳେ ସେହି ଦିବ୍ୟ ପରିକଳ୍ପନା ଉପରେ (କେତେକ ସ୍ଥାନୀୟ ଅରୋଭିଲିଆନ୍ ଏବଂ) କତିପୟ ବିଦେଶୀ ଅରୋଭିଲ୍-ଇଣ୍ଟରନେସନ୍ୟାଲ୍-ସେଣ୍ଟର ତରଫରୁ ଘୋର-ଆପତ୍ତି ସୂଚକ ବୋମା ବର୍ଷଣ ହେବାକୁ ଲାଗିଲା। ସେମାନଙ୍କର ଆପତ୍ତିର ମୂଳକଥା ହେଲା... 'ସାବିତ୍ରୀ-ଭବନ' ନାମରେ ଭାରତୀୟମାନେ ଅରୋଭିଲ୍‌ରେ ଏକ ଧର୍ମାନୁଷ୍ଠାନ ଗଢ଼ିବାକୁ ଉଦ୍ୟମ କରୁଛନ୍ତି। ସେମାନଙ୍କର ପ୍ରଧାନ ଯୁକ୍ତି ଥିଲା, ଶ୍ରୀମା ଅରୋଭିଲ୍‌ରେ ସର୍ବପ୍ରକାର ଧର୍ମ-ମୂଳକ ଆଚରଣ ନିଷେଧ କରିଛନ୍ତି। କିନ୍ତୁ 'ସାବିତ୍ରୀ' ମହାକାବ୍ୟ କେଉଁ ଧର୍ମରେ ସୀମାବଦ୍ଧ ? ଏହି ପ୍ରଶ୍ନର ଉତ୍ତର ସେମାନେ କେହିହେଲେ ଦେଇ ପାରିଲେ ନାହିଁ। ଧୀରେ ଧୀରେ ଏହି ଧରଣର ଉଦ୍ଭଟ ଚିନ୍ତାଧାରା ଏବଂ ଅନ୍ୟାନ୍ୟ କେତେକ ପ୍ରଶାସନିକ ବାଧାବିଘ୍ନ (ବିଶେଷତଃ, ଇଣ୍ଟରନେସନ୍ୟାଲ୍ ଜୋନ୍‌ରେ ସାବିତ୍ରୀ-ଭବନକୁ ପ୍ରତିଷ୍ଠିତ କରିବାର ପ୍ରସ୍ତାବକୁ କିପରି ଓ କାହିଁକି ଅନୁମତି ଦିଆଯିବ ?) ତଥା କିଛି ବ୍ୟକ୍ତିବିଶେଷଙ୍କ ଅସହଯୋଗ ମନୋବୃତ୍ତି ଆଦି ଅପସୃତ ହୋଇଗଲା। ଅପାର କରୁଣାମୟୀ ଦିବ୍ୟଜନନୀଙ୍କ ଆଶୀର୍ବାଦ ଲାଭ କରି ସ୍ୱୟମ୍ଭୂ- ସଦାଶିବ (ଶ୍ରୀରାମକୃଷ୍ଣ ପରମହଂସଙ୍କ ଭାଷାରେ... 'ପାତାଲ୍-ଫୌଡ଼ା ଶିବଠାକୁର')ଙ୍କ ସଦୃଶ ନବଜନ୍ମ ହେଲା 'ସାବିତ୍ରୀ-ଭବନ'ର ଯାହା ଏକ ଦିବ୍ୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ କେନ୍ଦ୍ର।... ଏହାର ଅନ୍ତରାଳରେ ଥିବା ଏକ ଅତ୍ୟାଶ୍ଚର୍ଯ୍ୟ 'Miracle' ଆତ୍ମପ୍ରକାଶିତ ହେଲା ... ଅରୋଭିଲ୍ ଜନ୍ମହେବା (୨୮.୨.୧୯୬୮) ଦିନଠାରୁ ... ଏପରିକି ଅରୋଭିଲ ସମ୍ବନ୍ଧୀୟ Master Plan ଆଦି କୌଣସି ସରକାରୀ କାଗଜପତ୍ରରେ କେଉଁଠାରେ ହେଲେ 'ସାବିତ୍ରୀ-ଭବନ'ର ନାମଗନ୍ଧ ସୁଦ୍ଧା ନ ଥିଲା। କିନ୍ତୁ ଅତି ଆନନ୍ଦର କଥା, ୧୯୯୫ ମସିହାରେ ସାବିତ୍ରୀ-ଭବନର ମୂଳଭିତ୍ତି ସ୍ଥାପନ କରିଥିଲେ ଶ୍ରୀମା'ଙ୍କ ସୁଯୋଗ୍ୟ ସନ୍ତାନ ଓ ବିଶିଷ୍ଟ ସାଧକ ଡକ୍ଟର ନୀରୋଦବରଣ। ଏହାପରେ ବର୍ତ୍ତମାନ, ସାବିତ୍ରୀ-ଭବନର ମହିମା ସାରା ପୃଥିବୀରେ ପରିବ୍ୟାପ୍ତ ଓ ଦେଦୀପ୍ୟମାନ୍। ବାବାଜି ମହାରାଜଙ୍କ ଦିବ୍ୟଦୃଷ୍ଟି ସତରେ ଅତୁଳନୀୟ। ତାଙ୍କରି ପ୍ରେରଣା ଏବଂ ସଦିଚ୍ଛା ଏବଂ ସର୍ବୋପରି ଶ୍ରୀମା ଜଗନ୍ମାତାଙ୍କ ପ୍ରେମଭରା ଶୁଭାଶୀଷ ବଳରେ ଆମେ ଦୁଇଜଣ, ଶ୍ରଦ୍ଧାବାନ୍ (ବ୍ରିଟିଶ୍), ହେଲ୍‌ମୁଟ (ଜର୍ମାନ), ମାର୍ଟିନ୍ (ଜର୍ମାନ୍), ନାର୍ଗିଶ୍ (ଭାରତୀୟ), ଲକ୍ଷ୍ମୀନାରାୟଣ (ଭାରତୀୟ), ମହେନ୍ଦ୍ର ଭାଇ (ଭାରତୀୟ), ନାରାୟଣ ଭାଇ (ଭାରତୀୟ), ଡକ୍ଟର ଜେ.ପି.ସିଂହ (ଭାରତୀୟ) ବରଦରାଜନ୍ (ଭାରତୀୟ), ଶ୍ରୀନିବାସ ମୂର୍ତ୍ତି (ଅରୋଭିଲ୍ ଫାଉଣ୍ଡେସନ୍‌ର ଅଫିସର) ଏବଂ ଆହୁରି କେତେକ ବିଶିଷ୍ଟ ସାଧକ କର୍ମୀଙ୍କ ସହ ହାତମିଳାଇ, ଏକ ଭକ୍ତିପୂତ ସଂଗୋଷ୍ଠୀ ରଚନା କରି, ପ୍ରାଥମିକ ସ୍ତର ଓ ପର୍ଯ୍ୟାୟରେ 'ସାବିତ୍ରୀ-ଭବନ'ର ନିର୍ମାଣ ଏବଂ ସାବିତ୍ରୀ-ଧ୍ୟାନ ଓ ଅଧ୍ୟୟନ କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରିବାର ସୁଯୋଗ ପାଇଥିଲୁଁ। ସେଥିପାଇଁ ଆମେ ମା'ଙ୍କ ଶ୍ରୀପାଦପଦ୍ମରେ ଏବଂ ବାବାଜି ମହାରାଜଙ୍କ ଶ୍ରୀଚରଣରେ ଚିରକୃତଜ୍ଞ।

❖ ❖ ❖

# ସ୍ୱପ୍ନ ସତ୍ୟ ହେଲା

ଡ: ବସନ୍ତ ମଞ୍ଜରୀ ନନ୍ଦ

ପରମ ପୂଜାସ୍ପଦ ବାବାଜି ମହାରାଜଙ୍କ ଘର ଜଗତ୍‌ସିଂହପୁର ଜିଲ୍ଲା କୃଷ୍ଣଦାସପୁର ପଞ୍ଚାୟତ ରାଏରପୁର ଗାଁ ଅଟେ। ତାଙ୍କ ବିଷୟରେ ପିଲାଦିନରୁ ମୋର ଅଜାଙ୍କଠାରୁ ଶୁଣିଥିଲି, ହେଲେ ତାଙ୍କୁ ନିକଟରେ ଅନୁଭବ କରିନଥିଲି। ଆଜି ମୋର ଅନୁଭବରୁ କିଛି ତାଙ୍କ ବିଷୟରେ ଲେଖିବାକୁ ଗଲାବେଳେ ମା'ଙ୍କ କୃପା ଓ ବାବାଜି ମହାରାଜଙ୍କ ଆଶୀର୍ବାଦ ଭିକ୍ଷା କରୁଛି। ମହାରାଜଙ୍କୁ ପ୍ରକୃତରେ ମୋର ଅଜାଙ୍କ ଭଳି ମୁଁ ଅନୁଭବ କରିଛି। ସବୁକଥା ତାଙ୍କୁ ଯେତେବେଳେ ପଚାରେ, ମଜ୍ଜାକରି ପଚାରେ। ସେ ମଧ୍ୟ ଅନୁରୂପ ସବୁକଥାରେ ହସିହସି ଉତ୍ତର ଦିଅନ୍ତି "ଚଷାପଡ଼ାରେ ନନ୍ଦଘର ସମସ୍ତ ସଦସ୍ୟଙ୍କୁ ତୁମେ ବିଶ୍ୱାସ କରିବନାହିଁ"। "ମୋ କଥା ଯଦି ତୁମକୁ ଭଲ ଲାଗୁଛି ଗ୍ରହଣ କର ନଚେତ ଗ୍ରହଣ ନକରିପାର।" ମୁଁ ତାଙ୍କୁ ପଚାରିଲି ଆପଣ କୁହନ୍ତୁ କ'ଣ କରିବି ? ସେ କହିଲେ ତୁମ ଭିତରେ ଯାହା ଯାହା ଅବିଶ୍ୱାସ ଆସୁଛି ତାହା ମୋତେ ପଚାର, ଯାହା ମୁଁ ଉତ୍ତର ଦେବି ତାହା ଗ୍ରହଣଯୋଗ୍ୟ କି ନୁହେଁ ତାହା ନିଜ ଭିତରେ ଗ୍ରହଣ କରିବାକୁ ମା'ଙ୍କୁ ନିରନ୍ତର ଜପ କର। ମୁଁ ତୁମ ଘର ପାଖ ଲୋକ ନିଜଲୋକ ଠାରୁ ଅଧିକ। ମୁଁ ଚଷାପଡ଼ାର ଲୋକମାନଙ୍କୁ ଓ ତୁମ ଜେଜେବାପା ସମସ୍ତଙ୍କୁ ବହୁତ ଭଲପାଏ। ଏଣୁ ତୁମ ଜୀବନର ଉନ୍ନତି କିପରି ହେବ ତାହା ମୁଁ ନିଶ୍ଚୟ ଜଣାଇଦେବି।

ମୁଁ ଗୋଟିଏ ସ୍ୱପ୍ନ ଦେଖିଥିଲି ସେହି ସ୍ୱପ୍ନ ବିଷୟରେ ଆପଣଙ୍କୁ କହିବି ଆପଣ ମୋ କଥା ଶୁଣିବେ ଆଦୌ ହସିବେ ନାହିଁ କି ମୋତେ ଖରାପ ଭାବିବେ ନାହିଁ। ମହାରାଜା କହିଲେ କୁହ। ମୋତେ ତୁମ କଥା ଶୁଣିବାକୁ ଭାରି ଭଲ ଲାଗୁଛି। ଛୋଟପିଲା ବୋଲି ତୁମକୁ ମୁଁ ଛୋଟ ଭାବୁନାହିଁ। ତୁମେ ମା'ଙ୍କ ସନ୍ତାନ ମୁଁ ମଧ୍ୟ ସେ ମା' କରୁଣାମୟୀଙ୍କ ସନ୍ତାନ। ମହାରାଜ! ମୁଁ ଦିନେ ରାତି ୩ଟାରେ ସ୍ୱପ୍ନ ଦେଖିଲି ଆପଣ ଆମ ଘରକୁ ଯାଇଛନ୍ତି, ଆମ ଘରେ ପହଞ୍ଚିବା ମାତ୍ରେ ମୋ ବୋଉ ମାଳତୀ ନନ୍ଦ, ଭଉଣୀ ଶାନ୍ତି-ଝରଣା, ଭାଇ ବଗୁଲା ସମସ୍ତେ ଆପଣଙ୍କ ହାତଧରି ନେଇଗଲେ ଓ ଆପଣଙ୍କୁ ଦହି ଚିନି ପାଣି ଦେଲେ ପିଇବାକୁ। ଆପଣ ଖୁସିରେ ବସି ଦହି ଚିନିପାଣି ପିଇଲେ। ମୋତେ ଡାକିଲେ, ମୁଁ ଆପଣଙ୍କୁ ପ୍ରଣାମ କରି ଆପଣଙ୍କ ପାଖରେ ବସିଲି। ବୋଉ ଆପଣଙ୍କୁ ଝିଅମାନଙ୍କର ବିଭାଘର କିପରି ହେବ ସେ ବିଷୟରେ ପଚାରୁଥାଏ। ଏହି ସମୟରେ ମୋ ଜେଜେ କହିଲେ, 'ସେ ନିଜେ ତ ସଂସାର ନକରି ବାବାଜି ହେଲା ତାକୁ ପଚାରିବା କି ଦରକାର', ଏକଥା ଶୁଣି ଆପଣ ହସିଲେ। ହଠାତ୍ ମୋର ନିଦ ଭାଙ୍ଗିଗଲା ଆପଣ ନାହାନ୍ତି। ମୁଁ ପଚାରିଲି, ମହାରାଜ ଏହା କ'ଣ ଦିନେ ସତରେ ପରିଣତ ହେବକି ? ମହାରାଜ କହିଲେ ତୁମର ଚେତନା ସଚେତନ ହେଲେ ସେ ସବୁ ନିଶ୍ଚୟ ସତରେ ପରିଣତ ହେବ। ଘନ ମଉସା (ଆପଣଙ୍କ ଭଣଜା) ଥରେ ଆମ ଘରକୁ ଆସି କହିଲେ, "ବସନ୍ତ! ମୁଁ ଦିନେ ସ୍ୱପ୍ନ ଦେଖିଲି ବାବାଜି ମହାରାଜ ଓ (ମାମୁଁ) ଶ୍ରୀ ଗଦାଧର ମିଶ୍ର ତୁମ ଘରକୁ ବୁଲି ଆସିଛନ୍ତି। ମୁଁ ଆସି ଡାକିଲି ସେ ଆମ ଘରକୁ ଆଦୌ ଗଲେ ନାହିଁ।" ମହାରାଜ ମୁରୁକି ହସି ଶୁଣୁଥାନ୍ତି। କିଛି କହିଲେ ନାହିଁ। ମୋତେ ପଚାରିଲେ ତା'ପରେ କ'ଣ ଭାବିଲ କୁହ, ମୁଁ କହିଲି ସତରେ ଥରେ ଆପଣ ଆମ ଘରକୁ ଗଲେ ମୁଁ ଆପଣଙ୍କୁ ଦହି ଚିନି ପାଣି ଦିଅନ୍ତି ମୋ ସ୍ୱପ୍ନଟି ଠିକ୍ ହୋଇଯା'ନ୍ତା। ମହାରାଜଜୀ ହସି କହିଲେ ଠିକ୍ ଅଛି ସତରେ ମୁଁ ଦିନେ ତୁମ ଘରକୁ ଯିବି। ତୁମ ଅଜା, ଭାଇ, ଭଉଣୀ ସମସ୍ତଙ୍କ ପାଖରେ ବସିବି। ଦହିଚିନି ପାଣି ପିଇବି।

ତୁମର ଗାଈ ଅଛି। ମୁଁ ପିଲାଦିନରୁ ଗାଈଙ୍କୁ ଭାରି ଭଲପାଏ। ତାଙ୍କ ପ୍ରତି ଭାରି ସ୍ନେହ ଥାଏ। ପିଲାଦିନେ ଖରାବେଳେ ସମସ୍ତେ ଶୋଇଲେ ମୁଁ ଘାସ ଆଣି ଗାଈକୁ ଖାଇବାକୁ ଦିଏ। ଭାବେ ସେ କ୍ଷୀର ଦେଲେ ମୁଁ ପିଇବି। ମୁଁ ନିର୍ଭୀକ ଭାବେ ପଚାରିଲି ଆପଣ ମାଛ ଖାଆନ୍ତି, ମହାରାଜଜୀ କହିଲେ, "ମୁଁ ପିଲାଦିନରୁ ଆଦୌ ଖାଇ ନାହିଁ।" ମୁଁ ପଚାରିଲି, "ମହାରାଜଜୀ, ସତରେ ଆପଣ ଆମ ଘରକୁ ଯିବେକି ?" ସେ କହିଲେ, ହଁ ମୁଁ ତୁମ ଘରକୁ ନିଶ୍ଚୟ ଯିବି ଓ କାଳୀ ଗାଈର କ୍ଷୀରରେ ଦହି ପିଇବି।" ମୋତେ ମହାରାଜଜୀଙ୍କ କଥା ଥଟ୍ଟାଭଳି ଲାଗିଲା। ମୁଁ କହିଲି ଆପଣଙ୍କୁ ଯେଉଁଦିନଠାରୁ ସ୍ୱପ୍ନରେ ଦେଖିଲି ଦହିପାଣି ଦେବାକଥା ସେହିଦିନଠାରୁ ଆମ ପାଠଚକ୍ରକୁ ଯେଉଁ ମାତୃପ୍ରେମୀ ଭାଇ ଓ ଭଉଣୀମାନେ ଆସନ୍ତି ତାଙ୍କୁ ମୁଁ ଦହିପାଣି ପିଇବାକୁ ଦେଉଛି। ମହାରାଜଜୀ କହିଲେ ବହୁତ ଭଲ ହେଲା। ସବୁ ମାତୃପ୍ରେମୀ ଭାଇଭଉଣୀଙ୍କୁ ସ୍ନେହଶ୍ରଦ୍ଧା କରିବ। ଏହିପରି ଛ'ମାସ ବିତିଗଲା। ଥରେ ଜଗତ୍‌ସିଂହପୁର (ରଘୁ ମଉସା) ଆସି କହିଲେ, "ମହାରାଜଜୀ କଟକ ଆସିଛନ୍ତି"। ଏହା ଶୁଣି ମୁଁ ବହୁତ ଖୁସି ହେଲି ମୋ ଭଉଣୀ ଶାନ୍ତି-ଝରଣା ଓ ଗ୍ରାମର କେତେକ ଭଉଣୀ ସତ୍ୟଭାମା, ବସନ୍ତ ଲେଙ୍କା, ଶକୁନ୍ତଳା, ଟୁନି ସମସ୍ତଙ୍କୁ ନେଇ କଟକ ମାତୃଭବନ ଗଲୁ। ସମାଧିରେ ପ୍ରଣାମ କରି ଫେରିଲା ବେଳକୁ ମାମୁଁ (ଗଦାଧର ମିଶ୍ର)ଙ୍କୁ ଦେଖାକରି କହିଲି ବାବାଜି ମହାରାଜଙ୍କୁ ଦେଖାକରିବାକୁ। ସେ କହିଲେ ତାଙ୍କ ଦେହ ଭଲ ନାହିଁ। ତାଙ୍କ ପାଖରେ ପ୍ରପତ୍ତି (କାଙ୍ଗାଳୀ ଚରଣ ପତି) ଅଛନ୍ତି। ସେ ଉତ୍ସବ ବାବୁଙ୍କ ଘରେ ଖାଇସାରି ବିଶ୍ରାମ ନେଉଛନ୍ତି। ତାଙ୍କୁ ଆଦୌ ଦେଖାକରନାହିଁ। କାଲି ସେ ଚଷାପଡ଼ା, ରାଏରପୁର, ଜଗତ୍‌ସିଂହପୁର ଯିବେ ସେଠାରେ ଦେଖା କରିବ ବର୍ତ୍ତମାନ ତୁମେ ଘରକୁ ଯାଅ। ଏହାଶୁଣି ମୋର ମନ ଦୁଃଖ ହେଲା ଓ ମୋର ଭଉଣୀ ଝରଣା, ଶାନ୍ତି କହିଲେ ବାବାଜିଙ୍କୁ ଆମେ ନିଶ୍ଚିତ ଦେଖା କରିବା। ଏବେ ଚାଲ, ଆମେ ଉତ୍ସବ ସାମନ୍ତରାୟଙ୍କ ଘରକୁ ଯିବା। ଆମେ ସମସ୍ତେ ଉତ୍ସବ ସାମନ୍ତରାୟଙ୍କ ଘରକୁ ଗଲୁ। ବାବାଜି ମହାରାଜଙ୍କୁ କିପରି ଦେଖା କରିବୁ ବାଟରେ ଜପ କରୁଥାଉ। ହଠାତ୍ ଯାଇ ଆମେ ତାଙ୍କ ଘରେ ପହଞ୍ଚିବା ମାତ୍ରେ ଶଶି ଅପା ଦେଖାହେଲେ ଓ କହିଲେ, ବର୍ତ୍ତମାନ ବାବାଜି ବିଶ୍ରାମରେ ଅଛନ୍ତି,

ପ୍ରପତ୍ତି ମନାକରିଛନ୍ତି, କାହାକୁ ସାକ୍ଷାତ୍ କରିବାକୁ ଛାଡ଼ିବନାହିଁ। ଏଣୁ ତୁମେ ଯାଅ କାଲି ବାବାଜିଙ୍କୁ ଦେଖା କରିବ, ତୁମ ଗାଁରେ। ସେ ୪ଟାରେ ଉଠିବେ, ବର୍ତ୍ତମାନ ଆଦୌ ତାଙ୍କୁ ଦେଖାକରି ହେବନାହିଁ।

ବାବାଜିଙ୍କର ଗୋଟିଏ କଥା ମୋର ମନେପଡ଼ିଲା। ନାମଜପ ଫଳ ସାଙ୍ଗେ ସାଙ୍ଗେ ମିଳେ। ଏଣୁ ମୁଁ ବସିଲି, ବାବାଜିଙ୍କୁ ଜପ କଲି। ସେତେବେଳେ ୨ଟା ବାଜିଥାଏ। ହଠାତ୍ ବାବାଜି ଉଠି କବାଟ ଖୋଲିଲେ। ଶଶିଅପା କହିଲେ, ବାବାଜି ହଠାତ୍ କାହିଁକି ଉଠିଲେ ? ମୋର ମଧ୍ୟ ଅନୁଭୂତି ଆସିଲା, ପ୍ରକୃତ ନାମ ଜପୁଥାଏ ଯିଏ, ନାମି ତା'ର ପାଶେ ଥାଏ। ସବୁ ଭଉଣୀ ଓ ମୁଁ ବହୁତ ଖୁସୀ ହେଲୁ। ମହାରାଜଜୀ ସତରେ, ଯେପରି ଆମକୁ ଦେଖାକରିବାକୁ ଉଠିଲେ। ଶଶୀ ଅପାଙ୍କୁ ପଚାରିଲେ କିଏ ଆସିଛନ୍ତି ? ଶଶୀ ଅପା କହିଲେ, ଚଷାପଡ଼ାର ଛୋଟ ଛୋଟ ଝିଅପିଲା ସାତ ଜଣ ଆସିଛନ୍ତି। ତାଙ୍କୁ ମୁଁ ମନା କରିଛି। ସେମାନେ କାଲି ଆପଣଙ୍କୁ ଦେଖା କରିବେ। ଆପଣ ବିଶ୍ରାମ ନିଅନ୍ତୁ। ମହାରାଜଜୀ ସିଧା ଆମ ପାଖକୁ ଆସିଲେ। କହିଲେ ଆସ ତୁମେମାନେ କେତେ କଷ୍ଟ କରି ପଇସା ଖର୍ଚ୍ଚ କରି ଆସିଛ, ମୁଁ ବିଶ୍ରାମ ପରେ ନେବି। ତାଙ୍କ ବିଶ୍ରାମ ଘରକୁ ଆମ ସମସ୍ତଙ୍କୁ ଡାକିଲେ। କହିଲେ ବସ। ଏହା ଦେଖି ପ୍ରପତ୍ତି ମହାଶୟ ଆମ ଉପରେ ବିରକ୍ତ ହେଲେ। କହିଲେ ତୁମେ ଯାଅ, ସେ ବିଶ୍ରାମ ନେବେ, ତାଙ୍କ ଦେହ ଭଲ ନାହିଁ। ଆମେ ସମସ୍ତେ ଆଦୌ ମହାରାଜଜୀଙ୍କ ପାଖରୁ ଉଠିଲୁ ନାହିଁ, ବସି ରହିଲୁ। ସେ ପଚାରିଲେ କାହିଁକି ପରିଶ୍ରମ କରି ଆସିଲ ? ମୁଁ ଚଷାପଡ଼ା ଯିବି। ମୁଁ ମହାରାଜଜୀଙ୍କୁ କହିଲି, ଆପଣ ଯିବେ ଚଷାପଡ଼ା। ଆମ ଘରକୁ ଯିବେ, କହିବାକୁ ଅସିଛି। ମହାରାଜଜୀ କହିଲେ ମୋର ଇଚ୍ଛା ଅଛି ତୁମ ଘରକୁ ଯିବାକୁ। ମୋ ଦେହରକ୍ଷୀ ହେଲେ ପ୍ରପତ୍ତି ଓ ଗଦାଧର। ଏମାନେ ମୋତେ ଛାଡ଼ିବେ ନାହିଁ। ମୁଁ କହିଲି ଆପଣ ତାଙ୍କ କଥା କୁହନ୍ତୁ ନାହିଁ, ଆପଣ ଯିବେକି ନାହିଁ କୁହନ୍ତୁ, ମୁଁ ଫେରିଯିବି। ମହାରାଜଜୀ କିଛି ସମୟ ଭାବିଲେ, ନିରବ ରହିଲେ। କହିଲେ, ତୁମେ ଗୋଟେ କାମ କରିବ। ମୁଁ ତୁମକୁ ବାଟ ଦେଖାଇଦେବି। ମୁଁ କହିଲି ଯଦି ଆପଣ ଆମ ଘରକୁ ଯିବେ, ତେବେ ଆପଣ ଯାହା କହିବେ ମାନିବି। ମହାରାଜଜୀ ହସି କହିଲେ, କାହାକୁ କହିବ ନାହିଁ। ବିଶେଷ କରି ଗଦାଧର ଓ ପ୍ରପତ୍ତି ଏ ଦୁଇଜଣଙ୍କ କଥା ଆଦୌ ଶୁଣିବ ନାହିଁ। ସେ ଦୁଇଜଣ ତାଙ୍କ ଶରୀର କଥା ଭୁଲିଯାଇ ମୋ ଶରୀର ପ୍ରତି ବହୁତ ଯତ୍ନ ନେଉଛନ୍ତି। ଏଣୁ ତୁମେ ପାଠଚକ୍ରରେ ସଭାକାର୍ଯ୍ୟ ଶୀଘ୍ର ଶେଷ କରିଦେବ। ମୋ ପାଖେ ପାଖେ ରହିବ। ମୋ ହାତଟାକୁ ଆସି ଧରିବ। ତୁମେ ଯୋରକରି ଟାଣି ତୁମ ଘର ଆଡ଼କୁ ନେଇଯିବ, ମୁଁ ଯିବି। କାହାରି କଥା ଶୁଣିବ ନାହିଁ। ତୁମେ ଘରକୁ ଯାଅ। ମୁଁ ଯାହା କହିଲି ତାହା କରିବ। ଏଠାରେ କାହାକୁ କିଛି ଜଣାଇବ ନାହିଁ। ଏ କଥା ଶୁଣି ବହୁତ ଖୁସିରେ ଫେରିଲୁ।

ଚଷାପଡ଼ାକୁ ପରଦିନ ଆସିଲେ ଠିକ୍ ଦିନ ୧୦ଟାରେ। ମୋର ଇଚ୍ଛାଥାଏ କିପରି ମହାରାଜଙ୍କ ହାତଧରି ଘରକୁ ନେବି। ସଭା ଶେଷ ହେବା କ୍ଷଣି ମହାରାଜଜୀଙ୍କ ପାଖରେ ପହଞ୍ଚିଲି, ହାତଧରି ପକାଇଲି। ଏହି ସମୟରେ ପ୍ରପତ୍ତି ମହାଶୟ ମନାକରୁଥାନ୍ତି। ବେଳ ହେଲାଣି ଚାଲନ୍ତୁ। ମୁଁ କିନ୍ତୁ ତାଙ୍କ ହାତ ଧରି ଆମ ଘରକୁ ଆଣିଲି। ମହାରାଜଜୀ ଆମ ଘରକୁ ଆସିଲେ। ତାଙ୍କ କହିବା ଅନୁସାରେ ଦହି ଦେଲି ପିଇବାକୁ। ସେ ଆମ ଘରେ ୨୦ ମିନିଟ୍ ବସିଲେ। ବିରୋଧି ଶକ୍ତିକୁ କେବେ ଭୟ କରିବ ନାହିଁ। ମା'ଙ୍କୁ ଅତି ଶ୍ରଦ୍ଧାରେ ଜପ କର। ଦେଖିଲ ମା'ଙ୍କ କୃପାରୁ ତୁମ ସ୍ୱପ୍ନ ଆଜି ସତ୍ୟ ହେଲା କି ନାହିଁ? ମୋ ଆଖିରୁ ଆନନ୍ଦରେ ଅଶ୍ରୁ ବୋହିଯାଉଥାଏ। ଆମ ପରିବାର ସମସ୍ତେ ଭଲରେ ରହିବା ପାଇଁ ମା'ଙ୍କୁ ପ୍ରାର୍ଥନା କଲେ। ସମସ୍ତେ ବସି ପରିବାର ଏକ ସମୟରେ ଧ୍ୟାନ ପ୍ରାର୍ଥନା କରିବାକୁ ପରାମର୍ଶ ଦେଲେ। ଏଣେ ପ୍ରପତ୍ତି, ମାମୁଁ ବହୁ ବିରକ୍ତ ହେଉଥାନ୍ତି। ନିଜେ ମହାରାଜ କହିଲେ, ମୁଁ ଆସୁଛି। ତୁମେ ସମସ୍ତେ ମା'ଙ୍କୁ ନିରନ୍ତର ଜପ କର, ସବୁ ଠିକ୍ ହେବ। ସେହି ଦିନ ଠାରୁ ଆମେ ସବୁ ଭଉଣୀ ମା'ଙ୍କୁ ଭୁଲି ନାହୁଁ। ତାଙ୍କ ପାଖରେ ନିଜକୁ ସମର୍ପଣ କରିଛୁ। ମା'ଙ୍କ କୃପାରୁ ମହାରାଜଙ୍କ ଆଶୀର୍ବାଦରୁ ଆମେ ସମସ୍ତେ ଭଲରେ ଅଛୁ। ଶେଷରେ ଏହି ଅମର ଆତ୍ମା ବାବାଜି ମହାରାଜଙ୍କ ନିକଟରେ ଆଶୀର୍ବାଦ ଭିକ୍ଷାକରି ରହିଲି।

❖ ❖ ❖

ଅଜ୍ଞାନତା ବଶରେ ଯେତେବେଳେ ଜଣେ ଅନ୍ୟମାନଙ୍କ ନିନ୍ଦା କରିବାକୁ ଯାଉଛି, ସେତେବେଳେ ସେ ନିଜ ଚେତନାରେ ଏକ ଅଧୋପତନ ଘଟାଉଛି ଏବଂ ଆତ୍ମାକୁ ଅଧଃପତିତ କରୁଛି।

ଜଣେ ଶିଷ୍ୟ ନିମନ୍ତେ ଯଥାର୍ଥ ମନୋଭାବ ହେଲା, କେବଳ ଏକ ସମ୍ମାନସମ୍ପନ୍ନ ବିନମ୍ର ନୀରବତା ।

**–ଶ୍ରୀମା**

# ଦିଗ୍‌ଦର୍ଶନ ବାବାଜି ମହାରାଜ

**ଭୋଳେଶ୍ୱର ଭୂୟାଁ**

ପ୍ରଥମ ଥର ପାଇଁ ୧୯୬୮ ମସିହାରେ ଯେତେବେଳେ ମୁଁ ଆଶ୍ରମକୁ ଆସିଲି ସେତେବେଳେ ନବଜ୍ୟୋତି କଥା ଜାଣି ନ ଥିଲି । ଆଶ୍ରମର କୌଣସି ବିଭାଗ ମୁଁ ଦେଖି ନ ଥିଲି । କେବଳ ମା'ଙ୍କ ଦର୍ଶନ ଓ ଫେରନ୍ତ । ଫେରିଯାଇ ମୋର ଅସଲ ସାଧନା ଆରମ୍ଭ ହେଲା । ଆଶ୍ରମରେ ରହି ପୂର୍ଣ୍ଣାଙ୍ଗ ଯୋଗ କରିବାର ପ୍ରସ୍ତୁତି କାମ ମୋ ଭିତରେ ଚାଲିଲା । ଅନୁଭୂତି କଥା ମା'ଙ୍କୁ ପତ୍ର ଦ୍ୱାରା ଜଣାଇଲି । ମାତ୍ର ଉତ୍ତର ପାଇଲି ନବଜ୍ୟୋତି ମ୍ୟାନେଜରଙ୍କଠାରୁ । ଏହିପରି ଚିଠିର ଆଦାନପ୍ରଦାନ ପରେ ଆଶ୍ରମରୁ ପାଉଥିବା ଚିଠିରେ ନବଜ୍ୟୋତି ମ୍ୟାନେଜର ବଦଳରେ 'ପ୍ରପତ୍ତି' ନାମକୁ ମଧ୍ୟ ଜାଣିଲି । ଏହିପରି ଭାବରେ ନବଜ୍ୟୋତିର ଉପସ୍ଥିତି ଓ ପ୍ରପତ୍ତିଙ୍କୁ ଜାଣିଲି । କିନ୍ତୁ ସେ ପର୍ଯ୍ୟନ୍ତ ବାବାଜି ମହାରାଜଙ୍କୁ ଜାଣି ନ ଥାଏ । ପ୍ରପତ୍ତି ଚିଠିରେ ଲେଖିଲେ "ତୁମର ଅନ୍ତର ବିକାଶ ହୋଇଛି । ତୁମେ ଆଶ୍ରମରେ ରହିପାରିବ । କିନ୍ତୁ ତା' ପୂର୍ବରୁ ଥରେ ଆଶ୍ରମକୁ ଆସି ଦେଖିଯାଅ ।'' ପତିବାବୁଙ୍କ ନିର୍ଦ୍ଦେଶରେ ବର୍ଷକ ଭିତରେ ପୁଣି ଥରେ ଦର୍ଶନକୁ ଆସିବାକୁ ହେଲା । ଓଡ଼ିଆ ନିଳୟମ୍‌ରେ ରହୁଥିଲି । ତିନି ଚାରି ଦିନ ପରେ ପତିବାବୁ ପଚାରିଲେ, "ତୁମେ ବାବାଜି ମହାରାଜଙ୍କୁ ଦେଖା କରିଛ ? ତାଙ୍କୁ ଯାଇ ଦେଖା କରୁ ନ କାହିଁକି ?'' ମୁଁ ଲଜ୍ଜିତ ହେଲି – ବାବାଜି ମହାରାଜଙ୍କୁ ମୁଁ ଜାଣେ ନାହିଁ ବୋଲି ପ୍ରକାଶ କରିବାକୁ । ସେତେବେଳଠାରୁ ମୁଁ ମନେ ମନେ ବାବାଜି ମହାରାଜଙ୍କୁ ଖୋଜୁଛି । ବାବାଜି ମହାରାଜ କିଏ ବୋଲି କାହାରିକୁ ପଚାରିବାକୁ ଲଜ୍ଜା ଲାଗୁଛି – "ବାବାଜି ମହାରାଜଙ୍କୁ ତୁ ଜାଣିନୁ''– ଏହା କହି ହୁଏତ ଲୋକେ ବିଦ୍ରୂପ କରିବେ । ମୋର ମନ ବିଶାଦରେ ଭରି ରହିଛି । ଦିନେ ଆଶ୍ରମର ସମାଧି ପାଖରେ ଥିବା ସିମେଣ୍ଟ ବେଞ୍ଚରେ ବସିଛି । ଦେଖିବାକୁ ପାଇଲି ଜଣେ ଶୁଭ୍ର ବସ୍ତ୍ର ପରିହିତ ବାବାଜି ଯାହାଙ୍କ ମୁଖ ମଣ୍ଡଳରୁ ସତେ ଅବା ଦିବ୍ୟଜ୍ୟୋତିଃ ପ୍ରସାରିତ ହେଉଛି – ସେ ଛିଡ଼ାହୋଇ ହାତଯୋଡ଼ି ସମାଧିରେ ପ୍ରଣାମ କରୁଛନ୍ତି । ମୋର ଅନ୍ତର ମୋତେ ସ୍ପଷ୍ଟ ଭାବେ ଜଣାଇଦେଲା – ଏହିଁ ବାବାଜି ମହାରାଜ । ପରେ ତାଙ୍କ ସହିତ ଅବଶ୍ୟ ସାମାନ୍ୟ କିଛି କଥାବାର୍ତ୍ତା ହୋଇଛି । ଆଶ୍ରମରୁ ଫେରି ପୁଣି ମୋର ସାଧନାର ପ୍ରସ୍ତୁତି ଲାଗି ରହିଲି ।

ଦିନେ ରାତିରେ ଯେତେବେଳେ ପ୍ରଥମ ଥର ପାଇଁ ମୋର ସୂକ୍ଷ୍ମ ଶରୀର ସ୍ଥୂଳ ଶରୀରରୁ ଅଲଗା ହୋଇ ବାହାରକୁ ଗଲା, ମୁଁ ପଣ୍ଡିଚେରୀ ଅଭିମୁଖେ ଶୂନ୍ୟରେ ଉଡିଚାଲିଲି । ମୋର ଏକ ମାତ୍ର ଲକ୍ଷ୍ୟ ହେଲେ ମା' । ମୁଁ ମା'ଙ୍କୁ ଭେଟିବାକୁ ଚାହେଁ ଏହି ସୂକ୍ଷ୍ମ ଶରୀରରେ । ପଣ୍ଡିଚେରୀରେ ଆସି ମା'ଙ୍କ ଚରଣତଳେ ପଡ଼ିଯାଇଛି । କିନ୍ତୁ ଯେତେବେଳେ ମୁଁ ଉପରକୁ ଅନାଇଲି – ଏ କ'ଣ ଦେଖୁଛି; ଏ ତ ବାବାଜି ମହାରାଜଙ୍କ ମୁଖ ମଣ୍ଡଳ । ମୁଁ ସ୍ତମ୍ଭିତ ହୋଇ ସେହି ଚରଣରେ ପଡ଼ିରହି ମୂର୍ଚ୍ଛିତ ହୋଇଗଲି ।

ବାବାଜି ହେଲେ ଓଡ଼ିଶା ପାଇଁ ମା'ଙ୍କର ପ୍ରକୃତ ସହଯୋଗୀ (collaborator) । ମା' ତାଙ୍କ ମଧ୍ୟ ଦେଇ ଓଡ଼ିଶାରେ କାମ କରୁଥିଲେ । ମା'ଙ୍କର ଏହି ଗୁରୁଭାର ବାବାଜି ତାଙ୍କ ଜୀବନ କାଳ ମଧ୍ୟରେ ଯଥାର୍ଥ ଭାବେ ତୁଲାଇଛନ୍ତି । ଓଡ଼ିଶାର ଆତ୍ମାକୁ ସେ ମା'ଙ୍କ ସହିତ ଯୋଡ଼ି ପାରିଥିଲେ ।

ବାବାଜି ଥିଲେ ଜଣେ ସରଳ ଶୁଦ୍ଧ ଜୀବନ୍ତ ଆତ୍ମା । ତାଙ୍କର ଚୈତ୍ୟସତ୍ତା ସର୍ବଦା ତାଙ୍କର ସମ୍ମୁଖରେ ବାସ କରୁଥିଲା । ଏପରିକି ତାଙ୍କର ଅନ୍ୟାନ୍ୟ ସତ୍ତା ଚୈତ୍ୟ ଗୁଣଧର୍ମରେ ରୂପାନ୍ତରିତ ହୋଇ ପାରିଥିଲା – ଅର୍ଥାତ୍ ତାଙ୍କର ଚୈତ୍ୟ ସିଦ୍ଧି ହୋଇଥିଲା । ଆଧ୍ୟାତ୍ମିକ ସିଦ୍ଧି ବିଷୟରେ କହିବାକୁ ଗଲେ ସେ ତାଙ୍କର ମନ ଓ ପ୍ରାଣରେ ବିଶ୍ୱ ସହିତ ଏକିଭୂତ ହୋଇ ପାରିଥିଲେ । ତାଙ୍କର ଶେଷ ସମୟରେ ଶରୀର ଚେତନା ମଧ୍ୟ ବିଶ୍ୱବ୍ୟାପ୍ତ ହୋଇଥିଲା – ଏହା ସେ ନିଜେ ଲେଖିଯାଇଛନ୍ତି । ବାବାଜି ଉଚ୍ଚ ଶିକ୍ଷିତ ନ ହୋଇ ମଧ୍ୟ ଆଧ୍ୟାତ୍ମିକ ଉପଲବ୍ଧିର ତଥ୍ୟକୁ ଅତି ସରଳ ଭାବରେ ଲୋକଙ୍କୁ ବୁଝାଇ ପାରୁଥିଲେ – ଠିକ୍ ଶ୍ରୀରାମକୃଷ୍ଣ ପରମହଂସଙ୍କ ପରି । କେବଳ ନୀରବରେ ତାଙ୍କ ନିକଟରେ କିଛିକ୍ଷଣ ବସିଲେ ମଧ୍ୟ ଲୋକେ ନିଜ ନିଜର ବାଧାବିପତ୍ତିକୁ ଏଡ଼ାଇ ପାରୁଥିଲେ, ଆଧ୍ୟାତ୍ମିକ ପଥର ମାର୍ଗ ଖୋଜି ପାଉଥିଲେ, ଶାନ୍ତ ଓ ନୀରବ ହୋଇପାରୁଥିଲେ ।

ଥରେ ମୁଁ ବୁଝି ପାରିଲି ମୋ ଭିତରେ ଏକ ଅପଶକ୍ତି ପ୍ରବେଶ କରିଛି ବୋଲି । ଏହାକୁ ବାହାର କରିବା ପାଇଁ ବହୁ ଚେଷ୍ଟା କଲି । ଶ୍ରୀଅରବିନ୍ଦଙ୍କ ଗାୟତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ର ସାରା ରାତି ଜପ କଲି । ତଥାପି ଏହା ମୋ ଭିତରୁ ଗଲା ନାହିଁ । ଶେଷରେ ଏବିଷୟରେ ଦିନେ ବାବାଜି ମହାରାଜଙ୍କୁ କହିଲି ଆଶ୍ରମ ଗେଟ୍‌ରେ । ସେ କହିଲେ ତୁମେ ୩ଟା ସମୟରେ ଆସ । ଠିକ୍ ୩ଟା ସମୟରେ ତାଙ୍କ ରୁମ୍‌କୁ ଗଲି । ତାଙ୍କୁ ପ୍ରଣାମ କରି ବସିପଡ଼ିଲି । ସେତେବେଳେ ମୋ ଦେହରୁ ଖୁବ୍ ଝାଳ ବୋହୁଥିଲା । ବାବାଜି ଉଠି ପଙ୍ଖା ଚଳାଇ ଦେଲେ ଏବଂ ପୁଣି ତାଙ୍କର ଚିଠି ଲେଖା କାମରେ ଲାଗିରହିଲେ । କିଛି ସମୟ ପରେ ପୁଣି ସେ କହିଲେ – ଏହା ବିଶେଷ କିଛି ନୁହେଁ ଏବଂ ପୁଣି ଚିଠି ଲେଖାରେ ଲାଗିରହିଲେ । ମୁଁ ଦେଖିଲି ମୋ ଭିତରେ ଏହି ଅପଶକ୍ତିଟି ଛଟପଟ ହେବାକୁ ଆରମ୍ଭ କରିଛି । ସେହି ମୁହୂର୍ତ୍ତରେ ମୋ ମୁଖ ଦେଇ ଅପଶକ୍ତି ବର୍ହିଗତ ହେଲା । ମୋ ଚେତନାର ପରିବର୍ତ୍ତନ ହେଲା । କୃତଜ୍ଞତାରେ ମୁଁ ପିଲାଙ୍କ ପରି କାନ୍ଦି କାନ୍ଦି ବାବାଜିଙ୍କ ଚରଣରେ ପଡ଼ିଗଲି । ବାବାଜି କହିଥିଲେ ବିରୋଧୀ ଶକ୍ତିଙ୍କର ଆକ୍ରମଣ ହୁଏ ଆମର ସାଧନାର ଉନ୍ନତି ପାଇଁ । ଏହିସବୁ ଶକ୍ତି ପ୍ରତି ଆମେ ଉନ୍ମୁକ୍ତ ନ ହେଲେ ଓ କାମନା ବାସନାରୁ ପୂର୍ଣ୍ଣ ମୁକ୍ତ ହେଲେ ପୃଥିବୀରେ ଏପରି କୌଣସି ଅପଶକ୍ତି ନାହିଁ ଯାହା ଆମର ଅମଙ୍ଗଳ ଘଟାଇବ ।

ବାବାଜିଙ୍କ ଅନ୍ତର ଓ ବାହ୍ୟ ଚେତନା ଏକୀଭୂତ ହୋଇ ଯାଇଥିଲେ । ସେ ସରଳ ଶିଶୁ ଭଳି ବ୍ୟବହାର କରୁଥିଲେ । ଶିଶୁମାନଙ୍କୁ ସେ ଖୁବ୍ ଭଲ ପାଉଥିଲେ । ଆଶ୍ରମର ଛୋଟ ପିଲାଙ୍କୁ ଦେଖିଲେ ସେମାନଙ୍କ ସହିତ ପଦେ ହସ ଖୁସିର କଥା ନ କହି ରହି ପାରୁ ନ ଥିଲେ । ବାବାଜି କେବେହେଲେ

ନିରସ ସାଧକ ନ ଥିଲେ। ଡାଇନିଂ ରୁମ୍‌ରେ ତାଙ୍କର ବନ୍ଧୁମାନଙ୍କ ସହ ପ୍ରାଣ ଖୋଲି ହସଖୁସିରେ କଥା କହୁଥିଲେ। କିନ୍ତୁ ସେ ପୂର୍ଣ୍ଣ ନିରାଡ଼ମ୍ବର ଥିଲେ। ତାଙ୍କ ନିଜର ବ୍ୟବହାର୍ଯ୍ୟ ଜିନିଷ ଖୁବ୍ କମ୍ ଥିଲା। ଘରେ ଖଟ ଥିଲେ ବି ଦିନରେ ପ୍ରାୟ ଖଟରେ ଶୋଇ ବିଶ୍ରାମ ନେଉ ନ ଥିଲେ। ଖଟରେ ପୁଣି ମୋଟା ବିଛଣା ବଦଳରେ ଏକ ମଶିଣା ପକା ହୋଇଥାଏ। ସେ ପ୍ରାୟ ଧ୍ୟାନ ମାଧ୍ୟମରେ ବିଶ୍ରାମ ନେଉଥିଲେ।

ବାବାଜି ମୋତେ ବହୁତ ଭଲ ପାଉଥିଲେ। ଯେତେବେଳେ ତାଙ୍କ ରୁମ୍‌କୁ ମୁଁ ଯାଏ, ସବୁ ଥର ମୋତେ ଚେୟାରରେ ବସିବାକୁ କହନ୍ତି, ମୁଁ କିନ୍ତୁ ସର୍ବଦା ତଳେ ବସେ। ତାଙ୍କର ଜନ୍ମଦିନରେ ବ୍ୟାଗ୍ ଭର୍ତ୍ତି ଲଡୁ ଦେଉଥିଲେ। କୌଣସି କାରଣରୁ ଦେଖା ହୋଇ ନ ପାରିଲେ ମୋ ପାଇଁ ଲଡୁ ରଖା ଯାଉଥିଲା। ବାବାଜି ସର୍ବଦା କହୁଥିଲେ ଭବିଷ୍ୟତରେ ଓଡ଼ିଶାରୁ ଅନେକ ଲୋକ ଆସିବେ। ଯେତେବେଳେ ମୁଁ କୌଣସି ଗେଷ୍ଟ୍ ହାଉସର ତିଆରି କାମ କରୁଥାଏ, ସେ ପଚାରନ୍ତି ଭୋଳେଶ୍ୱର, ତୁମେ ଯଥେଷ୍ଟ ପାଇଖାନା ଓ ଗାଧୁଆ ଘରର ବ୍ୟବସ୍ଥା ରଖିଛ ତ ? ତାଙ୍କରି କଥା ଅନୁସାରେ ସବୁ ଗେଷ୍ଟ୍ ହାଉସରେ ଯଥେଷ୍ଟ ପରିମାଣରେ ପାଇଖାନା ଓ ଗାଧୁଆ ଘରର ବ୍ୟବସ୍ଥା କରା ହେଉଥିଲା। ଆଜି ଦେଖାଯାଉଛି ତାଙ୍କ କଥାର ଯଥାର୍ଥତା। ଦର୍ଶନ ସମୟରେ ମୁଁ ଯେତେବେଳେ ଓଡ଼ିଆ ନିଳୟମ୍‌କୁ ଯାଏ, ଦେଖି ଅବାକ୍ ହୁଏ। ଲୋକେ ନିର୍ବିକାର ଭାବେ ସ୍ତ୍ରୀ-ପୁରୁଷର ଭେଦଭାବ ଭୁଲି ବାରଣ୍ଡାରେ, ସିଡ଼ିରେ, ପ୍ରାଙ୍ଗଣରେ ଶୋଇ ଯାଆନ୍ତି । ମୁଁ ସେତେବେଳେ ବାବାଜି ମହାରାଜଙ୍କ ଦୂର ଦୃଷ୍ଟିକୁ ପ୍ରଣାମ କରେ। ବାବାଜି ଯାହା କହୁଥିଲେ ତାହାହିଁ ହେଉଥିଲା। ଜମି କିଣିବା ପାଇଁ ସେ ସର୍ବଦା ଇଚ୍ଛା ପ୍ରକାଶ କରୁଥିଲେ। ଗାର୍ଡେନ୍ ହାଉସର ଜମି, ଅଯୋଧ୍ୟା ଭବନର ଜମି କିଣା ସମୟରେ ବାବାଜିଙ୍କ ଆଗ୍ରହର ସୀମା ନ ଥିଲା। ପତିବାବୁ ମଧ୍ୟ ବାବାଜିଙ୍କ କଥାକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିଲେ।

ଏବେ ମୁଁ ବୁଝୁଛି ଦିବ୍ୟ କର୍ମ କରିବା ପାଇଁ କେତେ ବିଶାଳ ପ୍ରସ୍ତୁତି ଦରକାର। କେବଳ ପ୍ରାଣିକ ଆବେଗ ବା ମନର ଉଚ୍ଚାକାଂକ୍ଷାର ପ୍ରଭାବରେ ପଡ଼ି ମା'ଙ୍କର କାମ କରିବାକୁ ଦୌଡ଼ିଗଲେ ତାହା କେବେହେଲେ ଦିବ୍ୟକର୍ମ ହୋଇ ନ ଥାଏ। ବାବାଜି କେବେ ହେଲେ ବଡ଼ ବଡ଼ ଭାଷଣ ଦେଉ ନ ଥିଲେ। ଓଡ଼ିଶାକୁ ବାରମ୍ବାର ଯାଉ ନ ଥିଲେ। ତଥାପି କାହିଁକି ତାଙ୍କ ପ୍ରତି ଓଡ଼ିଶାର ଜନସାଧାରଣ ଆକୃଷ୍ଟ ହୋଇ ପାରିଲେ ? ଏହାର କାରଣ ହେଲା ମା'ଙ୍କ ଚେତନା ସହିତ ଏକୀଭୂତ ହୋଇ ମା'ଙ୍କର ସଙ୍କଳ୍ପ ଶକ୍ତିକୁ ନେଇ ସେ ସର୍ବଦା ତାଙ୍କର ଉଚ୍ଚତର ଚେତନାରେ ବାସ କରୁଥିଲେ। ଏହାହିଁ ହେଲା ଦିବ୍ୟକର୍ମ କରିବାର ଅସଲ ସ୍ଥିତି। ନିମ୍ନ ପ୍ରକୃତିରୁ ପୂର୍ଣ୍ଣ ମୁକ୍ତ ନ ହେଲେ, କାମନା ବାସନାରୁ ମୁକ୍ତ ନ ହେଲେ ମନ ଓ ପ୍ରାଣକୁ ନୀରବ କରି ନ ପାରିଲେ ଆମ ଦ୍ୱାରା ଦିବ୍ୟକର୍ମ ହୋଇପାରିବ ନାହିଁ। କେବଳ ନିଜର ଅହଂର ତୁଷ୍ଟି ପାଇଁ ଆମେ କାମ କରିଥାଉ।

ଅଯୋଧ୍ୟାରେ ବାବାଜିଙ୍କର ଅନେକ ଭକ୍ତ ଥିଲେ। ତାଙ୍କ ଭିତରୁ ଜଣେ ରାଣୀ (ଭୁବନେଶ୍ୱରୀ ଦେବୀ) ବାବାଜିଙ୍କ ପାଇଁ ସାଧନା ପୀଠ ତିଆରି କରିବାର ମନସ୍ଥ କରି ଅଯୋଧ୍ୟାରେ ଆଜି ଯେଉଁଠି ଶ୍ରୀଅରବିନ୍ଦ ଭବନ ଅଛି ସେଠାରେ ଏହାର ନିର୍ମାଣ କାମ ଆରମ୍ଭ କରିଦେଲେ। ଠିକ୍ ସେହି ସମୟରେ ବାବାଜିଙ୍କ ହାତରେ ଶ୍ରୀଅରବିନ୍ଦଙ୍କ ଏକ ପୁସ୍ତକ ଆସିଲା। ସେହି ଗୋଟିଏ ମାତ୍ର ବହି ପଢ଼ି ସେ ଆଶ୍ରମକୁ ଆସିବାର ନିର୍ଣ୍ଣୟ କଲେ। ଆଶ୍ରମକୁ ଚିଠି ଲେଖିଲେ। କୌଣସି ଅନୁମତି ଆସିଲା ନାହିଁ। କିନ୍ତୁ ଧ୍ୟାନରେ ସେ ଦେଖିବାକୁ ପାଇଲେ ଇଂରାଜୀରେ "Allowed" ଶବ୍ଦଟି ଓ ସେ ଆଶ୍ରମକୁ ଆସିଲେ, ମା' ଶ୍ରୀଅରବିନ୍ଦଙ୍କୁ ଦେଖା କଲେ। ତାଙ୍କୁ ରହିବା ପାଇଁ କେଦାର ହାଉସରେ ସ୍ଥାନ ଦିଆ ହେଲା। କ'ଣ କାମ କରିବେ ତାହା ବତାଇ ଦିଆଗଲା। କିନ୍ତୁ ଆଶ୍ରମରେ ରହିବାର କୌଣସି ଲିଖିତ ଅନୁମତି ପାଇ ନ ଥିଲେ। ଏଥିପାଇଁ ସେ ନଳିନୀଦା'ଙ୍କୁ ପଚାରିଲେ – "ଶ୍ରୀମା' ଏତେ ଦିନ ମୋର ରହିବା ବିଷୟରେ କିଛି କହିଲେ ନାହିଁ। ମୁଁ କ'ଣ କରିବି ?'' ନଳିନୀ ଦା' କହିଲେ "ତୁମେ ତ ଘର ପାଇଛ, କାମ ପାଇଛ, ଖାଇବାକୁ ପାଉଛ। ଆଉ ତୁମେ କ'ଣ ଚାହଁ ?'' ମା' ତୁମକୁ ଚାଲିଯିବାକୁ କହୁଛନ୍ତି କି ? ସେହିଦିନଠାରୁ ତାଙ୍କର ରହିବା ବିଷୟରେ ସମସ୍ତ ଦ୍ୱନ୍ଦ୍ୱ ଦୂର ହେଲା।

ମୋତେ ବାବାଜି ମହାରାଜ ନିଜେ କହୁଥିଲେ ଆଶ୍ରମକୁ ଆସିବା ସମୟରେ ତାଙ୍କର କାଳି ଦୁଆତ ଓ କଲମକୁ ତ୍ୟାଗ କରି ଦେଇ ଆସିଥିଲେ। ସେ ଭାବୁଥିଲେ ଆଶ୍ରମକୁ ଯାଇ କେବଳ ଧ୍ୟାନ ଧାରଣାରେ ସମୟ ବିତାଇବେ। ଲେଖାଲେଖି କ'ଣ ହେବ ! କିନ୍ତୁ ଶେଷରେ ତାଙ୍କ ହାତରେ ପୁଣି ମା' କଲମ ଧରାଇଲେ, ଯାହାଙ୍କର ଓଡ଼ିଆ, ବା ଇଂରାଜୀ ଭାଷାରେ ଯଥେଷ୍ଟ ଦକ୍ଷତା ନ ଥିଲା ସେ ଆଜି ମା' ଶ୍ରୀଅରବିନ୍ଦଙ୍କ ଦର୍ଶନକୁ ଅତି ସରଳ ଭାବରେ ଓଡ଼ିଶାର ସରଳ ଭକ୍ତମାନେ ବୁଝିପାରିବା ଭଳି ଭାଷାରେ ପ୍ରକାଶ କରି ଚାଲିଲେ। ବାବାଜି ମହାରାଜଙ୍କ ଲୋକ ସାହିତ୍ୟ ମା' ଶ୍ରୀଅରବିନ୍ଦଙ୍କ ଅବିକୃତ ଜ୍ଞାନ ବହନ କରି ଆଜି ଓଡ଼ିଶାବାସୀଙ୍କୁ ଜାଗ୍ରତ୍ କରିଛି ଭବିଷ୍ୟତର ନୂତନ ଯୁଗ ରଚନା ପାଇଁ।

ଆଜି ଆମକୁ ନିର୍ଣ୍ଣୟ କରିବାକୁ ହେବ – ବାବାଜି ମହାରାଜଙ୍କ ସାରା ଜୀବନ ବ୍ୟାପୀ ଦିବ୍ୟକର୍ମର ପ୍ରତିଦାନରେ ଆମେ କ'ଣ କରିବୁ ? ଏହି ମହାନ୍ ଅଗ୍ରଗାମୀ ଆତ୍ମା ପାଇଁ ଆମର ଶ୍ରଦ୍ଧାଞ୍ଜଳି କ'ଣ ? ଆଜି ଆମେ ଯେଉଁମାନେ ମା' ଶ୍ରୀଅରବିନ୍ଦଙ୍କ ଭକ୍ତ ବୋଲି ମନେ କରୁଛୁ ଆମକୁ କିପରି ପ୍ରସ୍ତୁତ ହେବାକୁ ପଡ଼ିବ ଭବିଷ୍ୟତ ପାଇଁ ? ଏଥିପାଇଁ ଆମକୁ ଆମର ବ୍ୟକ୍ତିଗତ ପଥ ଖୋଜିବାକୁ ହେବ ଆମର ଅନ୍ତର ଭିତରେ। ଆମର ସକଳ ସତ୍ତାକୁ ଖୋଲି ଧରିବୁ ସେହି ବିଶାଳ ଅତିମାନସର ଶକ୍ତି ପ୍ରତି, ଜ୍ଞାନ ପ୍ରତି – ତା'ର ପରିପ୍ରକାଶ ପାଇଁ। ଆମର ଜୀବନ ଧାରଣର ଏକ ମାତ୍ର ଲକ୍ଷ୍ୟ ହେବ ଶରୀର ରୂପାନ୍ତର। ଅର୍ଥାତ୍ ଜଡ଼ ମଧ୍ୟରେ ଭଗବାନଙ୍କୁ ମୂର୍ତ୍ତିମନ୍ତ କରାଇବା। ବାବାଜିଙ୍କ ପ୍ରେରଣା, ମା-ଶ୍ରୀଅରବିନ୍ଦଙ୍କ କରୁଣା ନିଶ୍ଚିତ ରୂପେ ଆମ୍ଭମାନଙ୍କୁ ଆମର ଗନ୍ତବ୍ୟ ପଥରେ ନେଇଯିବ।

ଜୟ ଶ୍ରୀମା।

❖ ❖ ❖

# ବାବାଜି ମହାରାଜଙ୍କ ସଙ୍ଗଠନ

ପ୍ରସାଦ ତ୍ରିପାଠୀ

ସଙ୍ଗଠନ ସମ୍ପର୍କରେ କୌଣସି ଏକ ପ୍ରଶ୍ନର ମୀମାଂସା ପାଇଁ ଶ୍ରୀମା’ଙ୍କୁ ପ୍ରଶ୍ନ ହେବାରୁ ମା’ ଉତ୍ତର ଦେଇଥିଲେ। “Ask Navajyoti” ଅର୍ଥାତ୍ ନବଜ୍ୟୋତିରେ ପଚାରି ବୁଝ- ସେମାନେ କିପରି କରୁଛନ୍ତି। ସେତେବେଳେ ଆଶ୍ରମରେ ଅନ୍ୟାନ୍ୟ ଅନେକ ବିରାଟ ବିରାଟ ସଙ୍ଗଠନ ସବୁ ଥିଲା ମାତ୍ର ମା’ ସେସବୁକୁ ପଚାରିବାକୁ ନ କହି କହିଲେ ନବଜ୍ୟୋତିରେ ପଚାରି ବୁଝ। ଏହାର ଅନ୍ୟ ଅର୍ଥ ହେଲା - Ask Babaji ଅର୍ଥାତ୍ ବାବାଜିଙ୍କୁ ପଚାର।

ବାସ୍ତବିକ ଓଡ଼ିଶାର ମାତୃସଙ୍ଗଠନଗୁଡ଼ିକର ମୁଖ୍ୟ ସଙ୍ଗଠକ ଥିଲେ ବାବାଜି ମହାରାଜ। ସଙ୍ଗଠନର କଳ୍ପନା, ବିଚାର, ଧାରଣା ଏବଂ କାର୍ଯ୍ୟକାରୀ ପ୍ରଣାଳୀ ସବୁକିଛି ତାଙ୍କର ମାନସ ପ୍ରସୂତ। କୌଣସି କାର୍ଯ୍ୟ ଓଡ଼ିଶାରେ ହେବାର ଥିଲେ ସେ କିପରି ତାହା ଆଗରୁ ଜାଣିପାରୁଥିଲେ ଏବଂ ତା’ପରେ ତାକୁ ରୂପ ଦେବାକୁ ଚେଷ୍ଟା କରୁଥିଲେ।

ଅତୀତରେ ଅନେକ ସଙ୍ଗଠକ ଓଡ଼ିଶାରେ କାର୍ଯ୍ୟକରିଛନ୍ତି ଆଉ ଏବେ ବି କରୁଛନ୍ତି। ଏମାନେ ସମସ୍ତେ କାର୍ଯ୍ୟକରିବାକୁ ସ୍ୱୀକୃତି ଦେଇ ଆସିଥିଲେ। ଅର୍ଥ କାହାରିକୁ ଦିଆ ଯାଉନଥିଲା। ଯେଉଁଠାରେ ପହଞ୍ଚୁଥିଲେ ସେଠାରେ ରହିବା ଖାଇବା ଏବଂ ପରବର୍ତ୍ତୀ ସ୍ଥାନକୁ ଯିବାର ଗସ୍ତଖର୍ଚ୍ଚର ଦାୟିତ୍ୱ ସେଇ ଅନୁଷ୍ଠାନର। ଏଭଳି ଏକ ବୁଝାମଣାରେ କାର୍ଯ୍ୟ ହେଉଥିଲା। ବେଳେବେଳେ ଏସବୁ କିଛି ମିଳୁ ନଥିଲେ ମଧ କାର୍ଯ୍ୟରେ ଅସୁବିଧା ହେଉନଥିଲା। ପ୍ରପତ୍ତି ମହାଶୟ କାହା କାହାକୁ ସୁବିଧା ଅସୁବିଧାରେ ନବଜ୍ୟୋତିରୁ କିଛି କିଛି ସାହାଯ୍ୟ କରୁଥିଲେ। କିନ୍ତୁ ଏଥିପାଇଁ ଗୋଟିଏ ଅପ୍ରକାଶିତ, ଅବ୍ୟକ୍ତ ସର୍ତ୍ତଥିଲା - ତାହା ହେଲା ମା’ଶ୍ରୀଅରବିନ୍ଦଙ୍କ ଦର୍ଶନରେ ପୂର୍ଣ୍ଣ ଆସ୍ଥା ତଥା ବିଶ୍ୱାସ ପୋଷଣ କରିବା ଏବଂ ବାବାଜି ମହାରାଜଙ୍କ ପ୍ରତି ସମ୍ପୂର୍ଣ୍ଣ ଆନୁଗତ୍ୟ ରକ୍ଷା କରିବା। କାରଣ ଯେହେତୁ ଏହି କାର୍ଯ୍ୟର ପ୍ରାଣପ୍ରତିଷ୍ଠାତା ହେଲେ ବାବାଜି ମହାରାଜ, ତେଣୁ ତାଙ୍କ ପ୍ରତି ଆନୁଗତ୍ୟ ନ ରଖିଲେ କାର୍ଯ୍ୟଧାରା କିମ୍ବା କୌଣସିଟି ପ୍ରତି ବିଶ୍ୱାସ ଆସିବନି ଏବଂ କାର୍ଯ୍ୟ ମଧ ଅନୁରୂପ ହେବ। ଯେଉଁ ସ୍ଥାନରେ ଏ ଦୁଇଟି କଥାର ମେଳ ହେଲା- ସେ ସ୍ଥାନରେ ସଙ୍ଗଠକମାନେ ସୂଚାରୁରୂପେ ସଙ୍ଗଠନ କଥା ବୁଝିଲେ ନଚେତ୍ ନିଜ ଦାୟିତ୍ୱରୁ ଓହରି ଗଲେ। ହୁଏତ ମା’ଙ୍କ କାର୍ଯ୍ୟରେ ପରୋକ୍ଷରେ ହେଉ ବା ପ୍ରତ୍ୟକ୍ଷରେ ହେଉ ସମ୍ପୃକ୍ତ ରହିଲେ କିନ୍ତୁ ସଙ୍ଗଠନ ଦାୟିତ୍ୱରୁ ଓହରି ଗଲେ।

ଗୋଟିଏ ବିଚିତ୍ର କଥା ଆମେ ପ୍ରାୟ ସମସ୍ତେ ଦେଖିଛୁ। ପ୍ରପତ୍ତି ମହାଶୟ ବାବାଜିଙ୍କ କଥାରେ ପ୍ରଥମେ ଆପତ୍ତି କରନ୍ତି। ସେତେବେଳେ ଆମେ ସବୁ ବ୍ୟସ୍ତ ହୋଇପଡୁ ମାତ୍ର ଦେଖୁ ବାବାଜି ସମ୍ପୂର୍ଣ୍ଣ ଅବିଚଳିତ ଥାଆନ୍ତି। କାରଣ କାହାର କୌଣସି ବିରୋଧ୍ ଆଚରଣ ବା ମନୋଭାବ ତାଙ୍କୁ ଆଦୌ ସ୍ପର୍ଶ କରେ ନାହିଁ। ସେ କିଛି ପ୍ରକାଶ କରନ୍ତି ନାହିଁ ମାତ୍ର ପରେ ସେଇ କାର୍ଯ୍ୟ ପ୍ରପତ୍ତି ମହାଶୟ ନିଜେ କରନ୍ତି। ପରେ ପ୍ରପତ୍ତି ଆମକୁ କହିଛନ୍ତି, “ଓଡ଼ିଶାରେ ଯାହାସବୁ କାର୍ଯ୍ୟ ହୋଇଛି କେବଳ ବାବାଜି ମହାରାଜଙ୍କ ସଙ୍କଳ୍ପରୁ। ମୁଁ କିଛି କରିନାହିଁ। କେବଳ ତାଙ୍କ ନିର୍ଦ୍ଦେଶ ପାଳନ କରିଛି। ପ୍ରଥମରୁ ମୁଁ ଆପତ୍ତି କରିଥାଏ ସିନା ପରେ ପୁଣି ତାଙ୍କ ନିର୍ଦ୍ଦେଶହିଁ ମାନେ। କାରଣ ସେ ଯାହା ଇଚ୍ଛା କରିଛନ୍ତି, ତାହାତ ନିଶ୍ଚୟ ହେବ। ତେଣୁ ସେଥିରେ ଆଉ ନିଜର ମତାମତ ଜାହିର କରିବା ଉଚିତ ହେବ ନାହିଁ।” ବାସ୍ତବିକ ବାବାଜି ମହାରାଜଙ୍କ ସଙ୍ଗଠନର ଧାରା ଅତି ବିଚିତ୍ର। ପରାମର୍ଶ ଦେବେ- ବାଧ କରିବେ ନାହିଁ, ବିଶ୍ୱାସ କରିବେ- ସନ୍ଦେହ କରିବେ ନାହିଁ। ଆଶା ରଖିବେ- ଅଧୈର୍ଯ୍ୟ ହେବେ ନାହିଁ। ଠିକ୍ ବତେଇ ଦେବେ- ଭୁଲ ପାଇଁ ବ୍ୟସ୍ତ ହେବେ ନାହିଁ। ଆମ ଜୀବନରେ ପ୍ରାୟ ପ୍ରତ୍ୟେକ କଥାରେ ଆମେ ତାଙ୍କର ପରାମର୍ଶ ମାଗୁ। ସେ ଅକୁଣ୍ଠିତ ଭାବରେ ତାହା ଦେଇଥାନ୍ତି ମାତ୍ର ଆମେ କେତେ ତାକୁ ମାନୁ, ନମାନୁ ସେ ବିଷୟରେ ପ୍ରଶ୍ନ କରନ୍ତି ନାହିଁ। ପ୍ରତ୍ୟେକଟି ଉଦ୍ୟମକୁ ସେ ମନଭରି ଉତ୍ସାହିତ କରନ୍ତି। ହୋଇ ନପାରିଲେ ଆଶ୍ୱାସନା ଦିଅନ୍ତି। ପୁଣି ଚେଷ୍ଟା କରିବାକୁ କୁହନ୍ତି। କୌଣସି ହତାଶା, ବିଷାଦକୁ ସେ ତିଳେ ହେଲେ ସ୍ୱୀକୃତି ଦିଅନ୍ତି ନାହିଁ।

ବାବାଜି ମହାରାଜ ପଦ, ପଦବୀ, କ୍ଷମତା, ନାମଯଶ ଇତ୍ୟାଦିକୁ ଆଦୌ ଉତ୍ସାହିତ କରୁନଥିଲେ। ସେ କହୁଥିଲେ ତୁମେ କ୍ଷମତା, ନାମଯଶ ପଛରେ ଧାଇଁଲେ, ସେ ଧରା ଦେବନି ମାତ୍ର ତାକୁ ଛାଡ଼ିକରି ତୁମେ ଚାଲ ସେମାନେ ତୁମ ପଛରେ ଧାଇଁବେ ଠିକ୍ ନିଜର ଛାଇ ଭଳି। ଛାଇକୁ ଧରିବାକୁ ଚେଷ୍ଟା କଲେ ଧରି ହୁଏ ନାହିଁ ମାତ୍ର ଆମେ ଚାଲୁଥିଲେ ଛାଇ ଆମ ପଛେ ପଛେ ଗୋଡ଼ାଏ। ବାବାଜି ମହାରାଜଙ୍କୁ କେତୋଟି ଅନୁଷ୍ଠାନର ମୁଖ୍ୟ ଭାବରେ ରଖାଯାଇଥିଲା। ମାତ୍ର ସେସବୁ କେବଳ official ସେ କୌଣସିଟିରେ ନିଜକୁ ମୁଖ୍ୟ ଭାବରେ ଜାହିର କରୁନଥିଲେ। ମୋର ମନେଅଛି- ପ୍ରପତ୍ତିଙ୍କ ମହାପ୍ରୟାଣ ପରେ ନବଜୀବନ ଶିକ୍ଷାସଂସଦର ସଭାପତି ପାଇଁ ଆମେ ବାବାଜି ମହାରାଜଙ୍କୁ ଅନୁରୋଧ କଲୁ। ମାତ୍ର ସେ ରାଜି ହେଲେ ଗୋଟିଏ ସର୍ତ୍ତରେ। ତାହାହେଲା- ତାଙ୍କୁ ଟ୍ରଷ୍ଟର ସଭାପତି ହିସାବରେ ସମ୍ବୋଧନ କରି କୌଣସି ପତ୍ର କେହି ଲେଖିବେ ନାହିଁ କିମ୍ବା ଟ୍ରଷ୍ଟର କୌଣସି ସମସ୍ୟା ତାଙ୍କ ପାଖକୁ ଯିବ ନାହିଁ। ଆମେ ରାଜି ହେଲୁ। ମାତ୍ର ଓଡ଼ିଶାରୁ କେହି ତାଙ୍କ ପାଖକୁ ଏ ସଂକ୍ରାନ୍ତରେ ଲାଗ ଲାଗ ଦୁଇ/ତିନିଟି ପତ୍ର ଲେଖିଦେଲେ। ତାଙ୍କୁ ଉଲ୍ଲେଖ କରିଥିଲେ ଯେ ଆପଣ ଟ୍ରଷ୍ଟରେ ସଭାପତି ଥାଉ ଥାଉ ଏସବୁ ଅସୁବିଧା କିପରି ହେଉଛି ? ଆପଣ ଏସବୁ ପ୍ରତି ଦୃଷ୍ଟି ଦେଉନାହାନ୍ତି କାହିଁକି ? ବାବାଜି ମହାରାଜ ପତ୍ର ଗୁଡ଼ିକ ପାଇଲେ। ନିଜ ଆଡୁ ଟ୍ରଷ୍ଟ ସଭାପତି ପଦରୁ ଇସ୍ତଫା ଦେଇଦେଲେ। ପରେ କହିଲେ, ଯେଉଁ ସ୍ଥାନରେ ପହଞ୍ଚି କୌଣସି ସମାଧାନର ଦାୟିତ୍ୱ ମୁଁ ନେଇପାରିବିନି, ସେଠାରେ ମୋ ନାମ ରହିବା ଉଚିତ ନୁହେଁ।

ମାତ୍ର ଆମେ କେବଳ ବାବାଜି ମହାରାଜଙ୍କର ନାମ ପାଇଁ ହିଁ ତାଙ୍କୁ ସଭାପତି ରଖିଥିଲୁ।

ବାବାଜି ମହାରାଜଙ୍କର ଅପୂର୍ବ କାର୍ଯ୍ୟ କରିବା ପ୍ରଣାଳୀ। ସେ କହିବେ ଯିଏ ଯାହା କରିବାକୁ ଚାହୁଁଛି ତାକୁ ସେଥିରେ ସୁଯୋଗ ଦିଅ। କାହାରିକୁ ନିରୁତ୍ସାହିତ କରିବା ତାଙ୍କର ଆଚରଣ ବିରୁଦ୍ଧ। ଥରେ ମାତୃଭବନରେ One class one teacher କରିବାକୁ ଆମେ ଚିନ୍ତା କଲୁ, ସେଥିପାଇଁ ଚାରିଜଣ ଅପାଙ୍କୁ ସ୍ଥିର କରାଗଲା। ସେମାନେ ଚାରୋଟି ସେକ୍‌ସନ୍‌ର ଦାୟିତ୍ୱ ନେବେ। ମାତ୍ର ଯେତେବେଳେ ଆଲୋଚନା ଆରମ୍ଭ ହେଲା ସେ ଚାରିଜଣ ଯାକ ଆପତ୍ତି କଲେ। ମାତ୍ର ଆଉ ଜଣେ ଅପା ନିଜ ଆଡୁ ରାଜି ହେଲେ ଚେଷ୍ଟା କରିବାକୁ। କ'ଣ କରିବାକୁ ହେବ ବୋଲି ଯେତେବେଳେ ବାବାଜି ମହାରାଜଙ୍କୁ ପଚାରିଲି ସେ ସାଙ୍ଗେ ସାଙ୍ଗେ କହିଲେ, ଯିଏ ବି ରାଜି ହେଉଛନ୍ତି ତାଙ୍କୁ ଧରି କାମ ଆରମ୍ଭ କର। ଯିଏ ରାଜି ହେଉନାହାନ୍ତି ତାଙ୍କୁ ଛାଡ଼ିଦିଅ। ଭଗବାନଙ୍କ କାର୍ଯ୍ୟରେ ସମସ୍ତଙ୍କଠାରୁ ସାହାଯ୍ୟ ମିଳିବ ବୋଲି ଆଶା ରଖିବନି। ଆମେ ସେହି ଅପାଙ୍କୁ ନେଇ କାମ ଆରମ୍ଭ କଲୁ।

ଆଉ ଥରେ ପାଠଚକ୍ର ନଥାଇ ଜଣେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ କରିଥାଆନ୍ତି। ମୁଁ ତାଙ୍କୁ ପରାମର୍ଶ ଦେଲି ଆଗେ ପାଠଚକ୍ର କର, ପରେ ଶିକ୍ଷାକେନ୍ଦ୍ର ଆରମ୍ଭ କରିବ। ସେ ଯାଇ ବାବାଜି ମହାରାଜଙ୍କୁ ଆପତ୍ତି ଜଣାଇଲେ। ବାବାଜି ମତେ ଡାକି କହିଲେ, ଦେଖ ସିଏ ଯେପରି କାର୍ଯ୍ୟ କରୁଛନ୍ତି ସେଇଠାରୁ ତାଙ୍କୁ ଠିକ୍ କରିବାକୁ ବତାଇ ଦିଅ। କାମ ବନ୍ଦ କରି ନୁହେଁ। ଯଦି ସ୍କୁଲ ଆରମ୍ଭ କରିସାରିଛନ୍ତି ତେବେ କେମିତି ପାଠଚକ୍ର କରିବେ, ଆଉ ସବୁ କାମ କରିବାକୁ ହେବ କହିଦିଅ। କାରଣ ତୁମେ କ'ଣ କହିପାରିବ କେଉଁଠାରେ ସତ୍ୟ ପ୍ରକାଶିତ ହେବ ? ସବୁ ସମ୍ଭାବନାକୁ ସୁଯୋଗ ଦେବାକୁ ହେବ।

ପ୍ରତ୍ୟେକ କାର୍ଯ୍ୟରେ ଉତ୍ସାହ ପ୍ରଦାନ କରିବା ତାଙ୍କର ସହଜାତ ପ୍ରବୃତ୍ତି ଥିଲା। ସେଥିପାଇଁ ଓଡ଼ିଶାରେ ସଙ୍ଗଠନ ଏତିକି ତୀବ୍ର ଏବଂ ଶକ୍ତ ହୋଇପାରିଲା। ସମସ୍ତଙ୍କ ମଧ୍ୟରେ ମା'ଙ୍କ ପାଇଁ କାର୍ଯ୍ୟ କରିବାକୁ ଯେଉଁ ପ୍ରେରଣା ସେ ଦେଇଯାଇଛନ୍ତି ତାହା ଅନନ୍ୟ। ମା'ଙ୍କ କାମରେ ସଙ୍ଗତି ରକ୍ଷା ପାଇଁ ସେ ସବୁଠାରୁ ବେଶୀ ଗୁରୁତ୍ୱ ଦେଉଥିଲେ। ସେ କହୁଥିଲେ କାମ ଏବଂ ସଙ୍ଗତି ମଧ୍ୟରେ ସଙ୍ଗତି ଗୁରୁତ୍ୱପୂର୍ଣ୍ଣ, କାମ ନୁହେଁ। ଯଦି କୌଣସି କାରଣରୁ କାମ ପାଇଁ ଅନୁଷ୍ଠାନ ମଧ୍ୟରେ ସଙ୍ଗତି ଭାଙ୍ଗିଯାଏ ତେବେ ସେ କାମ ନକରି ସଙ୍ଗତି ରକ୍ଷା କରାଯିବା ଉଚିତ। କାମ ବିଳମ୍ବରେ ହେଲେ ଚଳିବ ମାତ୍ର ଥରେ ସଙ୍ଗତି ଭାଙ୍ଗିଗଲେ ଆଉଥରେ ଫେରାଇ ଆଣିବା ଅନେକ କଷ୍ଟସାଧ୍ୟ।

ଆମେ ଏବେ ବିଭିନ୍ନ ଅନୁଷ୍ଠାନ ମାନଙ୍କରେ ଦେଖୁଛୁ ବାସ୍ତବିକ ଅସଙ୍ଗତିର ପ୍ରଭାବ। ଯଦି ବାବାଜି ମହାରାଜଙ୍କ କଥା ମାନି ଆମେ କାମକୁ ଗୁରୁତ୍ୱ ନଦେଇ ସଙ୍ଗତିକୁ ଗୁରୁତ୍ୱ ଦେଇଥାନ୍ତୁ ତେବେ ସଙ୍ଗତି କେବେ ବି ବ୍ୟାହତ ହୋଇନଥାନ୍ତା।

ସଙ୍ଗଠନ ଏକ ବ୍ୟାପକ ବିଷୟ। ତା'ର ଆରମ୍ଭ ଏବଂ ଶେଷ ଉଭୟ ଏ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ। କେବେ ବାସ୍ତବିକ ଆରମ୍ଭ ହେଲା ଏବଂ କେଉଁଠାରୁ ଆରମ୍ଭ ହେଲା ସେ କଥା କେହି କହିପାରିବେନି ଠିକ୍ ସେମିତି ଶେଷରେ କ'ଣ ହେବ ସେ କଥା ମଧ୍ୟ କହିବା ସମ୍ଭବ ନୁହେଁ। ବାବାଜି ମହାରାଜଙ୍କୁ ଜୀବନର ଲକ୍ଷ୍ୟ ପଚାରିଲେ ସେ କେତେ ସୁନ୍ଦର ସରଳ ଭାବରେ କହିବେ "ରୂପାନ୍ତରିତ ମନ ପ୍ରାଣ ଶରୀରରେ ଭଗବତ ପ୍ରାପ୍ତି।" ମୁଁ ବେଳେବେଳେ ଭାବେ ଭଗବତ ପ୍ରାପ୍ତିରେ ହିଁ ବୋଧହୁଏ ସଙ୍ଗଠନର ଦାୟିତ୍ୱ ଶେଷ ହେବ। ମାତ୍ର ସେଥିରେ ବି ନୁହେଁ- ସେତେବେଳେ ବାବାଜି ମହାରାଜ ତାଙ୍କର ନୂତନ ଶରୀରରେ ଆସି ପୁଣି ସଙ୍ଗଠନ ସମ୍ପର୍କରେ ନୂତନ ଦିଗ୍‌ଦର୍ଶନ ଦେବେ। ଆଉ ପୁଣି ନୂଆ ବାଟରେ କିଛି କରିବାକୁ ସୂଚନା ଦେବେ। କାରଣ ବାସ୍ତବିକ, ବାବାଜି ମହାରାଜ ଓ ସଙ୍ଗଠନ- ଏକ ଓ ଅଭିନ୍ନ।

❖ ❖ ❖

ଏକ ଜ୍ୟୋତିର୍ମୟ ଭବିଷ୍ୟତକୁ ଗ୍ରହଣ କରିବା ପାଇଁ ପ୍ରସ୍ତୁତ ହେବା ନିମନ୍ତେ ଚାଲ ଆମେ ସମସ୍ତେ ଅତୀତର ସମସ୍ତ ଅନ୍ଧକାର ଓ କୁତ୍ସିତତାକୁ ଭୁଲିଯିବା।

— ଶ୍ରୀମା

# ହେ ବାବାଜି ମହାରାଜ - ରାମକୃଷ୍ଣ ଦାସ

ମଧୁସୂଦନ ମିଶ୍ର

ହେ ବାବାଜି ମହାରାଜ ରାମକୃଷ୍ଣ ଦାସ
ମାତୃ ଅଲିଅଳ ଶିଶୁ ମାତୃପଦେ ବାସ ।
କେଉଁ ରାଇଜରୁ ମାତା ଉପାଦାନ ଆଣି
ଗଢ଼ିଲେ ତୁମର ତନୁ ନପାରେ କେ ଜାଣି ।
ମନଦ୍ୱାରା କେହି କଳି ନପାରେ ତୁମକୁ
ଟପି ଯାଇଅଛ ସବୁ ମାନବ ଗୁଣକୁ ।
ଶ୍ରୀମାଶ୍ରୀଅରବିନ୍ଦଙ୍କର ମହାକୃପା
ଲାଭ କରିଅଛ ତୁମେ ନୁହଁଇ ଅଛପା ।
ମାତୃକାର୍ଯ୍ୟ ଯେଣୁ ତୁମ ଜୀବନର ବ୍ରତ
ତେଣୁ ପୁରାତନ ସିଦ୍ଧି ନଦେଇ ମହତ୍ୱ ।
ମାତୃପ୍ରେରଣାରେ ନବ ଦିଗ୍‌ଦର୍ଶନ ପାଇ
ଅଯୋଧ୍ୟା ଧାମରୁ ଆସି ପଣ୍ଡିଚେରୀ ଭୂଇଁ ।
ଶ୍ରୀଅରବିନ୍ଦ ଆଶ୍ରମେ କରିଲେ ନିବାସ
ମାତୃଚରଣେ ତେଜିଲ ନିଜର ସର୍ବସ୍ୱ ।
ପୁରାତନ ସର୍ବ ସିଦ୍ଧି ଥୋଇ ମାତା ପଦେ
ମାତୃକାର୍ଯ୍ୟେ ଲାଗିଗଲ ପରମ ଆନନ୍ଦେ ।
ସାରା ସଂସାରେ ବିଶେଷ କରି ଓଡ଼ିଶାରେ
କଲ ମାତୃ କର୍ମ ମାତୃ ନିର୍ଦ୍ଦେଶ ପ୍ରକାରେ ।
ଦିବ୍ୟ ଜନନୀଙ୍କ ଦିବ୍ୟ ଯନ୍ତ୍ର ତୁମେ ହୋଇ
ସକଳ ଦିବ୍ୟ ବିଭୂତି ଅଛ ତୁମେ ପାଇ ।
ବଚନରେ ମଧୁ, ତବ ପରଶରେ ମଧୁ
ଚାହାଣୀରେ ମଧୁ ତୁମ ଲେଖନୀରେ ମଧୁ ।
ହୃଦୟରେ ମଧୁ ତବ ସାନ୍ନିଧ୍ୟରେ ମଧୁ
ହସରୁ ଝରଇ ମଧୁ, କରୁଁ ଝରେ ମଧୁ ।
ନିଜେ ନିଜର ଦୃଷ୍ଟାନ୍ତ ଯାଇଅଛ ହୋଇ
ବାକ୍ୟଠାରୁ କର୍ମ ତବ ଅଭିନ୍ନ ନୁହଁଇ ।
ଜ୍ଞାନ, ଭକ୍ତି, କର୍ମର ଯେ ଦିବ୍ୟ ସମନ୍ୱୟ
ତାହାର 'ବାସ୍ତବ ରୂପ' ତୁମ ପରିଚୟ ।
ଶ୍ରୀଅରବିନ୍ଦଙ୍କ ତତ୍ତ୍ୱ ମାତୃକୃପା ଫଳେ
ଲୋକ ସାହିତ୍ୟେ ପ୍ରକାଶି ସରଳ ଭାଷାରେ ।
ଓଡ଼ିଶାର ଆଖି ତୁମେ ଦେଇଅଛ ଖୋଲି
ନବ ଜୀବନର ଜ୍ଞାନ ମନ୍ତ୍ର ଦାନ କରି ।

ମାତୃ କରୁଣାର ମନ୍ଦାକିନୀ ଓଡ଼ିଶାରେ
ବୁହାଇଲ ଭଗୀରଥ ମାତୃ ନିର୍ଦ୍ଦେଶରେ ।
ଘରେ ଘରେ ପାଠଚକ୍ର ତୁମରି ସର୍ଜନା
ମାତୃ-ଭିତ୍ତି କର୍ମ ସର୍ବ ତୁମରି ରଚନା ।
ତୁମରି ଭିତରେ ମାତା ରହି ଗୋଟାପଣେ
ଓଡ଼ିଶାରେ ବରଷିଲ କୃପା ଅନୁକ୍ଷଣେ ।
ଉତ୍କଳ ମାତୃ ସନ୍ତାନ ସେ କରୁଣା ପାଇ
ମାତୃକର୍ମେ ହେଲେ ରତ, ମାତା ଦୟା ବହି ।
ତାଙ୍କରି ସନ୍ତାନ ମଧ୍ୟେ କରୁଛନ୍ତି କାର୍ଯ୍ୟ
ସକଳ କାର୍ଯ୍ୟେ ଉଇଁଛି ଚେତନାର ସୂର୍ଯ୍ୟ ।
ସବୁରି ପ୍ରିୟ ବାବାଜି ମହାରାଜ ତୁମେ
ତୁମକୁ ପାଇ ଓଡ଼ିଶାବାସୀ ଧନ୍ୟ ଆମେ ।
ଧନ୍ୟ ତୁମ ପିତା, ଧନ୍ୟ-ଧନ୍ୟ ତୁମ ମାତା
ଧନ୍ୟ ତୁମ ଜନ୍ମସ୍ଥାନ ଏ ଉତ୍କଳ ମାତା ।
ଜଗତ୍‌ମାତା କୃପାରେ ତୁମପରି ପୁତ୍ର
ଜାତ କରି ଏ ଉତ୍କଳ ହୋଇଛି ପବିତ୍ର ।
ଯେଉଁ ପୁତ୍ର ମାତୃଜ୍ୟୋତି ସ୍ୱହୃଦୟେ ଧରି
ସକଳ ହୃଦୟେ ତାହା ଦିଅନ୍ତି ସଞ୍ଚାରି ।
ସେହି ସେ ଉତ୍କଳ ପୁତ୍ର ମହାରାଜ ତୁମେ
ତୁମ ଶତ ବାର୍ଷିକୀରେ ପଦେ ନମୁ ଆମେ ।
କରୁଛୁ ଶପଥ ଆଜି ଏ ସାରା ଉତ୍କଳ
ଦିବ୍ୟ ଜୀବନର ପଥେ ହେବୁ ଅଗ୍ରସର ।
ପ୍ରତିଘରେ ପାଠଚକ୍ର କରିବୁ ନିଶ୍ଚୟ
ଜଗତ ଜନନୀ ପଦେ ଲଭିବୁ ଆଶ୍ରୟ ।
ଦିବ୍ୟପଥ- ସତ୍ୟପଥ ସଦା ଅନୁସରି
ସକଳ କାର୍ଯ୍ୟ କରିବୁ ମାତାଙ୍କୁ ସୁମରି ।
ମାତୃଚେତନାରେ ରହି କରି ସର୍ବ କର୍ମ
ଆଗେଇବୁ ଦୃଢ଼ କରି ମାତୃ ସଙ୍ଗଠନ ।
ମାତୃ ବିଜୟର ଧ୍ୱଜା ଉଡ଼ିବ ଜଗତେ
ଆମେ ନାଚି, ନଚାଇବା, ନାଚିବେ ସମସ୍ତେ ।
ମାତୃମନ୍ତ୍ର ସଦା ମୁଖେ ଉଚ୍ଚାରଣ କରି
ଆଗେଇବା ହସୁଥିବେ 'ବାବାଜି' ଆମରି ।

❖ ❖ ❖

# ଓଡ଼ିଶାର ଅଳି

**କନକଲତା ମହାନ୍ତି**

ସଦାନନ୍ଦମୟ ଶାନ୍ତ ସ୍ୱରୂପ
ଚିର କଲ୍ୟାଣ କାମୀ
ମାତୃଗତ ତୁମ ନିବେଦିତ ସତ୍ତା
କରୁଣାର୍ଦ୍ର ଚିତ୍ତଭୂମି ।
ପୁରାତନ ଯୋଗ ସାଗର ମନ୍ଥନେ
ଭକ୍ତିସୁଧା ପାନେ ଧନ୍ୟ
ନବ ବୃନ୍ଦାବନ ଶ୍ରୀରାମଙ୍କ ରୂପ
ଦରଶନେ ସିଦ୍ଧକାମ ।
ଉତ୍ତର ଦିଶା'ରେ ଅଯୋଧ୍ୟାରୁ କାହିଁ
ଦକ୍ଷିଣର ପଣ୍ଡିଚେରୀ
କିଏ ପୋଛିଦେଲା ସନ୍ୟାସ ସଂସ୍କାର
ଲଗାଇ ସୁବର୍ଣ୍ଣ ଡୋରି ।
ଦରଶନ କରି ଯୁଗଳ ସ୍ୱରୂପ
ପଲକେ ପାରିଲ ଚିହ୍ନି
ଅତିମାନସର ଦିବ୍ୟ ଅବତାର
ବିଶ୍ୱପିତାମାତା ବେନି ।
ହେବ ମାନବର ଦିବ୍ୟ ରୂପାନ୍ତର
ଦିବ୍ୟଯୁଗ ସଂସ୍ଥାପନେ
ଦେବତା ଦୁର୍ଲ୍ଲଭ ଏ ମହା ସୌଭାଗ୍ୟ
ଦ୍ୱାରେ ଭରା ସଂଗୋପନେ ।
ସେ ମାହେନ୍ଦ୍ରକ୍ଷଣେ ମା'ଙ୍କ ଚରଣେ
ହୋଇଗଲ ନିବେଦିତ
ବାଛିନେଲ ଏଇ ସୁବର୍ଣ୍ଣ ସେତୁ'ର
ସୂର୍ଯ୍ୟ ଆଲୋକିତ ପଥ ।

ଉଚ୍ଛିଷ୍ଟ ବାସନ ସମାର୍ଜନ କର୍ମ
ଅହଂକାର ପ୍ରତ୍ୟାଖ୍ୟାନେ
ଆସ୍ପୃହା ଆନନ୍ଦ ଜଳିଲେ ଉଜ୍ଜ୍ୱଳ
ସର୍ବସତ୍ତା ସମର୍ପଣେ ।
ଜନ୍ମଭୂମି ତୁମ ଦୂରପଲ୍ଲୀଗ୍ରାମ
ଓଡ଼ିଶା ରାଇଜ କାହିଁ
ଓଡ଼ିଆଙ୍କ କଥା ଦିଏ ବଡ଼ ବ୍ୟଥା
"ମା'ଙ୍କୁ ଜାଣିଲେ ନାହିଁ ।"
ପ୍ରାର୍ଥନା ତୁମର ପାଇଲା ଉତ୍ତର
ଝରିଲା କରୁଣା ବାରି
ନବ ଆଧାତ୍ମିକ ସନ୍ଦେଶ ପ୍ରପତ୍ତି
ଦେଲେ ଭଗୀରଥ ପରି ।
ପାଠଚକ୍ର ଶିକ୍ଷା ଆଳୟ ସମାଧି
ମନ୍ଦିର ମା'ଙ୍କ ଲାଗି
ଆସ୍ପୃହାର ଦୀପ ତେଜି ଦେଲା ବେଳେ
ତୁମ ସ୍ମୃତି ଉଠେ ଜାଗି ।
ଲୋକ ସାହିତ୍ୟର ସିଦ୍ଧ ରୂପକାର
ମା' ନାମ, ମନ୍ତ୍ରଦାତା
ଆଚରଣ ତୁମ ଆଦର୍ଶ ଶାଣିତ
କହିନାହଁ ଫମ୍ପା କଥା
ହେ ଚିର ନମସ୍ୟ ରାମକୃଷ୍ଣ ଦାସ
ପ୍ରୀୟ ଶିଶୁ ମା'ଙ୍କର
ହେ ବାବାଜି ମହାରାଜ ଫେରିଆସ
ଏଇ ଅଳି ଓଡ଼ିଶାର ।

❖ ❖ ❖

ପ୍ରତ୍ୟେକଟି ବ୍ୟକ୍ତି ମଧ୍ୟରେ ତା'ର ସର୍ବୋଚ୍ଚ ଚେତନା ତା ଜୀବନର ନିୟାମକ ହେବା ନିଶ୍ଚିତ ଭାବେ ଆବଶ୍ୟକ ।

— **ଶ୍ରୀମା**

# ଶତାବ୍ଦୀର ପ୍ରଣାମ

**କାଳନ୍ଦୀ ଚରଣ ସେନାପତି**

ସ୍ୱର୍ଣ୍ଣାଭ ତବ ଶତବାର୍ଷିକୀରେ
ଘେନ ମହାରାଜ ପ୍ରଣତି ଆମ
ସ୍ମୃତିପଟେ ଆଜି ଜାଗି ଉଠୁଅଛି
ତୁମରି ମହାନ କୀରତି ମାନ।
ଇଚ୍ଛାଶକ୍ତି ଆମ କରଇ ଲଙ୍ଘନ
ନିୟତି ଲେଖନ ଅମୋଘ ଗାର
କରିଲ ପ୍ରମାଣ ବିଭୁଙ୍କ ସନ୍ଧାନେ
ଛୁଟିଗଲ ଯେବେ ଅଯୋଧାପୁର।
ଛିନ୍ନ କରିଲ ମମତା ବନ୍ଧନ
ବିଭୁ ପ୍ରେମେ ଜାଗି ଆହେ ଉଦାସୀ
ଲଭିବାକୁ ଦିବ୍ୟ ପରମ ସମ୍ପଦ
ତପସ୍ୟାର ପଥ ନେଲ ହେ ବାଛି।
ପ୍ରଭୁ ରଘୁନାଥ ପ୍ରେମ ପାଶେ ପଡ଼ି
ସାଗରେ ତନ୍ମୟ ସରିତ ପରି
ରାମକୃଷ୍ଣ ଦାସ ନାମଟି ବହିଲ
ବିଭୁ ପ୍ରେମ ରସେ ସ୍ୱରୂପ ଭୁଲି।
ସେହି ସାଧନାରେ ତୁଙ୍ଗ ଭୂମିରେ
ଲାଭ କଲ ପୁଣି ନବ ପ୍ରେରଣା
ଛୁଟିଗଲ ପୁଣି ପଣ୍ଡିଚେରୀ ଧାମେ
କରିବାକୁ ପୂର୍ଣ୍ଣଯୋଗ ସାଧନା।
ଦିବ୍ୟ ଜନନୀଙ୍କ ମଧୁ ଆକର୍ଷଣେ
ଲାଖିଗଲା ତୁମ ଅନ୍ତଃପୁରୁଷ
ଲଭିବ ଜନନୀ ଆଶିଷ ଜନମେ
ହେଲା ଅନ୍ତରରେ ଦୃଢ଼ ବିଶ୍ୱାସ।
ଶ୍ରୀଅରବିନ୍ଦ, ଜଗତ ଜନନୀ
ତୁମ ସାଧନାକୁ କଲେ ଦୀପିତ
ଦିବ୍ୟ ମାନବର ଚରମ ଶିଖର
ଲଭିବାକୁ ତୁମେ ହେଲ ଦୀକ୍ଷିତ।

ମାତୃ କରୁଣାରେ ରଚିଗଲ ତୁମେ
ଯୋଗ, ଦରଶନ ଅମୀୟ ଗାଥା
ଲୋକ ସାହିତ୍ୟର ମଧୁର ବାଣୀରେ
ଶୁଣାଇଲ ନବ ଜୀବନ ଗାଥା।
ମନ୍ତ୍ରିତ କଲ ମାତୃ ମନ୍ତ୍ରରେ
ଦେଖାଇ ଦେଲ ହେ ଅଭୟ ପଥ
ପୂର୍ଣ୍ଣଯୋଗର ଅସୀମ ପଥରେ
ଅକ୍ଷୟ ଏହି ନାମ କବଚ।
ତବ ସାଧନାର ଅମୀୟ ଆଲୋକେ
ଦେଉଅଛ ତୁମେ ନିତ୍ୟ ପ୍ରେରଣା
ସୂଚାଇ ଦେଉଛ ଜୀବନର ଲକ୍ଷ୍ୟ
"ରୂପାନ୍ତର ହେଉ ନିତ୍ୟ ସାଧନା।"
ମହାରାଜ ନାମେ ବିଦିତ ହେ ଆଜି
ସାଧନାର ତୁଙ୍ଗ ଶିଖରେ ବସି
ଜ୍ୟୋତିର ଉଦ୍‌ଭାସେ ଦେଲ ଝଲସାଇ
ତନୁ, ମନ, ପ୍ରାଣ ହେ ମହାଋଷି।
ତୁମରି ଏ ପୁଣ୍ୟ ଶତବାର୍ଷିକୀରେ
ଢ଼ାଳିଦିଅ ତବ ପ୍ରେମ ପୀୟୂଷ
ସନ୍ତାପିତ ପ୍ରାଣ ହେଉ ହେ ଶୀତଳ
ଲଭି ତୁମ ସ୍ନେହ, ଶୁଭ ଆଶୀଷ।
ଶତ କଣ୍ଠରେ ଫୁଟି ଉଠେ ତବ
ପୁଣ୍ୟ ଜନମ ମହିମା ଗୀତି
ଅନ୍ତରଭରା ପ୍ରଣାମ ଘେନ ହେ
ଜଣାଉ ଶ୍ରୀପଦେ ହେ ମହାଯତି।

❖ ❖ ❖

# ଭକ୍ତି ସୁମନ

ଶ୍ରୀ ରାମଚନ୍ଦ୍ର ବେହୁରା

ନାମାଚାର୍ଯ୍ୟ ଯୋଗାଚାର୍ଯ୍ୟ ସାଧକ ପ୍ରବର,
ପ୍ରଣମେ ଶ୍ରୀରାମକୃଷ୍ଣ ତବ ଶ୍ରୀପୟର,
ସିଦ୍ଧ ସାଧନା ସୋପାନେ,
ମାତୃକର୍ମେ ବିରାଜିଲ ଶ୍ରୀମା ଦିବ୍ୟଧାମେ ।

ରୂପାନ୍ତର ଯୋଗେ ଶ୍ରୀଅରବିନ୍ଦ ଆଶ୍ରମେ,
ପୂର୍ଣ୍ଣ ସମର୍ପଣେ ଆସ୍ପୃହା ଯୋଗ-ଧରମେ,
କାର୍ଯ୍ୟାଳୟ ନବଜ୍ୟୋତି,
ସ୍ଥାପନେ ଦିଗ୍ ଦର୍ଶକ ଆହେ ମହାଯତି ।

ଗୁରୁଦେବ ରଚନାରୁ ସରଳ ଭାଷାରେ,
ଲେଖନୀରୁ ତବ ବହୁ ଲୋକ ସାହିତ୍ୟରେ,
ଲଭେ ଅଶେଷ ଆଦର,
ଜ୍ଞାନଯୋଗୀ ରୂପେ ପୂଜ୍ୟ ଆହେ କର୍ମବୀର ।

ତବ ନିର୍ଦ୍ଦେଶେ ଉତ୍କଳେ ଗ୍ରାମ-ଗ୍ରାମାନ୍ତରେ,
ପାଠଚକ୍ରେ, ଶିକ୍ଷାକେନ୍ଦ୍ରେ, ସମାଧି ମନ୍ଦିରେ,
ଶ୍ରୀକ୍ଷେତ୍ରେ ମାତୃଭବନେ
ଶ୍ରୀମା ଶ୍ରୀପ୍ରଭୁଙ୍କ ଅତିମାନସ କରମେ ।

ଚିରଦିପ୍ତିମାନ ସୂର୍ଯ୍ୟ ପ୍ରତି ହୃଦୟରେ,
ସର୍ବ ସମାଧାନ ତବ ପତ୍ର ମାଧ୍ୟମରେ,
କୃପା ମାତୃ ଆଶୀଷର,
(ତବ) ଜନ୍ମ ଶତବାର୍ଷିକିରେ ଶପଥ ଆମର ।

ଜଟିଳ ସାଧନା ପଥ ନାମଜପ ମନ୍ତ୍ରେ,
ଉତ୍କଳେ ମାତୃପ୍ରେମୀଙ୍କୁ ବାନ୍ଧି ଏକ ସୂତ୍ରେ
ତବ ସରଳ ବିଧାନ,
କରିଚାଲୁ ଜୀବନକୁ ସୁଖ-ଶାନ୍ତି-ଧାମ ।

❖ ❖ ❖

*Do not think of yourselves, but only of the Divine.*
*(17/394)* **– The Mother**

ନିଜ ବିଷୟରେ ଚିନ୍ତା ନକରି କେବଳ ଭଗବାନଙ୍କ ବିଷୟରେ ଚିନ୍ତା କର ।
**– ଶ୍ରୀମା**

# ଅନିମେଷ ଭାଇଙ୍କ ସ୍ମୃତିରେ

ଭୂପାଳ ଚନ୍ଦ୍ର ମାହାନା

୧୯.୦୩.୦୮

ସପ୍ରେମ ଶ୍ରୀମା'ଙ୍କର ଅଶୀର୍ବାଦ ସହ ମୋର ଆନ୍ତରିକ ପ୍ରଣାମ ନେବେ। ଆଶାକରେ ଆପଣ ତଥା ମାତୃଭବନର ସମସ୍ତ ଭାଇଭଉଣୀମାନେ ଆନନ୍ଦରେ ମା'ଙ୍କର କାର୍ଯ୍ୟକରି ଚାଲିଥିବେ। ସମସ୍ତଙ୍କୁ ମୋର ନମସ୍କାର ଦେବେ। କିଛି ଦିନ ପରେ ଏପ୍ରିଲ ୪ ତାରିଖ ଆସିବ। ସାଧାରଣତଃ ଏପ୍ରିଲ ୪ ତାରିଖ ନାମ ଶୁଣିଲେ ଆମ୍ଭମାନଙ୍କର ଅନ୍ତର ମଧ୍ୟରେ ଆନନ୍ଦର ଝଲକ ଖେଳିଯାଏ। ଏହି ଆନନ୍ଦ କେବଳ ମାତୃଭବନର ଅନ୍ତେବାସୀମାନଙ୍କର ନୁହେଁ ସାରା ଓଡ଼ିଶା ତଥା ପଣ୍ଡିଚେରୀର ବାତାବରଣରେ ମଧ୍ୟ ଅନୁରୂପ ଉଲ୍ଲାସ ଦେଖାଦିଏ। ପ୍ରକୃତରେ ଏହି ସମ୍ମିଳନୀଟି ଆମ ସମସ୍ତଙ୍କର ସମ୍ମିଳନୀ ରୂପେ ଜଣାଯାଏ। ଏହି ସମ୍ମିଳନୀର ପରିବେଶରୁ ତଥା ତା'ର ବାତାବରଣରୁ ଆମେ ସମସ୍ତେ ଉପକୃତ ହୋଇଥାଉ। କିନ୍ତୁ ଏବର୍ଷ ଏହି ଏପ୍ରିଲ ୪ ତାରିଖ ଏକ ବିଶେଷ ଦିନ ରୂପେ, ଏକ ବିଶେଷ ସମ୍ମିଳନୀ ରୂପେ ଆପଣମାନେ ପାଳନ କରିବାକୁ ଯାଉଛନ୍ତି। କାରଣ ଏହି ବର୍ଷ ପୂଜ୍ୟ ବାବାଜି ମହାରାଜଙ୍କର ଜନ୍ମ ଶତବାର୍ଷିକୀ ଉତ୍ସବ ପାଳିତ ହେବ। ଏହି ୨୦୦୮ ବର୍ଷର ସମ୍ମିଳନୀ ଆମ ସମସ୍ତଙ୍କର ଅତିଶୟ ଆନନ୍ଦଦାୟକ ତଥା ସୌଭାଗ୍ୟର ବିଷୟ।

ଏହି ଅବସରରେ ଆମର ଅତି ଆପଣାର ଅନିମେଷ ଭାଇ ତାଙ୍କର ପାର୍ଥିବ ଶରୀର ପ୍ରତ୍ୟାହାର କରି ନେଇଥିବାରୁ ଆମ୍ଭମାନଙ୍କ ଅନ୍ତରରେ ଯେଉଁ ଦାରୁଣ ବ୍ୟଥା, ଶକ୍ତ ଧକ୍କା ଦେଇଛି ତାହା କେବେହେଲେ ଭୁଲି ହେବ ନାହିଁ। ଅନିମେଷ ଭାଇ ଏପରି ଜଣେ ବ୍ୟକ୍ତି ଯାହାଙ୍କର ବ୍ୟକ୍ତିତ୍ୱ ସମ୍ବନ୍ଧରେ ଆଲୋଚନା କରିବା କଠିନ। ସେ ମା'ଙ୍କର ଜଣେ ଯଥାର୍ଥ ସନ୍ତାନ ଥିଲେ। ଅତୀତରେ ପୂଜ୍ୟ ବାବାଜି ମହାରାଜ ବାରମ୍ବାର ଆମ୍ଭମାନଙ୍କୁ ସୂଚିତ କରାଇ ଦେଇଛନ୍ତି ଯେ ଅନିମେଷ ଥିଲେ ମା'ଙ୍କର ଅତି ପ୍ରିୟ ଓ ଆଦରର ଶିଶୁ। ପ୍ରତ୍ୟେକ ମାସର ପ୍ରଥମ ଦିନରେ ଯେଉଁମାନେ ମା'ଙ୍କର ସ୍ୱତନ୍ତ୍ର ଦର୍ଶନ ଲାଭ କରୁଥିଲେ ସେମାନଙ୍କ ଭିତରେ ଅନିମେଷ ଭାଇଥିଲେ ଅନ୍ୟତମ। ସେ ସର୍ବଦା ଶେଷରେହିଁ ମା'ଙ୍କ ପାଖକୁ ଯାଉଥା'ନ୍ତି ଏବଂ ଶ୍ରୀମା'ଙ୍କ ଚରଣରେ ବିନମ୍ରତା ପୂର୍ବକ ସାଷ୍ଟାଙ୍ଗ ପ୍ରଣାମ ନିବେଦନ କରିବାର ସୁଯୋଗ ପାଉଥାନ୍ତି। ତାଙ୍କର ଏହି ବିଳମ୍ବ ଯୋଗୁଁ ଯଦିଓ ଚମ୍ପକଲାଲଜୀ ବିରକ୍ତ ହେଉଥିଲେ କିନ୍ତୁ ଶ୍ରୀମା ଅନିମେଷ ଭାଇଙ୍କର ଆଗମନକୁ ସହାସ୍ୟରେ ଅପେକ୍ଷା କରି ରହୁଥିଲେ। ଆଜି ଯେଉଁ ପ୍ରକାର ଭାବରେ ସାରା ଓଡ଼ିଶାରେ ଶ୍ରୀମାଶ୍ରୀଅରବିନ୍ଦଙ୍କ ନୂତନ ଆଦର୍ଶ ପ୍ରତିଫଳିତ ହୋଇଛି ସେଥିରେ ଅନିମେଷ ଭାଇଙ୍କର ଅବଦାନ ଅତୁଳନୀୟ। ସେ ତାଙ୍କ ବାପାମା'ଙ୍କର ଆଦର୍ଶକୁ ବହୁ ନିଷ୍ଠାର ସହିତ ସମ୍ପାଦନ କରିଯାଇଛନ୍ତି। ଯେଉଁଥିପାଇଁ ମାତୃଭବନ ତାହାର ଜ୍ୱଳନ୍ତ ପ୍ରମାଣ ରୂପେ ଦଣ୍ଡାୟମାନ ହୋଇରହିଛି। ଅନାଗତ ଭବିଷ୍ୟତରେ ଏହି ମାତୃଭବନ ଓଡ଼ିଶାର କେନ୍ଦ୍ରବିନ୍ଦୁ ହୋଇଉଠିବ ଏଥିରେ କୌଣସି ସନ୍ଦେହ ନାହିଁ। କହିବା ବାହୁଲ୍ୟ ଯେ ଆଜି ଓଡ଼ିଶାର ଯେଉଁ ୬୫ଟି ସ୍ଥାନରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସ୍ଥାପିତ ହୋଇ ଶ୍ରୀଅରବିନ୍ଦଙ୍କ ଜାଗ୍ରତ ଚେତନାରେ ତଥା ଶ୍ରୀମାଶ୍ରୀଅରବିନ୍ଦଙ୍କର ଦିବ୍ୟ ଦର୍ଶନରେ ଜନସାଧାରଣ ଉପକୃତ ହୋଇ ପାରୁଛନ୍ତି, ପ୍ରତ୍ୟେକ ସ୍ଥାନରେ ଅନିମେଷ ଭାଇଙ୍କର ଅବଦାନ ସର୍ବଦା ସ୍ମରଣ ହୋଇରହିବ। ଅନିମେଷ ଭାଇ ମା'ଙ୍କର କାର୍ଯ୍ୟର ଅଗ୍ରଗତିକୁ ଯେତେଦୂର କରାଯାଇପାରେ ବର୍ଷ ପରେ ବର୍ଷ ତାହା ସେ ନିଷ୍ଠାର ସହ ସମ୍ପାଦନ କରି ଶ୍ରୀମାଶ୍ରୀଅରବିନ୍ଦଙ୍କ ଚରଣରେ ଆଶ୍ରୟ ନେଇଛନ୍ତି। ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରତି ତାଙ୍କର ଅନନ୍ୟ ଭକ୍ତି ଓ ବିଶ୍ୱାସ ତାଙ୍କୁ ଚିର ଦିନ ଓଡ଼ିଶାବାସୀଙ୍କ ପାଖରେ ଅବିସ୍ମରଣୀୟ କରି ରଖିବ। ସେଥିପାଇଁ ଦୁଃଖ ନକରି ଆମ୍ଭମାନଙ୍କର ବର୍ତ୍ତମାନ ଏକମାତ୍ର କର୍ତ୍ତବ୍ୟ ହେଲା - ଏହି ମହାନ୍ ଓ ପବିତ୍ର କାର୍ଯ୍ୟକୁ ବହୁ ନିଷ୍ଠାର ସହ ଆଗେଇ ନେବା ପାଇଁ ଆମ୍ଭେ ସମସ୍ତେ ଏକବଦ୍ଧ ହୋଇଉଠିବା।

ଏପ୍ରିଲ ମାସର ଏହି ସମ୍ମିଳନୀର ଆୟୋଜନର ସର୍ବପ୍ରଥମରୁ ସେ ଆମ୍ଭମାନଙ୍କ ଭିତରେ ଏକ ଉତ୍ସାହର ପ୍ରତୀକ ହୋଇ ଛିଡ଼ା ହୋଇ ଆସିଥିଲେ। ସମ୍ମିଳନୀର ସମସ୍ତ ଦାୟିତ୍ୱ ଆପଣମାନଙ୍କୁ ଦେଇ ସେ କେବଳ ନିରବରେ ଦେଖି ଚାଲିଥିଲେ। ସେ ଗଦାଧର ବାବୁଙ୍କୁ ଚେୟାରମ୍ୟାନ୍ ବୋଲି ସମ୍ବୋଧନ କରୁଥିଲେ। ଏହି ଚେୟାରମ୍ୟାନ୍ ସମ୍ବୋଧନଟି ବୋଧହୁଏ ମୋର ମନେପଡ଼େ ୧୯୭୮ ମସିହାରେ ଯେତେବେଳେ ଚମ୍ପକଲାଲଜି ଓଡ଼ିଶାକୁ ପ୍ରଥମେ ଯାଇଥିଲେ ସେତେବେଳର ଘଟଣା। କୌଣସି ଏକ ଦିନର କାର୍ଯ୍ୟକ୍ରମ ପରେ ସମସ୍ତେ ଏକାଠି ବସି କିଛି ମଜା ଆଲୋଚନା ଚାଲିଥିଲା। ଓଡ଼ିଶାର କାମରେ ଏକ କେନ୍ଦ୍ରୀୟ ସଙ୍ଗଠନ ରହିବ। ସେ ସଙ୍ଗଠନ ଓଡ଼ିଶାର କାମ ବୁଝିବ। ତେବେ ପ୍ରଶ୍ନ ଉଠିଲା ଏହାର ଚେୟାରମ୍ୟାନ୍ କିଏ ହେବ ? ସମ୍ଭବତଃ ଗଦାଧର ବାବୁଙ୍କ ନାମ ହୁଏତ ଚମ୍ପକଲାଲଙ୍କ ଦ୍ୱାରା ବା ଅନିମେଷ ଭାଇଙ୍କ ଦ୍ୱାରା ପ୍ରସ୍ତାବିତ ହୋଇ ସମସ୍ତଙ୍କ ଦ୍ୱାରା ସମର୍ଥିତ ହୋଇଗଲା। ତାପରେ ଚମ୍ପକଲାଲଙ୍କ ସହିତ ସମସ୍ତେ ଚେୟାରମ୍ୟାନ୍ ବୋଲି ଡାକିବା ଆରମ୍ଭ କଲେ। ଶ୍ରୀପ୍ରପତ୍ତିଜି ଆଶ୍ରମରୁ ବିଭିନ୍ନ ସାଧକମାନଙ୍କୁ ଅନିମେଷ ଭାଇଙ୍କ ସହାୟତାରେ ନେଇଯାଇ ଓଡ଼ିଶାରେ ମା'ଙ୍କର କାର୍ଯ୍ୟଧାରାର ପରିଦର୍ଶନ କରାଉଥିଲେ। କହିବା ନିଷ୍ପ୍ରୟୋଜନ ଯେ ଆଶ୍ରମର ସାଧକ ବନ୍ଧୁମାନେ ଓଡ଼ିଶା ପରିଦର୍ଶନରେ ଆସି ଏବଂ ଓଡ଼ିଶାରେ ମା'ଙ୍କର କାର୍ଯ୍ୟଗୁଡ଼ିକୁ ଦେଖି ଆନନ୍ଦରେ ମୁଗ୍ଧ ହୋଇଯାଉଥିଲେ। ମନେପଡ଼େ ଏକ ଘଟଣା, ଯେଉଁମାନେ କହୁଥିଲେ ଏତେ ସଂଖ୍ୟାରେ ମା'ଙ୍କର ଆଶୀର୍ବାଦ ପୁଷ୍ପ ଓଡ଼ିଶାକୁ ପ୍ରତ୍ୟେକ ଦିନ ଯାଉଛି କ'ଣ ପ୍ରକୃତରେ ତାହା କିଛି କାମରେ ଲାଗୁଛି ! ଏବଂ ସମୟକ୍ରମେ ଯେତେବେଳେ ସେମାନେ ଓଡ଼ିଶା ପରିଦର୍ଶନ କରି ନିଜ ନିଜ ସ୍ୱଚକ୍ଷୁରେ ମା'ଙ୍କର କାର୍ଯ୍ୟସମୂହକୁ ଦେଖିଲେ ସେତେବେଳେ ସେମାନେ ବିସ୍ମୟାଭିଭୂତ ହୋଇଯାଇଥିଲେ। ଏହି ସମସ୍ତ କାର୍ଯ୍ୟ ସମୂହରେ ଶ୍ରୀପ୍ରପତ୍ତିଜିଙ୍କୁ ଅନିମେଷ ଭାଇ ତଥା ତାଙ୍କ ପରିବାର ଓ ମାତୃଭବନ ସମ୍ପୂର୍ଣ୍ଣଭାବରେ ସହାୟତା କରି ଆସୁଥିଲେ। ମୁଁ ଲକ୍ଷ୍ୟ କରିଛି କୌଣସି ଉନ୍ନତି ମୂଳକ କାର୍ଯ୍ୟରେ (ତାହା ନବଜ୍ୟୋତିର ହେଉ ବା ଓଡ଼ିଶାର

ଯେକୌଣସି ସ୍ଥାନରେ ହେଉ) ବାବାଜି ମହାରାଜ ଓ ପ୍ରପତ୍ତିଜି ଯେତେବେଳେ ଆଲୋଚନା କରୁଥିଲେ ସେତେବେଳେ ସେମାନେ ଅନିମେଶ ଭାଇଙ୍କୁ ଡାକୁଥିଲେ। ବିଭିନ୍ନ ସମୟରେ ବାବାଜି ମହାରାଜ ମଧ୍ୟ ଅନିମେଶ ଭାଇଙ୍କୁ ଡାକି ଆଣିବା ପାଇଁ ମୋତେ ବହୁବାର କହିଛନ୍ତି। ପୂଜ୍ୟ ବାବାଜି ମହାରାଜ ଓ ଶ୍ରୀପ୍ରପତ୍ତିଜି ମାତୃକାର୍ଯ୍ୟରୁ ବିଦାୟ ନେବାପରେ ଅନିମେଶ ଭାଇ ବିଭିନ୍ନ ସମୟରେ ମାତୃଭବନ ଓ ଓଡ଼ିଶାର ମାତୃକାର୍ଯ୍ୟ ବିଷୟରେ କିଛି କିଛି ମୋତେ କହୁଥିଲେ ଏବଂ ବିଭିନ୍ନ ସମୟରେ ଶ୍ରୀଅରବିନ୍ଦ ରିଲିକ୍ସ ସେଣ୍ଟରମାନଙ୍କୁ ମୋତେ ପରିଦର୍ଶନରେ ନେଇଯାଉଥିଲେ। ବିଭିନ୍ନ ସମୟରେ ସେ ଅନୁଷ୍ଠାନଗୁଡ଼ିକର ଉନ୍ନତି ସମ୍ବନ୍ଧରେ ମଧ୍ୟ ଆଲୋଚନା କରୁଥିଲେ। କିନ୍ତୁ ଶ୍ରୀଅରବିନ୍ଦ ନିତ୍ୟନିବାସ, ବୈଶିଙ୍ଗା ବିଷୟରେ ସେ ବିଶେଷ ଚିନ୍ତିତ ରହୁଥିଲେ ଏବଂ ଆମର ଆଲୋଚନା ଭିତରେ ସେ କିଛି ସମୟ ଚିନ୍ତା କରି ମୋତେ କହିଥିଲେ ଭବିଷ୍ୟତରେ ଓଡ଼ିଶାର ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନ ହିଁ ତାହାର ଦାୟିତ୍ୱ ନେବା ଉଚିତ ହେବ। ଅନୁଷ୍ଠାନଟିର ଦୈନନ୍ଦିନ ତଥା ଅନ୍ୟାନ୍ୟ ବ୍ୟୟ ଇତ୍ୟାଦିକୁ ସେ ନିଜେ ଗଭୀରଭାବରେ ନଜର ଦେଉଥିଲେ। ତା'ର ପରିବେଶରେ କିପରି ମା'ଙ୍କର ଦିବ୍ୟ ଉପସ୍ଥିତି ଅନ୍ୟମାନେ ଅନୁଭବ କରିପାରିବେ ସେଥିପାଇଁ ମା'ଙ୍କ ପାଖରେ ସେ ନିରନ୍ତର ପ୍ରାର୍ଥନା ନିବେଦନ କରୁଥିଲେ। ବିଭିନ୍ନ ଦୃଷ୍ଟିକୋଣରୁ ଲକ୍ଷ୍ୟ କରି ସେ ମୋତେ କହିଥିଲେ, ଯଦି ଓଡ଼ିଶା ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନ ଏହାର ଦେଖାଶୁଣା କରେ ତେବେ ବହୁତ ଭଲ ହେବ।

ସୁତରାଂ ଶ୍ରୀଅରବିନ୍ଦ ନିତ୍ୟନିବାସ ସମସ୍ତ ଓଡ଼ିଶାର ଶ୍ରୀଅରବିନ୍ଦ ପାଠଚକ୍ର ମାନଙ୍କର ନିଜ ଅନୁଷ୍ଠାନ। ତେଣୁ ଓଡ଼ିଶାର ସମସ୍ତ ମାତୃ-ଭକ୍ତ ଭାଇ ଭଉଣୀମାନେ ଏକତ୍ରିତ ଭାବରେ ଏହାର ଦାୟିତ୍ୱ ନେବା ଉଚିତ ହେବ। ଓଡ଼ିଶାର ସମସ୍ତ ଭାଇ ଭଉଣୀମାନଙ୍କୁ ମୋର ନିବେଦନ ଏହି ଯେ ଅନିମେଶ ଭାଇଙ୍କର ଏହି ସଙ୍କଳ୍ପଟିକୁ ବର୍ତ୍ତମାନଠାରୁ ଅନୁମୋଦନ କରି ତାହାର ପରିଚାଳନା ଦାୟିତ୍ୱ ଆପଣମାନେ ନିଅନ୍ତୁ ଏବଂ ଭବିଷ୍ୟତରେ ଶ୍ରୀଅରବିନ୍ଦ ନିତ୍ୟନିବାସ ଟ୍ରଷ୍ଟ ବିଷୟରେ ଚିନ୍ତା କରିବା। ଆସନ୍ତା ୧୪ ଏପ୍ରିଲ ବୈଶିଙ୍ଗା ଶ୍ରୀଅରବିନ୍ଦ ନିତ୍ୟନିବାସ କେନ୍ଦ୍ରର ବାର୍ଷିକୀ ଉତ୍ସବ ଦିବସ। ତେଣୁ ଏହାକୁ ନିଜର ଏକ ଉତ୍ସବ ବୋଲି ଆଜିଠାରୁ ମନେକରି ସହଯୋଗ କରିବାକୁ ସମସ୍ତଙ୍କୁ ଅନୁରୋଧ କରୁଅଛି। ଏହା ସହିତ ଓଡ଼ିଶାର ମାତୃଭକ୍ତମାନଙ୍କୁ ଆନ୍ତରିକ ଭାବରେ ନିବେଦନ କରୁଛି, ସମସ୍ତେ ନିଜ ନିଜର ସହଯୋଗ ଓ ସହାନୁଭୂତିର ହସ୍ତ ବଢ଼ାଇ ଏହି ମାତୃ ଅନୁଷ୍ଠାନଟିର ଅଗ୍ରଗତିରେ ସହାୟ ହେବାରେ ଆଗେଇ ଆସନ୍ତୁ।

ଶେଷରେ ମା'ଙ୍କଠାରେ ଗଭୀର ପ୍ରାର୍ଥନା କରୁଛି ଆସନ୍ତା ଏପ୍ରିଲ ୪ ତାରିଖ ସମ୍ମିଳନୀଟି ଦିବ୍ୟଜନନୀଙ୍କର ପୂର୍ଣ୍ଣ ଉପସ୍ଥିତିରେ ପାଳିତ ହେଉ ଏହା ସହିତ ଏହାର ସମସ୍ତ କର୍ମକର୍ତ୍ତାଗଣଙ୍କୁ ଯେଉଁମାନେ ଏହି ମହାନ କାର୍ଯ୍ୟରେ ଅଂଶଗ୍ରହଣ କରିଛନ୍ତି ସେମାନଙ୍କୁ ମୁଁ ମୋର ଆନ୍ତରିକ ନମସ୍କାର ସହ ଅଭିନନ୍ଦନ ଜଣାଇ ରହିଲି।

ଇତି

ପୁଣି ଥରେ ପ୍ରଣାମ ସହ - ବିନୀତ

ଭୂପାଲ

❖ ❖ ❖

*There is a great strength in the power to keep silent.*

*-The Mother*

ନୀରବ ହୋଇ ରହିଯିବାର ସାମର୍ଥ୍ୟ ମଧ୍ୟରେ ପ୍ରକୃତରେ ଏକ ପ୍ରଭୂତ ବଳ ନିହିତ ରହିଛି।

**- ଶ୍ରୀମା**

# ଆମ ଅନିମେଷ ଭାଇ

**ପ୍ରକାଶ ଚନ୍ଦ୍ର ପଣ୍ଡା**

ଅନିମେଶ ଭାଇଙ୍କ ସହିତ ପ୍ରଥମେ ୧୯୮୬ ମସିହାରେ ନବଜ୍ୟୋତି କାର୍ଯ୍ୟାଳୟଠାରେ ମୋର ସାକ୍ଷାତ ହୋଇଥିଲା। ଓଡ଼ିଶାରେ ଅବସ୍ଥିତ 'ମାତୃଗ୍ରାମ'କୁ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ଗ୍ରହଣ କରିବା ବିଷୟରେ ଆଲୋଚନା କରିବା ପାଇଁ ବିଶ୍ୱମ୍ବର ଭାଇଙ୍କୁ ଗ୍ଲୋରିଆଲ୍ୟାଣ୍ଡ ଡାକିନେବା ସକାଶେ ମନୀନ୍ଦ୍ର ଭାଇ ମୋତେ ପଣ୍ଡିଚେରୀ ପଠାଇଥାନ୍ତି। ମୁଁ ଗ୍ଲୋରିଆଲ୍ୟାଣ୍ଡରୁ ଆସି ବିଶ୍ୱମ୍ବର ଭାଇଙ୍କୁ ନବଜ୍ୟୋତି କାର୍ଯ୍ୟାଳୟଠାରେ ସାକ୍ଷାତ କଲି। ସେତେବେଳେ ତାଙ୍କରି ନିକଟରେ ଅନିମେଶ ଭାଇ ମଧ୍ୟ ଉପସ୍ଥିତ ଥିଲେ ଯାହାଙ୍କ ସହିତ ସେ ପରିଚିତ କରାଇଥିଲେ। ଏହାର ବହୁ ପୂର୍ବରୁ ଅନିମେଶ ଭାଇ ମାତୃଗ୍ରାମ ସହିତ ସମ୍ପୃକ୍ତ ଥିଲେ। ଶେଷଥର ପାଇଁ ମୁଁ ୯.୩.୨୦୦୮ ରେ ଅନିମେଶ ଭାଇଙ୍କ ସହିତ ଟେଲିଫୋନ୍ ଯୋଗେ ଓଡ଼ିଶାରୁ ପଣ୍ଡିଚେରୀ କଥା ହୋଇଥିଲି। ଏହି ୨୨ ବର୍ଷର ପରିଚିତି ଓ ଅନୁଭୂତି ମଧ୍ୟରେ ମୁଁ ଅନୁଭବ କରିଛି ଯେ ତାଙ୍କ ସହିତ ବହୁ ଜନ୍ମ ଧରି ମୋର ଆତ୍ମୀୟତା ଅଛି।

ଗତ ୧୦.୩.୨୦୦୮ ରେ ହଠାତ୍ ତାଙ୍କର ଏହି ଜୀବନ ଲୀଳା ସମାପନ ହେଲା। A sudden decision of the soul. ତାଙ୍କ ଦ୍ୱାରା ଅନ୍ୟ କେଉଁଠି ଜରୁରୀ କାର୍ଯ୍ୟ କରିବା ସକାଶେ ମା'ଙ୍କ ଡାକରାର ଉତ୍ତର। କାରଣ ସେ ମା'ଙ୍କ ଦ୍ୱାରା ବଛାଯାଇଥିବା ଏକ ସ୍ୱତନ୍ତ୍ର ସତ୍ତା। A choosen soul of the Divine Mother. ଗୋଟିଏ ଜରାଜୀର୍ଣ୍ଣ ବସ୍ତ୍ରକୁ ପରିତ୍ୟାଗ କରିବା ସକାଶେ ଯେପରି ଆମ୍ଭମାନଙ୍କର ଲେସମାତ୍ର କୁଣ୍ଠାବୋଧ ନଥାଏ, ମୃତ୍ୟୁକୁ ଆମ୍ଭେ ସେହି ଦୃଷ୍ଟିରେ ଦେଖିବା ଆବଶ୍ୟକ। କାରଣ, ପରିହାର କରାଯାଇଥିବା ବସ୍ତ୍ର ବଦଳରେ ଆମ୍ଭେମାନେ ଯେପରି ଏକ ନୂତନ ବସ୍ତ୍ର ପରିଧାନ କରିଥାଉ, ସେହିପରି ମୃତ୍ୟୁ ପରେ ଏକ ନୂତନ ଉନ୍ନତମାନର ଶରୀର ଏବଂ ଚେତନାରେ ଆମ୍ଭେମାନେ ପୁଣି ଜନ୍ମଗ୍ରହଣ କରିଥାଉ। ଏପରି ଭାବରେ କ୍ରମବିବର୍ତ୍ତନ ପ୍ରଣାଳୀରେ ଶେଷରେ ଆମ୍ଭେମାନେ ଅମରତ୍ୱର ଦ୍ୱାରଦେଶରେ ପଦାର୍ପଣ କରିଥାଉ। ଅର୍ଥାତ୍ ଆମ୍ଭମାନଙ୍କର ଅସଲ ପରିଚୟ ହେଉଛି 'ଅମରତ୍ୱ'।

ଶ୍ରୀଅରବିନ୍ଦ କୁହନ୍ତି, ପରମ ଦେବତାଙ୍କୁ ଜୀବନରେ ଫୁଟାଇ ଗଢ଼ିବା- ଏହାହିଁ ତ ମନୁଷ୍ୟର ମନୁଷ୍ୟତ୍ୱର ପରିଚୟ। ପଶୁପ୍ରାଣର ବିଚିତ୍ର ପ୍ରକୃତିଠାରୁ ତାହାର ଯାତ୍ରା ଆରମ୍ଭ ହୋଇ ଦିବ୍ୟଜୀବନର ପ୍ରାପ୍ତିରେ ଏହା ସମାପ୍ତ ହୋଇଥାଏ।

A deathbound littleness is not all we are:
Immortal our forgotten vastnesses
Await discovery in our summit selves;
unmeasures breadths and depths of being are ours.

ମୃତ୍ୟୁଦ୍ୱାରା କବଳିତ ଏକ କ୍ଷୁଦ୍ରଜୀବ–
କେବଳ ଏହା ଆମ୍ଭମାନଙ୍କର ପରିଚୟ ନୁହେଁ।
ଆମ୍ଭେମାନେ ଆମ୍ଭର ଯେଉଁ ବିଶାଳତାକୁ ଭୁଲିଯାଇଅଛୁ,
ତାହା ହେଉଛି ଅମର
ଯାହା ଆମ୍ଭ ଜୀବନର ସର୍ବୋଚ୍ଚସୀମାରେ ଆବିଷ୍କାର
ନିମନ୍ତେ ଅପେକ୍ଷା କରି ଅଛି;
ଆମ୍ଭମାନଙ୍କ ସତ୍ତାର ପ୍ରସାରତା ଏବଂ ଗଭୀରତା ହେଉଛି ଅସୀମ।

'ଜୀବନର ସର୍ବୋଚ୍ଚ ସୀମା' କହିଲେ ଯଦି ମନୁଷ୍ୟର ଗୋଟିଏ ଜନ୍ମର ନିର୍ଦ୍ଧାରିତ ସମୟର ସଫଳତାକୁ କେବଳ ବୁଝିବା, ତେବେ ତାହା ନିଶ୍ଚୟ ଭୁଲ ହେବ। କାରଣ ଗୋଟିଏ ବଡ଼ ଗ୍ରନ୍ଥର ଗୋଟିଏ ପୃଷ୍ଠାକୁ ପଠନ କରି ସମଗ୍ର ଗ୍ରନ୍ଥଟିକୁ ପଠନ କରାଗଲା ବୋଲି କହିବା ଯେପରି ଭୁଲ ହେବ, ଏପରି କହିବା ମଧ୍ୟ ସେହିପରି ହିଁ ଭୁଲ ହେବ। ଗୋଟିଏ ପୃଷ୍ଠାର ଅଧ୍ୟୟନକୁ ଗୋଟିଏ ଜନ୍ମର ଅବଧି ସହିତ ଯଦି ତୁଳନା କରିବା, ତେବେ କହି ପାରିବା ଅନିମେଶ ଭାଇ ସେହି ଗ୍ରନ୍ଥଟିର ବହୁ ପୃଷ୍ଠା ଅଧ୍ୟୟନ କରିଛନ୍ତି।

ପ୍ରଥମତଃ ଅନିମେଶ ଭାଇ ବ୍ୟକ୍ତିଗତ ଚେତନାରୁ ବହୁ ଊର୍ଦ୍ଧ୍ୱକୁ ଉଠି ସମଷ୍ଟିଗତ ଚେତନାରେ ନିଜକୁ ଉତ୍ସର୍ଗ କରିଥିବା କାରଣରୁ ଓଡ଼ିଶାର ଏବଂ ଓଡ଼ିଶା ବାହାରର ମାତୃସନ୍ତାନବୃନ୍ଦ ଆଜି ମାତୃଭବନରେ ଏକତ୍ରିତ ହୋଇ ପାରୁଛନ୍ତି।

ଆଶ୍ରମ ପରିବାରର ଅନିମେଶ ଭାଇ ହେଉଛନ୍ତି ଏକ ସକ୍ରୀୟ ସଦସ୍ୟ। ଏହି ବିଷୟରେ ଅନେକଥର ଦ୍ୟୁମନ୍ ଭାଇ କହିଛନ୍ତି ଏବଂ ତାଙ୍କ ଚିଠିରେ ମଧ୍ୟ ଉଲ୍ଲେଖ କରିଛନ୍ତି। ମା' ଯାହାଙ୍କୁ ଗ୍ରହଣ କରିଛନ୍ତି, ସେ ସର୍ବଦା ମା'ଙ୍କ କାର୍ଯ୍ୟରେ ରତ ରହିଥା'ନ୍ତି। ଅତଏବ ଅନିମେଶଭାଇ ଥିଲେ ବୋଲି କହିବା ଭୁଲ ହେବ। ବରଂ କହିପାରିବା ସେ ବର୍ତ୍ତମାନ ବି ବିଦ୍ୟମାନ।

ଦ୍ୟୁମନ୍‌ଭାଇଙ୍କ ନିମ୍ନ ଚିଠିରୁ ଜଣାଯାଏ–

**29.5.87 :** Planning to visit Matrugram shall be after Animesh comes here. He is expected to be here on 7th.

ଏଥିରୁ ଜଣାଯାଏ ଅନିମେଶ ଭାଇଙ୍କ ଉପରେ ଦ୍ୟୁମନ୍ ଭାଇଙ୍କର ପ୍ରଗାଢ଼ ବିଶ୍ୱାସ ଥିଲା। ଯଦ୍ଦ୍ୱାରା ତାଙ୍କରି ଓଡ଼ିଶା ଭ୍ରମଣର ସମସ୍ତ ଦାୟିତ୍ୱ ସେ ଅନିମେଶ ଭାଇଙ୍କୁ ଅର୍ପଣ କରିଥିଲେ।

ଦ୍ୟୁମନ ଭାଇଙ୍କ ଚିଠିରୁ ଜଣାଯାଏ : We do the work, a loving donkey work. This is our joy of life– a silent loving service to the Divine. I am posting to Animesh that I am sending with Prakash.

ଦ୍ୟୁମନ୍ ଭାଇ ସେହି ଚିଠିକୁ ସିଧାସଳଖ ଅନିମେଶ ଭାଇଙ୍କ ପାଖକୁ ପଠାଇ ପାରିଥା'ନ୍ତେ। କିନ୍ତୁ ମୁଁ ଯାଇ ଅନିମେଶ ଭାଇଙ୍କ ସହିତ କିଛି ସମୟ ବିତାଇଛି, ଏହା ଦ୍ୟୁମନ୍ ଭାଇଙ୍କର ଇଚ୍ଛା ଥିଲା।

ଦ୍ୟୁମନ୍ ଭାଇଙ୍କର ଅନ୍ୟ ଏକ ଚିଠିରୁ ଜଣାଯାଏ :

**6.6.87 :** Animesh is likely to be here tomorrow and we shall talk with him freely.

**8.6.87** ଦ୍ୟୁମନ୍ ଭାଇଙ୍କ ଚିଠିରୁ ଜଣାଯାଏ – Animesh comes and we shall talk with him. ଏଥିରୁ ଜଣାଯାଏ, ଅନିମେଶ ଭାଇଙ୍କ ମାଧ୍ୟମରେ ଦ୍ୟୁମନ୍ ଭାଇ ଏକ ମହତ୍ୱପୂର୍ଣ୍ଣ ଭଗବତ କାର୍ଯ୍ୟ କରିବା ସକାଶେ

ଚାହୁଁଥିଲେ । କାରଣ ଏଥି ସକାଶେ ଅନିମେଶ ଭାଇ ହିଁ ବୋଧହୁଏ ଉପଯୁକ୍ତ ଯନ୍ତ୍ର ଥିଲେ । ଏଣୁ, ଦ୍ୟୁମନ୍ ଭାଇ ଅନିମେଶ ଭାଇଙ୍କ ପଣ୍ଡିଚେରୀ ଆଗମନକୁ ପ୍ରତୀକ୍ଷା କରି ରହିଥିଲେ ।

**25.8.87** ଦ୍ୟୁମନ୍ ଭାଇଙ୍କ ଚିଠିରୁ ଜଣାଯାଏ – Dear Prakash, Manindra will be with you on the 3rd sept. Animesh will arrange.

**7.10.87** ଦ୍ୟୁମନ୍ ଭାଇଙ୍କ ଚିଠିରୁ ଜଣାଯାଏ – We have a large family. 'P' is a part of our life. So, Animesh Samantray.

**4.11.87** ଦ୍ୟୁମନ୍ ଭାଇଙ୍କ ଚିଠିରୁ ଜଣାଯାଏ – Hope Animesh comes this time. ଅନ୍ତତଃ ପ୍ରତ୍ୟେକ ଦର୍ଶନକୁ ଅନିମେଶ ଭାଇ ପଣ୍ଡିଚେରୀ ଯିବା ସକାଶେ ଦ୍ୟୁମନ୍ ଭାଇ ଚାହୁଁଥିଲେ ।

୧୯୮୭ ମସିହା ମାର୍ଚ୍ଚ ମାସ ୨୬ ତାରିଖରେ ଶ୍ରୀଅରବିନ୍ଦ ଆଶ୍ରମ ଟ୍ରଷ୍ଟ ମାତୃଗ୍ରାମକୁ ଗ୍ରହଣ କରିଥିଲେ । ୧୯୮୯ ମସିହା ମାର୍ଚ୍ଚ ୨୬ ତାରିଖରେ ଦ୍ୟୁମନ୍ ଭାଇ ମାତୃଗ୍ରାମର ଦ୍ୱିତୀୟ ବାର୍ଷିକ ସମାରୋହରେ ଅଂଶଗ୍ରହଣ କରିଥିଲେ ।

ଦ୍ୟୁମନ୍ ଭାଇ ଓଡ଼ିଶା ଆସିଥିବା ସମୟରେ ଅନିମେଶ ଭାଇ ଦ୍ୟୁମନ୍ ଭାଇଙ୍କୁ କହିଥିଲେ, Mother has come– Orissa shall be rich.

ଦ୍ୟୁମନ୍ ଭାଇ ଅନିମେଶ ଭାଇଙ୍କ କଟକସ୍ଥ ବାସଭବନକୁ କିଛି ସମୟ ପାଇଁ ଯିବା ସକାଶେ ମୁଁ ତାଙ୍କୁ ଅନୁରୋଧ କରିଥିଲି । ଏଥିରେ ଦ୍ୟୁମନ୍ ଭାଇ ସମ୍ମତି ପ୍ରଦାନ କରି ତାଙ୍କରି ବାସଭବନରେ ପଦାର୍ପଣ କରିଥିଲେ ଏବଂ ସେଠାରେ ପ୍ରାତଃଭୋଜନ ମଧ୍ୟ କରିଥିଲେ ।

20.4.91 ଦ୍ୟୁମନ୍ ଭାଇଙ୍କ ଚିଠିରୁ ଜଣାଯାଏ – We go on the path of hopes and Grace. Can not as Animesh said – Mother has come– Orissa shall be rich.

I have written to 'x' and Matrubhaban Animesh about wheat.

ଆଶ୍ରମର ପ୍ରୟୋଜନ ଏବଂ ଓଡ଼ିଶା ସମ୍ବନ୍ଧୀୟ ପ୍ରାୟ ସମସ୍ତ ଖବର ଦ୍ୟୁମନ୍ ଭାଇ ଅନିମେଶ ଭାଇଙ୍କୁ ଜଣାଉଥିଲେ । କାରଣ, ଦ୍ୟୁମନ୍ ଭାଇ ନିଶ୍ଚିତ ଥିଲେ ଯେ, ଅନିମେଶ ଭାଇ ହେଉଛନ୍ତି ମା'ଙ୍କର ଏକ ସକ୍ରୀୟ ଯନ୍ତ୍ର ।

ଅନିମେଶ ଭାଇ ସର୍ବଦା ସକ୍ରୀୟ । ତାଙ୍କର ନୂତନ ଶରୀରରେ ଯଥାଶୀଘ୍ର ସେ ଆମ୍ଭମାନଙ୍କ ଗହଣକୁ ଫେରିଆସିବା ସକାଶେ ମା'ଙ୍କ ନିକଟରେ ପ୍ରାର୍ଥନା କରୁଅଛୁ । ଆମ୍ଭର ଏହି ପ୍ରାର୍ଥନା ମଧ୍ୟ ଯେ ନିଶ୍ଚୟ ଫଳପ୍ରଦ ହେବ – ଏହା ନିଃସନ୍ଦେହ ।



❖ ❖ ❖

# Mother's Lion's Lion- Animesh

**Shyama Kanungo**

Animesh has left his body. Unbelievable. It was almost irritating to know that there was many a slip in saving the day for this specially protected specially, loved individual who had still much to do for The Mother's Sacred Mission. How could it happen? Finally it is the decision between the soul and its Maker.

Mother's children of Orissa cannot forget this unforgettable child of the Mother. Remembering Champaklal's written statement- 'Children born in this family are special' –the family he meant was of course- Uchhab Mausa's extended family. Surely the most special of them was Animesh. The dynamic service he rendered to Uchhab Mausa's involvement in facilitating so many rare and significant works in Orissa is unparalleled. It was not just the financial support of his father he geared– it was a close loving supervision of the details that was astounding. Each time the sacred Relics of the Lord came to Orissa behind the scene he was always there to straighten out challenges. He was straightforward and almost rough towards any shilly shallying in the Divine's work. At the same time his cheerfulness and jovial countenance endeared him to all.

To bring The Lord's Sacred Relics he had played a significant role and gave his might but there was one momentous work where we can point to his special and sole role- that is to bring Champaklal to Orissa. The logistics and deepest personal interaction of Animesh with Mother's Lion Champaklal we do not know- we cannot fathom. However Orissa can never be grateful enough for Champaklal's visit over 10 years from 1978 to 1988. In Madhusudan Reddy's words- 'You people of Orissa you were going to Pondicherry to see the Mother? Now the Mother Herself has come to see you in Champaklal'. This unassuming child of The Mother- one of those ishwarkoti personalities who come with the Divine to take care of Him- such a one was Champaklal- He gave his all to the Masters who in turn gave Themselves to him. At moments many in this hallowed land of Orissa have concretely felt MotherSriAurobindo's Presence in the forefront with a silent melting out of the personality of Champaklal. Tugging by the hand of this Great personality and bringing him to Orissa was none other than Animesh. On his shoulders the Mother's Lion came riding- On his shoulders the Lord and the Mother came. Animesh's role will ever remain etched in the Wonderful New Spiritual history of Orissa. As we can never forget Babaji and Prapatti we can never forget too the Mother's Lion's lion - Animesh.

❖ ❖ ❖

*A vast surrender was his only strength.*

*Savitri* — ***Sri Aurobindo***

# ସ୍ମରଣିକା

## ଅଷ୍ଟତ୍ରିଂଶତମ
## ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ
## ଏବଂ
## ବାବାଜି ମହାରାଜ ଶ୍ରୀ ରାମକୃଷ୍ଣ ଦାସଙ୍କ ଜନ୍ମ ଶତବାର୍ଷିକୀ

**୪, ୫, ୬ ଏବଂ ୭ ଏପ୍ରିଲ ୨୦୦୮**


## ମାତୃଭବନ

ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩
ଟେଲିଫୋନ : (୦୬୭୧) ୨୩୪୪୩୩୮, ୨୩୪୦୭୧୮
୨୩୪୦୫୬୮, ୨୩୪୩୩୦୭
e-mail : matrubhaban@bsnl.in
website: www.matrubhaban.com

# ସୂଚୀ


| | |
|---|---|
| Prayer | |
| ବିଶ୍ୱାସ ଓ ଧୈର୍ଯ୍ୟର ଆବଶ୍ୟକତା | ଶ୍ରୀଅରବିନ୍ଦ |
| ପ୍ରାଣ କ'ଣ ରୂପାନ୍ତରିତ ହୋଇପାରିବ ? | ଶ୍ରୀମା |
| Basic Philosophy of Life | Sri Pranab Kumar Bhattacharya |
| ଶ୍ରୀମା' ଅଛନ୍ତି | ଶ୍ରୀ ନଳିନୀକାନ୍ତ ଗୁପ୍ତ |
| ଶ୍ରୀମା କିଏ ? ତାଙ୍କ କାର୍ଯ୍ୟ କ'ଣ ? | ଶ୍ରୀ ରାମକୃଷ୍ଣ ଦାସ |
| ଆମ୍ଭମାନଙ୍କର ଦୃଷ୍ଟି ଓ ବିଚାର | ଶ୍ରୀ ପ୍ରପତ୍ତି |
| ଗ୍ରହଣଶୀଳତାର ବ୍ୟାପକ ପ୍ରସାରରେ ନେତୃତ୍ୱ | ବିଶ୍ୱମ୍ଭର ସାମନ୍ତ |
| Sri Ramakrishna Das | Prof. Chhotenarayan Sharma |
| Babaji | Battida |
| ବାବାଜି ମହାରାଜଙ୍କ ସଂକ୍ଷିପ୍ତ ଜୀବନୀ | ମଧୁସୂଦନ ମିଶ୍ର |
| ମାତୃଚେତନାରେ ପ୍ଲାବିତ ଓଡ଼ିଶା : ବାବାଜି ମହାରାଜଙ୍କର ଆତ୍ମହାଗ୍ନି | ଗୋପାଳ ଚନ୍ଦ୍ର ମାହାନା |
| ଦେବପ୍ରତିମ | ଅନାଦି ଚରଣ ସ୍ୱାଇଁ |
| ସେଠାରେ ଜଳିବ କିଏ ? | ଧରଣୀଧର ପାଲ |
| ଅମ୍ଳାନ ପ୍ରେରଣାର ପବିତ୍ର ପ୍ରବାହ | ଭୂପାଲ ଚନ୍ଦ୍ର ମାହାନା |
| ମହାପୁରୁଷ ସଂସ୍ପର୍ଶ | କୃଷ୍ଣା ଦେବୀ |
| ଦୋଛକି ରାସ୍ତା | ସନ୍ତୋଷ କୁମାର ରଥ |
| ଅନନ୍ୟ ଅବଦାନ | ପ୍ରକାଶ ଚନ୍ଦ୍ର ପଣ୍ଡା |
| ଆହ୍ୱାନ | ଲଳିତ ମୋହନ ଖୁଣ୍ଟିଆ |
| ପୂଜ୍ୟ ବାବାଜି ମହାରାଜ | କୈବଲ୍ୟ ଜେନା |
| ପୂଜ୍ୟ ବାବାଜି ମହାରାଜ ମୋ ଜୀବନର ଦିଶାରୀ | ନିରୁପମା ନାୟକ |
| ବାବାଜି ମହାରାଜ : ଏକ ଅନିର୍ବାଣ ପ୍ରେରଣା | ସନ୍ତୋଷ କୁମାର ଗାହାଣ |
| ସେ ଥିଲେ ଦ୍ରଷ୍ଟା | ପ୍ରଶାନ୍ତ କୁମାର ସ୍ୱାଇଁ |
| ବାବାଜିମହାରାଜଙ୍କ ଦିବ୍ୟ ଦୃଷ୍ଟିର ଏକ ଝଲକ | ସୁରେଶ ଚନ୍ଦ୍ର ଦେ |
| ସ୍ୱପ୍ନ ସତ୍ୟ ହେଲା | ଡ: ବସନ୍ତ ମଞ୍ଜରୀ ନନ୍ଦ |
| ଦିଗ୍‌ଦର୍ଶନ ବାବାଜି ମହାରାଜ | ଭୋଳେଶ୍ୱର ଭୂୟାଁ |
| ବାବାଜି ମହାରାଜଙ୍କ ସଙ୍ଗଠନ | ପ୍ରସାଦ ତ୍ରିପାଠୀ |
| ହେ ବାବାଜି ମହାରାଜ - ରାମକୃଷ୍ଣ ଦାସ | ମଧୁସୂଦନ ମିଶ୍ର |
| ଓଡ଼ିଶାର ଅଳି | କନକଲତା ମହାନ୍ତି |
| ଶତାବ୍ଦୀର ପ୍ରଣାମ | କାଳନ୍ଦୀ ଚରଣ ସେନାପତି |
| ଭକ୍ତି ସୁମନ | ଶ୍ରୀ ରାମଚନ୍ଦ୍ର ବେହୁରା |
| ଅନିମେଶ ଭାଇଙ୍କ ସ୍ମୃତିରେ | ଭୂପାଳ ଚନ୍ଦ୍ର ମାହାନା |
| ଆମ ଅନିମେଶ ଭାଇ | ପ୍ରକାଶ ଚନ୍ଦ୍ର ପଣ୍ଡା |
| Mother's Lion's Lion- Animesh | Shyama Kanungo |


◆◆◆

The photograph of The Mother and the messages of The Mother and Sri Aurobindo printed in this Souvenir are with due permission from the Managing Trustee, Sri Aurobindo Ashram, Pondicherry.

# ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ବାବାଜି ମହାରାଜ



ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ସହିତ



ଶ୍ରୀ ମଦନଲାଲ ହିମନ୍ତସିଂକା



ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ସହ



ଏଲିଜାବେଥ୍‌ଙ୍କ ସହିତ



ଶ୍ରୀ ନିରଞ୍ଜନ ନାୟକଙ୍କ ସହିତ




ଅଧ୍ୟାପକ ମଧୁସୂଦନ ରେଡ୍ଡିଙ୍କ ସହିତ



ଶ୍ରୀମତୀ ନିଶାମଣି ସାମନ୍ତରାୟଙ୍କ ସହ



ଅଧ୍ୟାପିକା ମାଳବିକା ରାୟଙ୍କ ସହିତ



ଶ୍ରୀଅରବିନ୍ଦଙ୍କ କକ୍ଷରୁ ବାବାଜି ମହାରାଜଙ୍କ ଦ୍ୱାରା ପବିତ୍ର ଦେହାଂଶ ଗ୍ରହଣ



ଶ୍ରୀଅରବିନ୍ଦଙ୍କ ସମାଧି ପୀଠରେ ପବିତ୍ର ଦେହାଂଶ ସହିତ ବାବାଜି ମହାରାଜ



ପୂଜ୍ୟ ଚମ୍ପକଲାଲ ଏବଂ ପ୍ରପତ୍ତିଙ୍କ ସହିତ ବାବାଜି ମହାରାଜ ଏକ ବିରଳ ମୁହୂର୍ତ୍ତରେ



ଅଯୋଧ୍ୟାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସ୍ଥାପନା ଅବସରରେ ବାବାଜି ମହାରାଜଙ୍କ ଦ୍ୱାରା ମାତୃପତାକା ଉତ୍ତୋଳନ



କଟକ ମାତୃଭବନଠାରେ ପୂଜ୍ୟ ଉଦାରଜୀ, ପୂଜ୍ୟ ପ୍ରପତ୍ତିଜୀ, ଶ୍ରୀ ଉତ୍ସବାନନ୍ଦ ସାମନ୍ତରାୟ ପ୍ରଭୃତିଙ୍କ ଉପସ୍ଥିତିରେ ବାବାଜି ମହାରାଜଙ୍କ ଦ୍ୱାରା ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ସ୍ଥାପନ



କଟକର ଏପ୍ରିଲ ସମ୍ମିଳନୀରେ ପୂଜ୍ୟ ବାବାଜି ମହାରାଜ, ଶ୍ରୀ ହରେକୃଷ୍ଣ ମହତାବ, ଶ୍ରୀ ନିମାଇଁ ଚରଣ ମହାପାତ୍ର ଏବଂ ଶ୍ରୀ ଚିତ୍ତରଞ୍ଜନ ଦାସଙ୍କ ଉପସ୍ଥିତିରେ ପୂଜ୍ୟ ପ୍ରପତ୍ତିଙ୍କ ଉଦ୍‌ବୋଧନ



ଅନିମେଶ ଭାଇଙ୍କ ସ୍ମୃତିରେ

Printed at Graphic Art Offset Press, Cuttack. Ph. : (0671) 2301822